ବର୍ଷ-୫୫ : ସଂଖ୍ୟା-୧୦ ଅକ୍ଟୋବର, ୨୦୨୪ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା


ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅକ୍‌ଟୋବର, ୨୦୨୪


| | | | | |
|---|---|---|---|---|
| Only Truth | ... | ଶ୍ରୀମା | ... | ୩ |
| ଆମେ କୃତଜ୍ଞ | ... | ... | ... | ୪ |
| ପ୍ରାର୍ଥନା | ... | ଶ୍ରୀମା | ... | ୭ |
| ମାତୃବାଣୀ | ... | ... | ... | ୮ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୯ |
| ଉଚ୍ଚତମ ସତ୍ୟ | ... | ଶ୍ରୀମା | ... | ୧୦ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ସପ୍ତଦଶ ପରିଚ୍ଛେଦ) ଜୀବନର ବିଧାନ ରୂପେ ଧର୍ମ | ... | ଶେଖ ଅବଦୁଲ କାଶମ | ... | ୧୧ |
| ଦିବ୍ୟାବଲୋକନ (କବିତା) | ... | ଶ୍ରୀଅରବିନ୍ଦ | ... | ୧୫ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୩୫) | ... | ... | ... | ୧୬ |
| ସତ୍‌ସଙ୍ଗ : ଜୀବନ-ଉନ୍ନତିର ସର୍ବଶ୍ରେଷ୍ଠ ଉପାୟ | ... | ରାମକୃଷ୍ଣ ଦାସ | ... | ୨୧ |
| ଆପଣ ଆସିବେ ତ ! | ... | ଚନ୍ଦ୍ରଶେଖର ରଥ | ... | ୨୪ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୯୦) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୬ |
| ସ୍ୱାଧୀନତା, ପ୍ରଗତି ଓ ପୂର୍ଣ୍ଣତା | ... | ପ୍ରପତ୍ତି | ... | ୩୦ |
| ଭରି ଦିଅ ଅଖଣ୍ଡ ବିଶ୍ୱାସ (କବିତା) | ... | ଶରତ କୁମାରୀ ସ୍ୱାଇଁ | ... | ୩୨ |
| ଦ୍ୱୀପାନ୍ତରର କଥା (ଦଶମ ପରିଚ୍ଛେଦ) କଏଦୀ ଜୀବନର କେତେଗୁଡ଼ିଏ ଚିତ୍ର (୨) | ... | ବାରୀନ୍ଦ୍ର କୁମାର ଘୋଷ | ... | ୩୩ |
| ନୂତନ ଶିକ୍ଷାର ଆହ୍ୱାନ (୧୩) | ... | ଗୟାଧର ଦାଶ | ... | ୩୬ |
| ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏକ ଜୀବନ ଗଢ଼ିବାର କ୍ଷେତ୍ର | ... | ପ୍ରସାଦ ତ୍ରିପାଠୀ | ... | ୩୯ |
| ନବସୃଷ୍ଟି (କବିତା) | ... | ଦୀପ୍ତି ମିଶ୍ର | ... | ୪୧ |
| ସତ୍‌ସଙ୍ଗ | ... | ମନୋଜ ଦାସ | ... | ୪୨ |
| ଇନ୍ଦ୍ରଧନୁର ଆଭା | ... | ବନମାଳୀ ଆଚାର୍ଯ୍ୟ | ... | ୪୪ |
| ପ୍ରେମର ଶକ୍ତି | ... | କାହ୍ନୁ ଚରଣ ମହାକୁର | ... | ୪୭ |
| 'ନତ୍ର-ଦାମ'ର ନର୍ତ୍ତକ | ... | ବନ୍ଦନା | ... | ୪୯ |
| ଆମ ଦେହର ରହସ୍ୟମୟ ଜିନ୍ (Gene) | ... | ଆର୍ତ୍ତତ୍ରାଣ ମିଶ୍ର | ... | ୫୧ |
| ଦିବ୍ୟ ଉନ୍ମେଷର ବାର୍ତ୍ତାବହ (କବିତା) | ... | ଧର୍ମ କୁମାର ଶତପଥି | ... | ୫୩ |
| ଭଲ ମଣିଷ | ... | ... | ... | ୫୪ |
| ସଜାଇଲେ ସଂଖ୍ୟା ସୁନ୍ଦର ଦିଶେ | ... | ଧର୍ମକୁମାର ଶତପଥି | ... | ୫୫ |
| ହେତୁବୋଧର ଭୂମିକା | ... | ମନୋଜ ଦାସ | ... | ୫୮ |


❖




# ଏକମାତ୍ର ସତ୍ୟ

ଶ୍ରୀମା



# ଆମେ କୃତଜ୍ଞ

ଚଳିତ ବର୍ଷ ପ୍ରଜ୍ଞା ପୁରୁଷ ଶ୍ରୀ ପ୍ରପତ୍ତିଙ୍କର ଜନ୍ମ ଶତବାର୍ଷିକୀ ପାଳିତ ହେଉଛି । ଓଡ଼ିଶାର କଟକ ଜିଲ୍ଲାସ୍ଥିତ ଏକ କ୍ଷୁଦ୍ର ଗ୍ରାମ ଭାରଗୋଳର ମାଟିକୁ ଧନ୍ୟ କରି ସେ ଜନ୍ମ ନେଇଥିଲେ ୧୯୨୪ ମସିହା ଏପ୍ରିଲ ୩୦ ତାରିଖରେ । ଦିବ୍ୟ ଜୀବନର ସଂଧାନ ପାଇଁ ତାଙ୍କର ଯାତ୍ରା ଥିଲା ଅଭୂତପୂର୍ବ, ଐକାନ୍ତିକ । ୧୯୫୪ ମସିହାରେ ଅନ୍ତରର ଆଧ୍ୟାତ୍ମିକ ଆହ୍ୱାନ ସହ ଦିବ୍ୟ ଜନନୀଙ୍କର ସଦୟ ସ୍ୱୀକୃତି ଶ୍ରୀ ପ୍ରପତ୍ତିଙ୍କୁ ନିଜର ସମ୍ମାନାସ୍ପଦ ଅଧ୍ୟାପନା ବୃତ୍ତି ପରିତ୍ୟାଗ କରି ଶ୍ରୀଅରବିନ୍ଦ ଆଶ୍ରମର ଅନ୍ତେବାସୀ ରୂପେ ଯୋଗ ଦେବାକୁ ଅନୁପ୍ରାଣିତ କରିଥିଲା । କହିବାକୁ ଗଲେ ସେଇ ଶୁଭ ମୁହୂର୍ତ୍ତରୁ ଉତ୍କଳର ଆଧ୍ୟାତ୍ମିକ ଇତିହାସରେ ଏକ ନୂତନ ଅଧ୍ୟାୟର ଉନ୍ମୋଚନ ତଥା ସଂଯୋଜନା ପାଇଁ ପଥ ପ୍ରସ୍ତୁତ ହୋଇଯାଇଥିଲା । ଦିବ୍ୟ ଜନନୀଙ୍କ କୃପାଧନ୍ୟ ପ୍ରପତ୍ତି ଆଶ୍ରମ ଜୀବନର ପ୍ରାରମ୍ଭରୁ ହିଁ ପ୍ରକୃତ ଅର୍ଥରେ ତାଙ୍କର ଶରଣାଗତ ହୋଇ ରହିଥିଲେ । ବାବାଜୀ ଶ୍ରୀ ରାମକୃଷ୍ଣ ଦାସ ଥିଲେ ତାଙ୍କର ପଥ ପ୍ରଦର୍ଶକ, ଦୁର୍ଲଭ ସହଯୋଗୀ ତଥା ସତୀର୍ଥ ସାଧକ ।

ଅଲିଖିତ ଭାବେ ୧୯୫୮ ମସିହାରେ ଓଡ଼ିଶାର ମାତୃକାର୍ଯ୍ୟରେ ଏକ ସ୍ମରଣୀୟ ଅଧ୍ୟାୟର ସୂତ୍ରପାତ ହୁଏ । ବାବାଜି ଶ୍ରୀ ରାମକୃଷ୍ଣ ଦାସ ଓ ଶ୍ରୀ ପ୍ରପତ୍ତିଙ୍କର ପ୍ରାର୍ଥନାର ଉତ୍ତରରେ ଶ୍ରୀମାଙ୍କ ଆଶୀର୍ବାଦ ଲାଭ କରି ପ୍ରକାଶ ପାଏ ତ୍ରୈମାସିକ ପତ୍ରିକା 'ନବଜ୍ୟୋତି' ଏବଂ ସୃଷ୍ଟି ହୁଏ ନବଜ୍ୟୋତି କାର୍ଯ୍ୟାଳୟ । ଓଡ଼ିଶାର ଜନମାନସ ପରମ ପ୍ରଭୁଙ୍କ ପ୍ରବର୍ତ୍ତିତ ପୂର୍ଣ୍ଣଯୋଗ ସମ୍ପର୍କରେ ଜ୍ଞାତ ଓ ଜାଗ୍ରତ୍ ହେଉ; ଦିବ୍ୟଜନନୀଙ୍କ ଶକ୍ତି ଓ ପ୍ରଭାବ ପ୍ରତି ଉନ୍ମୁକ୍ତ ଓ ଗ୍ରହଣଶୀଳ ହେଉ – ଏହାହିଁ ଥିଲା ଏହି ପତ୍ରିକା ତଥା କାର୍ଯ୍ୟାଳୟର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଓଡ଼ିଶାରେ ଛାତ୍ର ଓ ଯୁବକମାନଙ୍କର ଶ୍ରୀମା ଶ୍ରୀଅରବିନ୍ଦଙ୍କ ପ୍ରତି ଅଭୂତପୂର୍ବ ଉନ୍ମୀଳନର ସ୍ୱାକ୍ଷର ବହନ କରି ୧୯୬୭ ମସିହାରେ 'ଶ୍ରୀଅରବିନ୍ଦ ଛାତ୍ର-ସମାଜ ବୁଲେଟିନ୍' ଓ 'ଶ୍ରୀଅରବିନ୍ଦ ଯୁବ-ସମାଜ ବୁଲେଟିନ୍' ଆତ୍ମ ପ୍ରକାଶ କରେ । ପରବର୍ତ୍ତୀ ସମୟରେ ମାତ୍ର ତିନୋଟି ବର୍ଷର ବ୍ୟବଧାନରେ,ଏହି ତରୁଣ-ସମାଜର ଅନନ୍ୟମୁଖୀ ଉତ୍ସାହ ଓ ଆଗ୍ରହ ତଥା ଆଧ୍ୟାତ୍ମିକ ଅନ୍ୱେଷାକୁ ବଳବତ୍ତର କରିବା ପାଇଁ ୧୯୭୦ ମସିହା ଅକ୍ଟୋବର ମାସରେ ଶ୍ରୀ ପ୍ରପତ୍ତିଙ୍କ ସମ୍ପାଦନାରେ ସୃଷ୍ଟିର ଆଲୋକ ଦେଖେ ଦିବ୍ୟ ଜନନୀଙ୍କର ଆଶିଷ ପ୍ରାପ୍ତ ମାସିକ ପତ୍ରିକା 'ନବପ୍ରକାଶ' । ବାସ୍ତବିକ, ପ୍ରପତ୍ତିଙ୍କର ନିଷ୍ଠାପର ପ୍ରୟାସର ଏହା ଏକ ଅଭିନବ ପରିପ୍ରକାଶ । ଆଜି 'ନବପ୍ରକାଶ'ର ଏହି ଶୁଭ ଜନ୍ମଲଗ୍ନରେ ସେହି ଯୋଗଜନ୍ମା, ମହାନୁଭବ ସାଧକଙ୍କ ଉଦ୍ଦେଶ୍ୟରେ ନବଜ୍ୟୋତି କାର୍ଯ୍ୟାଳୟର ସହକର୍ମୀମାନଙ୍କର, ନବପ୍ରକାଶର ରୂପକାରମାନଙ୍କର ତଥା ତା'ର ସହୃଦୟ ପାଠକ/ ପାଠିକାମାନଙ୍କର ବିନମ୍ର କୃତଜ୍ଞତା ।

ଦିବ୍ୟ ଜନନୀଙ୍କ ଆଶିଷ ପ୍ରାପ୍ତ 'ନବପ୍ରକାଶ' କାଳର ପ୍ରବାହରେ ଚଉବନ ବର୍ଷ ଅତିକ୍ରମ କରି ନୂତନ ସୋପାନରେ ପାଦ ଥାପିଛି । 'ନବପ୍ରକାଶ'ର ଏହି ପରିବାରବର୍ଗଙ୍କ ପାଇଁ ଦିବ୍ୟ ଜନନୀଙ୍କର ପ୍ରଦତ୍ତ କାଳଜୟୀ ତେଜୋଦୀପ୍ତ ମନ୍ତ୍ର **''ଏକମାତ୍ର ସତ୍ୟ''** । ସତ୍ୟର ସ୍ୱରୂପକୁ ସନ୍ଧାନ କରିବା, ସତ୍ୟ-ଚେତନାରେ ସୋପାନ ପରେ ସୋପାନ ଆରୋହଣ କରି ଜୀବନ ବଞ୍ଚିବା ସାଧନାର ଏକ ମହତ୍ତର ସର୍ତ୍ତ; ସତ୍ୟ ପ୍ରତି ଆମର ବିଶ୍ୱସ୍ତତା ହେବ ଆମ ପ୍ରଗତିର ମାପକାଠି ।

ଦିବ୍ୟ ଜନନୀଙ୍କର ଏହି ମହାନ୍ ପ୍ରତ୍ୟାଶା ପ୍ରତି ଆମେ ଯେପରି ଆମର ସମଗ୍ର ସତ୍ତାରେ ବିଶ୍ୱସ୍ତ ରହୁ; 'ନବପ୍ରକାଶ'ର ଶୁଭଜନ୍ମ ବାସରରେ – ତାଙ୍କର ଶ୍ରୀପାଦପଦ୍ମରେ ଆମର ଏହା ହିଁ ପ୍ରାର୍ଥନା । ❑


# ପ୍ରାର୍ଥନା

ହେ ଦିବ୍ୟ ଜନନି, ତୁମେ ଆମ ସହିତ ରହିଛ; ପ୍ରତ୍ୟହ ତୁମେ ମୋତେ ଏହି ପ୍ରତିଶ୍ରୁତି ଦେଇଥାଅ ଏବଂ ଅଧିକରୁ ଅଧିକ ପୂର୍ଣ୍ଣତା ଲାଭ କରୁଥିବା, ଅଧିକରୁ ଅଧିକ ସ୍ଥାୟୀ ଏକ ଅଭିନ୍ନତାରେ ଘନିଷ୍ଠଭାବେ ଐକ୍ୟବଦ୍ଧ ହୋଇ ଆମେ ବିଶ୍ୱବ୍ରହ୍ମାଣ୍ଡର ପ୍ରଭୁଙ୍କ ପ୍ରତି ଏବଂ ଯାହା ତହିଁର ଅତିକ୍ରାନ୍ତ, ତହିଁ ପ୍ରତି ଉନ୍ମୁଖ ହେଉ ନବାଲୋକ ଅଭିମୁଖେ ବିପୁଳ ଅଭୀପ୍ସା ସହକାରେ । ସାରା ଧରିତ୍ରୀ ପୀଡ଼ିତ ଶିଶୁ ତୁଲ୍ୟ ଆମ ବାହୁଛାୟାରେ ଆଶ୍ରୟ ନେଇଛି, ଯାହାକୁ ରୋଗମୁକ୍ତ କରିବାକୁ ହେବ, ଦୁର୍ବଳ ବୋଲିହିଁ ତା' ଉପରେ ରହିଛି ବିଶେଷ ସ୍ନେହ । ଶାଶ୍ୱତ ଘୂର୍ଣ୍ଣାୟନ ପ୍ରକ୍ରିୟାର ବିପୁଳତା ଉପରେ ଦୋଳାୟିତ, ଆମେହିଁ ଯେଉଁ ଘୂର୍ଣ୍ଣାୟନ ପ୍ରକ୍ରିୟା, ସ୍ତବ୍ଧ ଏବଂ ହରଷିତ ଭାବେ ଆମେ ସେହି ଅବିଚଳ ନିରବତାର ଚିରନ୍ତନୀ ଉପରେ ଭାବମଗ୍ନ ରହୁ – ଯହିଁ ପରିପୂର୍ଣ୍ଣ ଚେତନା ଏବଂ ଧ୍ରୁବ ସ୍ଥିତିରେ ସବୁକିଛି ଉପଲବ୍ଧ, ଯାହା ସେପାରିର ଯାବତୀୟ ଅଜ୍ଞାତ ଭିତରକୁ ଅଲୌକିକ ପ୍ରବେଶ ଦ୍ୱାର ।

ଆବରଣ ସେତେବେଳେ ବିଦୀର୍ଣ୍ଣ, ଅବର୍ଣ୍ଣନୀୟ ମହିମା ଅନାବୃତ ଏବଂ ଅନିର୍ବଚନୀୟ ଔଜ୍ଜ୍ୱଲ୍ୟରେ ଆପ୍ଲୁତ ହୋଇ ଆମେ ପୃଥିବୀ ଦିଗରେ ବୁଲି ପଡୁ ତା' ପାଇଁ ଆଣିବାକୁ ସୁଖର ସମାଚାର ।

ପ୍ରଭୁ, ତୁମେ ମୋତେ ଦେଇଛ ଅନନ୍ତ ସୁଖ । କେଉଁ ସତ୍ତାର, କେଉଁ ପରିସ୍ଥିତିର ତାହା ମୋଠାରୁ ଛଡ଼ାଇ ନେବାର ଶକ୍ତି ଥାଇପାରେ ?

ଅକ୍ଟୋବର ୧୪, ୧୯୧୪ — ଶ୍ରୀମା



# ମାତୃବାଣୀ

We must face life as a whole, with all the ugliness, falsehood and cruelty it still contains, but we must take care to discover in ourselves the source of all goodness, all beauty, all light and all truth, in order to bring this source consciously into contact with the world so as to transform it.

This is infinitely more difficult than running away or shutting our eyes so as not to see, but it is the only truly effective way – the way of those who are truly strong and pure and capable of manifesting the Truth.

*29 May, 1968*

(CWM, Vol. 12, p. 243) – The Mother

ଜୀବନ ଏପର୍ଯ୍ୟନ୍ତ ଯାହାସବୁ କୁତ୍ସିତତା, ମିଥ୍ୟା ଓ ନିଷ୍ଠୁରତା ନିଜ ମଧ୍ୟରେ ଧାରଣ କରିଛି ସେସବୁ ସହ ଆମକୁ ସମଗ୍ରଭାବେ ଏହାର ସମ୍ମୁଖୀନ ହେବାକୁ ହେବ, କିନ୍ତୁ ଆମକୁ ଆମ ନିଜ ଭିତରେ ଥିବା ସକଳ ଶୁଭ, ସକଳ ସୌନ୍ଦର୍ଯ୍ୟ, ସକଳ ଆଲୋକ ଓ ସକଳ ସତ୍ୟର ଉତ୍ସକୁ ଆବିଷ୍କାର କରିବା ନିମନ୍ତେ ସଯତ୍ନ ହେବାକୁ ହେବ; ଯାହାଫଳରେ ଆମେ ଏହି ଉତ୍ସ ସହ ଜଗତର ଏକ ସଚେତନ ସଂଯୋଗ ସ୍ଥାପନ କରି ପାରିବା ତାହାକୁ ରୂପାନ୍ତର କରିବା ସକାଶେ ।

ଏସବୁକୁ ଆମ ଦୃଷ୍ଟିପଥରୁ ଏଡ଼ାଇଦେବା ନିମନ୍ତେ ଆମେ ପଳାୟନ କରିବା କିଂବା ଆଖି୍ ବୁଜିଦେବା ଅପେକ୍ଷା ଏହା କରିବା ଅନନ୍ତ ଗୁଣେ କଷ୍ଟକର ହେଲେ ବି ଏହାହିଁ ଏକମାତ୍ର ସଫଳ ମାର୍ଗ — ଏ ମାର୍ଗ ସେଇମାନଙ୍କର ଯେଉଁମାନେ ବାସ୍ତବରେ ଶକ୍ତିଶାଳୀ, ଶୁଦ୍ଧ ଓ **ସତ୍ୟର** ପ୍ରକାଶ ନିମନ୍ତେ ସମର୍ଥ ।

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ଏକାଦଶ ସର୍ଗ, ବୃହତ୍ତର ମାନସର ରାଜ୍ୟସକଳ ଓ ଦେବବୃନ୍ଦ
### (The Kingdoms and Godheads of the Greater Mind)

### (୧୦)

## ଶ୍ରୀଅରବିନ୍ଦ

In front of the ascending epiphany
World-Time's enjoyers, favourites of World-Bliss,
The Masters of things actual, lords of the hours,
Playmates of youthful Nature and child God,
Creators of Matter by hid stress of Mind
Whose subtle thoughts support unconscious Life
And guide the fantasy of brute events,
Stood there, a race of young keen-visioned gods,
King-children born on Wisdom's early plane,
Taught in her school world-making's mystic play.

ଦିବ୍ୟୋଦ୍ଭାସନର ଊର୍ଦ୍ଧ୍ୱାୟିତ ସୋପାନଶ୍ରେଣୀ ସମ୍ମୁଖରେ ଦଣ୍ଡାୟମାନ ରହିଥିଲେ ବିଶ୍ୱ-କାଳର ଉପଭୋକ୍ତାଗଣ, ବିଶ୍ୱାନନ୍ଦର ପ୍ରିୟପାତ୍ରଗଣ, ବାସ୍ତବ ବସ୍ତୁସକଳର ଅଧିପତିଚୟ, ମୁହୂର୍ତ୍ତାବଳୀର ପ୍ରଭୁବୃନ୍ଦ, ତାରୁଣ୍ୟଭରା ପ୍ରକୃତି ଓ ଶିଶୁ ଦେବତାଙ୍କର କ୍ରୀଡ଼ାସଙ୍ଗୀମାନେ, ମନର ନିଗୂଢ଼ ଚାପ ଫଳରେ ଗଠିତ ଜଡ଼ର ସ୍ରଷ୍ଟାସକଳ ଯାହାଙ୍କର ସୂକ୍ଷ୍ମଭାବନାରାଜି ଅଚେତନ ଜୀବନକୁ ଅବଲମ୍ବନ ଯୋଗାଏ ଏବଂ ନିର୍ବୋଧ ଘଟନାବଳୀର ଖିଆଲି କଳ୍ପନାକୁ ପରିଚାଳିତ କରେ, ତରୁଣ ତୀକ୍ଷ୍ଣ-ଦୃଷ୍ଟିସମ୍ପନ୍ନ ଦେବତାମାନଙ୍କର ଏକ ଜାତି, ପ୍ରଜ୍ଞାର ପ୍ରାଥମିକ ସ୍ତରରେ ଜନ୍ମିତ ରାଜକୁମାରଗଣ, ତାହାର ପାଠଶାଳାରେ ଜଗତ୍-ରଚନାର ରହସ୍ୟଘନ ଲୀଳା ସମ୍ପର୍କରେ ଶିକ୍ଷାପ୍ରାପ୍ତ ସେମାନେ ।

Archmasons of the eternal Thaumaturge,
Moulders and measurers of fragmented Space,
They have made their plan of the concealed and known
A dwelling-house for the invisible king.

ଶାଶ୍ୱତ ଚମତ୍କାରକର୍ତ୍ତାଙ୍କର ପ୍ରମୁଖ ରାଜମିସ୍ତ୍ରୀଗଣ, ବିଖଣ୍ଡିତ ବ୍ୟୋମର ରୂପକାର ତଥା ପରିମାପକାରୀ ବୃନ୍ଦ, ସେମାନେ ଆପଣାର ସଂଗୁପ୍ତ ତଥା ଜ୍ଞାତର ଯୋଜନା କରିଛନ୍ତି, ଅଦୃଶ୍ୟ ରାଜାଙ୍କ ନିମନ୍ତେ ଏକ ନିବାସ-ଭବନର ନକ୍ସା ଆଙ୍କିଛନ୍ତି ।

Obeying the Eternal's deep command
They have built in the material front of things
This wide world-kindergarten of young souls
Where the infant spirit learns through mind and sense
To read the letters of the cosmic script
And study the body of the cosmic self
And search for the secret meaning of the whole.

ଶାଶ୍ୱତଙ୍କର ଗଭୀର ଅନୁଜ୍ଞା ପାଳନ କରି ସେମାନେ ଜଡ଼ ମୁଖାଧାରୀ ବସ୍ତୁ ଜଗତରେ ଗଢ଼ିଛନ୍ତି ତରୁଣ ଆତ୍ମାସକଳର ଏହି ବ୍ୟାପକ ବିଶ୍ୱ-ଶିଶୁବିଦ୍ୟାନିକେତନ ଯେଉଁଠାରେ ଶିଶୁ ଚୈତନ୍ୟ ମନ ଓ ଇନ୍ଦ୍ରିୟ ମାଧମରେ ଶିକ୍ଷାଗ୍ରହଣ କରେ ମହାଜାଗତିକ ଲିପିର ବର୍ଣ୍ଣମାଳା ପଢ଼ିବା ପାଇଁ ଓ ମହାଜାଗତିକ ଆତ୍ମାର ଦେହକୁ ଅଧ୍ୟୟନ କରିବା ପାଇଁ ତଥା ସମଗ୍ରର ଗୋପନ ଅର୍ଥର ସନ୍ଧାନ କରିବା ପାଇଁ ।

To all that Spirit conceives they give a mould;
Persuading Nature into visible moods
They lend a finite shape to infinite things.

ପରମ ଚିନ୍ମୟ ପୁରୁଷ ଯାହା ପରିକଳ୍ପନା କରନ୍ତି ସେମାନେ ସମସ୍ତଙ୍କୁ ଅଭୀଷ୍ଟ ଆକାର ଦିଅନ୍ତି; ପ୍ରକୃତିକୁ ଦୃଶ୍ୟମାନ ମିଜାଜସକଳ ମଧ୍ୟରେ ପ୍ରବିଷ୍ଟ ହେବାକୁ ପ୍ରବର୍ତ୍ତାଇ ସେମାନେ ଅସୀମ ବସ୍ତୁଚୟକୁ ଏକ ସସୀମ ଆକୃତି ପ୍ରଦାନ କରନ୍ତି ।

(କ୍ରମଶଃ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ ❑

# ଉଚ୍ଚତମ ସତ୍ୟ

## ଶ୍ରୀମା

### ତୁମକୁ ବାଛିନେବାକୁ ହେବ

ତୁମକୁ ବାଛିନେବାକୁ ପଡ଼ିବ; ''ସେହିଭଳି ଶକ୍ତି'' ବୋଲି ଏପରି କିଛି ନାହିଁ — ଯାହାକି ତୁମ ପାଇଁ ବାଛିଦେବ । ଏପରି କିଛି ଅକସ୍ମାତ୍ ମୁହୂର୍ତ୍ତ ନାହିଁ କିଂବା ଭାଗ୍ୟ କି ନିୟତି ନାହିଁ ଯାହା ତୁମ ପାଇଁ ବାଛିଦେବ — ଏହା ସତ ନୁହେଁ । ତୁମର ସଂକଳ୍ପ ବା ଇଚ୍ଛା ସ୍ୱାଧୀନ, ତୁମକୁ ଜାଣିଶୁଣି ଏ ସ୍ୱାଧୀନତା ଦିଆଯାଇଛି ଏବଂ ତୁମକୁହିଁ ତୁମ ପାଇଁ ବାଛି ନେବାକୁ ହେବ । ତୁମେ **ଆଲୋକ** ଦେଖିବ କି ନାହିଁ, ତୁମେ **ସତ୍ୟର** ସେବା କରିବ କି ନାହିଁ — ତାହା ତୁମକୁହିଁ ସିଦ୍ଧାନ୍ତ ନେବାକୁ ପଡ଼ିବ । ତୁମେ ଏଥିପାଇଁ ଆସ୍ପୃହା କରିବ କି ନାହିଁ — ତାହା ତୁମରି ଦାୟିତ୍ୱ — ତାହା ତୁମକୁହିଁ ଠିକ୍ କରିବାକୁ ହେବ । ଏବଂ ଏପରିକି ତୁମକୁ ଯେତେବେଳେ କୁହାଯାଏ ଯେ, ''ପୂର୍ଣ୍ଣଭାବେ ନିଜକୁ ସମର୍ପଣ କର ଏବଂ ତୁମ ପାଇଁ ଯାହା କରାଯିବାର କଥା କରାଯିବ''— ଏକଥା ସଂପୂର୍ଣ୍ଣ ଠିକ୍, କିନ୍ତୁ ତୁମର ସମର୍ପଣଟି ଯେପରି ସଂପୂର୍ଣ୍ଣ ଓ ସାମଗ୍ରିକ ହୁଏ, ତୁମେ ଯେପରି ପ୍ରତିଦିନ ଓ ପ୍ରତି ମୁହୂର୍ତ୍ତରେ ସମର୍ପଣ କରିପାରିବ, ସେକଥା ତୁମକୁହିଁ ଠିକ୍ କରିବାକୁ ପଡ଼ିବ, ତୁମକୁହିଁ ତୁମର ସମର୍ପଣକୁ ସଂପୂର୍ଣ୍ଣ ଓ ସାମଗ୍ରିକ କରିବାକୁ ପଡ଼ିବ, ଆଉ କେହି ତୁମ ପାଇଁ କରିବେ ନାହିଁ କିଂବା ତାହା ଛାଏଁ ଛାଏଁ ହୋଇଯିବ ନାହିଁ । ତୁମକୁ ଏହା କରିବା ପାଇଁ ଇଚ୍ଛା କରିବାକୁ ପଡ଼ିବ । ଯେତେବେଳେ ତାହା ସଂପନ୍ନ ହୋଇଯାଏ, ସବୁ ତେଣିକି ଠିକ୍ ଚାଲେ, ତୁମର ଯେତେବେଳେ **ଜ୍ଞାନ** ଜାତ ହୁଏ, ସେତେବେଳେ ବି ସବୁ ଠିକ୍ ଚାଲେ, ଏବଂ ତୁମେ ଯେବେ ଈଶ୍ୱରଙ୍କ ସହିତ ଏକାତ୍ମ ହୋଇଯିବ, ସେତେବେଳେ ସବୁକଥା ସବୁଠାରୁ ଅଧିକ ଭଲ ଭାବରେ ଚାଲେ । କିନ୍ତୁ ସେପର୍ଯ୍ୟନ୍ତ ତୁମକୁହିଁ ଇଚ୍ଛା କରିବାକୁ ହେବ, ବାଛିନେବାକୁ ହେବ ଓ ସିଦ୍ଧାନ୍ତ ନେବାକୁ ହେବ । ଅଳସୁଆଙ୍କ ଭଳି ଏମିତି କହି ଶୋଇପଡ଼ ନାହିଁ, ''ଓଃ ! ମୋ ପାଇଁ କାର୍ଯ୍ୟଟି କରାହୋଇଯିବ, ମୋର କିଛି କରିବାକୁ ନାହିଁ କିନ୍ତୁ ମୋତେ ସ୍ରୋତ ସହିତ ଭାସି ଯିବାକୁ ଦିଅ ।''

### କେବଳ ଉଚ୍ଚତମ ସତ୍ୟକୁ ପ୍ରକାଶ କର

ସତ୍ୟରେ କାର୍ଯ୍ୟ କରିବା ପାଇଁ ମାତ୍ର ଗୋଟିଏ ବାଟ ରହିଛି — ତାହାହେଲା — ପ୍ରତିଟି ମୁହୂର୍ତ୍ତରେ, ପ୍ରତିଟି ସେକେଣ୍ଡରେ, ତୁମର ପ୍ରତିଟି ଗତିବୃତ୍ତିରେ ତୁମେ ଜାଣିପାରୁଥିବା ସର୍ବୋଚ୍ଚ ସତ୍ୟଟିକୁ ପ୍ରକାଶ କରିବ ଏବଂ ତା' ସହିତ ଏତକ ମଧ ଜାଣିରଖିବ ଯେ, ତୁମର ଏଇ ମୁହୂର୍ତ୍ତର ସତ୍ୟଦୃଷ୍ଟି ଗତିଶୀଳ ହେବା ଉଚିତ । କାରଣ, ବର୍ତ୍ତମାନ ତୁମକୁ ଯାହା ସର୍ବୋଚ୍ଚ ସତ୍ୟ ବୋଲି ମନେହେଉଛି, ତାହା ଆସନ୍ତାକାଲି ସେଇଆ ନ ହୋଇପାରେ । ତୁମେ ଏହା ମଧ ବୁଝିବ ଯେ, ଉଚ୍ଚତର ସତ୍ୟ ଅଧିକରୁ ଅଧିକତର ଭାବେ ତୁମରି ମାଧମରେହିଁ ପ୍ରକାଶ ପାଇବ । ତେଣୁ ଏକ **ତାମସିକ ନିଦ୍ରାରେ ନିଶ୍ଚିନ୍ତଭାବେ ଶୋଇ ପଡ଼ିବାକୁ** ତୁମର ଆଉ ଚାରା ନାହିଁ; **ତୁମକୁ ସର୍ବଦା ଜାଗ୍ରତ୍ ରହିବାକୁ ପଡ଼ିବ — ମୁଁ ଅବଶ୍ୟ ତୁମକୁ ଶାରୀରିକ ନିଦ୍ରା କଥା କହୁ ନାହିଁ — ତୁମକୁ ସର୍ବଦା ଜାଗ୍ରତ୍ ରହିବାକୁ ପଡ଼ିବ — ସର୍ବଦା ସଚେତ** ରହିବାକୁ ପଡ଼ିବ । ଏବଂ ସବୁବେଳେ ତୁମ ଭିତରେ ଏକ ଆଲୋକିତ ଗ୍ରହଣଶୀଳତା ଓ ସଦିଚ୍ଛା ମଧ ଜାଗ୍ରତ୍ ରହିଥିବ । ସବୁବେଳେ ଯାହା ସର୍ବୋତ୍ତମ ତାହାକୁହିଁ ଇଚ୍ଛାକରିବ, ସବୁଠାରୁ ଯାହା ଉତ୍ତମ, ଯାହା ସବୁଠାରୁ ଉଚ୍ଚ, ତାକୁହିଁ ବାଞ୍ଛା କରିବ । କେବେ ବି ଯେପରି ନିଜକୁ ନ କୁହ, ''**ଆଃ ! ମୁଁ ବଡ଼ ହାଲିଆ ହୋଇ ଗଲିଣି !** ଏଥର ମୁଁ ବିଶ୍ରାମ କରିବି, ଟିକିଏ ନିଜକୁ ହୁଗୁଳା କରିବି ! ଆଃ ! ମୁଁ ଆଉ କୌଣସି ପରିଶ୍ରମ କରିପାରିବି ନାହିଁ''; ଏପରି ଯଦି ଜଣେ ଭାବିବାକୁ ଆରମ୍ଭ କରିବ, ତେବେ ସେ ନିଶ୍ଚୟ ଖୁବ୍ ଶୀଘ୍ର ଗାତ ଭିତରେ ପଡ଼ିବ ଏବଂ ଏକ ନିର୍ବୋଧ ପ୍ରମାଦ କରି ବସିବ !...

ପ୍ରତି ମୁହୂର୍ତ୍ତରେ ତୁମେ ଯେତେଦୂର ଦେଖିପାରୁଛ, ସେହି ସର୍ବୋତ୍ତମ ସତ୍ୟଟିକୁ ପ୍ରକାଶ କରିବାକୁ ଚେଷ୍ଟା କର । ଏହା ଖୁବ୍ କଷ୍ଟକର, କିନ୍ତୁ ଏହାହିଁ ଏକମାତ୍ର ସମାଧାନ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ସପ୍ତଦଶ ପରିଚ୍ଛେଦ)

## ଜୀବନର ବିଧାନ ରୂପେ ଧର୍ମ


**ଶେଖ ଅବଦୁଲ କାଶମ**


ପରମ ଦିବ୍ୟତାରେ ଯାଇ ଉପନୀତ ହେବା ହେଉଛି ଜୀବନର ଅସଲ ଲକ୍ଷ୍ୟ । ବ୍ୟକ୍ତି ବା ସମୂହ ତା'ର ଯାବତୀୟ ଅନୁସନ୍ଧାନ ଓ କ୍ରିୟାଶୀଳତାରେ ସେହି ଲକ୍ଷ୍ୟକୁହିଁ ଆପଣା ସମ୍ମୁଖରେ ଧରି ରଖିବା ଉଚିତ । ସେହି ଲକ୍ଷ୍ୟରେ ପହଞ୍ଚିବା ପାଇଁ ବୁଦ୍ଧି ବା ସଂସ୍କୃତି ସର୍ବୋଚ୍ଚ ମାର୍ଗଦର୍ଶକ ହୋଇପାରିବ ନାହିଁ । ଧର୍ମ ହେଉଛି ଆମ ଜୀବନ ତଥା କର୍ମର ନିୟାମକ । ଏହା ଏକ ସମନ୍ୱୟକାରୀ ତତ୍ତ୍ୱ । ଧର୍ମ ହେଉଛି ମଣିଷ ଭିତରେ ଏପରି ଏକ ସହଜାତ ପ୍ରବୃତ୍ତି ଓ ଶୃଙ୍ଖଳାବିଧାୟକ ତତ୍ତ୍ୱ ଯାହାକି ପରମ ଦିବ୍ୟତାକୁହିଁ ନିଜର ଶ୍ରେଷ୍ଠ ଲକ୍ଷ୍ୟ ରୂପେ ସର୍ବଦା ଧାରଣ କରି ରହିଥାଏ । ସମଗ୍ର ଜୀବନକୁ ଧର୍ମରେ ପରିଣତ କରି ରଖିବା ଏବଂ ଧର୍ମଭାବନା ଦ୍ୱାରାହିଁ ଜୀବନର ଯାବତୀୟ କର୍ମ ଓ ଆଚରଣକୁ ଶୃଙ୍ଖଳିତ କରିବା – ଏହାହିଁ ଆମକୁ ପରମ ଦିବ୍ୟତାରେ ପହଞ୍ଚାଇବା ନିମନ୍ତେ ଯଥାର୍ଥ ପଥ ବୋଲି ମନେ ହୁଏ ।

କେବଳ ଏସିଆରେ ନୁହେଁ, ସମଗ୍ର ପୃଥିବୀରେ ଜୀବନର ଏକ ପ୍ରମୁଖ ତତ୍ତ୍ୱ ରୂପେ ଧର୍ମକୁ ସ୍ୱୀକାର କରାଯାଇଛି । କୌଣସି କୌଣସି ଯୁଗରେ ମନୁଷ୍ୟ ଧର୍ମପଥରୁ ବିଚ୍ୟୁତ ବି ହୋଇଛି, ମାତ୍ର କିଛି କାଳ ପରେ ସେ ପୁଣି ସେହି ଧର୍ମ ପଥକୁ ବାହୁଡ଼ି ଆସିଛି । ଆଧୁନିକ ଯୁଗରେ କର୍ମର ବିପୁଳତା ଓ ଉଚ୍ଚାକାଂକ୍ଷାର ବହୁବିଧ ସ୍ଫୁରଣ ଦେଖିବାକୁ ମିଳିଛି, ଅନେକ ଭୁଲ୍‌ଭ୍ରାନ୍ତି ମଧ୍ୟଦେଇ ସମାଜ ଆଗକୁ ଅଗ୍ରସର ହୋଇଛି, ମାତ୍ର ତଥାପି ଏହି ଯୁଗରେହିଁ ନାନା କ୍ରୂରତା, ଅଜ୍ଞାନ, ଅନ୍ଧକାର ଓ କୁତ୍ସିତ କାର୍ଯ୍ୟସବୁର ପ୍ରାଦୁର୍ଭାବ ମଧ୍ୟରୁ ସମାଜକୁ ମୁକ୍ତ କରାଯାଇ ପାରିଛି । ଏହା ଏକ ଚିନ୍ତାର ବିଷୟ ଯେ ଧର୍ମର ଶକ୍ତି ଦ୍ୱାରା ସେହି ମୁକ୍ତି ପ୍ରାପ୍ତ ହୋଇ ନାହିଁ, ଜାଗ୍ରତ୍ ବୁଦ୍ଧି, ଉଚ୍ଚ ମାନବିକ ଆଦର୍ଶ ଓ ସଂବେଦନଶୀଳତା ଦ୍ୱାରାହିଁ ତାହା ସମ୍ଭବ ହୋଇପାରିଛି । ସମାଜର ଯେଉଁ ବର୍ଗ ଅଧିକ ବିଚାରବନ୍ତ ତଥା ପ୍ରଗତିଶୀଳ ଥିଲେ ସେମାନେ ଧର୍ମର ପ୍ରାଧାନ୍ୟକୁ ବର୍ଜନ କରିଥିଲେ, ଧର୍ମ ଉପରେ ସେମାନେ ଆକ୍ରମଣ କରିଥିଲେ । ପୁନର୍ଜାଗରଣ ଯୁଗ ପରବର୍ତ୍ତୀ ୟୁରୋପ ବା ଆଧୁନିକ ୟୁରୋପରେ ଏହି କଥା ଘଟିଥିଲା ।

ଧର୍ମ ବିରୋଧରେ ଚରମ ବିଦ୍ରୋହଭାବ ସୃଷ୍ଟି ହେଲେ ମଧ୍ୟ ଧର୍ମ ବିଲୁପ୍ତ ହୋଇ ନାହିଁ, ଇତିହାସ ଏହାର ସାକ୍ଷୀ । ମନୁଷ୍ୟ ଭିତରେ ଯେଉଁ ଧର୍ମଗତ ପ୍ରବୃତ୍ତି ରହିଛି ତାହା ଯାବତୀୟ ବିରୋଧ ସତ୍ତ୍ୱେ କେବେ ମରିପାରିବ ନାହିଁ, କେବଳ ତା'ର ରୂପ ପରିବର୍ତ୍ତନ ହୋଇପାରେ । ବିଜ୍ଞାନ, ଦର୍ଶନ, ରାଜନୀତି, ସମାଜ ତଥା ଜୀବନକ୍ଷେତ୍ରରେ ଧର୍ମ ପ୍ରବେଶ କରି ସେଥିରେ ଜଡ଼ିତ ହୋଇଗଲେ ମନୁଷ୍ୟର ଅଗ୍ରଗତି ମନ୍ଥର ହୋଇଯାଏ ଏବଂ ତାକୁ ଅନ୍ଧବିଶ୍ୱାସ ଆକ୍ରାନ୍ତ କରେ ବୋଲି କେତେକଙ୍କର ଧାରଣା ରହିଛି । ଧର୍ମବାଦୀମାନେ ଏହି ଧାରଣାକୁ ଖଣ୍ଡନ କରନ୍ତି । ଅନ୍ୟ ପକ୍ଷରେ ଉଦାରବାଦୀ ଦାର୍ଶନିକମାନେ ହୁଏତ ଏହି ମତ ରଖିବେ ଯେ ମନୁଷ୍ୟ ଯେପର୍ଯ୍ୟନ୍ତ ଆପଣାର ଜୀବନରେ ଦେବତ୍ୱକୁ ଉପଲବ୍ଧି କରି ନାହିଁ ସେପର୍ଯ୍ୟନ୍ତ ପ୍ରଗତିହିଁ ତାହାର ଏକମାତ୍ର ଆବଶ୍ୟକତା ହୋଇ ରହିବ । ଏହି ପ୍ରଗତି କୌଣସି ଉପଲବ୍ଧିରେ ଅଟକି ରହିଯିବ ନାହିଁ । ଏହା ହେବ ଅନ୍ତହୀନ । କେବଳ ବ୍ୟକ୍ତିର ଜୀବନରେ ନୁହେଁ ସମୂହର ଜୀବନରେ ମଧ୍ୟ ପ୍ରଗତି ଲାଗି ଯାବତୀୟ ପ୍ରଚେଷ୍ଟା କରିବାକୁ ହେବ । ଇତିହାସରେ ଦେଖା ଯାଇଛି ଯେ ପ୍ରତିଷ୍ଠିତ ଧର୍ମଗୁଡ଼ିକୁ କର୍ତ୍ତା ଓ ବେବର୍ତ୍ତାମାନେ ଯେପରି ଭାବରେ ମାଡ଼ି ବସିଛନ୍ତି ତଦ୍ଦ୍ୱାରା ଧର୍ମକୁ ନେଇ ଅନେକ ଅତ୍ୟାଚାର ଓ ଅଜ୍ଞାନମୟ କାର୍ଯ୍ୟ ସଂଘଟିତ ହୋଇଛି । ସୁତରାଂ ଧର୍ମକୁ ଯଥାର୍ଥ ମାର୍ଗକୁ ନେଇ ଆସିବା ଲାଗି ବେଳେ ବେଳେ ବିଦ୍ରୋହର ଆବଶ୍ୟକତା ମଧ୍ୟ ରହିଥାଏ ।

ଏହା ସତ ଯେ ଧର୍ମ ନାମରେ ମନୁଷ୍ୟମାନେ ନାନା ପ୍ରକାର ଅତ୍ୟାଚାର, ନିର୍ଯାତନା ଓ ଯୁଦ୍ଧରେ ପ୍ରବୃତ୍ତ ହୋଇଛନ୍ତି । ମାତ୍ର ଯଥାର୍ଥ ଧର୍ମ ଏଥିପାଇଁ ଦାୟୀ ନୁହେଁ । ଏହାର ମୂଳ କାରଣ ରହିଛି ଧର୍ମର ଅବବୌଦ୍ଧିକ ଅଂଶଗୁଡ଼ିକରେ । ଧର୍ମକୁ ଯେତେବେଳେ କୌଣସି ଗୋଟିଏ ବିଶେଷ ମତ, ସମ୍ପ୍ରଦାୟ,

ଭେକ ଓ ଧର୍ମଗୋଷ୍ଠୀ ମଧ୍ୟରେ ସୀମିତ କରି ରଖି ଦିଆଯାଏ ସେତେବେଳେହିଁ ଯାବତୀୟ ଅନର୍ଥ ଘଟିଥାଏ । ଆମେ ଏହା ଜାଣିଛୁ ଯେ ପ୍ରାଚୀନ ପାଗାନ୍-ମତ ଧର୍ମ ଓ ନୀତିରକ୍ଷା ନାମରେ ସକ୍ରେଟିସ୍‌ଙ୍କ ଭଳି ଜଣେ ମହାନ୍ ଦାର୍ଶନିକ ଓ ଅଧ୍ୟାତ୍ମବାଦୀଙ୍କର ପ୍ରାଣନାଶ କଲା । ଏପରିକି ସହନଶୀଳ ଓ ଉଦାର ଧର୍ମ ରୂପେ ସୁପରିଚିତ ହିନ୍ଦୁଧର୍ମ ମଧ୍ୟ ଏକଦା ବୌଦ୍ଧ, ଜୈନ, ଶୈବ ଓ ବୈଷ୍ଣବମାନଙ୍କୁ ନରମ ଭାବରେ ହେଲେ ମଧ୍ୟ ତଥାପି ଘୃଣା କରିଥିଲା ଏବଂ ଅଳ୍ପକାଳ ପାଇଁ ହେଲେ ବି ସେମାନଙ୍କ ଉପରେ ଅତ୍ୟାଚାର ମଧ୍ୟ କରିଥିଲା । ସେହିପରି ପ୍ରଥମ କାଳର ଖ୍ରୀଷ୍ଟଧର୍ମକୁ ତତ୍‌କାଳୀନ ସମାଜ ଅସାମାଜିକ କହି ତା' ଉପରେ ପ୍ରବଳ ଅତ୍ୟାଚାର କରିଥିଲା । ପ୍ରତ୍ୟେକ ଧର୍ମରେ ଏପରି ପ୍ରମାଦ ଅଳ୍ପ ବହୁତ ଦେଖିବାକୁ ମିଳେ ।

ଧର୍ମର ଅସଲ କାର୍ଯ୍ୟ ହେଲା ମନୁଷ୍ୟ ସମାଜକୁ ଯଥାର୍ଥ ମାର୍ଗଦର୍ଶନ କରିବା ଏବଂ ଏକ ଶୃଙ୍ଖଳିତ ତଥା ଉଚ୍ଚତର ଜୀବନର ପ୍ରେରଣା ପ୍ରଦାନ କରିବା । ମାତ୍ର ଅନେକ କ୍ଷେତ୍ରରେ ଦେଖା ଯାଇଛି ଯେ ମନୁଷ୍ୟମାନେ ଧର୍ମକୁ ଅତ୍ୟନ୍ତ ସଂକୀର୍ଣ୍ଣ ଦୃଷ୍ଟିରେ ଗ୍ରହଣ କରି ହିଂସ୍ର ଆଚରଣ କରିଛନ୍ତି । ଉଦାହରଣ ସ୍ୱରୂପ ଗୀର୍ଜା ଓ ଧର୍ମମତମାନ ଦର୍ଶନ ଓ ବିଜ୍ଞାନର ତୀବ୍ର ବିରୋଧ କରିଛନ୍ତି, ସେ ଦୁଇଟିର ବିକାଶ ପଥକୁ ଅବରୁଦ୍ଧ କରିଛନ୍ତି । ସେମାନେ ଜିଓର୍ଡ଼ାନୋ ବ୍ରୁନୋଙ୍କର ହତ୍ୟା କରିଛନ୍ତି, ଗାଲିଲିଓଙ୍କୁ କାରାରୁଦ୍ଧ କରିଛନ୍ତି । ଧର୍ମର ଭାବନାଟିରେ ସଂକୀର୍ଣ୍ଣତା ପଶି ଗଲେ ତାହା ଜୀବନରୁ ହର୍ଷ ଓ ସୌନ୍ଦର୍ଯ୍ୟକୁ ଅପହରଣ କରିନିଏ । ଧର୍ମ କ୍ଷେତ୍ରରେ କୃଚ୍ଛ୍ରତା ଓ ଦମନବୃତ୍ତି ମଧ୍ୟ କ୍ଷତିକାରକ ଅଟେ । ଧର୍ମଗତ କୃଚ୍ଛ୍ରତାହିଁ ଧର୍ମର ସମଗ୍ର ସତ୍ୟ ନୁହେଁ । ଈଶ୍ୱରଙ୍କୁ ଉପଲବ୍ଧି କରିବାକୁ ହେଲେ ପ୍ରେମ, ଉଦାରତା, ସହିଷ୍ଣୁତା, ସଦୟତା, ବିଶୁଦ୍ଧତା, ସୌନ୍ଦର୍ଯ୍ୟବୋଧ ଭଳି ଦିବ୍ୟଗୁଣର ଆବଶ୍ୟକତା ରହିଛି । ଏସବୁକୁ ଆହରଣ ଓ ଆଚରଣ ନକରି ଧର୍ମର ବହିରଙ୍ଗ ବିଷୟଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେବା ଦ୍ୱାରା ଧର୍ମ ତା'ର ଲକ୍ଷ୍ୟ ସାଧନରେ ବିଫଳ ହୋଇଛି । ରାଜନୀତି କ୍ଷେତ୍ରରେ ଧର୍ମ କ୍ଷମତା ଉପରେ ଆଶ୍ରିତ ହେବା ଫଳରେ ନାନା ପ୍ରମାଦ ସୃଷ୍ଟି ହୋଇଛି । ଗୀର୍ଜା ଧର୍ମାଚରଣର କେନ୍ଦ୍ର ହେବା ପରିବର୍ତ୍ତେ କ୍ଷମତା ପ୍ରୟୋଗର କେନ୍ଦ୍ର ହୋଇଛି । ତାହା ଏକ ଭ୍ରାନ୍ତ ଧର୍ମତନ୍ତ୍ରକୁ ପ୍ରଶ୍ରୟ ଦେଇଛି । ଗୀର୍ଜାର ଆନୁଷ୍ଠାନିକ ବ୍ୟବସ୍ଥାକୁହିଁ ଧର୍ମ ବୋଲି ବୁଝିବା ଏକ ଭ୍ରାନ୍ତି ଅଟେ । ପ୍ରକୃତ ଧର୍ମତନ୍ତ୍ର ହେଲା ମଣିଷ ଭିତରେ ବିରାଜମାନ ପରମେଶ୍ୱରଙ୍କ ଦ୍ୱାରା ଅନୁଶାସିତ ହେବା । ଏହା ପରିବର୍ତ୍ତେ ଯଦି ପୋପ୍ ବା ଧର୍ମପୁରୋହିତମାନଙ୍କର ଅହଙ୍କାର ଦ୍ୱାରାହିଁ ସବୁକିଛି ପରିଚାଳିତ ହୁଏ, ତାହା ଏକ ରୁଗ୍ଣ ସମାଜ ବ୍ୟବସ୍ଥାକୁ ଜନ୍ମଦିଏ । ଏପରି ପ୍ରମାଦପୂର୍ଣ୍ଣ ସମାଜ ବ୍ୟବସ୍ଥା ଭିତରେ ମନୁଷ୍ୟମାନେ ଆପଣାକୁ ବନ୍ଧା ପକାଇ ଯଥାର୍ଥ ଧର୍ମାଚରଣରୁ ବଞ୍ଚିତ ହୋଇ ରହିଛନ୍ତି । କୌଣସି ଏକ କଠୋର ସମାଜ ବ୍ୟବସ୍ଥା ଭିତରେ ଆପଣାକୁ ଦୀର୍ଘକାଳ ଧରି ଆବଦ୍ଧ କରି ରଖିବା ପରେ ମନୁଷ୍ୟମାନେ ଭାବନ୍ତି ଯେ ସେହି ବ୍ୟବସ୍ଥାକୁ ପରିବର୍ତ୍ତନ କରିବା ଦ୍ୱାରା ଧର୍ମର ଲଂଘନ ହୋଇଯିବ । ପ୍ରକୃତରେ ମନୁଷ୍ୟର ଧର୍ମଗତ ପ୍ରବୃତ୍ତି ହେଉଛି ଏକ ବଡ଼ ସାମର୍ଥ୍ୟ । ଏହା ଏତେ ଦୁର୍ବଳ ନୁହେଁ ଯେ ଧର୍ମ ସମ୍ବନ୍ଧୀୟ ସମାଜ ବ୍ୟବସ୍ଥାରେ କୌଣସି ଏକ ପରିବର୍ତ୍ତନ ଆଣିଦେଲେ ତାହା ନଷ୍ଟ ହୋଇଯିବ । ଏପରି ଭୁଲ୍ ଧାରଣା ଯୋଗୁଁ କେତେକ ବ୍ୟକ୍ତିଗତ ଓ ସାମାଜିକ ଆଦର୍ଶ ଧର୍ମ ବିରୋଧରେ ବିଦ୍ରୋହ ଘୋଷଣା କରିବାକୁ ଆଗେଇ ଆସିଛନ୍ତି ।

ଧର୍ମହିଁ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ବସ୍ତୁ ହୋଇ ରହିବା ଉଚିତ । ମନୁଷ୍ୟ ଜୀବନର ମାର୍ଗଦର୍ଶକ ଆଲୋକ ଓ ବିଧାନ ହୋଇ ରହିବାକୁ ଧର୍ମ ଅଭିପ୍ରେତ । ଧର୍ମ କହିଲେ ଈଶ୍ୱରଙ୍କ ପ୍ରତି ଏକ ଆସ୍ପୃହା ଏବଂ ଏକ ଅନ୍ୱେଷଣକୁ ବୁଝାଏ । ଅନ୍ତରନିବାସୀ ଭଗବାନ୍ ଏବଂ ସର୍ବବିଦ୍ୟମାନ ଶାଶ୍ୱତ ପରମ ପୁରୁଷଙ୍କ ଆଡ଼କୁ ଉନ୍ମୋଚିତ ହୋଇ ରହିବା ପାଇଁ ଧର୍ମ ଆମକୁ ଅନୁପ୍ରେରିତ କରେ । କିନ୍ତୁ ଯେତେବେଳେ ଧର୍ମ କେବଳ ଏକ ବିଶେଷ ଉପାସନା ମାର୍ଗ, ଏକ ବିଶେଷ ବିଶ୍ୱାସ ଓ ରୀତିସମ୍ବଳିତ କେତେକ ଉତ୍ସବାନୁଷ୍ଠାନରେ ସୀମିତ ହୋଇ ରହିଯାଏ ସେତେବେଳେ ଆମର ଅଗ୍ରଗତି ମନ୍ଥର ହୋଇଯାଏ ଏବଂ ନାନାପ୍ରକାର ସଂକୀର୍ଣ୍ଣତା ଆମକୁ ଗ୍ରାସ କରିପକାଏ ।

ଧର୍ମର ଦୁଇଟି ଦିଗ ରହିଛି । ଗୋଟିଏ ହେଉଛି ଯଥାର୍ଥ ଧର୍ମ (True religion) ଏବଂ ଅନ୍ୟଟି ହେଉଛି ଧାର୍ମିକତା (Religionism) । ଯଥାର୍ଥ ଧର୍ମ କହିଲେ ଆଧ୍ୟାତ୍ମିକତାକୁ ବୁଝାଏ । ବୁଦ୍ଧିକୁ ଅତିକ୍ରମ କରି ଯେଉଁ ଉଚ୍ଚତର ଚେତନା ରହିଛି ତାହାକୁ ଉପଲବ୍ଧି କରିବା ପାଇଁ ଏହି ଯଥାର୍ଥ ଧର୍ମ ଆକାଙ୍କ୍ଷା କରିଥାଏ । ଏ କ୍ଷେତ୍ରରେ ମନୁଷ୍ୟ ଚିନ୍ମୟ ସତ୍ତାର ବିଧାନ ଦ୍ୱାରା ନିଜର ଜୀବନକୁ ଅନୁଶାସିତ କରି ରଖେ । ଅନ୍ୟ ପକ୍ଷରେ ଧାର୍ମିକତା ବା ଧର୍ମଲିପ୍ସତା କେତେଟା ବଦ୍ଧ ବିଶ୍ୱାସ, ଉପଚାର ଓ ଉପାସନା ପଦ୍ଧତି ଉପରେ ଅଧିକ ଗୁରୁତ୍ୱ ଦେଇଥାଏ । ଏହା ଜୀବନର ନିମ୍ନତର ଭାବଗୁଡ଼ିକୁ ବଡ଼ ସଂକୀର୍ଣ୍ଣ ଭାବରେ

ଏବଂ ଏକ ଧର୍ମବିଗଳିତ ଭାବପ୍ରବଣତା ସହିତ ଜାବୁଡ଼ି ଧରିଥାଏ । ଧାର୍ମିକତା କଠୋର ଓ ଅନମନୀୟ କେତେଟା ନିୟମ ସହ ବାନ୍ଧି ହୋଇ ରହିଥାଏ । କୌଣସି ଏକ ଧାର୍ମିକ-ରାଜନୀତିକ କିଂବା ଧାର୍ମିକ-ସାମାଜିକ ବ୍ୟବସ୍ଥାକୁ ଅବଲମ୍ବନ କରି ଧାର୍ମିକତା ତିଷ୍ଠି ରହିଥାଏ । ଆଧ୍ୟାତ୍ମିକତାର ଦିଗରେ ଅଗ୍ରସର ହେବା ସକାଶେ ବିଶ୍ୱାସ, ଉପଚାର, ଉପାସନା, ଉତ୍ସବାନୁଷ୍ଠାନ ଆଦିର ଯେ ଆଦୌ କୌଣସି ଆବଶ୍ୟକତା ନାହିଁ, ଏପରି ନୁହେଁ । ସେଗୁଡ଼ିକ ମଧ୍ୟ ଆଧ୍ୟାତ୍ମିକତାର ଉପଲବ୍ଧି ପଥରେ ପ୍ରାଥମିକ ଆବଶ୍ୟକତା । ଆମ ଜୀବନର ନିମ୍ନତର ଭାଗଗୁଡ଼ିକୁ ଅନୁପ୍ରେରିତ କରିବା ତଥା ଉତ୍ତୋଳିତ କରିବାରେ ସେଗୁଡ଼ିକ ସହାୟତା କରିଥା'ନ୍ତି । ଆମର ସୌନ୍ଦର୍ଯ୍ୟକାମୀ ଭାବଦୃଷ୍ଟି ଓ ଅବବୌଦ୍ଧିକ ସତ୍ତାର ଭାବଗୁଡ଼ିକୁ ଉନ୍ନତ ଓ ପରିଶୁଦ୍ଧ କରିବା ଦିଗରେ ଉପଚାର ଓ ଉତ୍ସବାନୁଷ୍ଠାନ ସହାୟକ ହୋଇଥା'ନ୍ତି । ଆମର ପ୍ରାଣିକ ପ୍ରକୃତିକୁ ଶୃଙ୍ଖଳିତ କରିବା ଓ ଉଚ୍ଚତର ଚେତନା ଆଡ଼କୁ ଉନ୍ମୋଚିତ କରିବା ପାଇଁ ନୈତିକ ନିୟମବଦ୍ଧତାର ମଧ୍ୟ ଆବଶ୍ୟକତା ରହିଛି । ମାତ୍ର ଏହି ବହିରଙ୍ଗ ବିଷୟଗୁଡ଼ିକ କେବଳ ସହାୟକ ଅଟନ୍ତି, ଏଗୁଡ଼ିକ ଆଦୌ ଅସଲ କଥା ନୁହନ୍ତି । ଏଗୁଡ଼ିକ ପ୍ରତି ଅନ୍ଧ ଭାବରେ ଆସକ୍ତ ହୋଇ ରହିଲେ ଆମର ଆଧ୍ୟାତ୍ମିକ ଉନ୍ନତି ହୋଇପାରିବ ନାହିଁ, ଆମେ ବୁଦ୍ଧି-ଅତୀତ ସ୍ତରରୁ ସହାୟତା ଲାଭ କରିପାରିବା ନାହିଁ । ଏକ ସୀମିତ ଉଦ୍ଦେଶ୍ୟ ଲାଗି ସେଗୁଡ଼ିକୁ ଉପଯୋଗ କରାଯାଇପାରେ । ମାତ୍ର ସେଗୁଡ଼ିକୁ ଯଦି ମନୁଷ୍ୟ ଉପରେ ବଳପୂର୍ବକ ଲଦି ଦିଆଯାଏ ତାହାହେଲେ ଆଧ୍ୟାତ୍ମିକ ପଥରେ ଅଗ୍ରସର ହେବାରେ ବାଧା ଉପୁଜିଥାଏ । ତେଣୁ ଧର୍ମ ଭିତରେ ଯେଉଁ ଆଧ୍ୟାତ୍ମିକ ସାରବସ୍ତୁ ରହିଛି ଆମେ ତାହାରି ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ ।

ଆଧ୍ୟାତ୍ମିକତାକୁ ମୁଖ୍ୟ ବିଷୟ ରୂପେ ସ୍ୱୀକାର କରିଥିବା ଧର୍ମ ପାର୍ଥିବ ଜୀବନକୁ ହତାଦର ବା ବର୍ଜନ କରିବ ନାହିଁ । ପାର୍ଥିବ ଆଶା, ଆକାଙ୍କ୍ଷା ଓ କର୍ମଗୁଡ଼ିକୁ ଏକ ଭ୍ରାନ୍ତି ଓ ଅଳୀକତା ବୋଲି କହି ଏହା ସେଗୁଡ଼ିକୁ ଛାଡ଼ି ପଳାଇ ଯିବାକୁ ପ୍ରବୃତ୍ତ ହେବ ନାହିଁ ।

ଜୀବନର ନିମ୍ନତର ଭାଗଗୁଡ଼ିକୁ ଚିଦ୍‌ଗତ ଜୀବନ ସହିତ ସଙ୍ଗତିଯୁକ୍ତ କରି ପ୍ରସ୍ତୁତ କରିବାକୁ ହେବ । କୌଣସି ପ୍ରକାର ନିରାଶାବାଦ, କୃଚ୍ଛ୍ର ସାଧନା, ଜୀବନର ଆବେଦନଗୁଡ଼ିକର ଦମନ – ଏଗୁଡ଼ିକ ଅସଲ ଧର୍ମର ଅନୁକୂଳ ନୁହନ୍ତି । ପ୍ରକୃତ ଧର୍ମ ବା ଆଧ୍ୟାତ୍ମିକତା ଚାହେଁ ଜୀବନର ପରିପୂର୍ଣ୍ଣତା । ଚିନ୍ମୟତା ଓ ପାର୍ଥିବ ଜୀବନ ମଧ୍ୟରେ କୌଣସି ବିରୋଧକୁ ତାହା ସ୍ୱୀକାର କରେ ନାହିଁ । ନିରାଶାବାଦ ଚିନ୍ମୟତାକୁ ପ୍ରତ୍ୟାଖ୍ୟାନ କରେ । ତେଣୁ ନିରାଶାବାଦ ଓ ଜୀବନ ପ୍ରତି ନକାରାତ୍ମକ ମନୋଭାବକୁ ଆଦୌ ପ୍ରଶ୍ରୟ ଦେବା ଉଚିତ ନୁହେଁ । ଯଥାର୍ଥ ଧର୍ମ ବିଷାଦକୁ କୌଣସି ପ୍ରକାର ସମର୍ଥନ କରେ ନାହିଁ ।

ଶ୍ରୀଅରବିନ୍ଦ କହନ୍ତି – "All pessimism is to that extent a denial of the Spirit, of its fullness and power, an impatience with the ways of God in the world, an insufficient faith in the divine Wisdom and Will that created the world and for ever guide it."

(The Human Cycle, p. 179)

ଅର୍ଥାତ୍, ''ସେହି ଦୃଷ୍ଟିରୁ ବିଚାର କରି ଯାବତୀୟ ନିରାଶାବାଦକୁ ଆମେ ପରମ ଚିନ୍ମୟତାର କେବଳ ଏକ ଖଣ୍ଡନ ବା ପ୍ରତ୍ୟାଖ୍ୟାନ ବୋଲି କହିପାରିବା, ତାହାର ପରିପୂର୍ଣ୍ଣତା ଓ ସାମର୍ଥ୍ୟକୁ କେବଳ ଅସ୍ୱୀକାର କରିବା ବୋଲି କହିବା; ଏହି ସଂସାରରେ ଭଗବତ୍-ଇଚ୍ଛାପୂରଣର ସ୍ୱକୀୟ ରୀତିଗୁଡ଼ିକ ବିଷୟରେ ଅଧୀର ହୋଇ ପଡ଼ିବା ବୋଲି କହିବା, ଏହି ସଂସାରକୁ ସୃଷ୍ଟି କରିଥିବା ଏବଂ ତାହାକୁ ନିୟତ ବାଟ ଦେଖାଇ ନେଉଥିବା ସେହି ଦିବ୍ୟ ପରମ ପ୍ରଜ୍ଞା ତଥା ପରମ ସଂକଳ୍ପ ଉପରେ ଯଥେଷ୍ଟ ବିଶ୍ୱାସ ନ ରଖିବାର ପରିଚାୟକ ବୋଲି କହିବା ।''

ସଂସାରରେ ଭଗବତ୍-ଇଚ୍ଛା ପୂର୍ଣ୍ଣ ହେଉ ଏବଂ ସମଗ୍ର ଜୀବନ ପରମ ଦିବ୍ୟତା ଆଡ଼କୁ ଉତ୍ତୋଳିତ ହୋଇଯାଉ, ଏହାହିଁ ଅସଲ ଧର୍ମର ଏକାନ୍ତ କାମ୍ୟ । ଧର୍ମ ଯଦି ଜୀବନ ଲାଗି ଯଥାର୍ଥ ବିଧାନ ଓ ମାର୍ଗଦର୍ଶକ ରୂପେ କାର୍ଯ୍ୟ କରିବାକୁ ଚାହେଁ ତାହାହେଲେ ତାକୁ ଭଗବାନଙ୍କର ପୂର୍ଣ୍ଣଜ୍ଞାନ ଓ ପରମ ସଂକଳ୍ପ ଉପରେ ଅଖଣ୍ଡ ବିଶ୍ୱାସ ରଖିବାକୁ ହେବ ତଥା ସେହି ଦିବ୍ୟ ସଂକଳ୍ପକୁହିଁ କାର୍ଯ୍ୟକାରୀ କରିବାକୁ ହେବ ।

ପାଶ୍ଚାତ୍ୟ ଜଗତରେ ଏପରି ଏକ ଯୁଗ ଆସିଥିଲା ଯେତେବେଳେ କି ଜୀବନରେ ଧର୍ମକୁ ଏକ ଗୌଣ ସ୍ଥାନ ଦିଆଗଲା । ମଧ୍ୟଯୁଗୀୟ ଇଉରୋପରେ ଧର୍ମ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଥିଲା । ମାତ୍ର ରେନେସାଁ ଓ ଧର୍ମ ସଂସ୍କାର ଆନ୍ଦୋଳନ କାଳରେ ପାରଲୌକିକ ଜୀବନ ଅପେକ୍ଷା ଇହଜୀବନ ଉପରେ ଅଧିକ ମହତ୍ତ୍ୱ ପ୍ରଦାନ କରାଗଲା । ସାହିତ୍ୟ, ବିଜ୍ଞାନ, କଳା,

ଦର୍ଶନ ଆଦି କ୍ଷେତ୍ରରେ ନୂତନ ବିଚାର ଓ ନୂତନ ଜ୍ଞାନ ପ୍ରସାରିତ ହେଲା । ମାନବବାଦ ଉପରେ ଅଧିକ ଗୁରୁତ୍ୱ ଦିଆଗଲା । ଏସବୁର ପ୍ରଭାବରେ ଧର୍ମ ପ୍ରତି ଦୃଷ୍ଟିଭଙ୍ଗୀରେ ବିଶେଷ ପରିବର୍ତ୍ତନ ଦେଖାଦେଲା । ତା'ପରେ ଆସିଲା ବୁଦ୍ଧିବାଦର ଯୁଗ ଯେତେବେଳେ କି ଧର୍ମମତଗୁଡ଼ିକ ପ୍ରତି ସଂଶୟ ସୃଷ୍ଟି ହେଲା । ସବୁ ବିଷୟରେ ପ୍ରଶ୍ନ ଉତ୍‌ଥାପିତ ହେଲା । ବିଚାର ବୁଦ୍ଧିର ପ୍ରୟୋଗ ଦ୍ୱାରା ସମସ୍ତ ବିଷୟକୁ ଅନୁଶୀଳନ କରାଗଲା । ଏହାର ଫଳସ୍ୱରୂପ ଆଧ୍ୟାତ୍ମିକ ଆକାଙ୍କ୍ଷା ଓ ଅନ୍ୱେଷଣ ଦିଗରେ କାହାରି ଆଉ ଆଗ୍ରହ ରହିଲା ନାହିଁ । ଜନସାଧାରଣ ନିମ୍ନତର ଭାବଗୁଡ଼ିକର ବିଧାନଟି ଦ୍ୱାରା ପରିଚାଳିତ ହେବାକୁ ଲାଗିଲେ । ଏହା ଥିଲା ଏକ ଭ୍ରାନ୍ତି । ଏ ବିଷୟରେ ଶ୍ରୀଅରବିନ୍ଦ କହନ୍ତି ଯେ ମନୁଷ୍ୟ ସମାଜ ଏକ ଭ୍ରାନ୍ତିପ୍ରେରିତ ସ୍ୱୀକାରରୁ ଆସି ଅନ୍ଧ ଭାବରେ ଏକ ଭ୍ରାନ୍ତିପ୍ରେରିତ ଅସ୍ୱୀକାର ଆଡ଼କୁ ଢଳି ପଡ଼ିଲା । ବୁଦ୍ଧିବାଦ ମନୁଷ୍ୟକୁ ଏକ ସୀମାବଦ୍ଧତା ଭିତରେ ଆଣି ପକାଇ ଦିଏ, ସେଠି ପରିପୂର୍ଣ୍ଣତା ମିଳେ ନାହିଁ । ସର୍ବୋଚ୍ଚ ସୋପାନର ଆଲୋକ ଅବତରଣ କଲେ ଯାଇ ନିମ୍ନତର ସୋପାନଗୁଡ଼ିକ ଯଥାର୍ଥ ଭାବରେ ପରିବର୍ତ୍ତିତ ହୋଇପାରିବେ ତଥା ଉଚ୍ଚତର ସୋପାନକୁ ଉତ୍ତୋଳିତ ହୋଇପାରିବେ ।

ଜୀବନର ନିମ୍ନ ଭାଗଗୁଡ଼ିକ ଅଦିବ୍ୟ ହୋଇ ରହିଛି । ମାତ୍ର ତାହାରି ଅନ୍ତଃସ୍ଥଳରେ ଦିବ୍ୟତତ୍ତ୍ୱଟି ପ୍ରଚ୍ଛନ୍ନ ହୋଇ ରହିଥିବାରୁ ଉଚ୍ଚତର ଆଧ୍ୟାତ୍ମିକ ଆଲୋକ ବଳରେ ସେହି ଅଦିବ୍ୟ ଭାଗଗୁଡ଼ିକୁ ଦିବ୍ୟ କରାଯାଇପାରିବ । ବର୍ତ୍ତମାନର ଜୀବନ ଆଧ୍ୟାତ୍ମିକତା ସହିତ ସଙ୍ଗତିଯୁକ୍ତ ହୋଇ ରହି ନାହିଁ ବୋଲି ଆମେ ହତୋତ୍ସାହିତ ବା ଧୈର୍ଯ୍ୟହରା ହେବା ନାହିଁ । ତୀବ୍ର ଆସ୍ପୃହା ଓ ପ୍ରୟାସ ବଳରେ ଆମେ ଭବିଷ୍ୟତରେ ଦିବ୍ୟତାକୁ ନିଶ୍ଚୟ ପ୍ରାପ୍ତ ହେବା । ଜୀବନର ବିକାଶ ଓ ଆଧ୍ୟାତ୍ମିକ ରୂପାନ୍ତର ଉପରେ ବିଶ୍ୱାସ ନ ରଖିବା ହେଉଛି ଏକ ବଡ଼ ଭ୍ରାନ୍ତି, ତାକୁ 'ଅନ୍ଧଂ ତମଃ' ବୋଲି କୁହାଯିବ । ସଂସାରବିରାଗୀ ମନୁଷ୍ୟମାନେ ବ୍ୟକ୍ତିଗତ ଭାବେ ମୁକ୍ତିଲାଭ କରିପାରନ୍ତି, ମାତ୍ର ସେମାନେ ମାନବ ସମାଜର ପଥପ୍ରଦର୍ଶକ ହୋଇ ପାରିବେ ନାହିଁ । ଜଣେ ସଂସାର ତ୍ୟାଗୀ ଆଶ୍ରମବାସୀ ବ୍ୟକ୍ତିଗତ ସ୍ତରରେ ତପସ୍ୟା କରୁଥାଇପାରେ, ମାତ୍ର ତା' ଭିତରେ ଭୟ, ଘୃଣା, ଅବିଶ୍ୱାସ ଓ ଜୀବନ ପ୍ରତି ବିକର୍ଷଣ ଭାବ ରହି ଥାଇପାରେ । ସେପରି ବ୍ୟକ୍ତି ସମାଜ ପ୍ରତି ସହାନୁଭୂତିଶୀଳ ହୋଇପାରେ ନାହିଁ, ସମାଜକୁ ଯଥାର୍ଥ ମାର୍ଗ ଦେଖାଇ ପାରେ ନାହିଁ ।

ପ୍ରାଚୀନ ଭାରତରେ ଋଷିମାନେ ପ୍ରକୃତ ଅର୍ଥରେ ଆଧ୍ୟାତ୍ମିକ ବ୍ୟକ୍ତି ଥିଲେ । ସେମାନେ ଜୀବନକୁ ପରିପୂର୍ଣ୍ଣ ରୂପେ ବଞ୍ଚିଥିଲେ । ଜୀବନର ନିମ୍ନତର ସ୍ତରର ସୀମାଗୁଡ଼ିକରୁ ସେମାନେ ଊର୍ଦ୍ଧ୍ୱକୁ ଉଠିଥିଲେ ତଥା ନିମ୍ନ ଭାଗଗୁଡ଼ିକୁ ପରିବର୍ତ୍ତନ କରିବା ପାଇଁ ମଧ୍ୟ ଚେଷ୍ଟା କରୁଥିଲେ । ଜୀବନ ପ୍ରତି ସେମାନଙ୍କ ସହାନୁଭୂତି ଓ ସାମଗ୍ରିକ ଦୃଷ୍ଟି ରହିଥିଲା । ତେଣୁ ସମାଜକୁ ଯଥାର୍ଥ ମାର୍ଗ ଦେଖାଇବା ଲାଗି ସେମାନେ ସମର୍ଥ ଥିଲେ । ସେମାନଙ୍କ ଚେତନା ବିଶ୍ୱାତୀତ ସ୍ତରରେ ଅଧିଷ୍ଠିତ ଥିଲେ ମଧ୍ୟ ଜାଗତିକ କ୍ରିୟାକଳାପରେ ସେମାନେ ଆଧ୍ୟାତ୍ମିକ ଜ୍ଞାନ ସହିତ ଅଂଶଗ୍ରହଣ କରିପାରୁଥିଲେ ।

ଆଧ୍ୟାତ୍ମିକତା ଭିତରେ ରହିଛି ଏକ ମାର୍ଗଦର୍ଶକ ଆଲୋକ ଓ ସଙ୍ଗତିସାଧନକାରୀ ବିଧାନ । ଧର୍ମ ଯେଉଁ ଅନୁପାତରେ ଆଧ୍ୟାତ୍ମିକତା ସହିତ ଏକାତ୍ମତା ହାସଲ କରିପାରିବ ସେହି ଅନୁପାତରେ ତାହା ମଧ୍ୟ ମାର୍ଗଦର୍ଶକ ଓ ସଙ୍ଗତିବିଧାୟକ ହୋଇପାରିବ । କୌଣସି ଏକ ଧର୍ମମତ ବା ଅପରିବର୍ତ୍ତନୀୟ ବିଧାନ ଓ ବ୍ୟବସ୍ଥା ମଧ୍ୟରେ ଧର୍ମକୁ ବାନ୍ଧି ରଖିଲେ ଦିନେ ନା ଦିନେ ସେହି ଧର୍ମ ବିରୋଧରେ ବିଦ୍ରୋହର ସ୍ୱର ନିଶ୍ଚୟ ଉଠିବ । ପ୍ରକୃତ ଧର୍ମ ବା ଆଧ୍ୟାତ୍ମିକତା ମନୁଷ୍ୟର ସ୍ୱାଧୀନତାକୁ କ୍ଷୁଣ୍ଣ କରେ ନାହିଁ । ମନୁଷ୍ୟ ଯେମିତି ଆପଣାର ଭାବଦୃଷ୍ଟି ଓ ସାମର୍ଥ୍ୟ ଅନୁସାରେ ଧର୍ମକୁ ଆଚରଣ କରିପାରିବ ସେଥିଲାଗି ତାକୁ ପୂର୍ଣ୍ଣ ସ୍ୱାଧୀନତା ଦିଆଯିବା ଉଚିତ । ସ୍ୱାଧୀନତାର ତାତ୍ପର୍ଯ୍ୟ ବିଷୟରେ ଶ୍ରୀଅରବିନ୍ଦ କହନ୍ତି – "... the deepest meaning of freedom is the power to expand and grow towards perfection by the law of one's own nature, *dharma*."

(The Human Cycle, p. 181)

ଅର୍ଥାତ୍, ''... ଆପଣାକୁ ସମ୍ପ୍ରସାରିତ କରିପାରିବାର ସାମର୍ଥ୍ୟ ଓ ଆପଣା *ଧର୍ମଟି* ଅନୁସାରେ ପରିପୂର୍ଣ୍ଣତା ଆଡ଼କୁ ବିକଶିତ ହୋଇ ଯାଉଥିବାର ସାମର୍ଥ୍ୟ, – ଏହାହିଁ ମୁକ୍ତତା ବା ସ୍ୱାଧୀନତାର ଗଭୀରତମ ତାତ୍ପର୍ଯ୍ୟ ।''

ଆମ ସତ୍ତାର ସକଳ ଅଂଶ ମୁକ୍ତ ଭାବରେ ବିକଶିତ ହୋଇ ପାରିବା ଲାଗି ପ୍ରକୃତ ଧର୍ମ ଉପଯୁକ୍ତ ବ୍ୟବସ୍ଥା କରିବା ଉଚିତ । ସେହି ବ୍ୟବସ୍ଥା ନମନୀୟ, ଉଦାର ଓ ପ୍ରସାରଣଧର୍ମୀ ହୋଇଥିବ । ପ୍ରାଚୀନ ଭାରତୀୟ ଧର୍ମରେ ଦର୍ଶନ, ବିଜ୍ଞାନ ଓ ରାଜନୀତି ମଧ୍ୟ ସ୍ୱାଧୀନତା ପ୍ରାପ୍ତ ହୋଇଥିଲେ । ସେହି ଧର୍ମ

ବ୍ୟବସ୍ଥା ଏପରି ଉଦାରବାଦୀ ଥିଲା ଯେ ଜଣେ ଚିନ୍ମୟତାକୁ ମଧ୍ୟ ଅସ୍ୱୀକାର କରିବାର ସ୍ୱାଧୀନତା ଲାଭ କରିଥିଲା । ଧର୍ମର ଆଲୋକ ଦ୍ୱାରା ଦର୍ଶନ, ବିଜ୍ଞାନ, ରାଜନୀତି ଓ ସମାଜ ବ୍ୟବସ୍ଥା ସ୍ୱାଧୀନ ଭାବରେ ବିକଶିତ ତଥା ସମୃଦ୍ଧ ହୋଇ ପାରିଥିଲେ । ବ୍ୟକ୍ତିତ୍ୱ ତଥା ଚେତନାର ସ୍ୱତଃସ୍ଫୂର୍ତ୍ତ ବିକାଶ ଓ ସମ୍ପ୍ରସାରଣ ଲାଗି ଧର୍ମ ଅନୁକୂଳ ପରିବେଶ ଯୋଗାଇ ଦେବା ଉଚିତ । ସମାଜରେ ପ୍ରତ୍ୟେକ ବ୍ୟକ୍ତି ଯେପରି ଆପଣାର ଉଚ୍ଚତମ ସମ୍ଭାବନାଗୁଡ଼ିକର ବହୁମୁଖୀ ଆବିଷ୍କାର କରିପାରିବେ ସେଥିଲାଗି ଧର୍ମର ବିଧାନ ଓ ବ୍ୟବସ୍ଥା ଭିତରେ ଯଥେଷ୍ଟ ପ୍ରେରକ ଶକ୍ତି ରହିଥିବା ଉଚିତ । ସମାଜର ପ୍ରତ୍ୟେକ କ୍ଷେତ୍ରକୁ ଆଧ୍ୟାତ୍ମିକ ଆଲୋକ ଦ୍ୱାରା ଆଲୋକିତ କରିବାକୁ ହେଲେ ଏକ ଆତ୍ମ-ଅନୁସନ୍ଧାନ ଓ ଆତ୍ମ-ପ୍ରସାରଣର ପଦ୍ଧତି ଅବଲମ୍ବନ କରିବାକୁ ହେବ ଏବଂ ପ୍ରତ୍ୟେକ ଭିତରେ ଥିବା ସମ୍ଭାବନାକୁ ଉନ୍ମୋଚିତ କରିବାକୁ ହେବ । ❑

# ଦିବ୍ୟାବଲୋକନ

## ଶ୍ରୀଅରବିନ୍ଦ



ତୁମରି ଆନନ୍ଦେ ପ୍ରତ୍ୟେକ ଦୃଶ୍ୟ ଅବିନଶ୍ୱର ଆଜି :
ବିମୁଗ୍ଧ ନୟନେ ଆତ୍ମା କରେ ନିରୀକ୍ଷଣ;
ଦୀର୍ଣ୍ଣ ହୋଇଛି ଆବରଣ, ସର୍ବ ସମକ୍ଷେ ଉଦ୍‌ଘାଟିତ
ତୁମରି ବିଶ୍ୱ-ମହୋତ୍ସବ ଅଲୌକିକ ।

ମୋର ଦୃଷ୍ଟି-ଧୃତ ଯାହା ଏକକ ପରମୋଲ୍ଲାସ
ପ୍ରକୃତି ସୃଷ୍ଟ ବସ୍ତୁସକଳ ତୁମରି ଅଂଶ ଜାତ,
ତୁମ ନିର୍ମିତ ସର୍ବ ପଦାର୍ଥ ପରମାନନ୍ଦର ପ୍ରତୀକ,
ପରା-ସୌନ୍ଦର୍ଯ୍ୟ ଅନ୍ତରୋତ୍‌ଥିତ କବିତା ପଂକ୍ତି ଏକ,

ରଙ୍ଗ ରେଖାର ସୁନିପୁଣ ଚିତ୍ର କାର୍ଯ୍ୟ,
ଉତ୍କର୍ଷତାର ପକ୍ଷେ ଆନୀତ ଓଜସ୍ୱୀ ମାଧୁର୍ଯ୍ୟ;
ବିସ୍ମୟେଭରା ବହୁ ସାଙ୍କେତିକ ରେଖା
ସାମାନ୍ୟତମ ବସ୍ତୁ ମଧ୍ୟରେ ଆତ୍ମ-ପ୍ରକାଶରତ ।

ଅଖିଳ ଆକୃତି ତୁମ ଆନନ୍ଦର ସ୍ୱପ୍ନିଳ ଉପଭାଷା,
ହେ ପରମାତ୍ମନ୍, ତୁମେ ପ୍ରତିଭାତ ଅପ୍ରମେୟ ।

[ଶ୍ରୀଅରବିନ୍ଦଙ୍କ ରଚିତ "**Divine Sight**" କବିତାର ଭାଷାନ୍ତର]
ଅନୁବାଦ : ଜ୍ୟୋସ୍ନା ମହାନ୍ତି ❑

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୩୫)

*(ପୂର୍ବ ପ୍ରକାଶିତ ଉତ୍ତାରୁ)*

### ଆରୋଗ୍ୟ ଲାଭ ପରେ ଶ୍ରୀଅରବିନ୍ଦଙ୍କର ଦୈନନ୍ଦିନ ଜୀବନଚର୍ଯ୍ୟା (ଙ) :

ଏହି ସମୟକାଳରେ ଶ୍ରୀଅରବିନ୍ଦଙ୍କ ସେବକବୃନ୍ଦଙ୍କ ମଧ୍ୟରୁ ପୁରାଣୀଙ୍କର ନିର୍ଦ୍ଧାରିତ ସେବା-କର୍ମ ନିତି ପ୍ରତ୍ୟୁଷରୁହିଁ ଆରମ୍ଭ ହେଉଥିଲା । ସେ ଯଥାରୀତି ଶ୍ରୀଅରବିନ୍ଦଙ୍କ କକ୍ଷ ଭିତରକୁ ପ୍ରବେଶ କରୁଥିଲେ । ଦିନେ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟରେ ପୁରାଣୀ ଓ ଚମ୍ପକଲାଲ ଉପସ୍ଥିତ ଥିବାବେଳେ କଥା ପ୍ରସଙ୍ଗରେ ନୀରଦ କହିଲେ, 'ପୁରାଣୀ କହୁଥିଲେ ଯେ ସେ ନିତି ପ୍ରତ୍ୟୁଷରେ କକ୍ଷ ଭିତରକୁ ପ୍ରବେଶ କରିବା ବେଳକୁ ମୁଁ ଅଧିକାଂଶ ଦିନ କୁଆଡ଼େ ଘୁଙ୍ଘୁଡ଼ି ମାରୁଥାଏ ।' ଚମ୍ପକଲାଲ କଥାଟିକୁ ଅଳ୍ପ ପରିବର୍ତ୍ତନ କରି କହିଲେ, 'ନା, ନା, ସେ ବହୁତ ଆଗରୁ ଘୁଙ୍ଘୁଡ଼ି ମାରୁଥା'ନ୍ତି ।' ଶ୍ରୀଅରବିନ୍ଦ ଚମ୍ପକଙ୍କ କଥାରେ ଆଉ ଟିକିଏ ଯୋଗ କରି କହିଲେ, 'ତାହା ବୋଧହୁଏ ପୁରାଣୀର ଆଗମନର ପ୍ରତ୍ୟାଶାରେ !' ('That is perhaps in anticipation of Purani's arrival !')

ଏହି 'ମେଡ଼ିଟେସନ୍ ହାଉସ୍'ରେ ମଶାଙ୍କର ଉପଦ୍ରବ ତୀବ୍ର ଥିବା ସତ୍ତ୍ୱେ ଶ୍ରୀଅରବିନ୍ଦଙ୍କ ନିମିତ୍ତ ମଶାରି ଟାଙ୍ଗିବାର ବନ୍ଦୋବସ୍ତ ନଥିଲା । ଏ ସମ୍ବନ୍ଧରେ ଆମେ ଚମ୍ପକଲାଲଙ୍କ 'ପୂର୍ବସ୍ମୃତି'ରୁ ଉଦ୍ଧାର କରୁଛୁ :

''ଶ୍ରୀଅରବିନ୍ଦ 'ଲାଇବ୍ରେରି ହାଉସ୍'ରେ ରହୁଥିବା ସମୟରେ ମଶାରି ବ୍ୟବହାର କରୁଥିଲେ । କିନ୍ତୁ 'ମେଡିଟେସନ୍ ହାଉସ୍'କୁ ଆସିବା ପରେ ଅଳ୍ପ କେତେ ଦିନ ମାତ୍ର ମଶାରି ବ୍ୟବହାର କରିଥିଲେ । ଏହା ପରେ ମଶାରି ପରିବର୍ତ୍ତେ ଖଟର ଚାରି କୋଣରେ (ଫ୍ରାନ୍ସରୁ ଭାରତକୁ ଆସୁଥିବା) ମଶା-ନାଶକ ଏକ ପ୍ରକାର କୁଣ୍ଡଳୀକୃତ ଧୂପ (anti-mosquito coils) ବ୍ୟବହାର କରାଗଲା । (ଏହି ଧୂପଗୁଡ଼ିକ ଧୀରେ ଧୀରେ ଜଳୁଥିଲା ଏବଂ ଜ୍ୱଳନ୍ତ ଶୁଷ୍କ ତୃଣପତ୍ରର ଗନ୍ଧ ଭଳି ଏକ ତୀବ୍ର ଗନ୍ଧଯୁକ୍ତ ସୂକ୍ଷ୍ମ ଶ୍ୱେତ ଧୂମରେଖା କ୍ଷରଣ କରୁଥିଲା ।) ଏହି ଧୂପକୁ ରଖିବା ସକାଶେ ପବିତ୍ରଙ୍କ କାରଖାନାରୁ ସ୍ୱତନ୍ତ୍ର ଭାବରେ ପିତ୍ତଳର ଚାରିଟି ଗୋଲାକାର ଟ୍ରେ ନିର୍ମିତ ହୋଇ ଆସିଲା । ଛୋଟ ଛୋଟ ବାକ୍ସରେ ଭର୍ତ୍ତି ଥିବା ଏହି ଧୂପକୁ ଶ୍ରୀମା ପ୍ରଚୁର ପରିମାଣରେ ଫ୍ରାନ୍ସରୁ ମଗାଇ ଆଣୁଥିଲେ । କେତେକ ସାଧକଙ୍କୁ ମଧ୍ୟ 'ପ୍ରସ୍ପେରିଟି'ରୁ ଏହା ଦିଆ ଯାଉଥିଲା । ଯୁଦ୍ଧକାଳୀନ ପରିସ୍ଥିତିରେ ଏସବୁର ଆମଦାନୀ ବନ୍ଦ ହୋଇଗଲା ।

''ଶ୍ରୀଅରବିନ୍ଦଙ୍କ ସକାଶେ ଶ୍ରୀମା ସେହି ବାକ୍ସରୁ ଦୁଇଟି ବାକ୍ସ ତାଙ୍କ ଟେବୁଲ ଉପରେ ଥୋଇ ଦେଉଥିଲେ । ଶ୍ରୀଅରବିନ୍ଦ ନିଜେ ସେହି ଧୂପର କୁଣ୍ଡଳୀଗୁଡ଼ିକୁ ପରସ୍ପରଠାରୁ ସାବଧାନତାର ସହିତ ପୃଥକ୍ କରି ଦେଉଥିଲେ; କାରଣ ସାଧାରଣତଃ ସେସବୁ ପରସ୍ପର ସହିତ ଲାଖି ଯାଇଥାଏ । ତେଣୁ ଅଲଗା କରି ଦେଉଥିବା ବେଳେ ଯେମିତି କୁଣ୍ଡଳୀଟି ଭାଙ୍ଗି ନଯାଏ – ଏଥିପ୍ରତି ସାବଧାନତା ଅବଲମ୍ବନ କରିବାକୁ ହେଉଥିଲା । ଦିନେ ମୁଁ ଦେଖିଲି ଶ୍ରୀଅରବିନ୍ଦ ସେସବୁକୁ ପରସ୍ପରଠାରୁ ପୃଥକ୍ କରିବାରେ ବ୍ୟସ୍ତ ରହିଛନ୍ତି । ତା'ପରେ ସେ ବ୍ୟବହାର କରିବା ପୂର୍ବରୁ ମୁଁ ସେସବୁକୁ ପ୍ରସ୍ତୁତ କରି ତାଙ୍କ ସକାଶେ ରଖି ଦେଉଥିଲି । ଏବଂ ପରେ ସେ ସେହି କାର୍ଯ୍ୟଟିକୁ ମୋ ଉପରେ ନ୍ୟସ୍ତ କରି ଦେଇଥିଲେ । ଏହି ଧାରା ଚାଲୁ ରହିଥିଲା ୧୯୩୮ରେ ତାଙ୍କର ଦୁର୍ଘଟଣା ଘଟିବା ପର୍ଯ୍ୟନ୍ତ ।

''୧୯୪୬ରେ ତାଙ୍କ କକ୍ଷଟିକୁ ମରାମତି କରି ନବୀକରଣ କରିବା ପରେ ଏହି ଧରଣର ଧୂପ ଜଳାଇବା ବନ୍ଦ ହୋଇଗଲା । କାହିଁକି ଯେ ଏହା ବନ୍ଦ ହୋଇଗଲା ସେଇଟି ଏକ ରହସ୍ୟ ହୋଇ ରହିଗଲା । ତେଣୁ ଯେତେବେଳେ ଧୂପ ନାହିଁ କି ମଶାରି ନାହିଁ, ଏହା ସ୍ୱାଭାବିକ ଯେ ତାଙ୍କ ଶରୀରର ବିଭିନ୍ନ ଅଙ୍ଗରେ ମଶାଗୁଡ଼ିକ ଦଂଶନ କରିବାକୁ ଆରମ୍ଭ କରିଦେଲେ । (ରାତ୍ରିରେ ମଶାଗୁଡ଼ିକ ଶ୍ରୀଅରବିନ୍ଦଙ୍କ ନଗ୍ନ ନରମ ଚର୍ମରେ ଦଂଶନ କରି କ୍ରୁଦ୍ଧ କଷାଘାତର ରକ୍ତିମ ଦାଗ ଅଥବା ଗାଢ଼ ରକ୍ତବର୍ଣ୍ଣର ବୋତାମ ସଦୃଶ ଦାଗମାନ ସୃଷ୍ଟି କରୁଥିଲେ । ତେଣୁ ରକ୍ତଦୁଷ୍ଟର ପ୍ରତିଷେଧ ସ୍ୱରୂପ ଚର୍ମରେ କିଛି ମାଲିସ କରିବାକୁ ହେଉଥିଲା ।) ତା'ପରେ ସେ ମଲମ (Insectol)

ମାଗୁଥିଲେ ସେହିସବୁ ମଶାକାମୁଡ଼ା ଜାଗାରେ ମାଲିସ କରିବା ସକାଶେ । ମୁଁ ତାଙ୍କ ହାତକୁ ଏକ ଠିପି ଖୋଲା ମଲମ ଟିଉବ୍ ବଢ଼ାଇ ଦେଉଥିଲି; ସେ ଗୋଟିଏ ହାତରେ ସେଇଟିକୁ ଧରି ଅନ୍ୟ ହାତରେ ମଲମକୁ ଦେହରେ ମାଲିସ କରୁଥିଲେ ।

''ଏହାର କିଛି ଦିନ ପରେ ଉପରୋକ୍ତ ଧାରାରେ ମଧ ପରିବର୍ତ୍ତନ ଘଟିଲା । ଏଣିକି ସେ ମୋ ନାମ ଧରି ଡାକନ୍ତି, 'ଚମ୍ପକଲାଲ' ! ମୋ କାନରେ ତାଙ୍କର ଡାକ ବାଜିବା ମାତ୍ରେ ମୁଁ ତୁରନ୍ତ ଆସି ତାଙ୍କ ଶଯ୍ୟା ନିକଟରେ ଛିଡ଼ା ହୋଇ ଯାଉଥିଲି । ସେ ମୋତେ ତାଙ୍କ ଶରୀରରେ ମଶା କାମୁଡ଼ିଥିବା ଜାଗାକୁ ଦେଖାଇ ଦେଉଥିଲେ; ଅନେକ ସମୟରେ ସେ ଦେଖାଇଥିବା ଜାଗା ଅପେକ୍ଷା ତାଙ୍କ ଶରୀରର ବେଶ୍ ଅନେକ ସ୍ଥାନରେ ମଶା କାମୁଡ଼ିଥା'ନ୍ତି । ଯେତେବେଳେ ମୁଁ ସେହିସବୁ ସ୍ଥାନକୁ ତାଙ୍କ ନଜରକୁ ଆଣି ଦେଉଥାଏ, ସେ ସେତେବେଳେ ମୋତେ ଚାହିଁ ହୃଦୟଜିଣା ଏକ ଅଭୁଲା ମଧୁର ହସ ଦେଉଥା'ନ୍ତି ।

''ତାଙ୍କ ଶରୀରକୁ ସ୍ପର୍ଶ କରି ମଲମ ମାଲିସ କରି ଦେଉଥିବା ବେଳେ ଯେଉଁ ଆନନ୍ଦ ପାଉଥିଲି, ସେଇଟି ଅବର୍ଣ୍ଣନୀୟ, ଅନିର୍ବଚନୀୟ । ସେମିତି, ମୋର ବେଶ୍ ସ୍ମରଣରେ ଅଛି, ତାଙ୍କର ଦୁର୍ଘଟଣା ପରେ ସେ ମୋ କାନ୍ଧକୁ ବେଷ୍ଟନ କରି ଚାଲୁଥିବା ବେଳେ ଯେଉଁ ଆନନ୍ଦ ପାଉଥିଲି, ତା' ଅବ୍ୟକ୍ତ ।''

('Champaklal Speaks' : page 196)

ପୁନଶ୍ଚ ଚମ୍ପକଲାଲଙ୍କ ସ୍ମୃତିକଥାରୁ :

''ଏହା ଥିଲା ୮ ଅକ୍ଟୋବର ୧୯୫୦ର ଘଟଣା । ଇତିପୂର୍ବରୁ ନୀରଦ ଓ ମୋ ମଧରେ ଏକ ବୁଝାମଣା ହୋଇଥାଏ ଯେ ନିତି ରାତିରେ ଆମ ଦୁଇଜଣଙ୍କ ମଧରୁ ଜଣେ ନିଶ୍ଚିତ ରୂପେ ଶ୍ରୀଅରବିନ୍ଦଙ୍କ ପାଖରେ ସବୁ ସମୟରେ ଜାଗ୍ରତ୍ ରହିଥିବୁ ।

''ଦିନେ ରାତିରେ ମୁଁ ତାଙ୍କ କକ୍ଷରେ ନଥିଲି । ଶ୍ରୀଅରବିନ୍ଦ ନୀରଦଙ୍କୁ ପଚାରିଲେ : 'ଚମ୍ପକଲାଲ ନାହିଁ କି ? ମୁଁ ଶୋଇ ପାରୁ ନାହିଁ ।' ନୀରଦ ତତ୍‌କ୍ଷଣାତ୍ କହିଲେ, 'ସେ ଟେରାସ୍‌ରେ ଅଛି । ମୁଁ ତାକୁ ଡାକିବି କି ?' ଶ୍ରୀଅରବିନ୍ଦ କହିଲେ : 'ହଁ ।' (ଶ୍ରୀଅରବିନ୍ଦ ଓ ନୀରଦଙ୍କ ମଧରେ ହୋଇଥିବା ଉପରୋକ୍ତ ବାକ୍ୟାଳାପ ସମ୍ବନ୍ଧରେ ନୀରଦ ମୋତେ ପରେ କହିଥିଲେ ।)

''ମୁଁ ଯେତେବେଳେ ତାଙ୍କ ଶଯ୍ୟା ପାଖରେ ଆସି ହାଜର ହେଲି, ସେ ତାଙ୍କ ଶରୀରରେ ଯେଉଁସବୁ ସ୍ଥାନରେ ମଶା କାମୁଡ଼ି ଥିଲେ ସେସବୁକୁ ଦେଖାଇଲେ । ମୁଁ ତାଙ୍କ ଶରୀରରେ ମଲମ ଘଷି ଦେଉଥିବା ସମୟରେ ସେ ମୋତେ କହିଲେ, 'ଏମାନେ ସବୁ ସାଧାରଣ(ordinary) ମଶା ନୁହଁନ୍ତି; ସେଇଥି ସକାଶେ ମୁଁ ଶୋଇପାରୁ ନଥିଲି ।' ମୁଁ ସେଦିନ ୧ଟା ୩୨ ମିନିଟରୁ ୧ଟା ୫୨ ମିନିଟ ପର୍ଯ୍ୟନ୍ତ ମଲମ ମାଲିସ କରିଥିଲି । ଆଜିକାଲି ପ୍ରତି ଦିନ ରାତିରେ ଏଭଳି ଘଟଣା ଘଟି ଚାଲିଛି ।''

(ibid : page. 228)

ଏବେ ନୀରଦଙ୍କର ବର୍ଣ୍ଣନାରୁ : ''ମଶାମାନଙ୍କର ପ୍ରଜନନ ଋତୁରେ ଯେତେବେଳେ ସେମାନଙ୍କର ସୈନ୍ୟ ବିଭାଗ ଉଚ୍ଚତମ ଶିଖରରେ ପହଞ୍ଚେ, ମା' ରାତିରେ ତାଙ୍କର କାର୍ଯ୍ୟ ବିରତି ପୂର୍ବରୁ ଗୋଟିଏ ଗୋଲାକାର ପଦାର୍ଥ ଆଣି ଫୁଟାନ୍ତି – ସତେ କି ତାହା ଏକ 'ବାଷ୍ପ ବୋମା' । ଏକ ତୀବ୍ର ଗନ୍ଧଯୁକ୍ତ ଶ୍ୱେତଧୂମର ପ୍ରଚୁର ବିସ୍ଫୋରଣରେ ପ୍ରକୋଷ୍ଠଟି ପୂରିଯାଏ ଓ ଅଳ୍ପ ସମୟ ପରେ ପୁଣି ନିର୍ମଳ ହୋଇଯାଏ । ସିଲିଂ ପଙ୍ଖାଟିଏ ଖଞ୍ଜା ହେଲା ପରେ ଅବଶ୍ୟ ଏହି ଅମାର୍ଜିତ କୌଶଳ ସବୁ ତ୍ୟକ୍ତ ହେଲା । ଦିବାଭାଗରେ ଯେତେବେଳେ ମଶାଗୁଡ଼ିକ ତାଙ୍କ ଚତୁର୍ଦ୍ଦିଗରେ ଗୁଣୁ ଗୁଣୁ ଶବ୍ଦ କରି ଉଡ଼ି ବୁଲୁଥା'ନ୍ତି କିଂବା ତାଙ୍କ ପାଦରେ ବସିବାକୁ ଯାଉଥା'ନ୍ତି ଆମେ ତାଳି ଦ୍ୱାରା ସେଗୁଡ଼ିକୁ ମାରିବା ଉଦ୍ଦେଶ୍ୟରେ ଧାଇଁଯାଉ । ବେଳେବେଳେ ସେ ପଚାରନ୍ତି, 'ପାଇଲ ?' ଏବଂ ଆମେ ଯେତେବେଳେ ଉତ୍ତର ଦେଉ 'ହଁ', ଆମର ପୁରସ୍କାର ହୋଇଥାଏ ସମ୍ମତିସୂଚକ ମୃଦୁହାସ୍ୟଟିଏ ।

ଆଉ ଏକ ପ୍ରକାର ଆପଦସୃଷ୍ଟିକାରୀଙ୍କର ଅନଧିକାର ପ୍ରବେଶ ଆମକୁ ସହିବାକୁ ପଡୁଥିଲା । ସାରା ଆଶ୍ରମରେ, ଡାଇନିଂ ରୁମ୍‌ରେ, ବେକେରିରେ ଏବଂ ଅନ୍ୟ କେତେକ ବାସଗୃହରେ ଗୋଟିଏ ପ୍ରକାର ଈଷତ୍ ଧଳା, ପାଉଁଶିଆ ଓ କଳା ରଙ୍ଗର ମାଛିର ଦଳ କେଉଁଠୁ ହଠାତ୍ ଆସି ପହଞ୍ଚି ତାଙ୍କ ଆଗରେ ଯାହା ପଡ଼ିଲା ତାକୁ ଚାଟି, ଅପରିଷ୍କାର କରି ନିର୍ବିଚାରରେ କଳୁଷିତ କରିବାରେ ଲାଗିଲେ । ସେମାନେ ଖାଦ୍ୟ ଜିନିଷ ଉପରେ ନ ହେଲେ ମଣିଷ ଉପରେ ମଧ ବସିଯାଆନ୍ତି, ସେ ବ୍ୟକ୍ତିଟି ଯିଏ ବି ହୋଇଥାଉ ନା କାହିଁକି । ଶ୍ରୀଅରବିନ୍ଦ ଏବଂ ତାଙ୍କ ପ୍ରକୋଷ୍ଠ ବି ସେଥିରୁ ବାଦ୍ ପଡୁ ନ ଥିଲେ । ମାଛି, ଏକ ପ୍ରକାର ବିଷାକ୍ତ ପତଙ୍ଗ (silver fish), ଅସରପା – ଏମାନେ ଏକେବାରେ ନିଷିଦ୍ଧ, କୌଣସିମତେ ସେମାନଙ୍କୁ ସହ୍ୟ କରାଯାଇ ପାରେନା । ଏଗୁଡ଼ିକ ମଧରୁ ମାଛି ଯେ ସବୁଠୁଁ ବଡ଼

ଶତ୍ରୁ, ତାହା ସମସ୍ତେ ଜାଣନ୍ତି । ସେମାନଙ୍କ ସମ୍ପର୍କୀୟ ଭାଇଭଉଣୀ ମଶାମାନଙ୍କ ଭଳି ଏମାନେ କାମୁଡ଼ନ୍ତି ନାହିଁ ସତ, କିନ୍ତୁ ଏମାନେ ସବୁପ୍ରକାର ସଂକ୍ରାମକ ରୋଗର ବାହକ; କାମୁଡ଼ନ୍ତିନି ସିନା, କିନ୍ତୁ ଆମ ଭୌତିକ ମନର ଅଭ୍ୟାସଗୁଡ଼ିକ ଭଳି ଲାଖିହିଁ ରହନ୍ତି । ତେଣୁ ସେମାନଙ୍କ ବିରୋଧରେ ଏକ ପ୍ରଚଣ୍ଡ ଅଭିଯାନ ଆରମ୍ଭ ହେଲା । ଏକ ପ୍ରକାର ଅଠାଲଗା ପତ୍ର ସବୁ ଦ୍ୱାରରେ ଝୁଲିବାରେ ଲାଗିଲା । ଆଉ ଗୋଟିଏ ଫଳପ୍ରସୂ କୌଶଳ ହେଲା ଭିତରେ ଘୂର୍ଣ୍ଣନଶୀଳ ଚକଯୁକ୍ତ ଗୋଟିଏ ପ୍ରକାର ବାକ୍ସ । ବୋଧହେଲା, ମାଛିମାନଙ୍କର ରାଣୀ ପଶ୍ଚାତ୍ ଗମନର ସଙ୍କେତ ଘୋଷଣା କଲେ । ଅତି ମଜାର ବିଷୟ ଯେ ଏସବୁର ଏକ ଯାଦୁକରୀ ପରିଣାମ ଘଟିଲା । ଏମିତି କେତେକ ସୂକ୍ଷ୍ମସତ୍ତା ଅଛନ୍ତି ଯେଉଁମାନେ କି ପ୍ରାଣୀ ଓ ପତଙ୍ଗଜାତି ଉପରେ ସଭାପତିତ୍ୱ କରନ୍ତି । ମାଛି-ରାଜ୍ୟର ରାଣୀଥିବା ସତ୍ତାଟି ମା'ଙ୍କ ନିକଟକୁ ଆସି କୃପା ପ୍ରାର୍ଥନା କଲା । ଶ୍ରୀଅରବିନ୍ଦଙ୍କ ପ୍ରକୋଷ୍ଠକୁ ଯେତେବେଳେ ସେମାନେ ଅପବିତ୍ର କରିବାକୁ ଲାଗିଲେ, ଆମର ଆଉ ସେମାନଙ୍କ ପାଇଁ କୃପା ନ ଥିଲା । ଆମର ମାଛିମରା ତାଳି ନିୟତ ଲାଗିରହିଲା । ଆମେ ଜାଣୁ, ଶ୍ରୀଅରବିନ୍ଦ କସ୍ମିନ୍‌କାଳେ ଅହିଂସାର ଭକ୍ତ ନ ଥିଲେ । ମାଛିମାନଙ୍କର ଘୂର୍ଣ୍ଣନଯୁକ୍ତ ନୃତ୍ୟକୁ ଆଦର ସହକାରେ ଗ୍ରହଣ କରିବାର ମତିଗତି ଆମର ନ ଥିଲା – ବିଶେଷ କରି ସେମାନଙ୍କର ସେ ନୃତ୍ୟ ପୁଣି ଶ୍ରୀଅରବିନ୍ଦଙ୍କର ଚତୁର୍ଦ୍ଦିଗରେ, ଯାହାଙ୍କର ଶରୀର ସେହି ଗୁଞ୍ଜନ ପ୍ରତି ଶିଶୁର ଶରୀରତୁଲ୍ୟ ସ୍ପର୍ଶକାତର । ଯାହାହେଉ ବାଣ ଫୁଟିଲା ଭଳି ଅବିରତ ତାଳି ଶବ୍ଦ ତାଙ୍କର ସେହି ବିଶାଳ ନୀରବତାରେ ଦାଗ ଆଙ୍କି ପାରି ନ ଥିଲା । ଥରେ ଗୋଟିଏ ଭ୍ରମର ଗୁଣୁ ଗୁଣୁ ଶବ୍ଦ କରି ପ୍ରକୋଷ୍ଠରେ ପ୍ରବେଶ କଲା ଓ ଶ୍ରୀଅରବିନ୍ଦ ଶଯ୍ୟା ଉପରେ ବସିଲା କ୍ଷଣି ଚତୁର୍ଦ୍ଦିଗରେ ଚକ୍ରାକାରରେ ଘୂରି ବୁଲିବାର ସଉକ ତା'ର ହେଲା । ତାଙ୍କୁ ସେଥିରୁ ରକ୍ଷା କରିବା ପାଇଁ ଆମେ ଧାଇଁଲୁ !

''ମୁଁ ଆଗରୁ କହିଛି ଶ୍ରୀଅରବିନ୍ଦ ତାଙ୍କ ଶରୀରର ଊର୍ଦ୍ଧ୍ୱଭାଗକୁ ପ୍ରାୟ ସର୍ବଦା ଉନ୍ମୁକ୍ତ ରଖୁଥିଲେ । ଏଇଥିରେ ଏବଂ ଅନ୍ୟ କେତେଗୁଡ଼ିଏ ବିଷୟରେ ସେ ବହୁତ ବେଶୀ ଭାରତୀୟ ଥିଲେ, ଯଦିଓ ସେ ଇଂରେଜ ରୀତିନୀତିରେ ବଢ଼ିଥିଲେ । ଉଦାହରଣସ୍ୱରୂପ, ପ୍ରକୋଷ୍ଠ ଭିତରେ ଚପଲ ବ୍ୟବହାର କରିବାର ଅଭ୍ୟାସ ତାଙ୍କର ନ ଥିଲା । ସେ ସବୁବେଳେ ନଗ୍ନପାଦରେ ରହୁଥିଲେ । ତାଙ୍କୁ ଥରେ ଯୋଡ଼ାଏ ଚପଲ ଦିଆହେବାରୁ ସେ କହିଲେ, 'ମୁଁ ସେଗୁଡ଼ିକ ବ୍ୟବହାର କରେ ନାହିଁ । ନଳିନୀକୁ ଦେଇଦିଅ – ସେ ଜୋତା ଭଲପାଏ ।' ପ୍ରଚଣ୍ଡ ଶୀତବେଳେ ଆମେ ତାଙ୍କୁ ଖାଲି ଗୋଟିଏ ଚାଦର ବ୍ୟବହାର କରିବାର ଦେଖିଛୁ । ମୋତେ କେମିତି ଟିକିଏ ଜଟିଳ ବୋଧ ହେଉଥିଲା ଯେ ସେ ଶୋଇଲା ବେଳେ ସବୁବେଳେ ତାଙ୍କର ପାଦ ଦୁଇଟି ଚାଦରରୁ ବାହାର କରି ରଖୁଥିଲେ । ଏହା ବେଶ୍ ଅଡୁଆ ଲାଗେ, କାରଣ ଦେହର ଅନ୍ୟ ଅଂଶଠୁଁ ପାଦରେହିଁ ଆମର ବେଶୀ ଥଣ୍ଡା ଲାଗିଥାଏ । ବ୍ୟାପାରଟି ଏହି ଇଙ୍ଗିତ ଦିଏ କି – ପ୍ରତି ମୁହୂର୍ତ୍ତରେ, ରାତ୍ରିକାଳରେ ମଧ୍ୟ ଭଗବାନଙ୍କ ପଦଦ୍ୱୟ ପ୍ରୟୋଜନକାରୀ ବ୍ୟକ୍ତିଙ୍କ ପାଇଁ, ଭକ୍ତ ପାଇଁ ପୋତାଶ୍ରୟ ରୂପେ ମିଳିବା ଉଚିତ ? ବହୁ ସତ୍ତା ସେମାନଙ୍କର ସୂକ୍ଷ୍ମ ଶରୀରରେ ଶ୍ରୀଅରବିନ୍ଦଙ୍କ ପାଦଦ୍ୱୟରେ ସେମାନଙ୍କର ପ୍ରଣତି ଜଣାଇବାକୁ ଆସୁଥିଲେ ବୋଲି ଅନୁମାନ କରିବା ଅତ୍ୟନ୍ତ କାଳ୍ପନିକ ହେବ ନାହିଁ । ମୋର ଏ ଅନୁମାନ ସମ୍ପୂର୍ଣ୍ଣ ଏକ ରୂପକଥା ନୁହେଁ, କାରଣ ଆମେ ମା'ଙ୍କ ଠାରୁ ଜାଣିଛୁ ଯେ ଶ୍ରୀଅରବିନ୍ଦ ସୂକ୍ଷ୍ମଭୌତିକ ସ୍ତରରେ ଏବେ ଏକ ଗୃହ ନିର୍ମାଣ କରିଛନ୍ତି ଏବଂ ଆମ ଭିତରୁ ଅନେକେ ନିଜ ସୂକ୍ଷ୍ମଶରୀରରେ ତାଙ୍କୁ ସେଠାରେ ଦର୍ଶନ କରିବା ପାଇଁ ରାତ୍ରିକାଳରେ ଯାଉ । ମା' ମଧ୍ୟ ଆମକୁ କହିଛନ୍ତି ଆମ ନିଦ୍ରାକାଳରେ ସେ ଆମକୁ ଆସି ଦର୍ଶନ ଦିଅନ୍ତି, ଆମେ ବି ତାଙ୍କୁ ଦର୍ଶନ କରିବାକୁ ଯାଉ । ସକାଳେ ସେ ଅଧିକାଂଶ ସମୟରେ ପଚାରନ୍ତି, 'ତୁମେ ସେ ବିଷୟରେ କିଛି ଜାଣ ତ ?' ତେଣୁ ଏଗୁଡ଼ିକ ଯେହେତୁ ସତ୍ୟ, ସତ୍ତାମାନେ ବି ସୂକ୍ଷ୍ମଶରୀରରେ ଶ୍ରୀଅରବିନ୍ଦଙ୍କୁ ପ୍ରଣାମ ଜଣାଇବାକୁ ଆସିପାରନ୍ତି । କିନ୍ତୁ ପ୍ରଶ୍ନ ଉଠିପାରେ ପଦଦ୍ୱୟ ନଗ୍ନ କାହିଁକି ? ସେଥିପାଇଁ ମୋର ଉତ୍ତର ହେବ, 'ତାହା ଭାରତୀୟ ରୀତି ।'

''ଅଧିକାଂଶ ସମୟରେ ଏହି ପ୍ରଶ୍ନଟି ପଚରାଯାଇଥାଏ, 'ସେ ରାତିରେ ଶୋଉ ଥିଲେ କି ?' ବାହ୍ୟ ଲକ୍ଷଣରୁ ଯେତିକି ବୁଝାଯାଏ, ସେ ଶୋଉଥିଲେ ନିଶ୍ଚୟ ଓ ବେଶ୍ ଯଥେଷ୍ଟ । ମା' ଓ ଶ୍ରୀଅରବିନ୍ଦ ସ୍ୱାସ୍ଥ୍ୟରକ୍ଷାର ସାଧାରଣ ନିୟମାବଳିର ପାଳନ ସମ୍ବନ୍ଧରେ ସର୍ବଦା ବେଶ୍ ଜୋର୍ ଦେଉଥିଲେ । ଆମର ଭଲ ଭାବରେ ଖାଇବା ଓ ଶୋଇବା ଉଚିତ । ତେଣୁ ଖାଦ୍ୟ ପାଇଁ ଶାରୀରିକ ପ୍ରୟୋଜନୀୟତା ଥିଲାବେଳେ, ନିଦ୍ରାର ପ୍ରୟୋଜନୀୟତା ବି ଥାଇପାରେ – ଯେଉଁଳି ଆମ କ୍ଷେତ୍ରରେ, କିନ୍ତୁ ତହିଁରେ ପାର୍ଥକ୍ୟ ଥାଇ । କାରଣ ଆମର ନିଦ୍ରା ନିଶ୍ଚେତନା

ମଧ୍ୟରେ ସମ୍ପୂର୍ଣ୍ଣ ନିମଜ୍ଜନ, ଯେଉଁଠିକି ଆମେ ସବୁକିଛି ଭୁଲିଯାଉ, ମାତ୍ର ଜଣେ ଯୋଗୀର ନିଦ୍ରା ସଚେତନ ନିଦ୍ରା । ଏଭଳି ବି ଏକ ଅବସ୍ଥା ଅଛି ଯେତେବେଳେ ଭୌତିକ ଶରୀର ଦୃଶ୍ୟତଃ ନିଦ୍ରାଗତ, କିନ୍ତୁ ସୂକ୍ଷ୍ମଶରୀର ବିଭିନ୍ନ ବ୍ୟକ୍ତିଙ୍କୁ ସାକ୍ଷାତ୍ କରିବାକୁ ବାହାରିଯାଏ । ମା' କହୁଥିଲେ ସେ ତାଙ୍କର ଅଧିକାଂଶ ସୂକ୍ଷ୍ମସ୍ତରୀୟ କାର୍ଯ୍ୟ ଏହି ଭାବରେହିଁ ରାତ୍ରିକାଳରେ କରିଥା'ନ୍ତି । ଶ୍ରୀଅରବିନ୍ଦ ମୋତେ ଲେଖିଥିଲେ, 'ଅତୀତରେ ମା ଯେତେବେଳେ ସମାଧି ଅବସ୍ଥାରେ ରାତ୍ରିଯାପନ କରୁଥିଲେ ଓ ଆଶ୍ରମରେ କାର୍ଯ୍ୟ କରୁ ନଥିଲେ, ସେ ତାଙ୍କ ସହ ପ୍ରତ୍ୟେକଙ୍କ ଜୀବନରେ ଘଟୁଥିବା ଘଟନାର ଜ୍ଞାନ ଧରି ଫେରୁଥିଲେ । ... ଅନ୍ୟ କେହି ମୋତେ କୌଣସି ଘଟନା ସମ୍ବନ୍ଧରେ ଜଣାଇବା ପୂର୍ବରୁ ମୁଁ ଅଧିକାଂଶ ସମୟରେ ମା'ଙ୍କଠୁ ସେକଥା ଜାଣୁଥିଲି ।'*

''ଏ ହେଲା ଶ୍ରୀଅରବିନ୍ଦଙ୍କର ବାହ୍ୟଜୀବନର ସର୍ବମୋଟ ଚିତ୍ର – ଯେଭଳି ଆମେ ଦେଖିଥିଲୁ, ଯେଭଳି ଆମେ ତାଙ୍କ ସହ ବାରବର୍ଷ ବାସ କରିଥିଲୁ । କେବଳ ପରିସ୍ଥିତିଜନିତ ସାମାନ୍ୟ ପରିବର୍ତ୍ତନକୁ ବାଦ୍ ଦେଲେ ମୋଟାମୋଟି ଏହି କାର୍ଯ୍ୟସୂଚୀ ଶେଷ ପର୍ଯ୍ୟନ୍ତ ରହିଥିଲା । ମୁଁ ତାଙ୍କର ଆଭ୍ୟନ୍ତରୀଣ ଜୀବନ ବିଷୟରେ କିଛି ବି କହି ନାହିଁ । କାରଣ ସେହି ବିଶାଳ ରହସ୍ୟମୟ କ୍ଷେତ୍ରକୁ ଜାଣିବାର ଦୃଷ୍ଟି ବା ବୋଧ ମୋତେ ଦିଆଯାଇ ନଥିଲା; ଅର୍ଜୁନଙ୍କ ଭଳି ତାଙ୍କର 'ବିଶ୍ୱରୂପ' ଦର୍ଶନ କରିବାର ଅଦ୍ୱିତୀୟ ସୌଭାଗ୍ୟ ବି ମୋର ହୋଇ ନଥିଲା – କେବଳ ତାଙ୍କ ଦେବୋପମ ଭଙ୍ଗୀ ଈଷତ୍ ଦୃଷ୍ଟିଗୋଚର ହୋଇଥିଲା ଯାହା । ଶ୍ରୀଅରବିନ୍ଦ ମୋତେ ବାରଂବାର ସ୍ମରଣ କରାଇ ଦେଉଥା'ନ୍ତି ଯେ ମୋର ଶାରୀରିକ ଆବରଣଟି ଅତ୍ୟନ୍ତ ଘନ । ତଥାପି ଆନନ୍ଦ, ଶାନ୍ତି, ଆଲୋକ ଓ ଶକ୍ତି ଯାହାକି ଆମକୁ ଅବିରତ ପରିପୁଷ୍ଟ କରି ଆସୁଥିଲା – ସେଗୁଡ଼ିକ ତାଙ୍କର ନୀରବ ସାନ୍ନିଧ୍ୟରୁହିଁ କେବଳ ଆସିପାରୁଥିଲା । ଲୋକେ ମନ୍ତବ୍ୟ ଦେଉଥିଲେ ଆମେ ଅନ୍ୟ ଜଗତର ବ୍ୟକ୍ତି ଭଳି ବୋଧ ହେଉଥିଲୁ । ଦୁର୍ଭାଗ୍ୟବଶତଃ କିଛି ବର୍ଷ ଅତିବାହିତ ହେବା ପରେ ପରେ ସେହି ଉଜ୍ଜ୍ୱଳତା ଓ ଆନନ୍ଦ ସ୍ଥାନରେ ଏକ ଗୁରୁ ଗମ୍ଭୀରତା ସୃଷ୍ଟି ହେଲା ଏବଂ ଏକ ବିଷାଦର ଛାୟା ଆମକୁ ଘେରି ରହିଲା ଯଦିଓ ସେ ସମୟରେ ଆମେ ତାହାର କାରଣ ବୁଝିପାରି ନ ଥିଲୁ । ତା'ଛଡ଼ା ଆମ ମାନବୀୟ ପ୍ରକୃତିର ଅଭ୍ୟନ୍ତର ଅନ୍ଧକାର ତା'ର ବିକଟ ମୁଖ ବ୍ୟାଦାନ କରି ରହୁଥିଲା, 'ନଶ୍ୱରତା କରେ ନା ଧାରଣ ଶାଶ୍ୱତର ସ୍ପର୍ଶ ।' ('Mortality bears ill the Eternal's touch.') ଶ୍ରୀଅରବିନ୍ଦ ଅବଶ୍ୟ ରହିଥିଲେ 'ସମମ୍ ବ୍ରହ୍ମ' ହୋଇ । ଆମର ଦୋଷଦୁର୍ବଳତା ସେ ପୂର୍ବରୁହିଁ ଊର୍ଦ୍ଧ୍ୱରୁ ଦେଖିଥିଲେ ଏବଂ ଯେତେବେଳେ ଆମକୁ ତାଙ୍କର ସେବା ପାଇଁ ଗ୍ରହଣ କଲେ ସେଥି ପ୍ରତି ସେ ପ୍ରସ୍ତୁତ ଥିଲେ; ସେ କେବେ ବି ବିରକ୍ତିଭାବ ପ୍ରଦର୍ଶନ କରି ନଥିଲେ । ପକ୍ଷାନ୍ତରରେ, ସେ ଆମମାନଙ୍କୁ କ୍ଷମା ଦେଇଥିଲେ । ଯଦିଓ ସେ ସ୍ୱଭାବତଃ ନୈର୍ବ୍ୟକ୍ତିକ ଥିଲେ, କଥା କହିଲାବେଳେ ଖୁବ୍ କ୍ୱଚିତ୍ ଆମ

* ଏଠାରେ ଘଟଣାଟି ପ୍ରାସଙ୍ଗିକ ହୋଇପାରେ : ଜଣେ ତରୁଣ ସାଧକ ଆଶ୍ରମକୁ ଆସି ବେଶ୍ କିଛି ଦିନ ଖୁସୀରେ କଟାଉଥା'ନ୍ତି । ତାଙ୍କର ଅଭିଭାବକ, ଜଣେ ବୟୋଜ୍ୟେଷ୍ଠ ଅନ୍ତେବାସୀ ଶ୍ରୀମା'ଙ୍କୁ ତା'ର ସ୍ଥାୟୀ କାମର ବନ୍ଦୋବସ୍ତ କରିବା ସକାଶେ ମିନତି ଜଣାଇଲେ । ଶ୍ରୀମା ଟିକିଏ ଆଶ୍ଚର୍ଯ୍ୟ ହୋଇ କହିଲେ, 'କାହା ପାଇଁ ତୁମେ କାମ ଚାହୁଁଛ ? ସିଏ ତ ଗତ ୧୯ଦିନ ଧରି ରାତି ଅଧରେ ଘରର ଛାତକୁ ଉଠି ଏଠାରୁ କିପରି ପଳାଇବ ଭାବି କନ୍ଦାକଟା କରୁଛି !' ଅଭିଭାବକ ଜଣଙ୍କ ସ୍ୱସ୍ଥାନକୁ ଫେରିଆସି ତରୁଣଟିକୁ ଏ ସମ୍ବନ୍ଧେ ଜାଣିବା ଉଦ୍ଦେଶ୍ୟରେ ତାକୁ ପଚାରିଲେ, 'ତୁମେ କ'ଣ ମା'ଙ୍କୁ ଚିଠି ଲେଖିଥିଲ ?' – 'ନାଁ, ତ; କାହିଁକି ପଚାରୁଛ ?' – 'ମୁଁ ତୁମ ସକାଶେ ମା'ଙ୍କୁ ସ୍ଥାୟୀ କାମ ଚାହିଁବାରୁ ସେ ମୋତେ ଆଶ୍ଚର୍ଯ୍ୟ ହୋଇ କହିଲେ ଯେ ତୁମେ ଗତ ୧୯ଦିନ ଧରି ଅଧରାତିରେ ଛାତକୁ ଯାଇ କନ୍ଦାକଟା କରୁଛ, କିମିତି ଏଠାରୁ ପଳାଇବ ?' – ତରୁଣଟି ହତବାକ୍ ହୋଇ ମନେ ମନେ ଗଣିନେଲା ଯେ ସତକୁ ସତ ଗତ ୧୯ଦିନ ଧରି ସେ ଏହା କରିଛି । କିନ୍ତୁ ବିଡ଼ମ୍ବନା ହେଉଛି ଉପରୋକ୍ତ କଥା ଜାଣିବା କ୍ଷଣି ତା' ଦେହରେ ଘୋଡ଼ାଇ ରହିଥିବା ଏକ ଢିଲା ଧୂସର ଓଜନିଆ ପୋଷାକ ସଦୃଶ କିଛି ବସ୍ତୁ ତତ୍‌କ୍ଷଣାତ୍ ଖସି ପଡ଼ିଲା ଏବଂ ତା'ର ଅନ୍ତରରୁ ସ୍ୱତଃ ସ୍ଫୁରି ଉଠିଲା, 'କିଏ ଏଇ ମା !' ସେହିଦିନ ତରୁଣଟି (ରବୀନ୍) ଶ୍ରୀଅରବିନ୍ଦଙ୍କ ନିକଟରୁ ମନ୍ତ୍ରପୂତ ଚିଠିଟି ପାଇଲେ : '(ମର୍ମାର୍ଥ) ରବୀନ୍, ତୁମେ ଏଠାରୁ ଯେତେବେଳେ ଚାହିଁବ ଚାଲିଯିବାକୁ ତୁମେ ଚାଲିଯାଇ ପାର, ତୁମେ ସମ୍ପୂର୍ଣ୍ଣ ମୁକ୍ତ; କିନ୍ତୁ ଯିବା ପୂର୍ବରୁ ଆଶ୍ରମର କର୍ମସ୍ରୋତର ବାତାବରଣରେ ପ୍ରବେଶ କରିବାକୁ ଚେଷ୍ଟା କର ।'

– ରବୀନ୍ ଆଜୀବନ ଆଶ୍ରମରେହିଁ ବିତାଇଥିଲେ । – ସଂଗ୍ରାହକ

ଆଡ଼େ ଅନାଉ ଥିଲେ, କିଛି ଜିନିଷ ମାଗିଲା ବେଳେ ଆମର ନାମ ଧରି ଖୁବ୍ କ୍ୱଚିତ୍ ଡାକୁଥିଲେ, ତଥାପି ତାଙ୍କର ସାନ୍ନିଧ୍ୟରେ ଥିଲା ଏକ ଅନିର୍ବଚନୀୟ ମଧୁରତା । ଆମ ନିଜ ନିଜର ଜନ୍ମଦିନରେ ବା ଦର୍ଶନ ଦିନମାନଙ୍କରେ ପିତୃସୁଲଭ କିଂବା ମିତ୍ରସୁଲଭ ସ୍ନେହ, ପ୍ରେମରେ ବିଗଳିତ ହୋଇ ପୂର୍ବରୁ ଯାହା ବାହ୍ୟତଃ ପ୍ରକାଶ କରି ନଥା'ନ୍ତି, ସେଦିନ ତାହା ଦେଇ କ୍ଷତିପୂରଣ କରିଦିଅନ୍ତି । ଆମ ମୁଣ୍ଡ ଆଉଁଶି ଦିଅନ୍ତି, ମଖମଲ ପରି ତାଙ୍କର କୋମଳ ହାତଟିଏ ଆମ ମୁଣ୍ଡ ଉପରେ ଦୀର୍ଘ କ୍ଷଣ ଧରି ରଖନ୍ତି, ତାଙ୍କର ମଧୁର ବ୍ୟକ୍ତିତ୍ୱର କୋମଳତା ସହ ଆମର ଚକ୍ଷୁ ମଧ୍ୟକୁ ଦୃଷ୍ଟିନିକ୍ଷେପ କରନ୍ତି । ସତ୍ୟେନ୍ଦ୍ର ମୋତେ କହୁଥିଲେ ଯେ ସେ ଯେତେବେଳେ ତାଙ୍କ ଜନ୍ମଦିନରେ ଶ୍ରୀଅରବିନ୍ଦଙ୍କ ହସ୍ତରେ କିଛି ଅତର ଲଗାଇ ଦିଅନ୍ତି, ସେ ତାଙ୍କର ଅନ୍ୟ ହସ୍ତଟି ବଢ଼ାଇ ଦିଅନ୍ତି । ତାଙ୍କର ଅବିରତ ନୀରବ ପ୍ରେମ ଓ କରୁଣାର ଚିତ୍ର ଆମ ହୃଦୟର ଗଭୀରତାରେ ଚିର ଦେଦୀପ୍ୟମାନ ।''

('ଶ୍ରୀଅରବିନ୍ଦଙ୍କ ସହ ବାରବର୍ଷ', ପୃଷ୍ଠା : ୫୫ - ୫୯)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑


"To be one with all Nature and all beings, this is Yoga."

*(The Hour of God, p. 15)* - Sri Aurobindo

**Collected Works of the Mother 17 Vols. (CR) (PB)** **– Rs. 3500**

**The Great Adventure - A Diary for all times: (New Revised Edition)** **– Rs. 395**

**Ideal Child, Ideal Parent, Ideal Teacher (3in1) Booklet** **– Rs. 75**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***)** **– Rs. 50**

**125 Drops of Nectar – Daily Quotations by the**
**Divine Mother and Lord Sri Aurobindo** **– Rs. 150**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact No. : 0413 - 2334542, 2336673, 4205976, website: www.vakbooks.in

# ସତ୍‌ସଙ୍ଗ : ଜୀବନ-ଉନ୍ନତିର ସର୍ବଶ୍ରେଷ୍ଠ ଉପାୟ

**ରାମକୃଷ୍ଣ ଦାସ**

ଜୀବନରେ ଉନ୍ନତିର ସର୍ବଶ୍ରେଷ୍ଠ ଉପାୟ ହେଉଛି ସତ୍‌ସଙ୍ଗ । ମନୁଷ୍ୟକୁ ସତ୍‌ସଙ୍ଗ ପ୍ରାପ୍ତ ହେଲେ ତଥା ତାହାର ଯଥାଯଥ ଉପଯୋଗ କଲେ ସେ କେତେ ଉଚ୍ଚ ସ୍ତରକୁ ଆରୋହଣ କରିପାରେ, କେତେ ଅକଳ୍ପନୀୟ ଉନ୍ନତି କରିପାରେ ତାହା ଅନୁମାନ କରିବା କଠିନ ନୁହେଁ, ଅସମ୍ଭବ । ମନୁଷ୍ୟ ମଧ୍ୟରେ ସମସ୍ତ ଶକ୍ତି ସୁପ୍ତ ଅବସ୍ଥାରେ ବିଦ୍ୟମାନ ଥାଏ, ସେସବୁ କେବଳ ସତ୍‌ସଙ୍ଗ ଦ୍ୱାରା ଜାଗ୍ରତ୍ ଏବଂ ବିକଶିତ ହୋଇପାରେ । ଭଗବାନଙ୍କ କୃପାରୁ ମନୁଷ୍ୟକୁ ସତ୍‌ସଙ୍ଗ ପ୍ରାପ୍ତ ହେବା ପରେ ସେ ଯଦି ତାହା କ୍ରିୟାରେ ପରିଣତ ନ କରେ ତେବେ ବହୁତ ବଡ଼ ସୁଯୋଗ ହରାଏ । ଭଗବାନଙ୍କ କୃପାରୁ ବଞ୍ଚିତ ହୁଏ ।

ଯେବେ ଦ୍ରବହୁ ଦୀନ ଦୟାଲ
ରାଘବ ସାଧୁ ସଙ୍ଗତି ପାଇଏ ।
(ବିନୟ ପତ୍ରିକା)

''ଯେବେ ଦୀନ ଦୟାଳୁ ଶ୍ରୀରାମଚନ୍ଦ୍ରଜି କୃପା କରନ୍ତି ତେବେ ସାଧୁସଙ୍ଗ ପ୍ରାପ୍ତ ହୁଏ ।''

ସାଧୁସଙ୍ଗ ପ୍ରାପ୍ତ ହେବା ପରେ ମନୁଷ୍ୟ ଯଦି ନିଜର ଦୋଷ-ତ୍ରୁଟି, ଅଯୋଗ୍ୟତା ଦେଖି ଆଳସ୍ୟବଶତଃ ପ୍ରଯତ୍ନ ନକରେ ତେବେ ସେ ନିଜକୁ ପ୍ରବଞ୍ଚନା କରେ । ମନୁଷ୍ୟ ମଧ୍ୟରେ ଏପରି କୌଣସି ଦୁର୍ବଳତା, ଦୋଷତ୍ରୁଟି ନାହିଁ ଯାହା ସତ୍‌ସଙ୍ଗ ତଥା ପ୍ରଯତ୍ନ ଦ୍ୱାରା ଦୂର ହୋଇ ନପାରେ ।

ସଂସାରରେ ଅଧ୍ୟାତ୍ମ ମାର୍ଗରେ ଅଥବା ସାଂସାରିକ କାର୍ଯ୍ୟରେ ଯେ କେହି ଉନ୍ନତି କରିଛି, ଯେ କେହି ଶ୍ରେଷ୍ଠ ବ୍ୟକ୍ତି ହୋଇଛି ତାହା କେବଳ ସତ୍‌ସଙ୍ଗ ଦ୍ୱାରା । ଧ୍ରୁବ, ପ୍ରହ୍ଲାଦ, ନାରଦ, ବ୍ୟାସ, ବଶିଷ୍ଠ, ବାଲ୍ମୀକି, ଗୋସ୍ୱାମୀ ତୁଳସୀ ଦାସ ତଥା ଅନ୍ୟାନ୍ୟ ବହୁତ ସନ୍ଥ ମହାପୁରୁଷ, ବୀର, ଯୋଦ୍ଧା, ଶ୍ରେଷ୍ଠ ଦେଶନେତା, ଶ୍ରେଷ୍ଠ ବୈଜ୍ଞାନିକ ସତ୍‌ସଙ୍ଗ ଦ୍ୱାରା ଶ୍ରେଷ୍ଠ ସ୍ଥାନକୁ ପ୍ରାପ୍ତ ହୋଇ ଅଛନ୍ତି । କାଳିଦାସ କିପରି ମୂର୍ଖ ଥିଲେ, କିନ୍ତୁ ସତ୍‌ସଙ୍ଗ ତଥା ପ୍ରଯତ୍ନ ଦ୍ୱାରା ମହାନ୍ ପଣ୍ଡିତ ହୋଇ ପାରିଥିଲେ । ବାଲ୍ମୀକି ଦସ୍ୟୁ, ପ୍ରାଣୀ-ଘାତକ, ପ୍ରାଣୀର କଣ୍ଟକ, କ୍ରୂର, ନିର୍ଦୟ ଥିଲେ । ଘୋର ପାପରେ ତାଙ୍କ ଜୀବନ ବ୍ୟତୀତ ହେଉଥିଲା । ସତ୍‌ସଙ୍ଗ ଦ୍ୱାରା ସେ ମହାନ୍ ଋଷି ହୋଇ ପାରିଥିଲେ ଏବଂ ପ୍ରଥମ କାବ୍ୟ ରଚନା କରିଥିଲେ । ଗୋସ୍ୱାମୀ ତୁଳସୀଦାସ ରାମଚରିତ-ମାନସରେ କହିଛନ୍ତି :

ବାଲ୍ମୀକି ନାରଦ ଘଟ ଜୋନୀ ।
ନିଜ ନିଜ ମୁଖନି କହୀ ନିଜ ହୋନୀ ॥
— ବାଳ କାଣ୍ଡ

ଋଷି ବାଲ୍ମୀକି, ନାରଦ, ଘଟ-ଜୋନି-ଅଗସ୍ତ୍ୟ : ଯେପରି ଥିଲେ, ଯାହା ହୋଇଛନ୍ତି ନିଜ ନିଜ ମୁଖରେ ସ୍ୱୟଂ କହିଛନ୍ତି । ଏଠାରେ 'ବାଲ୍ମୀକି' ଚରିତ ଆଲୋଚନା କରିବା ।

## ବାଲ୍ମୀକି ଚରିତ

ବାଲ୍ମୀକି ବ୍ରାହ୍ମଣ ସନ୍ତାନ ଥିଲେ । ବାଲ୍ୟ ଅବସ୍ଥାରୁ ତାଙ୍କର କିରାତ ଦ୍ୱାରା ପାଳନ ପୋଷଣ ହୋଇଥିଲା । ସେ ଜଙ୍ଗଲରେ ନିବାସ କରୁଥିବାରୁ ସଙ୍ଗ-ଦୋଷରୁ ତାଙ୍କ ସ୍ୱଭାବ ଜୀବ-ଘାତକ ଦସ୍ୟୁ, ଡକାୟତରେ ପରିଣତ ହେଲା । ତାଙ୍କର ଆୟୁଧ ଥିଲା ଧନୁଶର, ଖଡ୍‌ଗ । ନିଜ ପରିବାର ପୋଷଣର ଉପାୟ ଥିଲା — ଜଙ୍ଗଲ ରାସ୍ତାରେ ଯିବା ବ୍ୟକ୍ତିଙ୍କୁ ବଧ କରି ସେମାନଙ୍କ ଧନ ଅପହରଣ କରିବା ଅଥବା ମାରିପିଟି ଧନ ଛଡ଼େଇ ନେବା । ତାଙ୍କର ପ୍ରକୃତି ଥିଲା ପଶୁତୁଲ୍ୟ ଜୀବ ବଧ କରି ପରିବାର ସହିତ ମାଂସ ଭକ୍ଷଣ କରିବା । ମନୁଷ୍ୟ ଅନ୍ୟାୟ ଆଚରଣ କଲେ ତାହା ସ୍ୱଭାବରେ ପରିଣତ ହୋଇଯାଏ । ବାଲ୍ମୀକିଙ୍କର ଜୀବନରେ ଠିକ୍ ଏହିପରି ଘଟିଥିଲା । ସେ ଏହି ନିନ୍ଦନୀୟ ହିଂସ୍ରକର୍ମ ବାଲ୍ୟ ଅବସ୍ଥାରୁ ଆଚରଣ କରୁଥିବାରୁ ଏହି ଭୟଙ୍କର ଜଘନ୍ୟ କର୍ମ ତାଙ୍କୁ ବ୍ୟଥା ଦେଉ ନ ଥିଲା । ସେ ଜଙ୍ଗଲୀ ଶୂଦ୍ରା କନ୍ୟାର ପାଣି ଗ୍ରହଣ କରିଥିଲେ । ତା'ଠାରୁ ସନ୍ତାନ ଉତ୍ପନ୍ନ ହେବାରୁ ତାଙ୍କର ପାଳନ ପୋଷଣାର୍ଥେ ଅଧିକ ଜୀବ ବଧ କରିବାକୁ ପଡ଼ିଲା । ମନୁଷ୍ୟ ହିଂସା କରିବା ଦ୍ୱାରା ତା'ର ବିବେକ ବୁଦ୍ଧି ନଷ୍ଟ ହୋଇଯାଏ । ତା'ର ଶରୀର ଥାଏ ମନୁଷ୍ୟର, ଚେତନା ହୁଏ ପଶୁର । ତା' ଦୃଷ୍ଟିରେ ସାଧୁ-ସନ୍ଥ, ଦେବତା-ବ୍ରାହ୍ମଣ ସବୁ ସମାନ — ତା'ର ଶିକାରର ପାତ୍ର ।

ଦିନେ ସପ୍ତ ଋଷି ସେହି ଜଙ୍ଗଲ ମାର୍ଗରେ ଯିବା

ସମୟରେ ଦସ୍ୟୁ ଦୂରରୁ ଡାକିଲା, ''ଓ ପଥିକ, ଛିଡ଼ା ହୁଅ, ଅନ୍ୟଥା ଦେଖ, ଏହି ତୀରରେ ତୁମ ଶରୀର ବିଦ୍ଧ ହୋଇଯିବ ।'' ଏହା ଶୁଣି ସପ୍ତର୍ଷି ନିର୍ଭୟ ନିର୍ବିକାର ଚିତ୍ତରେ ଛିଡ଼ା ହେଲେ । ଦସ୍ୟୁ ପାଖରେ ପହଞ୍ଚିଲା । କହିଲା, ''ତୁମ୍ଭ ପାଖରେ ଯାହାଅଛି ରଖିଦିଅ ।'' ଋଷି କହିଲେ, ''ଆମ୍ଭ ପାଖରେ ବଲ୍‌କଲ ବସ୍ତ୍ର ତଥା କମଣ୍ଡଳୁ ଛଡ଼ା ଆଉ କିଛି ନାହିଁ ।''

ଦସ୍ୟୁ – ''ଏସବୁ ରଖିଦିଅ ।''

ଋଷି – ''ଏହା ତୁ କ'ଣ କରିବୁ ?''

ଦସ୍ୟୁ – ''ଏହା ଦ୍ୱାରା ମୋ ପରିବାରର ପାଳନ ପୋଷଣ ହେବ ।''

ଋଷି – ''ପରିବାର ସକାଶେ ତୁ ଯେଉଁ ଜଘନ୍ୟ ପାପ କରୁଛୁ, ସେମାନେ କ'ଣ ସେ ପାପର ଭାଗୀ ହେବେ ?''

ଦସ୍ୟୁ – ''ନିଶ୍ଚୟ ହେବେ, ସେମାନେ ଯେ ଏହି ପାପାର୍ଜିତ ଧନ ଗ୍ରହଣ କରୁଛନ୍ତି ।''

ଋଷି – ''ଏହା ତୋର ନିଜର ଧାରଣା ନା ସେମାନଙ୍କୁ କେବେ ପଚାରିଛୁ ?''

ଦସ୍ୟୁ – ''ନା କେବେ ପଚାରି ନାହିଁ; କିନ୍ତୁ ମୋର ଦୃଢ଼ ବିଶ୍ୱାସ ଯେ ସେମାନେ ମୋ ପାପର ଅବଶ୍ୟ ଭାଗୀ ହେବେ । କାରଣ ସେମାନେ ମୋର ଅତ୍ୟନ୍ତ ପ୍ରିୟ ।''

ଋଷି – ''ଏହାର ସତ୍ୟାସତ୍ୟ ଜାଣିବା ସକାଶେ ବର୍ତ୍ତମାନ ଯାଇ ପଚାରି ଆ' ।''

ଦସ୍ୟୁ – ''ବାଃ ଖୁବ୍ ଚାଲାଖ, ମୁଁ ଘରକୁ ଗଲେ ତୁମେ ନ' ଚାରି ତେର ହୋଇଯିବ, ମୁଁ ତୁମ ଠକାମି ଜାଣେ ।''

କିନ୍ତୁ ଋଷିମାନଙ୍କ ଦର୍ଶନରେ ତା'ର ସଦ୍‌ବୁଦ୍ଧି ଉତ୍ପନ୍ନ ହେଲା, ସେ ଋଷିମାନଙ୍କ ଦୃଢ଼ ପ୍ରତିଜ୍ଞାରେ ବିଶ୍ୱାସ କରି ସେମାନଙ୍କୁ ଜଙ୍ଗଲ ମାର୍ଗରେ ଛାଡ଼ି ନିଜ ଘରକୁ ଯାଇ ପରିବାରର ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାହା ପଚାରିଲା । ପ୍ରତ୍ୟେକ ବ୍ୟକ୍ତି ଉତ୍ତର ଦେଲେ, ''ତୋର କର୍ତ୍ତବ୍ୟ ଆମ୍ଭମାନଙ୍କୁ ପାଳନ ପୋଷଣ କରିବା । ତୁ ଯଦି ଅସତ୍ ମାର୍ଗରେ ଧନ ଉପାର୍ଜନ କରୁଥାଉ, ସେହି ପାପ ତୋର, ସେଥିରେ ଆମ୍ଭେମାନେ ଭାଗୀ ନୋହୁ ।'' ''ପାପଂ ତବୈବତ୍ ସର୍ବଂ ବୟଂ ତୁ ଫଳଭାଗିନଃ (ନ ୧/୭୪, ଅଯୋଧ୍ୟା କାଣ୍ଡ, ଅଧ୍ୟାତ୍ମ ରାମାୟଣ) ।'' ଅର୍ଥାତ୍, ''ପାପ ତୁମକୁ ଲାଗିବ, ଆମ୍ଭେ କେବଳ ଧନ ଗ୍ରହଣ କରିବୁ ।''

ଏକଥା ଶୁଣିବା ମାତ୍ରେ ଦସ୍ୟୁର ହୃଦୟରେ ବଜ୍ରପାତ ହେଲା । ସେ ଭାବିଲା, ''ଯେଉଁମାନଙ୍କୁ ମୁଁ ପ୍ରାଣରୁ ଅଧିକ ପ୍ରିୟ ମନେ କରିଥିଲି, ଯେଉଁମାନଙ୍କ ସକାଶେ ନୃଶଂସ ହୃଦୟରେ ମନୁଷ୍ୟ, ପଶୁ ବଧ କରିଛି, ସେମାନେ କେବଳ ସୁଖର ସାଥୀ, ସ୍ୱାର୍ଥୀ । ମୋ ଦୁଃଖ, ପାପର ଭାଗୀ ନୁହନ୍ତି ! ହାୟରେ ବିଧାତା ! ଏ ସଂସାର, ପରିବାର ସମ୍ବନ୍ଧ କ'ଣ ମିଥ୍ୟା-ମୋହ-ଜାଲର ବନ୍ଧନ ? ମୁଁ କେତେ ବଡ଼ ମୂର୍ଖ, ମୋହଗ୍ରସ୍ତ ପାପୀ । ନିଜର ସର୍ବନାଶ କରି ଯାହାକୁ ନିଜର ମନେ କରିଥିଲି ସେମାନେ ଯଥାର୍ଥରେ ପର ।'' ଏହା ଭାବି ବ୍ୟାକୁଳ ହୋଇ ଋଷିମାନଙ୍କ ପାଖକୁ ଦୌଡ଼ି ଆସିଲା । ଶୋକରେ ହତଜ୍ଞାନ ହୋଇ ସେମାନଙ୍କ ଚରଣରେ ପଡ଼ିଗଲା । ନେତ୍ରରୁ ବ୍ୟଥା ଶୋକାଶ୍ରୁ ପ୍ରବାହିତ ହେଉଥାଏ; କଣ୍ଠରୁଦ୍ଧ, ଅସ୍ପଷ୍ଟ ଭୟତ୍ରସ୍ତ ସ୍ୱରରେ କହିଲା, ''ମୋତେ ରକ୍ଷା କର, ମୋର ଉଦ୍ଧାର ମାର୍ଗ ବତାଅ । ହେ ଋଷିବର ! ମୋ ପରି ଘୋର ପାପୀର କ'ଣ ଉଦ୍ଧାର ନାହିଁ ?''

ଋଷିମାନଙ୍କର ନିଜ ପର କେହି ନଥାଏ । ସେମାନେ ଜ୍ଞାନୀ, ଭଗବତ୍ ଭକ୍ତ, ଭଗବାନଙ୍କ ସଙ୍ଗେ ଏକ, ଭଗବାନଙ୍କ ଯନ୍ତ୍ର । ସେମାନେ ପ୍ରାଣୀମାନଙ୍କ ମଧ୍ୟରେ ଭଗବାନଙ୍କୁ ଦେଖନ୍ତି । ସେଥିପାଇଁ ସେମାନଙ୍କ ହୃଦୟ ସଦୟ ଏବଂ କୃପାପୂର୍ଣ୍ଣ ଥାଏ । ସେମାନେ ସମସ୍ତଙ୍କର କଲ୍ୟାଣ ଚାହାନ୍ତି । ଦସ୍ୟୁର କଲ୍ୟାଣ ସେମାନଙ୍କ କାମ୍ୟ ଥିଲା । ସେହି ସକାଶେ ସେମାନଙ୍କ ଆଗମନ ହୋଇ ଥିଲା । ପୁଣି ତା'ର କରୁଣ କ୍ରନ୍ଦନ ଋଷିମାନଙ୍କ ହୃଦୟକୁ ଦ୍ରବିତ କରି ଦେଲା । ସେମାନେ ଦୟା ଓ ଆଶ୍ୱାସନାପୂର୍ଣ୍ଣ ବାକ୍ୟରେ କହିଲେ, ''ବତ୍ସ, ଉଠ । ତୋର କଲ୍ୟାଣ ସୁନିଶ୍ଚିତ ।'' ନିଜ କମଣ୍ଡଳୁରୁ ପବିତ୍ର ଜଳ ତା' ଉପରେ ଛିଞ୍ଚିଦେଲେ ଏବଂ ପରସ୍ପର ବିଚାର କଲେ,– ''ଏହା ଦ୍ୱାରା କୌଣସି ଯୌଗିକ କ୍ରିୟା ଅନୁଷ୍ଠାନ ହେବା ସମ୍ଭବ ନୁହେଁ । କିନ୍ତୁ ଶୀଘ୍ର ପାପରୁ ମୁକ୍ତ ହୋଇ ଭଗବତ୍ ଜ୍ଞାନ, ଭକ୍ତି ପ୍ରାପ୍ତି ଏହା ସକାଶେ ଆବଶ୍ୟକ । ଅତଏବ ପାପ ସ୍ତୂପକୁ ଜଳାଇବାକୁ ଅଗ୍ନି ସଦୃଶ ସର୍ବସୁଲଭ ଏବଂ ଉତ୍କୃଷ୍ଟ ଶକ୍ତିଶାଳୀ ସାଧନ ଭଗବତ୍ ନାମ । ଏହାକୁ ନାମ ଉପଦେଶ ଦେବା ଉଚିତ ।'' ଏହା ନିର୍ଣ୍ଣୟ କରି ତାକୁ ''ରାମ'' ନାମ ଜପର ଉପଦେଶ ଦେଲେ । କିନ୍ତୁ ତା'ର ପାପ ଏତେ ପ୍ରବଳ ଥିଲା ଯେ ସେ 'ରାମ' ନାମ ଉଚ୍ଚାରଣ କରିପାରିଲା ନାହିଁ । ଶେଷରେ 'ରାମ'ର ବିପରୀତ 'ମରା' ଜପ କରିବାକୁ ଋଷିମାନେ କହିଲେ । ତାଙ୍କର ମାର-କାଟ କରିବାର ଅଭ୍ୟାସ ଥିଲା, ତେଣୁ ସେ 'ମରା' ସହଜରେ କହିପାରିଲା । ଯଦ୍ୟପି ରାମର ଓଲଟା ନାମ 'ମରା' ତଥାପି ଅକ୍ଷରରେ କୌଣସି ଭିନ୍ନତା ନାହିଁ । ପୁଣି କେତେଥର 'ମରା'

'ମରା' କହିବା ପରେ ସ୍ୱତଃ 'ରାମ' ଶବ୍ଦରେ ପରିଣତ ହୁଏ । ତା'ପରେ ମନ ଏକାଗ୍ରତା ସହିତ ଜପର ବିଧାନ ଋଷିମାନେ କହିଦେଲେ ଏବଂ ସେମାନଙ୍କ ଫେରିବା ପର୍ଯ୍ୟନ୍ତ ସେହି ସ୍ଥାନରେ ବସି ନାମ ଜପ କରିବାର ଉପଦେଶ ଦେଇ ସେମାନେ ପ୍ରସ୍ଥାନ କଲେ । ଭଗବତ୍ ନାମର ଅପାର ଶକ୍ତି । ଗୋସ୍ୱାମୀ ତୁଳସୀଦାସ କହିଛନ୍ତି, ''ରାମ ନାମ୍ କହି ନାମଗୁଣ ଗାଇ''— ଅର୍ଥାତ୍, ''ଶ୍ରୀରାମ ନିଜେ ନାମର ମହିମା ବର୍ଣ୍ଣନା କରିବାରେ ସମର୍ଥ ନୁହନ୍ତି ।''

ଏପରି ଦୁରାଚାରୀ ବ୍ୟକ୍ତି ହୋଇ ବି ନାମ ଜପ କରିବା ଦ୍ୱାରା ତାଙ୍କର ସମସ୍ତ ପାପ ନଷ୍ଟ ହୋଇଗଲା । ତାଙ୍କ ହୃଦୟ-ମନ୍ଦିର ଶୁଦ୍ଧ, ପବିତ୍ର ହେବାରୁ ଶ୍ରୀରାମଚନ୍ଦ୍ର ପ୍ରଘଟ ହେଲେ । ଶ୍ରୀରାମଙ୍କ ଶ୍ୟାମ ଲାବଣ୍ୟ ରୂପ-ମାଧୁରୀରେ ତାଙ୍କର ସମସ୍ତ ଇନ୍ଦ୍ରିୟ ବିଲୀନ ହୋଇଗଲା । ସେ ସମାଧିସ୍ଥ ହୋଇଗଲେ । ଭଗବତ୍ ପ୍ରେମଭକ୍ତି ଦିବ୍ୟାନନ୍ଦରେ ତାଙ୍କ ଚେତନା ଏପରି ନିମଜ୍ଜିତ ହେଲା ଯେ ତାଙ୍କର ଶରୀର-ଜ୍ଞାନ ରହିଲା ନାହିଁ । ସେହି ବ୍ରହ୍ମାନନ୍ଦର ପ୍ରଭାବ ମନ-ପ୍ରାଣ-ଶରୀରରେ ଅତି ମାତ୍ରାରେ ପଡ଼ିବାରୁ ତାହା ମଧ୍ୟ ବ୍ରହ୍ମମୟ ହୋଇଗଲା । ଶରୀର ଉପରେ ଉଇ ହୁଙ୍କା ହୋଇଗଲା । କିନ୍ତୁ ଋଷିଙ୍କୁ ଶରୀରର କୌଣସି ଜ୍ଞାନ ନଥିଲା । ଏହିପରି ଋଷି ଦିବ୍ୟାନନ୍ଦ ସମାଧି ଅବସ୍ଥାରେ କେତେଶହ ବର୍ଷ ରହିବା ପରେ ଦିନେ ସପ୍ତର୍ଷି ସେଠାରେ ପହଞ୍ଚି ଉଇହୁଙ୍କା ଭାଙ୍ଗିଦେଲେ ଏବଂ ଋଷିଙ୍କ ସମାଧି ଭଙ୍ଗ କରି ତାଙ୍କୁ ଜାଗ୍ରତ୍ କରି ତାଙ୍କ ନାମ 'ବାଲ୍ମୀକି' ରଖିଲେ । ଏହି ଚରିତ ବର୍ଣ୍ଣନ ହୋଇଛି ଅଧ୍ୟାତ୍ମ ରାମାୟଣ ସର୍ଗ *୬*, ଶ୍ଳୋକ *୬୪*ରୁ ୮୮ରେ ।

''ଉଲଟା ନାମ ଜପତ ଜଗଜାନା ।
ବାଲମିକ ଭଏ ବ୍ରହ୍ମ ସମାନା ॥''
(ରାମଚରିତ-ମାନସ)

''ସମସ୍ତ ସଂସାର ଲୋକ ଜାଣନ୍ତି ବାଲ୍ମୀକି ଓଲଟା ନାମ ଜପ କରି ବ୍ରହ୍ମ ସମାନ ହୋଇଛନ୍ତି ।''

''ମରା, ମରା, ଜପତ ମୁନିସ ପରଂବ୍ରହ୍ମ ଭୟୋ ।
ରାମ, ରାମ ଜପତ ନ ଜାନେ କୌନ ପଦହେ ।''
— 'ହରିନାମ ସୁମରାନି'

'' 'ମରା', 'ମରା' ଜପ କରି ଶ୍ରେଷ୍ଠମୁନି ବାଲ୍ମୀକି ବ୍ରହ୍ମ ସଦୃଶ ହେଲେ, 'ରାମ' 'ରାମ' ଜପ କଲେ ବ୍ୟକ୍ତିଙ୍କୁ କେଉଁ ପଦ ମିଳିବ ତାହା ମୁଁ ଜାଣେ ନାହିଁ ।''

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୩୨୯ - ୩୩୨) ❑

Here must the traveller of upward way –
For daring Hell's kingdoms winds the heavenly route –
Pause or pass slowly through that perilous space
A prayer upon his lips and the great Name.

(Savitri, Bk. II, Canto VII, p. 238) – Sri Aurobindo

ନରକର ରାଜ୍ୟ ଦେଇ ସରଗକୁ ଅଙ୍କାବଙ୍କା ପଥେ —
ଚାଲିବାକୁ ଏଠି ଊର୍ଦ୍ଧ୍ୱପଥ ଯାତ୍ରୀ ଯେବେ
ବାନ୍ଧଇ ସାହସ, ତେବେ —
ସେଇ ଭୟଙ୍କର ରାଜ୍ୟେ,
ସିଏ ଅଟକୁ ଟିକିଏ ଅବା
ଅତିକ୍ରମୁ ଚାଲି ତାକୁ ଧୀର ପଦକ୍ଷେପ,
ଓଷ୍ଠେ ତା'ର ଲାଗିଥିବ
ପ୍ରାର୍ଥନାର ଗୀତି ଆଉ **ନାମ** ସୁମହାନ ।

(ସାବିତ୍ରୀ) — ଶ୍ରୀଅରବିନ୍ଦ

ଶ୍ରୀ ପ୍ରପତ୍ତିଙ୍କର ଜନ୍ମଶତବାର୍ଷିକୀ ଶ୍ରଦ୍ଧାଞ୍ଜଳି :

# ଆପଣ ଆସିବେ ତ !

## ଚନ୍ଦ୍ରଶେଖର ରଥ

ବିଶ୍ୱାସ କରି ହେଉ ନାହିଁ ସେ ନାହାନ୍ତି ବୋଲି – ସେଇଟା ତାଙ୍କ ସମ୍ପର୍କର ନିବିଡ଼ତା, ତାଙ୍କ ବ୍ୟକ୍ତିତ୍ୱର ବ୍ୟାପକତା । ବିଶ୍ୱାସ ନକରି ଉପାୟ ନାହିଁ, ତାହା ସେ ଘଟଣାଟିର ଅପରିହାର୍ଯ୍ୟତା, ଦେହଧାରୀ ପ୍ରାଣୀ ମାତ୍ରର ବିବଶତା ! ଶୋକ କରିବାକୁ ଅନୁମତି ନାହିଁ ଗୁରୁଙ୍କର ବା ଶାସ୍ତ୍ରର । ଶୋକ ପ୍ରାଣିକ ଆବେଗ; ତାକୁ ଅତିକ୍ରମ କର । ଶୋକ ମୋହରହିଁ ପରିଣାମ, ମୋହ ଅଜ୍ଞାନ, ଅଦିବ୍ୟ – ଏଣୁ ବର୍ଜନୀୟ । ଶୋକକୁ ଅବରୋଧ କରିବାର ସାମର୍ଥ୍ୟ ମଧ୍ୟ ନାହିଁ । ତା'ର ଉଚ୍ଛ୍ୱାସ ସ୍ୱାଭାବିକ ଏବଂ ଅନିବାର୍ଯ୍ୟ । ପ୍ରେମ ମଧ୍ୟ ପ୍ରାଣିକ । ଶ୍ରଦ୍ଧା, ଭକ୍ତି, ସମ୍ମାନ ପ୍ରାଣର ଆବେଗରେ ଆପ୍ଲୁତ । ଅଙ୍ଗଚ୍ଛେଦ ହେଲେ ରକ୍ତକ୍ଷରଣ ପରି ଘନିଷ୍ଠ କାହାରି ବିଚ୍ଛେଦରେ ଶୋକ ଏକ ସ୍ୱାଭାବିକ ଆବେଗ । ସେଥିରେ ବିସ୍ମିତ ଅଥବା ଲଜ୍ଜିତ ହେବାର କିଛି ନାହିଁ । ସାଧକ, ଯୋଗୀ, ଯୁଗପୁରୁଷମାନେ ଅଶୋଚ୍ୟ । ତାଙ୍କ ପାଇଁ ଶୋକ କରିବା ତାଙ୍କୁ ଅସମ୍ମାନ – ଏଇଥିପାଇଁ ଅସମ୍ମାନ ଯଦି ତାଙ୍କ ଅଭାବରେ ଜଣେ କେହି ବ୍ୟକ୍ତି ବା ଗୋଟିଏ ପରିବାର ଶୋକ କରେ । ତାଙ୍କ ପାଇଁ ଦେଶ କାଳରେ ବିସ୍ତୃତ ଏକ ପରିବାର, ଅସଂଖ୍ୟ ଆପଣାର ଲୋକ ଶୋକ କଲେ ପର୍ଯ୍ୟାପ୍ତ ହୁଏ ନାହିଁ । ଆମେ ଯେହେତୁ ଜୀବନ୍ମୁକ୍ତ ନୋହୁ, ତ୍ରିକାଳ ଦ୍ରଷ୍ଟା ନୋହୁ । ଯେହେତୁ ଆମ ଦୃଷ୍ଟି ଜନ୍ମ ମୃତ୍ୟୁକୁ ଅତିକ୍ରମ କରିପାରୁ ନାହିଁ, ଆମ ପାଇଁ ଏତେ ବଡ଼ ଆଘାତରେ ଶୋକ ପ୍ରକାଶ ନକରିବା ବରଂ ଅସ୍ୱାଭାବିକ କୃଚ୍ଛ୍ର ସାଧନା । ଏଣୁ ପ୍ରପତ୍ତିଙ୍କ ବିନାନୁମତିରେ ଯେତେ ଅନାଧ୍ୟାତ୍ମିକ ଦିଶୁଥିଲେ ସୁଦ୍ଧା ମୁଁ ମୋର ପ୍ରଥମ ଏବଂ ପ୍ରଧାନ ଭାବାବେଗକୁ ଶୋକରେ ହିଁ ପ୍ରକାଶ କରିବାକୁ ବାଧ୍ୟ ! ଆହା, ଆଜି ଏ ପରିବେଶରେ ପ୍ରପତ୍ତି ନାହାନ୍ତି, ଏହା ଏକ ବଜ୍ର ପରି ନିର୍ମମ ସତ୍ୟ !

ଆହେ ପ୍ରପତ୍ତି ମହାଶୟ ! ସୂକ୍ଷ୍ମ ଶରୀରରେ ଏଠି ସେଠି ସର୍ବତ୍ର ବ୍ୟାପୀ ରହିଛନ୍ତି ପରା ! ଆପଣଙ୍କ ପ୍ରିୟ ଓଡ଼ିଶା ମାଟିରେ ସହସ୍ରାଧିକ ପାଠଚକ୍ରକୁ ଥରେ ଚାହାନ୍ତୁ । ଆପଣଙ୍କ ରୋପିତ, ପାଳିତ, ପ୍ରୋତ୍ସାହିତ ଏ ଛୋଟ ଛୋଟ ଚାରା । ଆପଣଙ୍କ ପ୍ରଥମ ଆହୁତିରେ ପ୍ରଜ୍ୱଳିତ ଏସବୁ ହୋମାଗ୍ନିର ଶିଖା । ଏଗୁଡ଼ିକୁ ବହୁ ଦୂରରୁ ଅସମ୍ପୃକ୍ତ ରହିଲା ପରି ଲକ୍ଷ୍ୟ କରି ସେଦିନ ନିଜ ଉପରେ ନିଜେ ପରିହାସ କରୁଥିଲେ । ''ମୁଁ କ'ଣ ଲେଖକ ହେଇଚି ଯେ ଲୋକେ ମୋତେ ମନେ ରଖିବେ ? କହିବେ, ସେ ଗୋଟେ ଲୋକ ଥିଲା, ଖାଲି ପାଠଚକ୍ର ଗୁଡ଼େ କଲା'' – ଏବଂ ଠୋ ଠୋ ହସିଥିଲେ ।

ସେଦିନ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଈଷତ୍ ଅନ୍ଧାରରେ ଆପଣ ସନ୍ଧ୍ୟାବେଳେ ବୁଲୁଥା'ନ୍ତି । ଶରୀର ସହଯୋଗ କରୁ ନଥାଏ । କର୍ମଯୋଗର ତପସ୍ୟାରେ ବହୁ କଠିନ ଶ୍ରମ କରି ଅବସନ୍ନ ହେଲା ପରେ ବିଦ୍ରୋହ ଘୋଷଣା କରୁଥାଏ । ଆପଣଙ୍କ ପରିହାସ ଆପଣଙ୍କ ଅସମ୍ପୃକ୍ତି ଯେତିକି ବିସ୍ମୟକର ସେତିକି କରୁଣ ବୋଧ ହେଉଥିଲା । ଆପଣ ନିଶ୍ଚୟ କିଛି ପାଠଚକ୍ର ସ୍ଥାପନ କରିଛନ୍ତି । ବହୁ ଆତ୍ମାକୁ ଆସ୍ପୃହାବନ୍ତ କରିଛନ୍ତି । ଜୀବନରେ ଆଧ୍ୟାତ୍ମିକ ମୂଲ୍ୟର ବୀଜ ବପନ କରିଛନ୍ତି । ଏସବୁକୁ ଏପରି ହେୟଜ୍ଞାନ କରୁଥିଲେ କାହିଁକି ? ଦେଖନ୍ତୁ ମୟୂରଭଞ୍ଜରୁ ପାରଳା, ପୁରୀରୁ କଳାହାଣ୍ଡି ଯାଏ ସହସ୍ର ସଂଖ୍ୟାରେ ଉନ୍ମୁଖ ଆତ୍ମାମାନଙ୍କୁ ! କୃତଜ୍ଞତାରେ ଅବନତ ଆଖିରେ ଅଶ୍ରୁତର୍ପଣକୁ ଦେଖନ୍ତୁ । ତଥାପି ଆପଣଙ୍କୁ ଭୁଲିଯିବାର ବିକଳ୍ପ କେଉଁଠି ସୂଚିତ ହେଉଛି କି ? ଆମେ ସମସ୍ତେ ଆପଣଙ୍କୁ ଦେଖି ଦେଖି ନାହୁଁ, ଚିହ୍ନି ଚିହ୍ନି ନାହୁଁ, ନିକଟରେ ପାଇ ସମ୍ମାନ ଦେଇପାରି ନାହୁଁ । ଆମେ ସବୁ ସେମିତି କିଛି ଯୋଗ୍ୟ ନୋହୁ; ଶୁଦ୍ଧ ସାଧକ ନୋହୁ । କିନ୍ତୁ ଆପଣଙ୍କ ସମ୍ପର୍କରେ ଆସିଲା ପରେ ଆପଣଙ୍କୁ ଭୁଲିଯିବୁ, ଏଭଳି ଅକୃତଜ୍ଞ କ'ଣ ଆମ ଭିତରେ ଅଛନ୍ତି ! ଆମକୁ ସେଭଳି ଦୁର୍ଯୋଗରୁ ରକ୍ଷା କରନ୍ତୁ, ହେ କ୍ଷମାଶୀଳ ଅଗ୍ରଜ, ଆମକୁ କ୍ଷମା କରନ୍ତୁ ।

ଆପଣ କ'ଣ କେବଳ ଆମ ପାଇଁ, ଆମ କଲ୍ୟାଣ ସକାଶେ ସମଗ୍ର ଜୀବନକୁ ଉତ୍ସର୍ଗ କରିଥିଲେ ? ହୁଏତ କରିଥିଲେ, କିନ୍ତୁ କାହା ନିର୍ଦ୍ଦେଶରେ ? ଆପଣ ଯାହାଙ୍କ ପାଖରେ ନିଜକୁ ସମର୍ପଣ କରିଥିଲେ, ତାଙ୍କ ଇଚ୍ଛାର ନିମିତ୍ତ ରୂପେ ସାରା ଓଡ଼ିଶାରେ ପ୍ରାନ୍ତରୁ ପ୍ରାନ୍ତ ପର୍ଯ୍ୟନ୍ତ ତାଙ୍କୁହିଁ ପହଞ୍ଚାଇ

ଦେଇଥିଲେ । ଅହୋ ଭାଗ୍ୟ ଓଡ଼ିଶାର ଯେ ଏଭଳି ଗୋଟାଏ ଆଲୋଡ଼ନରେ ତା'ର ଚୈତ୍ୟସତ୍ତା ଜାଗ୍ରତ୍ ହେଲା, ଅତି ସହଜରେ ତା'ର ପୁରପଲ୍ଲୀରେ ଅତିମାନସର ବାର୍ତ୍ତା, ରୂପାନ୍ତର ଯୋଗର ସନ୍ଦେଶ ପ୍ରତିଧ୍ୱନିତ ହେଲା । ଅତି ସହଜରେ ଗାଁର ଗୃହିଣୀଟିଏ 'ସମର୍ପଣ' 'ଅଭୀପ୍ସା' 'ରୂପାନ୍ତର' ଭଳି ଦୁରୂହ ଅର୍ଥବାହୀ ଶବ୍ଦମାନ ଉଚ୍ଚାରଣ କରିପାରିଲା, ଅନୁଭବ କରିପାରିଲା ।

ଆପଣ ହିଁ ତ ବାର୍ତ୍ତାବହ । ଆପଣ ହିଁ ଏ ଅଭିନବ ଆଧ୍ୟାତ୍ମିକ ଜାଗରଣର ପୁରୋଧା । ଆପଣଙ୍କର ସ୍ନେହ, ଆପଣଙ୍କର ସାନ୍ନିଧ ଦିବ୍ୟାନୁଭୂତିର ବାହକ । ଆପଣ ଏ ବିଶାଳ ପରିବାରର ମୁଣ୍ଡିଆଳ ମୁରବି । ଆପଣ ଜାଣିଶୁଣି ଓଡ଼ିଶା ବାହାରକୁ ଚାହିଁ ନାହାନ୍ତି । ନିର୍ଦ୍ୱନ୍ଦ୍ୱରେ ବାଛି ନେଇଛନ୍ତି ଏ ପ୍ରଦେଶକୁ ଏବଂ ଆମ ଭଳି ଅପଦାର୍ଥଙ୍କୁ । ଆମର ପ୍ରଣତି ସ୍ୱୀକାର କରନ୍ତୁ ହେ ସୂକ୍ଷ୍ମଦେହୀ । ଆମକୁ ପରିହାର କରନ୍ତୁ ନାହିଁ ।

ଏଥର ଫେବ୍ରୁଆରୀ ଦର୍ଶନ (୧୯୮୯, ଫେବ୍ରୁଆରୀ ଦର୍ଶନ) ବେଳକୁ ଆପଣଙ୍କଠାରୁ ବିଦାୟ ମାଗିଲା ବେଳେ ଆପଣଙ୍କ ଅସ୍ୱଷ୍ଟ ସ୍ୱର ହଠାତ୍ ପ୍ରାଞ୍ଜଳ ହୋଇ ଯାଇଥିଲା । ପରିହାସ କରି ହିନ୍ଦୀରେ କହିଲେ – ''ଫିର୍ ମିଲେଙ୍ଗେ !'' ହଠାତ୍ ବୁଝିପାରି ନଥିଲି – ମୁହୂର୍ତ୍ତେ ପରେ ବୁଝିପାରି ଉତ୍ତର ଦେଇଥିଲି – ''ଜରୁର୍ ମିଲେଙ୍ଗେ ।''

ଉଭୟ ବାକ୍ୟ ସତ୍ୟ । ଆପଣଙ୍କ ସହିତ ପୁଣି ସାକ୍ଷାତ୍ ହେବହିଁ ହେବ ! ଆପଣ ସେ ଚୂଡ଼ାନ୍ତ ମୁହୂର୍ତ୍ତରେ ସାଙ୍ଗରେ ନେଇଯିବା ପାଇଁ ଆସିବେ ତ ! ଆମେ ସିନା କଥା ହାରିଛୁ, ଅପରାଧ କରିଛୁ, କିନ୍ତୁ ଆପଣ ଅବଶ୍ୟ ଆସିବେ । ପ୍ରପତ୍ତି ମହାଶୟ, ତା'ହେଲେ କଥା ରହିଲା, 'ଫିର୍ ମିଲେଙ୍ଗେ, ଜରୁର୍ ମିଲେଙ୍ଗେ ।'

(୨୮ ଜୁନ୍, ୧୯୯୦ରେ ମାତୃଭବନ ଦ୍ୱାରା ପ୍ରକାଶିତ 'A Flame of Gratitude' ଶୀର୍ଷକ ସ୍ମରଣିକାରୁ ସଂଗୃହୀତ) ❑

***ପ୍ରଶ୍ନ :*** *କୁରୁକ୍ଷେତ୍ର ଯୁଦ୍ଧ ଭୂମିରେହିଁ ଭଗବାନ୍ ଶ୍ରୀକୃଷ୍ଣଙ୍କଠାରୁ ଅଠର ଅଧ୍ୟାୟ ସମ୍ବଳିତ ଗୀତା ଶ୍ରବଣ କଲେ ଅର୍ଜୁନ, ଏହା ସମ୍ଭବ ହେଲା କିପରି ? ଆଉ କେହି ଶୁଣି ପାରିଥିଲେ କି ନାହିଁ ? ତାକୁ ନିଖୁଣ ଭାବରେ ଲିପିବଦ୍ଧ କଲା କିଏ ?*

**ଉତ୍ତର :** ସମୟର ବହୁ ପର୍ଯ୍ୟାୟ ରହିଛି । ଏକଥା ମୁଁ ତତ୍ତ୍ୱଜ୍ଞାନ ଦୃଷ୍ଟିରୁ କହୁ ନାହିଁ; ଆମ ନିଜ ନିଜ ଅଭିଜ୍ଞତା ବିଶ୍ଳେଷଣ ମାଧ୍ୟମରେ ଆମେ ଏ ସମ୍ପର୍କରେ ଆଭାସ ପାଇପାରିବୁ । ଆମେ ଥରେ ଥରେ ସ୍ୱପ୍ନରେ, ଏପରିକି ସାମାନ୍ୟ ତନ୍ଦ୍ରାବେଶ ଅବସ୍ଥାରେ, ନିମିଷକ ଭିତରେ ଦୀର୍ଘ କାଳ ବ୍ୟାପ୍ତ ଘଟଣା ଦେଖିପାରୁ ବା ସେଥିରେ ଅଂଶୀଦାର ହୋଇପାରୁ । ତାହା ସମ୍ଭବପର ହୁଏ ଯେହେତୁ ସେତେବେଳେ ଆମ ଚେତନା ସମୟର ସ୍ଥୂଳ ଇନ୍ଦ୍ରିୟାନୁଭୂତ ଧାରାଠାରୁ ଭିନ୍ନ ଏକ ଧାରାରେ ନିବିଷ୍ଟ ଥାଏ ।

ସେହି ପର୍ଯ୍ୟାୟରେ ରହିଥିଲା ଅର୍ଜୁନଙ୍କ ପ୍ରଶ୍ନାକୁଳ ଚେତନା । ଶ୍ରୀକୃଷ୍ଣଙ୍କ ଉତ୍ତର ଭାବ-ସ୍ପନ୍ଦନ ମାଧ୍ୟମରେ ତାଙ୍କ ଚେତନା ଭିତରକୁ ପ୍ରବିଷ୍ଟ ହୋଇଛି; ଉଚ୍ଚାରଣ ଯୋଗେ ନୁହେଁ । ଜ୍ଞାନଗତ, ଭାବଗତ ସେ ଆଦାନପ୍ରଦାନ ନିମନ୍ତେ ଭାଷା ମାଧ୍ୟମ ହେବାର ଆବଶ୍ୟକତା ନଥିଲା । ପରେ ବ୍ୟାସଦେବ ତାକୁ ଭାଷା ଯୋଗେ ଆମ ପାଇଁ ରୂପଦାନ କରନ୍ତେ ତହିଁ ହୋଇଛି ସମୟ-ସାପେକ୍ଷ ।

ଚେତନାର ସେହିଭଳି ଏକ ସୂକ୍ଷ୍ମ ପର୍ଯ୍ୟାୟରେ ଶ୍ରୀକୃଷ୍ଣ-ଅର୍ଜୁନ ସଂଳାପ ସମ୍ଭବପର ହୋଇଥିଲା । ଅର୍ଜୁନ ଆପାତତଃ ମାନବତାର ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ସେ ସୃଷ୍ଟିର ପ୍ରତ୍ୟୁଷରେ ନରରୂପୀ ନାରାୟଣଙ୍କ ସହ ତପସ୍ୟାରତ ଥିବା ଚେତନାର ଅଧିକାରୀ । ସେହି ଅଧିକାର ବଳରେ ସେ ଯାହା ଶୁଣୁଥିଲେ ତାହା ଅନ୍ୟ କେହି ଶୁଣିବାର ପ୍ରଶ୍ନ ନଥିଲା । ନିଖୁଣ ଭାବରେ ସେ ସଂଳାପ ଲିପିବଦ୍ଧ କଲେ ବ୍ୟାସ – ଯିଏ କି ସ୍ୱୟଂ ଶ୍ରୀକୃଷ୍ଣଙ୍କ କହିବା ଅନୁସାରେ ତାଙ୍କର ଏକ ବିଭୂତି । ତାଙ୍କ ଋଷି ଚେତନାରେ ଅବତରଣ କରିଥିଲା ସେ ଶ୍ରୀକୃଷ୍ଣ-ଅର୍ଜୁନ ଆଦାନପ୍ରଦାନର ଭାଷାଗତ ରୂପ ।

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ, ପୃ. ୧୭) **– ମନୋଜ ଦାସ**

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୯୦)

## ମହେନ୍ଦ୍ରନାଥ ସ୍ୱାଇଁ

**ଅନୁକମ୍ପା :**

ଫେବ୍ରୁଆରୀ ୨୧, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି –

''EVERY day, every moment should be an occasion for a new and completer consecration, and not one of those enthusiastic and flurried consecrations, over-active, full of illusions about the work, but a deep and silent consecration which is not necessarily visible but penetrates and transfigures all action. Our mind, solitary and peaceful, should always repose in Thee and from that pure summit have the exact perception of realities, of the sole and eternal Reality behind all unstable and fleeting appearances.

O Lord, my heart is purified of all uneasiness and anguish; it is steady and calm and sees Thee in all things; and whatever our outer actions may be, whatever the circumstances the future has in store for us, I know that Thou alone livest, that Thou alone art real in Thy immutable permanence and it is in Thee that we live ....

May there be peace upon all the earth.''

''ପ୍ରତ୍ୟେକ ଦିବସ, ପ୍ରତ୍ୟେକ ମୁହୂର୍ତ୍ତ ହେବା ଉଚିତ ଏକ ନୂତନ ଏବଂ ସମ୍ପୂର୍ଣ୍ଣ ଆତ୍ମନିବେଦନ ନିମନ୍ତେ ଏକ ସୁଯୋଗ, ସେସବୁ ମଧ୍ୟରୁ ଗୋଟିଏ ବି ଯେପରି ଉତ୍ତେଜନାମୟ, ଚାଞ୍ଚଲ୍ୟକର, ଉଗ୍ର ତଥା କର୍ମ ସମ୍ପର୍କୀୟ ଭ୍ରମାତ୍ମକ ଭାବ ନହେଉ, କିନ୍ତୁ ଏକ ଗଭୀର ଏବଂ ନୀରବ ଆତ୍ମୋତ୍ସର୍ଗ ହେଉ ଯାହା ଦୃଶ୍ୟମାନ ନ ହୋଇପାରେ, କିନ୍ତୁ ଯାହା ସକଳ କର୍ମ ଭିତରେ ସୁପ୍ରବିଷ୍ଟ ହୁଏ ଏବଂ ସେସବୁର ନବରୂପାୟନ କରେ । ଆମ ମନ ନିଃସଙ୍ଗ, ଏକାନ୍ତ ଏବଂ ପ୍ରଶାନ୍ତିମୟ, ସଦାସର୍ବଦା ତୁମ ଭିତରେ ଆନନ୍ଦରେ ବିଶ୍ରାମ ନେଉଥାଉ ଏବଂ ସେହି ପବିତ୍ର ଶୀର୍ଷଦେଶରୁ ସକଳ ପ୍ରକାର ଅସ୍ଥିର ଭାସମାନ ଦୃଶ୍ୟମାନଙ୍କ ପଶ୍ଚାତରେ ସ୍ଥିତ ଏକମାତ୍ର ପ୍ରକୃତ, ଚିରନ୍ତନ ବାସ୍ତବତାର ଯଥାର୍ଥ ସତ୍ୟ ଓ ଅଦ୍ୱିତୀୟ ଶାଶ୍ୱତ ସଦ୍‌ବସ୍ତୁକୁ ଗ୍ରହଣ କରିପାରେ ।

''ହେ ପ୍ରଭୁ, ମୋ ହୃଦୟ ସକଳ ବ୍ୟସ୍ତତା ଏବଂ ଦୁଃଖଯନ୍ତ୍ରଣାରୁ ମୁକ୍ତ ହୋଇ ବିଶୁଦ୍ଧ ହୋଇଯାଇଛି; ଏହା ଧୀର-ସ୍ଥିର ଏବଂ ନୀରବ-ନିଶ୍ଚଳତାର ସହ ତୁମକୁ ସମସ୍ତଙ୍କ ଭିତରେ ଦେଖି ପାରୁଛି; ଏବଂ ଆମର ବାହ୍ୟ କାର୍ଯ୍ୟକଳାପ ଯାହା ହେଉନା କାହିଁକି, ଭବିଷ୍ୟତ୍ ତା'ର ଗର୍ଭରେ ଆମ ପାଇଁ ଯାହାକିଛି ସାଇତି ରଖିଥାଉ ନା କାହିଁକି, ମୁଁ ଜାଣିଛି ଯେ ତୁମେ ଏକାକୀ ସର୍ବତ୍ର ବିରାଜିତ, ତୁମର ଅପରିବର୍ତ୍ତନୀୟ, ଚିରସ୍ଥାୟୀ ବ୍ୟବସ୍ଥା ଭିତରେ ତୁମେହିଁ ଏକମାତ୍ର ବାସ୍ତବ-ସତ୍ୟ ଏବଂ ତୁମ ଭିତରେ ଆମେ ସମସ୍ତେ ବାସ କରୁଛୁ । ...

''ସମଗ୍ର ବିଶ୍ୱରେ ସର୍ବତ୍ର ପ୍ରଶାନ୍ତି ବିରାଜିତ ହେଉ ।''

ପ୍ରତ୍ୟେକ ଦିବସଟିଏ ଆରମ୍ଭ ହୁଏ ସୂର୍ଯ୍ୟୋଦୟରୁ, ପୂର୍ବାକାଶରେ ସିନ୍ଦୁରା ଫାଟେ, ଦିଗ ବିଦିଗରେ ସୂର୍ଯ୍ୟଦେବଙ୍କର ସୁବର୍ଣ୍ଣ ରଶ୍ମି ବିଚ୍ଛୁରିତ ହୋଇଯାଏ, ବିହଙ୍ଗକୁଳ ବିବିଧ ସ୍ୱରରେ ପ୍ରଭାତର ଆଗମନୀ ଗୀତିକା ଗାନ କରନ୍ତି, ଫୁଲମାନେ ଉଷ୍ମତାର ସ୍ପର୍ଶରେ ସ୍ୱୟଂ ପ୍ରସ୍ଫୁଟିତ ହୋଇ ବାତାବରଣକୁ ରଙ୍ଗିନ କରିଦିଅନ୍ତି, ରାତ୍ରିକାଳରେ ପ୍ରସ୍ଫୁଟିତ ଶ୍ୱେତପୁଷ୍ପମାନେ ସେମାନଙ୍କର ମନ୍ଦ ମନ୍ଦ ସୁବାସକୁ ମୃଦୁମଳୟ ପ୍ରବାହରେ ବହି ଆଣି ଧରାପୃଷ୍ଠକୁ ମହକରେ ଚହଟାଇ ଦିଅନ୍ତି । ସର୍ବତ୍ର ଦିବ୍ୟାନନ୍ଦର ଆସର । ଏହି ପ୍ରକାର ଏକ ଦିବ୍ୟ ଅପୂର୍ବ ମୁହୂର୍ତ୍ତକୁ ଦିବ୍ୟଜନନୀ ଶ୍ରୀମା ଆଲୋଚ୍ୟ ୨୧ ଫେବ୍ରୁଆରୀ ୧୯୧୪ ପ୍ରାର୍ଥନାରେ ଏକ ସୁଯୋଗ ବୋଲି କହିଛନ୍ତି, ଯାହାକୁ ଉପଯୋଗ କରି ଆମେ ଆମର ଏକ ନୂତନ, ସମ୍ପୂର୍ଣ୍ଣ ଆତ୍ମନିବେଦନକୁ

ପରମପ୍ରଭୁଙ୍କ ପାଦପଦ୍ମରେ ଅର୍ଘ୍ୟ ସ୍ୱରୂପ ଢାଳିଦେଇ ପାରିବା । ମା'ଙ୍କ ଏହି ଦିବ୍ୟବାଣୀରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଆମେ ଯେଉଁ ସମର୍ପଣ, ଆତ୍ମନିବେଦନ ବା ଆତ୍ମୋତ୍ସର୍ଗ କରୁଛେ ତାହା ସମ୍ପୂର୍ଣ୍ଣ ନୁହେଁ; କାରଣ ସେଥିରେ ମିଶ୍ରିତ ହୋଇ ରହିଛି ନିଜ ନିମନ୍ତେ କିଛି ପାଇବାର ଉଚ୍ଚାଭିଳାଷ, ଉତ୍ସାହଯୁକ୍ତ ଭାବନା । ପୁନଶ୍ଚ ସେଥିରେ ରହିଛି ଭାବଗତ ବୋଧ, ଉତ୍ତେଜନା ଏବଂ ବହୁତ କିଛି ପ୍ରାପ୍ତ ହେବାର ଇଚ୍ଛା ଅଥବା ବହୁତ କିଛି ହରାଇ ଦେବାର ଭୟ ଏବଂ ଉଗ୍ରତାର ଭାବ । କିନ୍ତୁ ଏକ ଗଭୀର ନିଶ୍ଚଳ ଆତ୍ମୋତ୍ସର୍ଗର ଭାବ ବାହାରକୁ ଦେଖାଯାଏ ନାହିଁ । କୌଣସି ବାହ୍ୟ ପ୍ରତିବନ୍ଧକ ସମର୍ପିତ ସାଧକଙ୍କୁ ଯେତେ ବାଧା ଦେଇ ତା'ର ଅନ୍ତରର ଗଭୀରରେ ପ୍ରବେଶ କରିବାକୁ ଚେଷ୍ଟା କଲେ ବି ସାଧକ ସେସବୁକୁ ସ୍ୱଇଚ୍ଛାରେ ପ୍ରତ୍ୟାଖ୍ୟାନ କରି ସଳଖ ମାର୍ଗରେ ଯାଇ ଆନ୍ତର ପ୍ରଦେଶରେ ବିରାଜିତ ହୋଇଯାଏ ଏବଂ ତା'ର ଆନ୍ତର ଚେତନାରେ ପ୍ରତ୍ୟେକ କାର୍ଯ୍ୟକଳାପକୁ ବଦଳାଇବାକୁ ଲାଗେ; ଯାହା ଫଳରେ ଆତ୍ମନିବେଦନର ପ୍ରକ୍ରିୟାଟି ନିର୍ବିଘ୍ନରେ ଆଗକୁ ବଢ଼ିପାରେ ।

ଶ୍ରୀମା କହୁଛନ୍ତି ଆମ ମନ ଏକାନ୍ତରେ ଶାନ୍ତ ବାତାବରଣ ଭିତରେ ପ୍ରଭୁଙ୍କ ପାଦତଳେ ସ୍ୱାଚ୍ଛନ୍ଦ୍ୟରେ ରହିବାକୁ ସର୍ବଦା ଇଚ୍ଛା କରେ ଏବଂ ସେହି ପବିତ୍ର ଶିଖର ଦେଶରେ ଥାଇ ସେ ପ୍ରତ୍ୟେକ ଜିନିଷ ଓ ଘଟଣାମାନଙ୍କ ଭିତରେ ରହିଥିବା ବାସ୍ତବ ସତ୍ୟକୁ ବୁଝିପାରେ ଏବଂ ଆପାତତଃ ଆମ ଦୃଷ୍ଟିରେ ପଡୁଥିବା ସକଳ ଅସ୍ଥିର ଏବଂ ଭାସମାନ ଦୃଶ୍ୟାବଳୀର ପଶ୍ଚାତରେ ଥିବା ଚିରନ୍ତନ ସତ୍ୟକୁ ମଧ୍ୟ ବୁଝିବାକୁ ସମର୍ଥ ହୁଏ । କିନ୍ତୁ ମନ ଯଦି ସମର୍ପିତ ନ ହୋଇଥାଏ, ବାହ୍ୟ ଚେତନା ଭିତରେ ବୁଡି ରହିଥାଏ ତାହାହେଲେ ମନର ଉପରି ଭାଗଟି ଏକ କ୍ଷୁଦ୍ର ଯନ୍ତ୍ରଟିଏ ପରି କାମ କରେ । ଏହି ସମ୍ପର୍କରେ ପ୍ରଭୁ ଶ୍ରୀଅରବିନ୍ଦ ମହାକାବ୍ୟ 'ସାବିତ୍ରୀ'ରେ ଏକ ପୁଙ୍ଖାନୁପୁଙ୍ଖ ଦିବ୍ୟ ଚିତ୍ରକଳ୍ପଟିଏ ପ୍ରଦାନ କରିଛନ୍ତି – ତାହାହେଲା :

ବାହ୍ୟ ମନର ଉପର ଦେଇ ଯେଉଁ ଚିନ୍ତାସକଳ ଅତିକ୍ରମି ଯାଉଛନ୍ତି ସେମାନେ ଉଦ୍ଭବ ହୋଇ ନାହାନ୍ତି ବରଂ କାରଖାନାରେ ପ୍ରସ୍ତୁତ ହେଉଥିବା ଉତ୍ପାଦିତ ବସ୍ତୁ ସଦୃଶ ଅଟନ୍ତି । ସେମାନେ ହେଉଛନ୍ତି କ୍ଷଣଭଙ୍ଗୁର – ଆଜି ଅଛନ୍ତି, କାଲି ଭାଙ୍ଗିଯିବେ । ଏହି ଚିନ୍ତାସକଳ ଆମ ଶରୀର ରୂପକ କାରଖାନାରେ, ପାର୍ଥିବ ଶକ୍ତିମାନଙ୍କ ଦ୍ୱାରା 'forged' ହୋଇଛନ୍ତି, ଅର୍ଥାତ୍ କମାରଶାଳର ଭାଟିରେ ଜଳନ୍ତା ରଡ଼ନିଆଁରେ ପଡ଼ି ଲେହି ଉପରେ ରହି ଲାଲ୍ ଟକଟକ ଦେଖା ଯାଉଥିବା ଲୌହଖଣ୍ଡ ପ୍ରହାର ଖାଇଖାଇ ଏକ ନିର୍ଦ୍ଦିଷ୍ଟ ହତିଆରରେ ରୂପ ନେଲା ପରି ହୋଇ ଥାଆନ୍ତି । ପୁନଶ୍ଚ ପ୍ରଭୁ କହୁଛନ୍ତି –

"This mind is a dynamic small machine
Producing ceaselessly, till it wears out,
With raw material drawn from the outside world,
The patterns sketched out by an artist God."

(Savitri, p. 541 - 542)

''ଏହି ମନ ଅଟେ କ୍ଷୁଦ୍ର ଚଳଚଞ୍ଚଳ ସକ୍ରିୟ ଯନ୍ତ୍ରଟିଏ
ବିନା ବିରତିରେ ସୃଷ୍ଟି କରୁଥାଏ, ହେବା ଯାଏ ସେ ଅଚଳ,
ବାହ୍ୟ ଜଗତରୁ ଉପାଦାନ ଆଣି କାମରେ ଲଗାଉ ଥାଏ,
ଦେବ-ଶିଳ୍ପୀଙ୍କର ସ୍ୱହସ୍ତ ପ୍ରସ୍ତୁତ ଛାଞ୍ଚ, ନକ୍ସା ଧରିଥାଏ ।''

ଆମ ମନର ଉପରି ଭାଗଟି ଗୋଟିଏ କ୍ଷୁଦ୍ର ଯନ୍ତ୍ର ସଦୃଶ, ତାହା ପୁଣି ସର୍ବଦା ଅତ୍ୟନ୍ତ ଚଳଚଞ୍ଚଳ, ଶକ୍ତିରେ ପୂର୍ଣ୍ଣ । ସେ ନିରବଚ୍ଛିନ୍ନ ଭାବରେ ପ୍ରସ୍ତୁତ କରି ଚାଲିଛି ବିଭିନ୍ନ ଶବ୍ଦ, ଚିନ୍ତା ଓ ଭାବନାମାନଙ୍କୁ ଏବଂ ମନ ସେପର୍ଯ୍ୟନ୍ତ ଏହା କରି ଚାଲିଥିବ ଯେପର୍ଯ୍ୟନ୍ତ ସିଏ ଅଚଳ ହୋଇ ନାହିଁ ବା ତା'ର କାଳ ଶେଷ ହୋଇ ଯାଇ ନାହିଁ । ଚିନ୍ତାଟିଏ ସୃଷ୍ଟି କରିବା ପାଇଁ, ଶବ୍ଦଟିଏ ଗଢ଼ିବା ପାଇଁ ଯାହାସବୁ ଆବଶ୍ୟକ ତାକୁ ମନ ବାହ୍ୟଜଗତରୁ ସଂଗ୍ରହ କରିଥାଏ; ଜଣେ ଦେବ-ଶିଳ୍ପୀ ଯେଉଁ ନକ୍ସା ଏବଂ ଛାଞ୍ଚ ତିଆରି କରିଥା'ନ୍ତି ସେମାନଙ୍କୁ ଧରି ମନ କାର୍ଯ୍ୟ କରେ । କିନ୍ତୁ ମନ ଯେତେବେଳେ ପରମପ୍ରଭୁଙ୍କ ପାଖରେ ଥାଏ ସେତେବେଳେ ସେହି ସ୍ଥାନଟି ତା' ପାଇଁ ପବିତ୍ର, ସର୍ବୋଚ୍ଚ ଶିଖରଦେଶ ବୋଲି ସେ ଜାଣିପାରେ । ସେହି ଦିବ୍ୟ ସ୍ଥାନରେ ଥାଇ ମନ ପ୍ରକୃତ ବାସ୍ତବ ସତ୍ୟକୁ ବୁଝିପାରେ ଓ ଦେଖିପାରେ ମଧ୍ୟ । ଆମ ଜଗତରେ ସବୁକିଛି କ୍ଷଣସ୍ଥାୟୀ, ଇତସ୍ତତଃଭାବେ ଧାବିତ । କିନ୍ତୁ ମନ ସର୍ବୋଚ୍ଚ ଶିଖରରେ ଥାଇ ଏହି ଅସ୍ଥିରତାର ପଶ୍ଚାତରେ ଯେଉଁ ଚିରନ୍ତନ ପ୍ରକୃତ ସତ୍ୟଟି କାମ କରୁଛି ତାହା ଦେଖିପାରେ ।

ପ୍ରତ୍ୟେକ ବସ୍ତୁ ଏବଂ ଜୀବସତ୍ତା ଭିତରେ ପରମପ୍ରଭୁଙ୍କୁ ଦର୍ଶନ କରିବାର ସୂତ୍ରଟିକୁ ଦିବ୍ୟଜନନୀ ଶ୍ରୀମା ଆଲୋଚ୍ୟ ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ତାଙ୍କର କୃପା ଓ କରୁଣାପୂର୍ବକ ପ୍ରକାଶ କରିଛନ୍ତି । ଶ୍ରୀମା କହୁଛନ୍ତି ଏଥିପାଇଁ ହୃଦୟ ସକଳ ପ୍ରକାର ଦୁଃଖ ଏବଂ ଅସୁଖ ଭାବନାରୁ ମୁକ୍ତ ହୋଇଥିଲେ, ସ୍ଥିର ନୀରବ ନିଶ୍ଚଳ ହୋଇଥିଲେ ଯାଇ ପ୍ରଭୁଙ୍କୁ

ସର୍ବତ୍ର ଦର୍ଶନ କରିପାରିବ । ଭବିଷ୍ୟତ୍ ଆମ ପାଇଁ ଯାହା ରଖିଥାଉନା କାହିଁକି, ତାହା ଦୁଃଖ ଅବା ସୁଖ ହେଉ — ସେଥିରେ କିଛି ଯାଏ ଆସେ ନାହିଁ, କାରଣ ଭବିଷ୍ୟତ୍ ଗର୍ଭରେ କ'ଣ ପ୍ରଭୁ ବିରାଜମାନ ନାହାଁନ୍ତି କି ? ଆମେ ଏଠାରେ ତିଷ୍ଠି ରହିବାର କାରଣ କ'ଣ ପ୍ରଭୁ ନୁହଁନ୍ତି କି ? ସିଏ ତ ସର୍ବତ୍ର ବିରାଜିତ, ଅପରିବର୍ତ୍ତନୀୟ ଅଦ୍ୱିତୀୟ ନିତ୍ୟ-ସତ୍ୟ-ଜ୍ୟୋତିଃ । ସେହି ପ୍ରଶାନ୍ତ-ଜ୍ୟୋତିଃ ସ୍ୱରୂପଙ୍କୁ ଶ୍ରୀମା ଆହ୍ୱାନ କରିଛନ୍ତି ଏହି ଧରାପୃଷ୍ଠରେ ବିରାଜିତ ହେବା ପାଇଁ — ଏହି ପ୍ରାର୍ଥନାଟିର ସର୍ବଶେଷ ଅନୁଚ୍ଛେଦରେ । ଏହାହିଁ ପରାବାକ୍, ଅସାଧାରଣ ଆହ୍ୱାନ, ରୂପାନ୍ତରର ଆଦ୍ୟ ପାବଚ୍ଛ ।

ଦିବ୍ୟଜନନୀ ଶ୍ରୀମା ସର୍ବଦା ତାଙ୍କ ସନ୍ତାନମାନଙ୍କ ସୁଖଦୁଃଖ କଥା ଶୁଣିବା ପାଇଁ ଓ ତା'ର ସମାଧାନ କରିବା ପାଇଁ ଜାଗ୍ରତ୍ ହୋଇ ରହିଥା'ନ୍ତି; ଏ ସମ୍ପର୍କରେ ଅବଗତ ହେବା ପାଇଁ ଆମେ ନିମ୍ନୋକ୍ତ ଘଟଣାଟିକୁ ଆଲୋଚନା କଲେ ଅତ୍ୟୁକ୍ତି ହେବ ନାହିଁ । ତାହା ହେଲା —

କୋଲକାତାର ଜନୈକ ବ୍ୟବସାୟୀଙ୍କ ନାମ 'ସି' — ସେ ଥିଲେ ସାଧକ ଏବଂ ଭକ୍ତ; କୌଣସି ଛୋଟ ଅବା ବଡ଼ କାର୍ଯ୍ୟ ନିମନ୍ତେ ସେ ମା'ଙ୍କ ପାଖକୁ ଟେଲିଗ୍ରାମଟିଏ ନକରି କିଛି କରୁ ନଥିଲେ । ଏକଦା ସେ ତାଙ୍କ ଅଫିସକୁ ଯିବା କ୍ଷଣି ଦେଖିବାକୁ ପାଇଲେ ତାଙ୍କ ଟେବୁଲ ଉପରେ ଚେକ୍‌ଟିଏ ରଖା ଯାଇଥିଲା ଦସ୍ତଖତ କରିବା ନିମନ୍ତେ । 'ସି' କଲମ ବାହାର କଲେ, ଦସ୍ତଖତ କରିବା ପାଇଁ ପ୍ରୟାସ କଲେ; କିନ୍ତୁ ସକ୍ଷମ ହେଲେ ନାହିଁ । ତାଙ୍କର ମନେହେଲା ଯେ ତାଙ୍କ ମସ୍ତିଷ୍କ ସମ୍ପୂର୍ଣ୍ଣ ଶୂନ୍ୟ, କିପରି ଲେଖାଯାଏ ସେକଥା ତାଙ୍କୁ ଜଣା ନାହିଁ । କିନ୍ତୁ ସେ ନିଜକୁ ପରୀକ୍ଷା କରି ଦେଖିଲେ ଏବଂ ଅନୁଭବ କଲେ ଯେ ତାଙ୍କ ନିମନ୍ତେ ଅନ୍ୟାନ୍ୟ କାର୍ଯ୍ୟ ଯଥା — ଚାଲିବା, ଗୀତ ଗାଇବା, କଥାବାର୍ତ୍ତା କରିବା, ବହି ପଢ଼ିବା ଇତ୍ୟାଦି କର୍ମ କରିବାକୁ ସେ ସକ୍ଷମ । ତୃତୀୟ ମହଲାରେ ଥିବା ତାଙ୍କ ଅଫିସ ପ୍ରକୋଷ୍ଠକୁ (Chamber) ସେ ଗଲେ । ସେଠାରେ ଚେୟାରରେ ବସି ଟେବୁଲ ଉପରେ ନୋଟ୍‌ପ୍ୟାଡ଼ ଉପରେ ଲେଖିବାକୁ ଚେଷ୍ଟା କଲେ, କିନ୍ତୁ ଲେଖି ପାରିଲେ ନାହିଁ । ଯେତେ ଚେଷ୍ଟା କଲେ ସବୁ ନିଷ୍ଫଳ ହେଲା । ସେ ତାଙ୍କ ଅଫିସର ଉପର ମହଲାରେ ଗୋଟିଏ ଧ୍ୟାନ-ପ୍ରକୋଷ୍ଠ ନିର୍ମାଣ କରିଥା'ନ୍ତି । ସେ ସେହି କକ୍ଷ ମଧ୍ୟକୁ ପ୍ରବେଶ କରି ଶ୍ରୀମା ଶ୍ରୀଅରବିନ୍ଦଙ୍କ ସୁନ୍ଦର ପ୍ରତିକୃତି ସମ୍ମୁଖରେ ଆଖିବୁଜି ସବୁକଥା ନିବେଦନ କରିଦେଲେ । ତତ୍ପରେ ସହକାରୀକୁ ଡାକି କହିଲେ, 'Please reserve a berth for me to Pondicherry on the earliest possible train.' ଟ୍ରେନ ଟିକେଟ ଆସିଲା ପରେ ସେ ତାଙ୍କ ସହକାରୀକୁ ଟେଲିଗ୍ରାମଟିଏ କରି ପଣ୍ଡିଚେରୀରେ ତାଙ୍କର ପହଞ୍ଚିବାର ତାରିଖ ଏବଂ ସମୟ, 'ଶ୍ରୀ ମାଧବ ପଣ୍ଡିତ, ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀ - ୨'କୁ ପଠାଇଦେବା ପାଇଁ ଲେଖାଟିଏ ପ୍ରସ୍ତୁତ କରିଦେଲେ; କାରଣ ସେଇ ନିର୍ଦ୍ଦିଷ୍ଟ ସମୟରେ ତାଙ୍କର ଲେଖିବା ଶକ୍ତି ବିସ୍ମୃତ ହୋଇ ଯାଇଥିଲା । ଟେଲିଗ୍ରାମଟିକୁ ଉଲ୍ଲିଖିତ ଠିକଣାରେ ପଠାଇ ଦିଆଗଲା । ଏ ସମ୍ବାଦ 'ସ'ଙ୍କୁ ଜଣାଇବାର ପରମୁହୂର୍ତ୍ତରେ ଏକ ଚମତ୍କାର ଘଟଣାଟିଏ ଘଟିଲା । ତାଙ୍କ ମସ୍ତିଷ୍କରେ ସ୍ୱଳ୍ପ ସମୟ ଲାଗି ଦେଖା ଦେଇଥିବା ସ୍ମୃତିଶକ୍ତିହୀନତା ଉଭେଇ ଯାଇଥିଲା । ସେ ପୁନର୍ବାର ଲେଖିବାକୁ ସକ୍ଷମ ହେଲେ ।

ଆଶ୍ରମରୁ 'ସି' ଟେଲିଗ୍ରାମଟିଏ ପାଇଲେ, ସେଥିରେ ଲେଖାଥିଲା, 'An interview with the Mother has been fixed for you on 10th August'; ସେ ଆଶ୍ରମରେ ୯ ତାରିଖରେ ପହଞ୍ଚିଗଲେ । ତା' ପରଦିନ ସକାଳେ ଯେତେବେଳେ ସେ ଶଯ୍ୟାତ୍ୟାଗ କଲେ, ତାଙ୍କ ସହଧର୍ମିଣୀ ତାଙ୍କୁ ଅଭିନନ୍ଦନ ଜଣାଇ କହିଲେ, 'Bonne Fête' ଅର୍ଥାତ୍, ଶୁଭ ଜନ୍ମଦିନର ଶୁଭେଚ୍ଛା ଏବଂ ସେ ଉତ୍ତରରେ କହିଲେ, 'Merci' — 'ଧନ୍ୟବାଦ' — ତାଙ୍କର ସମ୍ପୂର୍ଣ୍ଣ ହୃଦ୍‌ବୋଧ ହେଲା ଯେ ସେହିଦିନହିଁ ତାଙ୍କର ଜନ୍ମଦିନ । ତତ୍ପରେ ଆଶ୍ରମ ସ୍କୁଲରେ ପଢୁଥିବା ତାଙ୍କର ଚାରିଜଣଯାକ ଝିଅ ଆସି ଜଣକ ପରେ ଜଣେ 'Bonne Fête' ଜଣାଇଲେ । ଶେଷରେ ଥିଲା ତାଙ୍କ ବଡ଼ ଝିଅର ପାଳି । ସେ ଆସି ପ୍ରଶ୍ନ କଲା, ''ତୁମେ ସମସ୍ତେ ଜାଣିଛ ବାବାଙ୍କ ଜନ୍ମଦିନ ଜାନୁଆରୀ ମାସରେ । ଆଜି କାହିଁକି ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛ ? ଏହା ସମ୍ଭବ ହେଲା କିପରି ?'' 'ସି', ତାଙ୍କ ସହଧର୍ମିଣୀ ଏବଂ ତିନି ଝିଅ ସେମାନଙ୍କ ନିଜ ବ୍ୟବହାର ନିମନ୍ତେ ଆଶ୍ଚର୍ଯ୍ୟ ଚକିତ ହେଉଥା'ନ୍ତି । ସମସ୍ତେ କହୁଥା'ନ୍ତି, ''ଆମେ କିପରି ବାବାଙ୍କ ଜନ୍ମଦିନର ତାରିଖଟି ଭୁଲି ଗଲୁ ?''

ସେ ଯାହାହେଉ ନା କାହିଁକି 'ସି'ଙ୍କର ପତ୍ନୀ ମା'ଙ୍କୁ ନିବେଦନ କରିବା ନିମନ୍ତେ କେତୋଟି ଅଫରିଙ୍ଗ୍ ପ୍ୟାକେଟ୍ ପ୍ରସ୍ତୁତ କରି ରଖିଲେ ଏବଂ କହିଲେ, ''ମୁଁ ତୁମ ସହିତ ମା'ଙ୍କୁ ଦର୍ଶନ କରିବାକୁ ଯିବି ।'' 'ସି' କହିଲେ, ''ବହୁତ ବିଳମ୍ବ

ହୋଇଗଲା, ଏବେ ମା'ଙ୍କ ଅନୁମତି ପ୍ରାପ୍ତ ହେବା ସମ୍ଭବପର ନୁହେଁ ।'' କିନ୍ତୁ ତାଙ୍କ ପତ୍ନୀଙ୍କର ଥିଲା ଦୃଢ଼ବିଶ୍ୱାସ, ତେଣୁ ସେ ଗମ୍ଭୀର ହୋଇଯାଇ କହିଲେ, ''ମୋର ଏହି ଅଭୀପ୍ସା ମା'ଙ୍କ ପାଖକୁ ସିଧାସିଧା ଚାଲି ଯାଇଛି । କିଛି ଚିନ୍ତା କର ନାହିଁ ।'' ଠିକ୍ ତା'ର ପରକ୍ଷଣରେ କେହି ଜଣେ ମା'ଙ୍କ ପାଖରୁ ବାର୍ତ୍ତାଟିଏ ନେଇଆସି ପହଞ୍ଚିଲେ ଏବଂ 'ସି'ଙ୍କୁ କହିଲେ, ''ମା' 'ସି'ଙ୍କ ସହିତ ତାଙ୍କର ସମସ୍ତ ପରିବାରକୁ ଦେଖିବାକୁ ଇଚ୍ଛା କରୁଛନ୍ତି ।'' 'ସି' କହିଲେ, ''ପିଲାମାନେ ତ ସ୍କୁଲରେ ଅଛନ୍ତି !'' ମା'ଙ୍କ ବାର୍ତ୍ତାନେଇ ଆସିଥିବା ସାଧକ ଜଣଙ୍କ କହିଲେ, ''ମୁଁ କିଛି ଜାଣି ନାହିଁ, ଏହାହିଁ ତ ମା'ଙ୍କ ଆଦେଶ ।'' 'ସି'ଙ୍କର ସହଧର୍ମିଣୀ କହିଲେ, ''କିଛି ଚିନ୍ତା କର ନାହିଁ, ତୁମେ ଉପର ମହଲାକୁ ଯାଅ ଏବଂ ମା'ଙ୍କ ପ୍ରକୋଷ୍ଠର ବାହାରେ ବସ, ମୁଁ ପିଲାମାନଙ୍କୁ ନେଇ ଆସିବି ।''

'ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର'ର କର୍ତ୍ତୃପକ୍ଷ ମା'ଙ୍କ ଇଚ୍ଛା ଜାଣିବା ମାତ୍ରକେ ଅବିଳମ୍ବେ ପିଲାମାନଙ୍କୁ ଡକାଇ ପଠାଇଲେ, ସେମାନଙ୍କ ନିମନ୍ତେ ଫୁଲର ବ୍ୟବସ୍ଥା ମଧ କରିଦେଲେ; ସେମାନେ ସମସ୍ତେ ମା'ଙ୍କ ପ୍ରକୋଷ୍ଠ ସମ୍ମୁଖରେ ପହଞ୍ଚିବା ମାତ୍ରକେ ଚମ୍ପକଲାଲ ଆସ୍ତେ ଦରଜା ଖୋଲି 'ସି'ଙ୍କର ନାମ ଧରି ଡାକିଲେ ।

ମା'ଙ୍କ ପ୍ରକୋଷ୍ଠ ଭିତରକୁ 'ସି' ପାଦ ପକାଇବା ସଙ୍ଗେ ସଙ୍ଗେ ମା' ଖୁବ୍ ଜୋର୍‌ରେ କହିଲେ, 'Bonne Fête' ଏବଂ ତାଙ୍କୁ ଜନ୍ମଦିନର କାର୍ଡ଼ ଓ ଫୁଲତୋଡ଼ାଟିଏ ଦେଲେ । 'ସି'ଙ୍କୁ ମା' ଆଶୀର୍ବାଦ କଲାପରେ ତାଙ୍କ ପରିବାରର ସମସ୍ତଙ୍କୁ ପାଖକୁ ଡାକିଲେ, କଥାବାର୍ତ୍ତା ହେଲେ ଏବଂ ପିଲାମାନଙ୍କ ସହ ହସଖୁସିରେ ବୁଡିଗଲେ, ଆଶୀର୍ବାଦ ପ୍ରଦାନ କଲେ, ମନେ ହେଉଥିଲା ଯେପରି ଦିବ୍ୟଜନନୀ ଶ୍ରୀମା ଏହି ପୃଥିବୀପୃଷ୍ଠରେ ଯୁଗ ଯୁଗ ଧରି ବିରାଜମାନ ଅଛନ୍ତି ଏବଂ ସମସ୍ତଙ୍କୁ ଭଲ ଭାବରେ ଜାଣିଛନ୍ତି !

ମା'ଙ୍କ ପ୍ରକୋଷ୍ଠରୁ ସେମାନେ ସମସ୍ତେ ବାହାରକୁ ଆସିଲେ, 'ସି'ଙ୍କର ବଡ଼ଝିଅ ଚମ୍ପକଲାଲଙ୍କୁ କହିଲେ, ''ମୋ ବାପାଙ୍କ ଜନ୍ମଦିନ ତ ଆଜି ନୁହେଁ ।'' ଚମ୍ପକଲାଲଙ୍କ ଉତ୍ତର : ''ଏକଥା ତାଙ୍କ ଆନ୍ତର ସତ୍ତା ଜାଣେ ଏବଂ ମା' ଜାଣନ୍ତି ।'' ("His inner being knows and the Mother knows.") । ତା' ପରଦିନ ସକାଳେ 'ସି' ସବୁକଥା ଏମ୍. ପି. ପଣ୍ଡିତଙ୍କୁ କହିଲେ, ତାଙ୍କୁ ପଚାରିଲେ ଯେ ସେ କେଉଁଦିନ ତାଙ୍କ ଜନ୍ମଦିନ ପାଳନ କରିବେ । ଏମ୍. ପି. ପଣ୍ଡିତ ଉତ୍ତର ଦେଲେ, ''ଭିତରୁ ଯାହା ନିର୍ଦ୍ଦେଶ ଆସିବ, ତୁମେ ତାହାହିଁ କରିବ ।''

ତା' ପରବର୍ଷ 'ସି' ଜାନୁଆରୀ ମାସରେ ତାଙ୍କ ଜନ୍ମଦିନ ପାଳନ କଲେ ଏବଂ ମା'ଙ୍କ ପାଖକୁ ଯାଇ ଆଶୀର୍ବାଦ ପ୍ରାପ୍ତ ହେଲେ । ଅନ୍ତର ଭିତରେ ସେ ସ୍ଥିର କଲେ ଅଗଷ୍ଟ ୧୦ରେ ମା'ଙ୍କ ପାଖକୁ 'ପ୍ରଣାମୀ' ପଠାଇବେ, କିନ୍ତୁ ଯେତେବେଳେ ସେହିଦିନଟି ଉପସ୍ଥିତ ହେଲା ସେ ସମ୍ପୂର୍ଣ୍ଣ ଭୁଲିଗଲେ । ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ, ଯେତେବେଳେ ସେ ଦେଖିବାକୁ ପାଇଲେ 'ଦ୍ୟୁମାନ ଭାଇ' ତାଙ୍କ ଘରକୁ ଆସୁଛନ୍ତି । ହାତରେ ତାଙ୍କର ଶ୍ରୀମା ପଠାଇଥିବା ଜନ୍ମଦିନ କାର୍ଡ଼ ଏବଂ ଆଶୀର୍ବାଦ ପୁଷ୍ପ । ତା'ପରେ ସେ ସ୍ପଷ୍ଟ ବୁଝିଗଲେ ଯେ ତାଙ୍କ ଜୀବନ ପ୍ରତି ବିପଦ ରହିଥିଲା । ବିରୋଧୀ ଶକ୍ତିମାନେ ତାଙ୍କୁ ଶେଷ କରିଦେବା ନିମନ୍ତେ ସେ ଯୋଧପୁର, ଦିଲ୍ଲୀ ଏବଂ କଲିକତାରେ ଥିଲାବେଳେ ଷଡ଼୍‌ଯନ୍ତ୍ର କରି ତାଙ୍କ ଉପରେ ଆକ୍ରମଣ କରିଥିଲେ । କିନ୍ତୁ ମା' ସବୁଥରକ ସେମାନଙ୍କର ଯୋଜନା ପଣ୍ଡ କରି ଦେଇଥିଲେ ଏବଂ ତାଙ୍କ ଜୀବନ ନିମନ୍ତେ ଏକ ନୂତନ ପଟ୍ଟା ପ୍ରଦାନ କରିଥିଲେ, (granted him a new lease of life.); ସେଥିପାଇଁ ଦିବ୍ୟଜନନୀ ତାଙ୍କ ଦିବ୍ୟହସ୍ତରେ ୧୦ ଅଗଷ୍ଟରେ ତାଙ୍କୁ ଜନ୍ମଦିନ-କାର୍ଡ଼ ଦେଇ ଆଶୀର୍ବାଦ କରିଥିଲେ ଏବଂ ଶୁଭେଚ୍ଛା ପ୍ରଦାନପୂର୍ବକ ଫରାସୀ ଭାଷାରେ ସେହି ଅମୃତ ଶବ୍ଦ ଦୁଇଟି କହିଥିଲେ : "Bonne Fête" – 'ସି'ଙ୍କର ଚକ୍ଷୁଦ୍ୱୟ କୃତଜ୍ଞତାର ଅଶ୍ରୁରେ ପୂର୍ଣ୍ଣ ହୋଇ ଉଛୁଳି ଉଠୁଥିଲା ।

("How they came to Sri Aurobindo and The Mother" ପୁସ୍ତକର ପୃଷ୍ଠା. ୧୭୦-୧୭୧)

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers and Meditations – The Mother

(୨) How they came to Sri Aurobindo and The Mother – Shyam Kumari

# ସ୍ୱାଧୀନତା, ପ୍ରଗତି ଓ ପୂର୍ଣ୍ଣତା

## ପ୍ରପତ୍ତି

ସୃଷ୍ଟିର ପଶ୍ଚାତରେ ରହିଛି ସ୍ରଷ୍ଟାଙ୍କର ସ୍ୱାଧୀନ ଆନନ୍ଦମୟ ସଂକଳ୍ପ । ସ୍ୱାଧୀନତା ବ୍ୟତୀତ, ସ୍ୱତଃସ୍ଫୂର୍ତ୍ତ ଆନନ୍ଦମୟ ଅଭିବ୍ୟକ୍ତି ବ୍ୟତୀତ କୌଣସି ଦିବ୍ୟସୃଷ୍ଟି ଅସମ୍ଭବ । ତେବେ ସ୍ୱାଧୀନତାର ଯେପରି କଦର୍ଥ କରା ନଯାଏ, ଅଦିବ୍ୟ ଶକ୍ତିର ଅହଂଗତ ସ୍ୱେଚ୍ଛାଚାରୀ, ମନମୁଖୀ କ୍ରିୟାକଳାପକୁ ଯେପରି ସ୍ୱାଧୀନତା ବୋଲି ଭୁଲ୍ ବୁଝା ନଯାଏ, ସେଥିପ୍ରତି ସର୍ବାଦୌ ସତର୍କ ରହିବାକୁ ହେବ । ସ୍ୱାଧୀନ ପରମ ଚେତନାର ବିସ୍ମୃତି, ପରମେଶ୍ୱରଙ୍କ ସତ୍-ଚିତ୍-ଆନନ୍ଦ ବିଭାବର ବିକୃତି ତଥା ଅନ୍ତରାତ୍ମାର ସ୍ୱତଃସ୍ଫୂର୍ତ୍ତ ଦିବ୍ୟ ଅଭିବ୍ୟକ୍ତିର ପଥରେ ଅହଂମୂଳକ ପ୍ରତିବନ୍ଧକହିଁ ବର୍ତ୍ତମାନର ଅଜ୍ଞାନ-ଅନ୍ଧକାରମୟ, କଦର୍ଯ୍ୟ ଓ ଦୁଃଖ-ଦୁର୍ଦ୍ଦଶାପୂର୍ଣ୍ଣ ଅପ୍ରୀତିକର ଜଗତର କାରଣ । ପରମ ଶାଶ୍ୱତ ସତ୍ୟ ଚେତନାର – ବିଶ୍ୱାତୀତ, ବିଶ୍ୱଗତ ଓ ବ୍ୟକ୍ତିଗତ ସତ୍ୟର – ସ୍ୱତଃସ୍ଫୂର୍ତ୍ତ, ଅବିକୃତ, ଅପ୍ରତିହତ ଆନନ୍ଦମୟ ଅଭିବ୍ୟକ୍ତିହିଁ ସ୍ୱାଧୀନତାର ସ୍ୱଧର୍ମ ।

ବର୍ତ୍ତମାନର ଜାଗତିକ କ୍ରିୟାକଳାପରେ ବିଶେଷଭାବେ ଦୃଷ୍ଟିଗୋଚର ହୁଏ ଏହି ସ୍ୱାଧୀନତାରେ ବା ଦିବ୍ୟ-ଆନନ୍ଦମୟ ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତିରେ ଭୀଷଣ ପ୍ରତିବନ୍ଧକ । ସତ୍-ଚିତ୍-ଆନନ୍ଦର ଅଭିବ୍ୟକ୍ତି ସ୍ଥାନରେ ଦେଖାଯାଏ ଅସତ୍, ଅଚିତ୍ ଓ ନିରାନନ୍ଦର ପ୍ରକାଶ । ଏହି ଅଦିବ୍ୟ ଶକ୍ତିସକଳର କବଳରୁ ମୁକ୍ତ ନହେବା ପର୍ଯ୍ୟନ୍ତ ସକଳ ଅଭିବ୍ୟକ୍ତିରେ ଯଥାର୍ଥ ସ୍ୱାଧୀନତା ଲାଭ ଅସମ୍ଭବ । ତେଣୁ ଯଥାର୍ଥ ସ୍ୱାଧୀନତା ଯଦି ଆମ୍ଭମାନଙ୍କର ଲକ୍ଷ୍ୟ, ତେବେ ସର୍ବାଦୌ ଆମ୍ଭମାନଙ୍କୁ ଅସତ୍, ଅଜ୍ଞାନ, ଅନ୍ଧକାର, ଅସାମର୍ଥ୍ୟ, ଅଚେତନା, ହିଂସା, ଘୃଣା, ବିଶୃଙ୍ଖଳା, ବିଭେଦ, ଅନୈକ୍ୟ ଓ ଅସଙ୍ଗତି କବଳରୁ ମୁକ୍ତ ହେବା ନିମିତ୍ତ ସଚେଷ୍ଟ ହେବାକୁ ହେବ । ଅନ୍ୟ କଥାରେ କହିବାକୁ ଗଲେ ସତ୍-ଚିତ୍-ଆନନ୍ଦଙ୍କର ଏକାନ୍ତ ବିଶ୍ୱସ୍ତ, ଆନ୍ତରିକ ଓ ଅନୁଗତ ସେବକ ହେବାକୁ ହେବ ଓ ତାଙ୍କରି ସହ ଏକତ୍ୱପ୍ରାପ୍ତ ଓ ଯୋଗଯୁକ୍ତ ହୋଇ ତାଙ୍କରି ସ୍ୱାଧୀନ ଆନନ୍ଦମୟ ସଙ୍କଳ୍ପକୁ କାର୍ଯ୍ୟକାରୀ କରିବାକୁ ହେବ । ଏହା ନହେବା ପର୍ଯ୍ୟନ୍ତ ସ୍ୱାଧୀନତା ନାମରେ ଆମେ ବ୍ୟକ୍ତିଗତ, ଗୋଷ୍ଠୀଗତ, ରାଜ୍ୟଗତ ଓ ଦେଶଗତ, ଏପରିକି ବିଶ୍ୱଗତ ଯେତେ କ୍ରିୟାକଳାପରେ ବା ତଦୁପଲବ୍ଧ ଆନନ୍ଦରେ ମଗ୍ନ ରହିଲେ ମଧ୍ୟ ତାହାକୁ ଯଥାର୍ଥ ସ୍ୱାଧୀନତାର ମିଥ୍ୟାଚାର ବୋଲି କହିବାକୁ ହେବ ।

ଯେଉଁ ସୃଷ୍ଟି ଦିବ୍ୟ, ତାହା ନିରବଚ୍ଛିନ୍ନ, ନିରନ୍ତର, ଅପ୍ରତିହତ : ତାହାର ଅନ୍ତ ନାହିଁ, ତାହାର ଗତି ଅପ୍ରତିରୋଧ; ନିତ୍ୟନୂତନ ବିକାଶ ଓ ଚିରନ୍ତନ ପ୍ରଗତିହିଁ ତାହାର ଲକ୍ଷ୍ୟ । କିନ୍ତୁ ଏହି ନିରନ୍ତର ନିତ୍ୟନୂତନ ପ୍ରଗତିର ଅପରିହାର୍ଯ୍ୟ ଭିତ୍ତି ହେଉଛି ଯଥାର୍ଥ ସ୍ୱାଧୀନତା, ଅବ୍ୟାହତ ଆନନ୍ଦମୟ ଦିବ୍ୟ ଅଭିବ୍ୟକ୍ତି । ସ୍ୱାଧୀନତାହିଁ ସତ୍ୟଗତିର ଲୀଳାୟିତ ମଧୁମୟ ଛନ୍ଦଃ ।

ଏହି ଯେ ପ୍ରଗତିର ଅବାରିତ ନିତ୍ୟ ବହମାନ ସ୍ୱାଧୀନ ସ୍ରୋତ, ତାହା ସହିତ ତାଳ ଦେଇ ଏ ଜଗତରେ ଯାହାକିଛି ଅଗ୍ରସର ହୋଇପାରେ ନାହିଁ, ତାହାର ସ୍ଥିତି କ୍ରମଶଃ ବ୍ୟାହତ ହୁଏ, ତାହା ପଶ୍ଚାଦ୍‌ବର୍ତ୍ତୀ ହୋଇ କିଛିକାଳ ପରେ ଧ୍ୱଂସାଭିମୁଖୀ ହୁଏ, ତାହା ଚିରକାଳ ତିଷ୍ଠି ରହିପାରେ ନାହିଁ; ତାହାର ପରିଣାମ ହୁଏ ମୃତ୍ୟୁ ବା ପ୍ରାକୃତିକ ବିପର୍ଯ୍ୟୟ ।

ଆଜିର ଏଇ ମାନବ ସମାଜ ଯାହା ନିଜକୁ ବିଶ୍ୱର ଶ୍ରେଷ୍ଠ ସୃଷ୍ଟି ବୋଲି ମନେ କରି ଗର୍ବ କରେ, ତାହା ଯଦି ନିଜର ଏଇ ଶ୍ରେଷ୍ଠତ୍ୱକୁ ଚିରକାଳ ବଜାୟ ରଖିବାକୁ ଚାହେଁ, ତେବେ ତାହା ସକାଶେ ଏଇ ସ୍ୱାଧୀନ ଶାଶ୍ୱତ ପ୍ରଗତିଧାରାର ଅନୁଗାମୀ ହେବା ଅପରିହାର୍ଯ୍ୟ; ନଚେତ୍ ତାହାର ଧ୍ୱଂସ ସୁନିଶ୍ଚିତ ।

ମାନବ ସମାଜର ଏହି ପ୍ରଗତି ବହୁମୁଖୀ, ତାହାର ସତ୍ତାର ବହୁଧା ବିଭାବ ପରି ତାହାର ପ୍ରଗତିର ଛନ୍ଦଃ ମଧ୍ୟ ବହୁଭଙ୍ଗିମ । ଯେଉଁ ପ୍ରଥମ ବା ଅତ୍ୟାବଶ୍ୟକ କ୍ଷେତ୍ରରେ ମାନବର ପ୍ରଗତି ଆବଶ୍ୟକ, ତାହା ହେଉଛି ଉପସ୍ଥିତ ସକଳ ଅଭାବ-ଅସୁବିଧା ଓ ବାଧାବିଘ୍ନର ପ୍ରତିକାର କରିବା ତଥା ଆନନ୍ଦମୟ ଜୀବନଯାପନ କରିବାର ଅଭୀପ୍ସା ନେଇ ତିଷ୍ଠି ରହିବା । ଏହି ତିଷ୍ଠି ରହିବା ସକାଶେ ଏକାନ୍ତ ଆବଶ୍ୟକ ହେଉଛି ବୈଷୟିକ କ୍ଷେତ୍ରରେ ଖାଦ୍ୟ, ବସ୍ତ୍ର, ବାସଗୃହ ଇତ୍ୟାଦି ଆର୍ଥିକ ବ୍ୟବସ୍ଥା, ସ୍ୱାସ୍ଥ୍ୟ, ନିରାପତ୍ତା, ରାଜନୀତି ଏବଂ ସାମାଜିକ ଜୀବନରେ ଶୃଙ୍ଖଳା, ଶାନ୍ତି ଓ ସଙ୍ଗତି । ବ୍ୟକ୍ତିଗତ ତଥା ସାମାଜିକ ଜୀବନର ଏକ ସୁସଙ୍ଗତ ସ୍ଥିତିହିଁ ମାନବ ପ୍ରଗତିର

ପ୍ରଥମ ଆବଶ୍ୟକତା । ଦ୍ୱିତୀୟତଃ, ମାନବର ଚତୁର୍ଦ୍ଦିଗରେ ଯେଉଁ ବୈଚିତ୍ର୍ୟପୂର୍ଣ୍ଣ ରହସ୍ୟମୟ ସ୍ଥୂଳ ବିଶ୍ୱ ଉପସ୍ଥିତ, ସେ ସମ୍ବନ୍ଧରେ ଅଧିକାଧିକ ଜ୍ଞାନାର୍ଜନ କରିବା ଏବଂ ସେହି ଜ୍ଞାନକୁ ଜୀବନର ଆବଶ୍ୟକତା ପୂରଣ ତଥା ଆନନ୍ଦମୟ ଜୀବନଯାପନର କ୍ଷେତ୍ରରେ ପ୍ରୟୋଗ କରିବା – ଏହାହିଁ ହେଲା ସ୍ଥୂଳ ଜାଗତିକ ଜ୍ଞାନ ବା ଜଡ଼ ବିଜ୍ଞାନର କ୍ଷେତ୍ରରେ ମାନବର ପ୍ରଗତି । ତୃତୀୟତଃ, ଏହି ଯେ ସ୍ଥୂଳ ଜଗତ୍ ସଦାସକ୍ରିୟ ହୋଇ କେଉଁ ଏକ ଲକ୍ଷ୍ୟ ଦିଗରେ ଧାଇଁ ଚାଲିଛି ଏବଂ ସେହି ସକ୍ରିୟତା ପଶ୍ଚାତରେ ଯେଉଁ ରହସ୍ୟମୟ ଚେତନା ବା ସତ୍ୟ ବିଦ୍ୟମାନ, ସେ ସମ୍ବନ୍ଧରେ ମାନବର ଜିଜ୍ଞାସା ଓ ଆନ୍ତରିକ ଅଭୀପ୍ସାର ପରିପୂର୍ତ୍ତିର ପ୍ରଗତି । ଏହାହିଁ ହେଲା ମାନବର ବିଶ୍ୱରହସ୍ୟ-ଉଦ୍‌ଘାଟନର କ୍ଷେତ୍ରରେ ପ୍ରଗତି ଯାହା ବ୍ୟତୀତ ଜୀବନାସ୍ତିତ୍ୱ ଅତି ଅଜ୍ଞାନ ଓ ଅନ୍ଧକାରମୟ ହୋଇଉଠେ । ଏହି କ୍ଷେତ୍ର ହେଲା ଦର୍ଶନ, ନୈତିକତା, ଉଚ୍ଚାଦର୍ଶ ଓ ଧର୍ମ ଯାହା ଶେଷରେ ମାନବକୁ ଆଧ୍ୟାତ୍ମିକତା ଦିଗରେ, ସତ୍-ଚିତ୍-ଆନନ୍ଦଙ୍କ ଦିଗରେ ପରିଚାଳିତ କରେ ।

ଏହି ତ୍ରିବିଧ ପ୍ରଗତିର – ମାନବ ସମ୍ବନ୍ଧେ, ଜଗତ୍ ସମ୍ବନ୍ଧେ ଓ ଭଗବାନଙ୍କ ସମ୍ବନ୍ଧେ ପ୍ରଗତିର କ୍ଷେତ୍ରରେ ଅଗ୍ରଗତି ସଙ୍ଗେ ସଙ୍ଗେ ସ୍ୱତଃସ୍ଫୂର୍ତ୍ତ ଭାବରେ ମାନବର ଯେଉଁ ଅନ୍ୟ ଦୁଇଟି ପ୍ରଗତିର କ୍ଷେତ୍ର ଅନିବାର୍ଯ୍ୟ ହୋଇଉଠେ, ତାହା ହେଲା – ସାଂସ୍କୃତିକ ପ୍ରଗତି ଓ ଶିକ୍ଷାଗତ ପ୍ରଗତି । ସାଂସ୍କୃତିକ ପ୍ରଗତି ହେଉଛି ସତ୍-ଚିତ୍-ଆନନ୍ଦଙ୍କର ବିଭିନ୍ନ ପ୍ରକାଶୋନ୍ମୁଖ ବିଭାବକୁ ଜୀବନ ଓ ଜଗତରେ ଅଭିବ୍ୟକ୍ତ କରିବା; ଯାହା ସୌନ୍ଦର୍ଯ୍ୟପୂର୍ଣ୍ଣ, ଆନନ୍ଦଦାୟକ, ବିସ୍ମୟକର ଏବଂ ସତ୍ୟ-ଚେତନା, ଆଲୋକ, ଜ୍ଞାନ, ଶକ୍ତି, ପ୍ରେମ, ଐକ୍ୟ, ଶୃଙ୍ଖଳା ଓ ସଙ୍ଗତିର ପ୍ରକାଶକ, ତାହାର ଅନୁଶୀଳନ କରିବା । ଅନ୍ୟ କଥାରେ କହିବାକୁ ହେଲେ ଅପ୍ରକାଶିତ ଭଗବତ୍ ସଙ୍କଳ୍ପକୁ ମାନବସତ୍ତାର ବିଭିନ୍ନ ବିଭାବରେ ଅଭ୍ୟାସ ଓ ଅଭିବ୍ୟକ୍ତ କରି ଭଗବତ୍ ଲୀଳାରେ, ସତ୍ୟ ସୃଷ୍ଟିରେ ଅଂଶଗ୍ରହଣ କରିବା ହେଉଛି ସାଂସ୍କୃତିକ ପ୍ରଗତିର କ୍ଷେତ୍ର । ବିଭିନ୍ନ କଳା, ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଶରୀରଚର୍ଚ୍ଚା, ଚିତ୍ରବିଦ୍ୟା, ଭାସ୍କର୍ଯ୍ୟ ଆଦି – ମୋଟାମୋଟି ଶରୀର, ପ୍ରାଣ, ମନ ଓ ଆତ୍ମାକୁ ଯାହା ସତ୍ୟ ସୃଷ୍ଟିର ଆନନ୍ଦ ଦିଏ ତାହାହିଁ ସଂସ୍କୃତି ।

ଏହା ସଙ୍ଗେ ସଙ୍ଗେ ଅନ୍ୟ ଯେଉଁ ପ୍ରଗତିର କ୍ଷେତ୍ର ଆବଶ୍ୟକ ତାହା ହେଲା ଶିକ୍ଷାଗତ ପ୍ରଗତି । ଶିକ୍ଷା ହେଲା ଜୀବନ, ଜଗତ୍ ଓ ଜଗତର ପଶ୍ଚାତରେ ଥିବା ସତ୍ୟ ସମ୍ବନ୍ଧେ ପୂର୍ଣ୍ଣତଃ ଜ୍ଞାନାର୍ଜନ କରିବା ଓ ସେହି ଜ୍ଞାନାର୍ଜନରେ ଅନ୍ୟକୁ ସହାୟତା କରିବା ଏବଂ ଉପଲବ୍ଧ ଜ୍ଞାନକୁ ବ୍ୟକ୍ତିଗତ ତଥା ସାମୂହିକ ଜୀବନରେ ପ୍ରୟୋଗ କରି ସତ୍ୟାତ୍ମକ ଆନନ୍ଦର ଉପଲବ୍ଧି ନିମିତ୍ତ ପ୍ରସ୍ତୁତ ହେବା, ଯଦ୍ୱାରା ମାନବ କ୍ରମଶଃ ଦିବ୍ୟପୂର୍ଣ୍ଣତା ଦିଗରେ ପରିଚାଳିତ ହୋଇପାରେ । ଏହି ଶିକ୍ଷାକୁ ପ୍ରଧାନତଃ ଶାରୀରିକ, ପ୍ରାଣିକ, ମାନସିକ, ଅନ୍ତରାତ୍ମିକ ତଥା ଆଧ୍ୟାତ୍ମିକ ଶିକ୍ଷାରେ ବିଭକ୍ତ କରାଯାଇପାରେ ଏବଂ ଏହି ଚତୁର୍ବିଧ ଶିକ୍ଷା ଶେଷରେ ନେଇଚାଲେ ଅତିମାନସ ଶିକ୍ଷା ଦିଗରେ, ସ୍ଥୂଳ ଜୀବନ ଓ ଜଗତରେ ଭଗବାନଙ୍କୁ ପୂର୍ଣ୍ଣତଃ ଅଭିବ୍ୟକ୍ତ ଓ ପ୍ରତିଷ୍ଠିତ କରିବାର ଶିକ୍ଷା ଦିଗରେ ।

*

ଉପରୋକ୍ତ ସ୍ୱାଧୀନ ବହୁମୁଖୀ ପ୍ରଗତି ମାନବକୁ ପୂର୍ଣ୍ଣତା ଦିଗରେ ପରିଚାଳିତ କରେ । ପୂର୍ଣ୍ଣତା ହେଉଛି ଜୀବନ ଓ ଜଗତରେ ସତ୍-ଚିତ୍-ଆନନ୍ଦଙ୍କ ନିରନ୍ତର ପ୍ରଗତିଶୀଳ ପୂର୍ଣ୍ଣ ପ୍ରତିଷ୍ଠା । ସାଧାରଣ ପ୍ରଗତି କ୍ଷେତ୍ରରେ ମାନବକୁ ବିରୋଧୀ ଶକ୍ତିର ନାନା ବାଧାବିଘ୍ନ ଓ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ହୋଇଥାଏ । ଯେତେବେଳେ ମାନବ ନିଜକୁ ପ୍ରସ୍ତୁତ କରି ଏହି ବାଧାବିଘ୍ନକୁ ଅତିକ୍ରମ କରେ ସେତେବେଳେ ଏପରି ଏକ ଅବସ୍ଥା ଆସେ ଯେତେବେଳେ ମାନବକୁ ଆଉ ବିରୋଧୀ ଶକ୍ତିର ବାଧାବିଘ୍ନର ସମ୍ମୁଖୀନ ହେବାକୁ ହୁଏ ନାହିଁ, ସେତେବେଳେ ମାନବ ଭଗବତ୍ ସେବକ ବା ଦିବ୍ୟକର୍ମୀ ରୂପେ ଭଗବତ୍ ଲୀଳାର ଅଂଶଗ୍ରହଣକାରୀ ରୂପେ ଜ୍ଞାନରୁ ଅଧିକ ଜ୍ଞାନ ଦିଗକୁ, ଶକ୍ତିରୁ ଅଧିକ ଶକ୍ତି ଦିଗକୁ ଓ ଆନନ୍ଦରୁ ଅଧିକ ଆନନ୍ଦ ଦିଗକୁ ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରଗତି କରିଚାଲେ ।

ଏହି ପୂର୍ଣ୍ଣତା କେବଳ ସେତିକିବେଳେ ଆସେ ଯେତେବେଳେ ଅପୂର୍ଣ୍ଣ ଜୀବନ ଓ ଜଗତ୍ ଭଗବତ୍ ଧର୍ମରେ ପୂର୍ଣ୍ଣତଃ ରୂପାନ୍ତରିତ ହୋଇଥାଏ । ଏହି ରୂପାନ୍ତର ବ୍ୟତୀତ ପୂର୍ଣ୍ଣତା ଅସମ୍ଭବ । ତ୍ରିବିଧ ରୂପାନ୍ତର ଅନୁସାରେ ଏହି ପୂର୍ଣ୍ଣତାକୁ ମଧ୍ୟ ତ୍ରିବିଧ ପୂର୍ଣ୍ଣତା ନାମରେ ଅଭିହିତ କରାଯାଇପାରେ : ଅନ୍ତରାତ୍ମିକ ପୂର୍ଣ୍ଣତା, ଆଧ୍ୟାତ୍ମିକ ପୂର୍ଣ୍ଣତା ଏବଂ ଅତିମାନସ ପୂର୍ଣ୍ଣତା । ଅନ୍ତରାତ୍ମିକ ପୂର୍ଣ୍ଣତା ହେଉଛି ଅନ୍ତରାତ୍ମା ବା ଚୈତ୍ୟପୁରୁଷର ଗୁଣଧର୍ମ ଅନୁସାରେ ଶରୀର, ପ୍ରାଣ ଓ ମନକୁ ଦୀକ୍ଷିତ ଓ ଅନୁଗତ କରାଇବା । ଆଧ୍ୟାତ୍ମିକ ପୂର୍ଣ୍ଣତା ହେଉଛି

ଜାଗତିକ ଦୁଃଖ-ଜଞ୍ଜାଳରୁ ମୁକ୍ତ ହୋଇ, ପରମାତ୍ମାଙ୍କ ସହ ଏକୀଭୂତ ହୋଇ ବିଶ୍ୱାତୀତ ନିଶ୍ଚଳ ଆନନ୍ଦମୟ ପରମ ଚେତନାରେ ବାସ କରିବା; ଏବଂ ଅତିମାନସ ପୂର୍ଣ୍ଣତା ହେଉଛି ବିଶ୍ୱାତୀତ ପରମ ଚେତନାକୁ ଜୀବନ ଓ ଜଗତରେ ସକ୍ରିୟ ଭାବେ ପ୍ରତିଷ୍ଠିତ କରିବା ନିମିତ୍ତ ଯେଉଁ ମାନସୋତ୍ତର ଅତିଚେତନା ମାଧ୍ୟମ ରୂପେ କାର୍ଯ୍ୟ କରିପାରେ, ତାହାକୁ ପୂର୍ଣ୍ଣତଃ ଉପଲବ୍ଧି କରିବା ।

ଯଥାର୍ଥ ସ୍ୱାଧୀନତା ହେଉଛି ଆଧ୍ୟାତ୍ମିକ ସ୍ୱାଧୀନତା, ଯଥାର୍ଥ ପ୍ରଗତି ହେଉଛି ଆନ୍ତର ଓ ବାହ୍ୟ ଉଭୟ ପ୍ରଗତିର ଏକ ସମନ୍ୱୟ ଓ ସଙ୍ଗତି ଏବଂ ଯଥାର୍ଥ ପୂର୍ଣ୍ଣତା ହେଉଛି ଅତିମାନସ ପୂର୍ଣ୍ଣତା ଯାହା ପରମେଶ୍ୱରଙ୍କ ବିଶ୍ୱାତୀତ, ବିଶ୍ୱଗତ ଏବଂ ବ୍ୟକ୍ତିଗତ – ଏହି ତ୍ରିବିଧ ବିଭାବ ମଧ୍ୟରେ ସେତୁ ରୂପେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ନିତ୍ୟନୂତନ ଅନ୍ତହୀନ ପ୍ରଗତି ସାଧନରେ ପ୍ରବୃତ୍ତ ହୁଏ ।

ଜଗତରେ ଏହି ସ୍ୱାଧୀନ ପ୍ରଗତିଶୀଳ ପୂର୍ଣ୍ଣାଙ୍ଗ ଜୀବନହିଁ ମାନବ ସମାଜର ଅପରିହାର୍ଯ୍ୟ ଲକ୍ଷ୍ୟ । ଭାରତହିଁ ଏକମାତ୍ର ଦେଶ ଯାହା ମଧ୍ୟରେ ଜଗତକୁ ଏହି ଲକ୍ଷ୍ୟ ଦିଗରେ ଗୁରୁ ରୂପେ ମାର୍ଗ ପ୍ରଦର୍ଶନ କରିବାର ଶକ୍ତି ନିହିତ ଅଛି । ଆଜିର ସ୍ୱାଧୀନ ଭାରତ – ଯଦିଓ ଏହା ନିଜେ ଯଥାର୍ଥ ସ୍ୱାଧୀନତା, ପ୍ରଗତି ଓ ପୂର୍ଣ୍ଣତାର ବହୁ ପଶ୍ଚାତରେ ଦଣ୍ଡାୟମାନ – ଯଦି ଦୃଢ଼ପ୍ରତିଜ୍ଞ ହୁଏ ତେବେ ନିଜକୁ ତଥା ସମଗ୍ର ଜଗତକୁ ଏହା ଦେଇପାରେ ଅଭ୍ରାନ୍ତ ଦିଗ୍‌ନିର୍ଦ୍ଦେଶ । ଏକମାତ୍ର ଭାରତହିଁ ଏହି ଗୁରୁଦାୟିତ୍ୱକୁ ବହନ କରିପାରେ । ଭାରତର ତରୁଣ ସମାଜ ଏହି ଦାୟିତ୍ୱ ସମ୍ପାଦନ ଦିଗରେ ସଚେତନ, ସକ୍ରିୟ, ସ୍ୱାଧୀନ ଓ ପ୍ରଗତିଶୀଳ ହୋଇ ଜଗତରେ ଦିବ୍ୟପୂର୍ଣ୍ଣତାର ପ୍ରତିଷ୍ଠା ନିମିତ୍ତ ବ୍ରତୀ ହେଉ – ଏହାହିଁ ପରମେଶ୍ୱରଙ୍କ ନିକଟରେ ଐକାନ୍ତିକ ପ୍ରାର୍ଥନା ।

(‘ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ’,
ପ୍ରଥମ ଖଣ୍ଡ, ପୃ. ୧୬୮ - ୧୭୧)

❑❑❑

# ଭରି ଦିଅ ଅଖଣ୍ଡ ବିଶ୍ୱାସ


## ଶରତ କୁମାରୀ ସ୍ୱାଇଁ

ତୁମେ ତ ଆନନ୍ଦ ସଚ୍ଚିଦାନନ୍ଦ
ହୃଦୟ କମଳ ମଧୁ ମକରନ୍ଦ
ପରମ ପ୍ରଭୁ ହେ ! ଚିରନ୍ତନ ସତ୍ୟ
ଜୀବନ ବୀଣାର ସୁଲଳିତ ଛନ୍ଦ ।୧।

ତବ ଉପସ୍ଥିତି ସଦୟ ସ୍ୱୀକୃତି
ନିଷ୍କମ୍ପ ଜଡ଼ରେ ଭରେ ନବସ୍ଫୂର୍ତ୍ତି
ନିୟନ୍ତ୍ରିତ କରେ ଜୀବର ଜୀବନ
ଅଗ୍ନିମୟ ପଥେ ଦେଇ ଉର୍ଦ୍ଧ୍ୱ ଗତି ।୨।

ବିବର୍ତ୍ତନମୁଖୀ ଚେତନା ସୋପାନେ
ଉଚ୍ଚତର ଆରୋହଣର ଲଗନେ
ଚରମ ଶୁଦ୍ଧତା ଭରିଛ ହେ ପ୍ରଭୁ !
ସୌରଦୀପ୍ତ ପଥେ ଉଜ୍ଜ୍ୱଳ କିରଣେ ।୩।

ବିମଳ ସୁହାସ ଝରାଇ ଧରାରେ
ନିଃସ୍ୱ ବୁକେ ଭରି ଅବ୍ୟକ୍ତ ଉଲ୍ଲାସ
ରୂପାନ୍ତରଣର ଅଗ୍ନିମୟ ପଥେ
ଭରି ଦିଅ ପ୍ରଭୁ ଅଖଣ୍ଡ ବିଶ୍ୱାସ ।୪। ❑



# ଦ୍ୱୀପାନ୍ତରର କଥା

## (ଦଶମ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### କଏଦୀ ଜୀବନର କେତେଗୁଡ଼ିଏ ଚିତ୍ର
### (୨)

... କାର୍ତ୍ତିକ ମୋଚି ଡକାୟତ । ମନରେ ଅସୀମ ବଳ, ଶରୀରରେ ଶକ୍ତି ଓ ଉତ୍ସାହ । ସୁତରାଂ ସଉକରେ ଲାଠିବାଜି କରି ଡକାୟତି କରେ । ମଣିଷଟି ଅନ୍ୟସବୁ ଦିଗରୁ ବେଶ୍ ସୁନ୍ଦର ପ୍ରକୃତିର । ଯାହାକୁ ଭଲ ପାଇବ ତାକୁ ପ୍ରାଣପଣେ ସେବା କରିବ । ଦିନେ ଉପେନ୍ ତାକୁ ହିନ୍ଦୁ-ମୁସଲମାନ ପ୍ରୀତି ସମ୍ବନ୍ଧରେ ଏକ ଲମ୍ବା ମାମୁଲି ବକ୍ତୃତା ଶୁଣାଇଲା, ଉପଦେଶର ବନ୍ୟାକୁ ମଥାପାତି ମାନି ନେଇ କାର୍ତ୍ତିକ ହଁ ମାରି ଚାଲିଲା, ତା'ପରେ କଥା ଶେଷ ହେବାରୁ କହିଲା, ''ବାବାଠାକୁର, ଆପଣ ଯାହା କହିଲେ ତାହା ଖାଣ୍ଟି କଥା । କିନ୍ତୁ ବାବାଠାକୁର, ଏହି ଯେଉଁ ମଧୁର ହରିନାମ ତାହାକୁ ଶୁଣି ଯେତେବେଳେ ଏମାନେ ତୁଣ୍ଡରେ ଧରିଲେନି, ସେତେବେଳେ ଏମାନଙ୍କର ଗତି କ'ଣ ହେବ ? ଆପଣ କୁହନ୍ତୁ ଦେଖି ?''

ତାକୁ 'କାର୍ତ୍ତିକେ' ନ କହି 'କାର୍ତ୍ତିକଚନ୍ଦ୍ର' କହିଲେ ତା'ର ମନକୁ ପାଏ ନାହିଁ । ତା'ର ବାବାଠାକୁରଙ୍କ ନିମନ୍ତେ ଏପରି କରି ପାରିବା ଭଳି କିଛି ନଥିଲା । ହେମ୍‌ଦା ଜଙ୍ଗଲକୁ ଗଲେ କାର୍ତ୍ତିକ ତା'ର ଖୁବ୍ ସେବା ଯତ୍ନ କରୁଥିଲା । ମାଛ ଧରିବାରେ କାର୍ତ୍ତିକ ଥିଲା ଅଦ୍ୱିତୀୟ ।

ଏଠାରେ ମନୁଷ୍ୟମାନଙ୍କ ଭିତରେ ସ୍ନେହ ଭଲପାଇବା ସବୁକିଛି ଅଛି, କିନ୍ତୁ ବଡ଼ ବିକୃତ ଭାବରେ । ଜଣଙ୍କ ପାଇଁ ଅନ୍ୟ ଜଣକୁ ଜୀବନ ଦେବାର କଠିନ ସ୍ୱାର୍ଥତ୍ୟାଗର ନିଦର୍ଶନ ନିତ୍ୟ ଦେଖାଯାଏ; କିନ୍ତୁ ସେ ତ୍ୟାଗ, ସେ ପ୍ରେମ କଳୁଷର ପଙ୍କରେ ପଙ୍କିଳ ।

ଖୁବ୍ ସାଧୁ ପ୍ରକୃତିର ଲୋକ ବି ଏଠାରେ ଅଛନ୍ତି । ମଥୁରା ସିଂ ପେଟି ଅଫିସରୁ ଟିଣ୍ଡାଲ ହୋଇ ଦଶ ବାର ବର୍ଷ ହେଲା ଜେଲରେ କାମ କରୁଛି । ଏପରି ସାତ୍ତ୍ୱିକ ପ୍ରକୃତିର ନିରୀହ ମଣିଷ ଖୁବ୍ କମ୍ ଦେଖାଯା'ନ୍ତି । ମଥୁରା ସିଂ କାହାରି ମୁହଁରୁ ଅଶ୍ଳୀଳ ଗାଳି କେବେ ବି ଶୁଣି ନାହିଁ, ଏଇ ଦୁର୍ବାର ପାପ ରାଜ୍ୟରେ କୌଣସି ପାପହିଁ ତା'ର ଶରୀରରେ ନାହିଁ । ମଥୁରା କିନ୍ତୁ ଏକ ବିରାଟ ବୟାଶୀ ବ୍ରିଟିଶ ଟଙ୍କା ଓଜନର ଚଟକଣୀ ପାଇଁ ହାତ ଉଠାଇଥିଲେ ବି ପ୍ରକୃତରେ ମାରିବା ସମୟରେ ଯାଦୁର ଚମତ୍କାର ପରି ଦେହରେ ହାତ ବୁଲାଇ ଦେଇ କାମ ଶେଷ କରେ । ତା'ର ଗର୍ଜନ ତର୍ଜନ ସବୁ ଶରତ ମେଘର ନିଷ୍ଫଳ ଆୟୋଜନ । କଏଦୀମାନଙ୍କ ପ୍ରତି ତାହାର ଅପାର କରୁଣା; ସାହେବ କେତେବେଳେ କ'ଣ କହିଦେବେ, ସେଇ ଭୟରେ ସେ ସଦା ଉଚ୍ଚାଟ ଓ ବିସ୍ଫାରିତ ଚକ୍ଷୁ; ନିତି ତୁଳସୀ ଦାସ ରାମାୟଣ ପାଠ ନକଲେ ସେ ଅନ୍ନ ଜଳ ମୁହଁରେ ଦିଏ ନାହିଁ । ସେ ନିତାନ୍ତହିଁ Goody Goody ଧରଣର ବିଚାରା ନିରୀହ ଭଲ ମଣିଷଟିଏ । ଏହାକୁ ଜେଲରେ ଧରି ରଖିବା ଆଉ ଗୋ-ବଧ କରିବା ଏକା କଥା । ମଥୁରା ବର୍ତ୍ତମାନ ଟିକଟ ତଦନ୍ତ କରିବାର କାର୍ଯ୍ୟରେ ଅଛି, ଅର୍ଥାତ୍, କେତେକ ପରିମାଣରେ ସ୍ୱାଧୀନଭାବେ ଜୀବନ ନିର୍ବାହ କରିବାର ଅଧିକାର ପାଇଛି ।

ସେଲ୍ୟୁଲାର୍ ଜେଲର ଦ୍ୱାରୀ (Gatekeeper)ର ନାମ ତକଡ୍ ସିଂ, ଘର ହେଉଛି ସଗର ଦେଶ । ଲୋକଟି ସାମାନ୍ୟ ଇଂରାଜୀ ଜାଣିଥିଲେ ବି ଉଚ୍ଚଶିକ୍ଷିତ, ଦେଶ ବା ଜଗତର କଠିନ କଠିନ ଆଧୁନିକ ସମସ୍ୟାର କଥା ବି ବୁଝେ । ଜମିଜମା ସଂକ୍ରାନ୍ତ ମାମଲାରେ ତା'ର ଚାକର ଅବା ମଜୁରିଆ କାହାରିକୁ ଖୁନ୍ କରିବା ଯୋଗୁଁ ତା'ର ଦ୍ୱୀପାନ୍ତର ହୋଇଛି । ଅଥଚ ଏଇ ସାଧୁ ପ୍ରକୃତି ସଦ୍-ବଂଶଜାତ ଭଦ୍ର ସନ୍ତାନର ଉପରେ କ୍ରମଶଃ ଦୁଃଖ ଦୈନ୍ୟର ପ୍ରଭାବ ଆସି ପଡ଼ିଛି । ମଣିଷକୁ ଶାସ୍ତି ଦେଇ ବଡ଼ କରାଯାଏ ନାହିଁ; ମୁହଁ ବାନ୍ଧି ଭାଲୁକୁ ନଚାଇ ହୁଏ, କିନ୍ତୁ ସେ ପଶୁହିଁ ହୋଇ ରହିଯାଏ । ଶାସ୍ତିର ଆଳରେ ସତ୍ ସ୍ୱଭାବର ମନକୁ କଳୁଷ ଆଳୟକୁ ଆଣି ବିକୃତ କରିବାର ଅପରାଧ ହେଉଛି ଖୁନ୍ ଅପରାଧଠାରୁ ବି ଜଘନ୍ୟ । ଆମର ଦଣ୍ଡ ସଂକ୍ରାନ୍ତ ଆଇନ (penalcode) ହେଉଛି ମରଣାନ୍ତକ, ସମସ୍ତହିଁ ଶାସ୍ତିବିଧାନ (punitive)ର ବ୍ୟବସ୍ଥା; ପ୍ରବୃତ୍ତିର ବଶରେ ବା ହଠାତ୍ ଉତ୍ତେଜନାରେ ଯେ ଖୁନ୍ ବା ପୀଡ଼ନ କରି ପକାଏ, ତା' ପାଇଁ ଯାବଜ୍ଜୀବନ ଦ୍ୱୀପାନ୍ତର, — ଲଘୁପାପରେ ଗୁରୁ

ଦଣ୍ଡ । ଆମେରିକାର ବିଚାରକ ଶାସ୍ତି ଦେବା ସମୟରେ ଅପରାଧୀର ବୌଦ୍ଧିକ ବିକାଶର ତାରତମ୍ୟ ଓଜନ କରି ଦେଖନ୍ତି । ଜଣେ ଲୋକର ବୟସ ୪୦ ବର୍ଷ ହୋଇପାରେ, କିନ୍ତୁ ତା'ର ଜ୍ଞାନ (intellectual stature) ହୁଏତ ଦଶ ବର୍ଷର ବାଳକର ତୁଲ୍ୟ; ଏ ଅବସ୍ଥାରେ ତା'ର ଅପରାଧର ଶାସ୍ତି ତଦନୁରୂପ ହେବା ଉଚିତ ! ଅଧିକନ୍ତୁ ବିକୃତ ଚରିତ୍ରର ଭାର ବହନ କରିବା ହେଉଛି ବଡ଼ ବିଷମ ଦାୟିତ୍ୱ; ଯଦି ତା'ର ନଷ୍ଟ ମନୁଷତ୍ୱ ତାକୁ ଫେରାଇ ଦିଆ ନଯାଏ, ତେବେ ତା'ର ବ୍ୟକ୍ତିଗତ ସ୍ୱାଧୀନତା ଅପହରଣ କରିବାର ଆମର କି ଅଧିକାର ଅଛି ? ଏଇ ସବୁ ବିଷୟ ଚିନ୍ତା କରି ନୂଆ କରି କାରାବିଧି ପ୍ରଣୟନର ଦିନ ଆସିଛି । ଭାରତ ଓ ଇଂଲଣ୍ଡ ଆଜି ବି ଅନୁନ୍ନତ, ଏ ବିଷୟରେ ଖୁବ୍ ପଶ୍ଚାତ୍ପଦ ।

ଏଇ ସବୁ ଅପରିଣତ ମନ ବିଶିଷ୍ଟ ଅପରାଧୀର ଭାର ଉନ୍ନତମନା ଦୟାର୍ଦ୍ର ସୁଶିକ୍ଷିତ ଲୋକର ହାତରେ ଦେବା ଆବଶ୍ୟକ । ଆଣ୍ଡାମାନରେ ତାହା ତ ହୁଏ ନାହିଁ, ଅଧିକନ୍ତୁ ତା'ର ବିପରୀତ ହୁଏ । ଯେଉଁ କଏଦୀମାନେ ଖୁବ୍ ଚାଲାକ ଓ ସତର୍କ, ସେମାନେ ଶତ ଅପରାଧ କଲେ ବି ସହଜରେ ଧରା ପଡ଼ନ୍ତି ନାହିଁ । ସୁତରାଂ ସେମାନଙ୍କର ଜେଲ ଟିକଟ ସଫା ଥାଏ, ଅର୍ଥାତ୍ – କୌଣସି ମୋକଦମା ନ ହେଲେ ଟିକଟରେ ଦାଗ ପଡ଼େ ନାହିଁ । ସଚରାଚର ଏଇ ପ୍ରକାରର କଏଦୀମାନେହିଁ ପେଟି ଅଫିସର୍, ଟିଣ୍ଡାଲ ବା ଜମାଦାରର ପଦ ଲାଭ କରନ୍ତି; ଦ୍ୱିପଦ ମନୁଷ୍ୟର ପଦବୀ ବୃଦ୍ଧି ହୋଇ ଚତୁଷ୍ପଦ ହୁଅନ୍ତି, ନୁହେଁ ତ ଆଉ କ'ଣ ! ସୁପରିନ୍‌ଟେଣ୍ଡେଣ୍ଟ୍ କଏଦୀକୁ ପ୍ରମୋଶନ ଦେବା ସମୟରେ ତା'ର ପ୍ରକୃତ ଚରିତ୍ରର ଦିଗଟି ପ୍ରତି ଲକ୍ଷ୍ୟ ନଥାଏ, କେବଳ ଦେଖନ୍ତି ତା'ର ଜେଲ ଇତିହାସ (Jail history sheet)ରେ କୌଣସି କେଶ୍ ବା ଅପରାଧ ପାଇଁ ଶାସ୍ତି ଅଛି କି ନା ।

ମିର୍‌ଜା ଖାଁ ଥିଲା ଜାତିରେ ପଠାଣ । ଏଇ ଜୀବନରେ ବହୁତ ଘାଟରେ ପାଣି ପିଇ ଅନେକ ଦେଶ ବୁଲିଛି, ମିର୍‌ଜା ଖାଁ ପରି ଚାଲାକ ଲୋକ ମୁଁ ଅତି ଅଳ୍ପହିଁ ଦେଖିଛି । ପେଟି ଅଫିସରରୁ ଅବଶେଷରେ ସେ ଜମାଦାର ହୋଇ ଦୁର୍ଦଣ୍ଡ ପ୍ରତାପରେ ବହୁ ବର୍ଷ ହେଲା ସେଲ୍ୟୁଲାର୍‌ରେ ରାଜତ୍ୱ କରୁଛି । ସଇତାନି ଓ ପାପାଚାରରେ ଗୋଲାମ ରସୁଲ ତା' ପାଖରେ ଅଜ୍ଞାନ ଶିଶୁ, ମିର୍‌ଜାକୁ ଆହୁରି ଦଶ ବର୍ଷ କାଳ ଗୁରୁ କରି ସମୁଦ୍ର ସମ ବିରାଟ କଲେ ମଧ୍ୟ ରସୁଲ ଚାଚା ଏଇ ରକ୍ତଶ୍ମଶ୍ରୁ ରକ୍ତମୁଖା ମିଷ୍ଟଭାଷୀ ପଠାଣର ସମକକ୍ଷ ହୋଇ ପାରିବ କି ନା ସନ୍ଦେହ । ଜଣେ ଦୁଇଜଣଙ୍କୁ ବାଦ୍ ଦେଲେ ଆଣ୍ଡାମାନରେ ମିର୍‌ଜା ଖାଁ ବଶରେ ନଥିବ ସେପରି ଲୋକ ଆଉ କେହି ନଥିଲେ । ''ରଖେ କୃଷ୍ଣ ମାରେ କିଏ, ମାରେ କୃଷ୍ଣ ରଖେ କିଏ ?'' – ଏକଥା ମିର୍‌ଜାର ଜମାନାରେ ମିର୍‌ଜା ପାଇଁ ଖୁବ୍ ଲାଗୁ ହୁଏ । ମିର୍‌ଜା ନିଜ କ୍ଷୁରଧାର ବୁଦ୍ଧିର ଜୋର୍‌ରେ ଓ ଖୋସାମତରେ ବ୍ୟାରୀ ସାହେବକୁ ହାତ ମୁଠା ମଧ୍ୟରେ ରଖି ହାତରେ ମୁଣ୍ଡ କାଟେ । ତା'ର ରାଜତ୍ୱ କାଳରେ ପଠାଣ ଥିଲେ ସୁଖୀ; ପଦାନତ କଏଦୀ ମଧ୍ୟ ସୁଖୀ; ଅବଶିଷ୍ଟମାନଙ୍କର ଥିଲା ଦୁଃସହ ନରକବାସ । ବ୍ୟାରୀ ସାହେବର ଇଙ୍ଗିତ ପାଇଲେ ବା ନିଜର ପ୍ରତିଶୋଧର କାମନାରେ ମିର୍‌ଜା ନିତାନ୍ତ ନିରୀହମାନଙ୍କ ନାମରେ ଦେଖୁଁ ଦେଖୁଁ ମୋକଦମା ସୃଷ୍ଟି କରୁଥିଲା, ବାରଂବାର ଶାସ୍ତି ଭୋଗ କରାଇ, ମାରି, ଉତ୍ୟକ୍ତ କରାଇ ଅତି ଦୁର୍ଦାନ୍ତ ଦୁଃସାହସୀ କଏଦୀକୁ ମଧ୍ୟ ବ୍ୟତିବ୍ୟସ୍ତ କରିଦିଏ । ସେ ଶକ୍ତିଶାଳୀମାନଙ୍କର ବନ୍ଧୁ, ନରମମାନଙ୍କର ଥିଲା ଯମ । ରାଜନୈତିକ କଏଦୀମାନଙ୍କର ଗୁପ୍ତ ଚିଠିପତ୍ର ଧରି ନାନା ତୁଚ୍ଛ ଆଇନ କାନୁନ ଘଟାଇବାର ଅପରାଧରେ ସେମାନଙ୍କୁ ଶାସ୍ତି କରାଇଦେଇ ମିର୍‌ଜା ଜମାଦାରି ପାଇଥିଲା । ଯାହା ସଙ୍ଗେ ସେ ହସି ''ବାବୁଜୀ'' ବୋଲି କହି ବନ୍ଧୁତ୍ୱ କରିବାକୁ ଆସେ, ତା'ର ପ୍ରାୟଶଃ ସର୍ବନାଶ ! କେତେବେଳେ ଯେ ଗଳାରେ ଛୁରୀ ଲଗାଇ ଦେବ, ସେଥିପାଇଁ ସମସ୍ତଙ୍କୁ ସର୍ବଦା ଭୀତତ୍ରସ୍ତ ହୋଇ ରହିବାକୁ ହୁଏ ।

ଯେଉଁମାନେ ଦୁର୍ଦାନ୍ତ ଓ ଉତ୍ପୀଡ଼କ ହୁଅନ୍ତି, ସେମାନେ ସଚରାଚର ତୋଷାମଦର ଦାସ । ମିର୍‌ଜା ହାତରୁ ବଞ୍ଚିବାର ପନ୍ଥା ହେଲା ତାହାକୁ ସ୍ମିତହାସ୍ୟ ସହ ''ଜମାଦାରଜୀ'' ବୋଲି ମୁହୁର୍ମୁହୁଃ ସଲାମ କରିବା ଏବଂ ତାକୁ ଦେଖାଇ ବ୍ୟାରୀ ସାହେବ ସଙ୍ଗେ ରସାଳାପ କରିବା । ସାହେବ ଯାହା ସଙ୍ଗରେ ଥରେ ମାତ୍ର କଥା କହିଛନ୍ତି, ତା'ର ସାତଖୁଣ ମାଫ୍ । ଆଉ ଏକ ଉପାୟ ଥିଲା ମିର୍‌ଜା ଉପରେ ପ୍ରଖର ଦୃଷ୍ଟି ରଖିବା; ସେ ବଡ଼ ଦୁଶ୍ଚରିତ୍ର ଓ ଘୁଷଖୋର ଥିଲା, ଯଦି ସେ ବୁଝି ପାରୁଥିଲା ଯେ ଅମୁକ ତା'ର ପଦସ୍ଖଳନର ଖବର ରଖୁଛି, ତା'ହେଲେ ଯଥା ସମ୍ଭବ ସେ ଶତ୍ରୁକୁ ଉତ୍ୟକ୍ତ କରେ ନାହିଁ । ''ମୁଁ ଯେ ତୁମର ଦୁରଭିସନ୍ଧିର କଥା ଜାଣେ'' – ଏଇ ପ୍ରକାରର ଟିକିଏ ଇଙ୍ଗିତ ଥରେ ଦେଲେହିଁ ମିର୍‌ଜା ହୁଏତ ଲେମ୍ବୁ ନହେଲେ କେତୋଟି ତମାଖୁ-ପତ୍ର ଉତ୍କୋଚ ନେଇ ଉପସ୍ଥିତ ହୋଇଯାଏ ।

ଟିଣ୍ଡାଲ, ପେଟି ଅଫିସର୍, ଜମାଦାର ଓ ୱାର୍ଡ଼ରମାନଙ୍କ ମଧ୍ୟରେ କେତେ ଯେ ଏଇ ପ୍ରକାରର ଛିଦ୍ରାନ୍ୱେଷୀ ମରଣାନ୍ତକ ଉତ୍ପୀଡ଼କ ଅଛନ୍ତି, ତା'ର ହିସାବ କରିବା କଠିନ । ଭଲମନ୍ଦକୁ ନେଇ ବିଭିନ୍ନ ଉପାୟରେ ଏଇ ସପ୍ତରଥୀର ହାତରୁ କଏଦୀକୁ ସର୍ବଦା ଆତ୍ମରକ୍ଷା କରିବାକୁ ଯାଇ ତଟସ୍ଥ ରହିବାକୁ ହୋଇଥାଏ । ଏଠାରେ ପ୍ରତିଦିନହିଁ ''ପ୍ରାଣ ରଖୁ ରଖୁ ପ୍ରାଣାନ୍ତ'', ଦିବାରାତ୍ର ଦନ୍ତ ବାହାର କରି ''ଆଇଯେ ସାହେବ'', ''ଯାଇୟେ ହଜୁର୍'' କରୁ କରୁ ଜୀବନ ଦୁର୍ବହ ହୋଇ ଉଠେ । ଜେଲର ସୁପରିନ୍‌ଟେଣ୍ଡେଣ୍ଟ୍ ବା ଚିଫ୍ କମିଶନର ପରି ଉଚ୍ଚପଦସ୍ଥ କର୍ମଚାରୀ କଏଦୀର ଏଇ ସବୁ ଦୈନନ୍ଦିନ ଦୁଃଖ ଦୁର୍ଦଶାର କଥା ଜାଣନ୍ତି ନାହିଁ, କାରଣ ସେମାନେ କ୍ୱଚିତ୍ ପରିଦର୍ଶନରେ ଆସନ୍ତି, କଏଦୀ ସହ ନିତ୍ୟ ବସବାସ କରନ୍ତି ନାହିଁ । ଓଭରସିୟର ବା ଏହିପରି ନିମ୍ନ କର୍ମଚାରୀମାନେ ଅନେକ କଥା ଜାଣନ୍ତି, କିନ୍ତୁ ସେମାନଙ୍କର ବି ତ ନିଜ କଥା ଅଛି । ସେମାନେ କଏଦୀମାନଙ୍କର କୁକର୍ମ କଥାସବୁକୁ ଜାଣିବା ପରି ନିଜର ଚୋରି ବା ଆଇନଭଙ୍ଗର ଦୋଷତ୍ରୁଟିକୁ ଲୁଚାଇ ଆଉ ସବୁକୁ ଚକ୍ଷୁ ବନ୍ଦ କରିଦିଅନ୍ତି; ଯେଉଁଥିରେ ଅସୁବିଧା ହେବ ସେମିତି କିଛି ଦେଖି ବି ଦେଖନ୍ତି ନାହିଁ । ଡଗନ୍ ସାହେବ ପରି ଜଣେ ବା ଦୁଇଜଣ କଲ୍ୟାଣକାମୀ ନିମ୍ନପଦସ୍ଥ କର୍ମକର୍ତ୍ତା ଏକୁଟିଆ କିଛି କରି ପାରନ୍ତି ନାହିଁ ବୋଲି ଅଗତ୍ୟା ନିଶ୍ଚେଷ୍ଟ ଥାଆନ୍ତି; ଯେଉଁ ସବୁ ମୋକଦମା ନିଜ ହାତକୁ ଆସେ, ତାହାରହିଁ କୂଳ କିନାରା କରି ନିରୀହର ଯଥାସାଧ୍ୟ ପ୍ରାଣରକ୍ଷା ଓ ଦୁର୍ବୃତ୍ତକୁ ଧମକ ଚମକ ଦେଇ ନିଜର ସୁମତି ଠାକୁରାଣୀର ମନ ତୋଷ କରନ୍ତି ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ନୂତନ ଶିକ୍ଷାର ଆହ୍ୱାନ

## (୧୩)

## ଗୟାଧର ଦାଶ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

### କଲିକତା ବିଶ୍ୱବିଦ୍ୟାଳୟ କମିସନ୍

ଲର୍ଡ଼ ଚେମ୍ସଫୋର୍ଡ଼ ଭାଇସ୍‌ରୟ ଥିବା ବେଳେ ସେ ସାଡ୍‌ଲର (Sadler)ଙ୍କ ଅଧକ୍ଷତାରେ କଲିକତା ବିଶ୍ୱବିଦ୍ୟାଳୟର ସମସ୍ୟା ଉପରେ ୧୯୧୭ ମସିହାରେ ଏକ କମିସନ୍ ଗଠନ କରିଥିଲେ ଏବଂ ସେହି କମିସନ୍ ୧୯୧୯ ମସିହାରେ ତା'ର ରିପୋର୍ଟ ପ୍ରଦାନ କରିଥିଲା । ଏହି ରିପୋର୍ଟରେ ମୁଖ୍ୟତଃ ବିଶ୍ୱବିଦ୍ୟାଳୟର ଶିକ୍ଷା ସମ୍ପର୍କରେ କୁହାଯାଇଛି । Intermediate ଶିକ୍ଷାକୁ ବିଶ୍ୱବିଦ୍ୟାଳୟରୁ ପୃଥକ୍ କରାଯିବା ସହ ତିନି ବର୍ଷର ଡିଗ୍ରୀ ଶିକ୍ଷା ପ୍ରଚଳନ କରାଯିବାର ପ୍ରସ୍ତାବ ଏଥିରେ ଥିଲା । ମାଧ୍ୟମିକ ଓ ଇଣ୍ଟରମିଡ଼ିଏଟ୍ ପାଇଁ ବୋର୍ଡ଼ ଗଠନ କରିବା ସହ ମାଧ୍ୟମିକ ସ୍ତରରେ ଇଂରାଜୀ ଓ ଗଣିତ ବ୍ୟତୀତ ଆଉ ସବୁ ବିଷୟର ଶିକ୍ଷାଦାନ ମାତୃଭାଷା ମାଧ୍ୟମରେ ରହିବାର ବ୍ୟବସ୍ଥା ରହିଲା । ଶିକ୍ଷା କ୍ଷେତ୍ରରେ ତଥା ଅନ୍ୟ ପ୍ରଶାସନିକ କ୍ଷେତ୍ରରେ ଦ୍ୱୈତ ଶାସନ ପଦ୍ଧତି ମଧ୍ୟ ପ୍ରଚଳନ କରିବା ପାଇଁ ବ୍ୟବସ୍ଥା ରହିଲା । ଆବାସିକ ମହାବିଦ୍ୟାଳୟ ପ୍ରତିଷ୍ଠା କରିବା ସହ ଏକକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାର ବ୍ୟବସ୍ଥା ରହିଲା ଏବଂ ନାରୀଶିକ୍ଷା ପାଇଁ ପର୍ଦା ବିଦ୍ୟାଳୟ କରିବାର ବ୍ୟବସ୍ଥା ମଧ୍ୟ ରହିଥିଲା । ପ୍ରାୟୋଗିକ ବିଜ୍ଞାନ ବା ପ୍ରଯୁକ୍ତି ବିଦ୍ୟାର ଶିକ୍ଷା ପ୍ରଚଳନ ହେଲା । ୧୯୧୬ ରୁ ୧୯୨୧ ମସିହା ମଧ୍ୟରେ ମହୀଶୂର, ପାଟଣା, ବନାରସ, ଆଲିଗଡ଼, ଡାକା, ଲକ୍ଷ୍ନୌ ଏବଂ ଓସମାନିଆ ବିଶ୍ୱବିଦ୍ୟାଳୟମାନ ସ୍ଥାପିତ ହୋଇଥିଲା । ଏହା ଦ୍ୱାରା ଉଚ୍ଚଶିକ୍ଷାରେ ଅଭିବୃଦ୍ଧି ଘଟିଲା ।

### ହାର୍ଟଗ କମିଟି ରିପୋର୍ଟ (୧୯୨୯)

ଶିକ୍ଷାନୁଷ୍ଠାନର ସଂଖ୍ୟା ବୃଦ୍ଧି ହୋଇଥିଲେ ମଧ୍ୟ ଶିକ୍ଷାର ମାନ କମି ଯିବାରୁ ତା' ଉପରେ ସମୀକ୍ଷା କରି ରିପୋର୍ଟ ପ୍ରଦାନ କରିବାକୁ ଏକ କମିଟି ଗଠନ କରାଯାଇଥିଲା ଏବଂ ସାର୍ ଫିଲିପ୍ସ ହାର୍ଟଗ (Sir Philips Hartog) ଏହି କମିଟିର ଅଧକ୍ଷ ଥିଲେ । ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ରହିଥିବା ତ୍ରୁଟିକୁ ସଂଶୋଧନ କରି ଶିକ୍ଷା କ୍ଷେତ୍ରରେ ବିକାଶ ଆଣିବା ପାଇଁ ଏହି କମିଟି ୧୯୨୯ ମସିହାରେ କେତେକ ପ୍ରସ୍ତାବ ଦେଇଥିଲା । ସେହି ପ୍ରସ୍ତାବ ଅନୁସାରେ ମାଧ୍ୟମିକ ଓ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇବା ପାଇଁ ଯୋଗ୍ୟ ଶିକ୍ଷାର୍ଥୀମାନଙ୍କର ଚୟନ ପ୍ରକ୍ରିୟାକୁ ସଙ୍ଗଠିତ କରାଗଲା । ମାଧ୍ୟମିକ ଶିକ୍ଷା ପରେ ପିଲାମାନଙ୍କୁ ଶିଳ୍ପଭିତ୍ତିକ ତଥା ବୃତ୍ତିଗତ ଶିକ୍ଷା ଦେବା ପାଇଁ ବ୍ୟବସ୍ଥା ରହିଲା ।

ଏହା ପୂର୍ବରୁ ଶ୍ରୀଅରବିନ୍ଦ ୧୯୦୯ ଓ ୧୯୧୦ ମସିହାରେ 'କର୍ମଯୋଗିନ୍' ପତ୍ରିକାରେ 'A System of National Education' ଓ ୧୯୨୦ ମସିହାରେ 'ଆର୍ଯ୍ୟ' ପତ୍ରିକାରେ 'A preface on National Education' ଶୀର୍ଷକରେ ଜାତୀୟ ଶିକ୍ଷା ଉପରେ ଯେଉଁ ପ୍ରବନ୍ଧ ଲେଖିଥିଲେ ତାହା କେବଳ ଭାରତବର୍ଷର ଜାତୀୟ ଶିକ୍ଷା ପାଇଁ ଉଦ୍ଦିଷ୍ଟ ନଥିଲା ବରଂ ଏହା ସମଗ୍ର ମାନବ ସମାଜ ପାଇଁ ଉଦ୍ଦିଷ୍ଟ ଥିଲା । ତାହା ଥିଲା ଶିକ୍ଷା କ୍ଷେତ୍ରରେ ଏକ ଦିଗନ୍ତ ବିସ୍ତାରୀ ଚିନ୍ତାଧାରା ।

ଅନ୍ୟପଟରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତରେ ଇଂରେଜ ଶାସନ ବିରୋଧରେ ୧୯୧୯ ମସିହାରେ ଖିଲାଫତ୍ ଆନ୍ଦୋଳନ, ୧୯୨୦ରେ ଅସହଯୋଗ ଆନ୍ଦୋଳନ, ୧୯୩୦ରେ ଲବଣ ସତ୍ୟାଗ୍ରହ ଆନ୍ଦୋଳନମାନ କରାଯାଇଥିଲା । ଏହା ଦ୍ୱାରା ଜାତୀୟତା ଓ ଦେଶ ପ୍ରେମର ଅଗ୍ନି ପ୍ରଜ୍ୱଳିତ ହେବା ସହ ସ୍ୱାଧୀନ ଭାରତର ସ୍ୱପ୍ନଟି ଜୀବନ୍ତ ହେବାରେ ଲାଗିଲା ।

### ଆବଟ୍ ଓ ଉଡ୍ ରିପୋର୍ଟ (୧୯୩୭)

ଆବଟ୍ ଇଂଲଣ୍ଡର ଶିକ୍ଷା ବୋର୍ଡ଼ର ନିରୀକ୍ଷକ ଓ ଉଡ୍ ସେହି ବୋର୍ଡ଼ର ନିର୍ଦ୍ଦେଶକ ଥିଲେ । ଏହି ଦୁଇଜଣଯାକ ୧୯୩୭ ମସିହାରେ ଭାରତରେ ବୈଷୟିକ ଓ ବୃତ୍ତିଗତ ଶିକ୍ଷାର ବିକାଶ ପାଇଁ କେତେକ

ପ୍ରସ୍ତାବ ଦେଇଥିଲେ । ଏହି ରିପୋର୍ଟରେ ଶାରୀରିକ ଶ୍ରମ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଶିକ୍ଷକ ତାଲିମ ଓ ଶାରୀରିକ ଶିକ୍ଷା ଉପରେ ଗୁରୁତ୍ୱ ଦେବା ପାଇଁ ପ୍ରସ୍ତାବମାନ ରହିଥିଲା । ବେକାରୀ ସମସ୍ୟା ଦୂର କରିବା ନିମନ୍ତେ କଳା ଓ ବୃତ୍ତିଗତ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଉଚିତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା । ଏହା ଦ୍ୱାରା ବୈଷୟିକ, ଶିଳ୍ପ ଓ କାରିଗରୀ ଶିକ୍ଷା କ୍ଷେତ୍ରରେ କିଛି ମାତ୍ରାରେ ସଂସ୍କାର ଅଣାଯାଇ ପାରିଲା ।

୧୯୩୭ ମସିହାରେ ଓ୍ୱାର୍ଦ୍ଧା ଶିକ୍ଷା ଯୋଜନା ଅନୁସାରେ ଗାନ୍ଧିଙ୍କର ମୌଳିକ ଶିକ୍ଷା (Basic Education) ନୀତି ପ୍ରଣୟନ କରାଯାଇଥିଲା । ଏହା ପ୍ରାଥମିକ ଓ ନିମ୍ନ ପ୍ରାଥମିକ ଶିକ୍ଷା ପାଇଁ ଉଦ୍ଦିଷ୍ଟ ଥିଲା ଏବଂ ୬ ବର୍ଷରୁ ୧୪ ବର୍ଷ ପର୍ଯ୍ୟନ୍ତ ଆଠ ବର୍ଷ ଧରି ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷାକୁ ପ୍ରୟୋଗ କରିବା ପାଇଁ ବ୍ୟବସ୍ଥା ରହିଥିଲା । ଏଥିରେ 'କରି କରି ଶିଖିବା' (Learning by doing) ପଦ୍ଧତି ଅବଲମ୍ବନ କରିବାକୁ ପ୍ରସ୍ତାବ ରହିଥିଲା । କିନ୍ତୁ ୧୯୩୯ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାରୁ ଏହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ ।

## ସର୍ଜେଣ୍ଟ୍ ଶିକ୍ଷା ଯୋଜନା (୧୯୪୪)

ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥିବା ସମୟରେ ମହାତ୍ମାଗାନ୍ଧୀ ୧୯୪୨ ମସିହାରେ ଭାରତ ଛାଡ଼ ଆନ୍ଦୋଳନର ଡାକରା ଦେଇଥିଲେ । ସାରା ଭାରତରେ ଆନ୍ଦୋଳନ ତେଜି ଉଠିବାରୁ ବ୍ରିଟିଶର ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ୍ ସାର୍ ଷ୍ଟାଫୋର୍ଡ଼ କ୍ରିପ୍ସ (Sir Stafford Cripps)ଙ୍କୁ ଭାରତ ପଠାଇଥିଲେ । ସେତେବେଳେ ଜାପାନ ଭାରତ ଆକ୍ରମଣ କରିବାର ସମ୍ଭାବନା ଥାଏ । ତେଣୁ କ୍ରିପ୍ସ ଜାତୀୟ କଂଗ୍ରେସ ପାର୍ଟି, ମୁସଲିମ୍ ଲିଗ୍, ହିନ୍ଦୁ ମହାସଭା ଆଦିର ନେତାମାନଙ୍କୁ ଡକାଇ ଯୁଦ୍ଧ ସମୟରେ ଇଂରେଜ ସରକାରଙ୍କୁ ସହଯୋଗ କରିବା ପାଇଁ ଅନୁରୋଧ କରିଥିଲେ ଏବଂ ଭାରତକୁ ସ୍ୱାୟତ୍ତଶାସନ ବା ଉପନିବେଶ ସ୍ୱାଧୀନତା (Dominion Status) ଦେବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହି ପ୍ରସ୍ତାବଟି ସେହି ସମୟରେ ଭାରତ ସକାଶେ ଯଥାର୍ଥ ଓ ସର୍ବୋତ୍ତମ ପ୍ରସ୍ତାବ ଥିଲା; ଏହି ପ୍ରସ୍ତାବକୁ ଗ୍ରହଣ କରିନେବା ପାଇଁ ଶ୍ରୀଅରବିନ୍ଦ ତାଙ୍କର ପ୍ରତିନିଧି ରୂପେ ଦୁରାଇ ସ୍ୱାମୀ ଆୟାରଙ୍କୁ ନିଜର ବାର୍ତ୍ତା ଜଣାଇ ଦେବା ପାଇଁ ପଠାଇ ଥିଲେ । ଭାରତର ଭବିଷ୍ୟତ୍ ପାଇଁ ଏହି ପ୍ରସ୍ତାବକୁ ଗ୍ରହଣ କରିନେବାକୁ ସେ ନିଜର ମତ ଜଣାଇ ଦେଇଥିଲେ । ଏପରିକି ରାଜଗୋପାଳାଚାରୀଙ୍କ ପାଖକୁ ମଧ୍ୟ ଟେଲିଗ୍ରାମ୍ ପଠାଇଥିଲେ । କିନ୍ତୁ ଗାନ୍ଧିଜୀ ସେତେବେଳେ କ୍ରିପ୍ସଙ୍କ ପ୍ରସ୍ତାବକୁ 'Post-dated cheque on a failing bank' ବୋଲି ମନ୍ତବ୍ୟ ଦେଇଥିଲେ ଏବଂ ପରିଶେଷରେ ଏହି ପ୍ରସ୍ତାବକୁ ଗ୍ରହଣ ନକରିବାରୁ କ୍ରିପ୍ସ ଇଂଲଣ୍ଡ ଫେରି ଯାଇଥିଲେ । ଏହା ଦ୍ୱାରା ଏକ ସୁବର୍ଣ୍ଣ ସୁଯୋଗ ହାତଛଡ଼ା ହୋଇଗଲା ଏବଂ ଏହାର ପରିଣାମ ସ୍ୱରୂପ ଏହି ଆର୍ଯ୍ୟ ଭୂମି ଭାରତ ଓ ପାକିସ୍ତାନ ରୂପେ ଦୁଇଖଣ୍ଡ ହୋଇଗଲା । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଶ୍ରୀଅରବିନ୍ଦ ଇଂଲଣ୍ଡ ପକ୍ଷକୁ ସମର୍ଥନ କରି ଆର୍ଥିକ ସହାୟତା ମଧ୍ୟ କରିଥିଲେ ଯଦ୍ଦ୍ୱାରା ସେ ଭାରତୀୟ ନେତାମାନଙ୍କ ଦ୍ୱାରା ସମାଲୋଚିତ ହୋଇଥିଲେ । ଶ୍ରୀଅରବିନ୍ଦ ଥିଲେ ଦିବ୍ୟଦ୍ରଷ୍ଟା । ସେ ଭାରତର ଭବିଷ୍ୟତକୁ ଦେଖି ପାରୁଥିଲେ । ରାଜନୈତିକ ନେତାମାନେ ତାଙ୍କୁ କିପରି ଅବା ଜାଣିବେ ?

୧୯୪୪ ମସିହାରେ Central Advisory Board of Educationର ଏକ ରିପୋର୍ଟ ପ୍ରକାଶ ପାଇଥିଲା । ଜନ୍ ସର୍ଜେଣ୍ଟ୍ (John Sergent) ଏହାର ଅଧ୍ୟକ୍ଷ ଥିଲେ । ସେଥିପାଇଁ ଏହାକୁ ସର୍ଜେଣ୍ଟ୍ ରିପୋର୍ଟ ବୋଲି କୁହାଯାଏ । ସର୍ଜେଣ୍ଟ୍ ରିପୋର୍ଟରେ ପ୍ରାକ୍ ପ୍ରାଥମିକ ଶିକ୍ଷା ପାଇଁ ପ୍ରସ୍ତାବ ଦିଆଯାଇଛି । ଏହାର ମୁଖ୍ୟାଂଶଗୁଡ଼ିକ ନିମ୍ନରେ ପ୍ରଦତ୍ତ କରାଯାଇଛି ।

(୧) ୩ ବର୍ଷରୁ ୬ ବର୍ଷ ବୟସର ପିଲାମାନଙ୍କ ପାଇଁ ପ୍ରାକ୍-ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିବାର ବ୍ୟବସ୍ଥା । ସହରାଞ୍ଚଳରେ ସ୍ୱତନ୍ତ୍ର ନର୍ସରୀ ପାଠଶାଳା ଖୋଲିବା ସହ ଗ୍ରାମାଞ୍ଚଳରେ ପ୍ରାଥମିକ ବିଦ୍ୟାଳୟ ସହ ଏହା ସଂଲଗ୍ନ ହେବା ପାଇଁ ପ୍ରସ୍ତାବ ଦିଆଯାଇଛି ।

(୨) ମୌଳିକ ଯୋଜନା ଅନୁସାରେ ପ୍ରାଥମିକ ଶିକ୍ଷାକୁ ସଙ୍ଗଠିତ କରାଯିବ ।

(୩) ଉଚ୍ଚ ବିଦ୍ୟାଳୟମାନଙ୍କରେ ମାତୃଭାଷାରେ ଶିକ୍ଷାଦାନ ଏବଂ ଇଂରାଜୀ କେବଳ ଏକ ବିଷୟ ହୋଇ ରହିବ ।

(୪) ଉଚ୍ଚ ବିଦ୍ୟାଳୟଗୁଡ଼ିକ ଦୁଇ ପ୍ରକାରର ହେବ, ଯଥା– ବିଷୟଗତ (Academic) ଓ କାରିଗରି ବା ବୃତ୍ତିଗତ (Technical and Vocational) । ଏହି ରିପୋର୍ଟରେ କାରିଗରି ଓ ବୃତ୍ତିଗତ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇଛି । ଏହା ଦ୍ୱାରା ସମାଜରେ ଦକ୍ଷ ଓ କୁଶଳୀ କାରିଗରମାନେ ସୃଷ୍ଟି ହୋଇ ପାରିବେ ।

(୫) ଉଚ୍ଚଶିକ୍ଷାରୁ ମଧ୍ୟବର୍ତ୍ତୀସ୍ତର ବା Intermediate Course ର ବିଲୋପ ।

(୬) ତିନିବର୍ଷିଆ ଡିଗ୍ରୀ ଶିକ୍ଷାକୁ ସ୍ୱୀକୃତି ପ୍ରଦାନ ।

(୭) ୬ ବର୍ଷରୁ ୧୧ ବର୍ଷର ପିଲାମାନଙ୍କ ପାଇଁ ମୁକ୍ତ ଓ ବାଧ୍ୟତାମୂଳକ ଶିକ୍ଷାର ପ୍ରଚଳନ ଉପରେ ଗୁରୁତ୍ୱ ।

(୮) ୧୧ ବର୍ଷରୁ ୧୭ ବର୍ଷର ପିଲାମାନଙ୍କ ପାଇଁ ବିଦ୍ୟାଳୟ ଶିକ୍ଷାର ପ୍ରଚଳନ ଉପରେ ମଧ୍ୟ ଗୁରୁତ୍ୱ ଦିଆ ଯାଇଛି ।

(୯) ପ୍ରୌଢ଼ ଶିକ୍ଷା (Adult Education) ପାଇଁ ପ୍ରସ୍ତାବ ଦିଆଯାଇଛି ।

(୧୦) ଛାତ୍ରଛାତ୍ରୀମାନଙ୍କର ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ଦେବାକୁ ପ୍ରସ୍ତାବ ରଖା ଯାଇଛି ।

(୧୧) ଶାରୀରିକ ଓ ମାନସିକ ସ୍ତରରେ ଅନଗ୍ରସର ପିଲା ବା ଦିବ୍ୟାଙ୍ଗମାନଙ୍କୁ ଶିକ୍ଷା ଦେବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି ।

ଏହି ରିପୋର୍ଟରୁ ଜଣାଯାଏ ଯେ ଭାରତରେ ଶିକ୍ଷାର ବିକାଶ ନିମନ୍ତେ ଏଥିରେ ବିଶେଷ ଦୃଷ୍ଟି ଦିଆଯାଇଛି । ଏହା ଦ୍ୱାରା ପରବର୍ତ୍ତୀ ସମୟରେ କେନ୍ଦ୍ରରେ Ministry of Education, University Grants Commission (UGC), All India Council for Technical Education (AICTE), General Bureau of Education (GBE) ଆଦି ସଂସ୍ଥାଗୁଡ଼ିକ ଗଠନ କରାଯାଇଥିଲା ।

(କ୍ରମଶଃ)

❑❑❑

ଛୋଟ ପିଲାମାନେ ଅଦ୍ଭୁତ । ତାଙ୍କ ପାଖରେ ସବୁକିଛି ଆବଶ୍ୟକ ଜିନିଷ ପହଞ୍ଚାଇ ଦେଇ ତାଙ୍କୁ ନିଜେ ଗଢ଼ିହେବାକୁ ଛାଡ଼ିଦେବା ଯଥେଷ୍ଟ ହେବ । ନିତାନ୍ତ ଆବଶ୍ୟକ ନ ହେଲେ ତାଙ୍କ କାର୍ଯ୍ୟରେ କେବେହେଲେ ହସ୍ତକ୍ଷେପ କର ନାହିଁ । ତାଙ୍କୁ ନିଜେ ମଣିଷ ହେବାକୁ ଛାଡ଼ି ଦିଅ । ତାଙ୍କୁ କେବେହେଲେ ଗାଳି ଦିଅ ନାହିଁ ।

*

ସାତ ବର୍ଷ ପର୍ଯ୍ୟନ୍ତ ପିଲାମାନେ ନିଜେ ଉପଭୋଗ କରନ୍ତୁ । ବିଦ୍ୟାଳୟ ଖେଳଘର ପରି ହେବା ଉଚିତ । ସେମାନେ ଖେଳୁ ଖେଳୁ ଶିଖିବେ । ଖେଳ ମଧ୍ୟରୁ ସେମାନଙ୍କର ଶିଖିବାର, ଜାଣିବାର ଓ ଜୀବନକୁ ବୁଝିବାର ରୁଚି ବିକଶିତ ହେବ । କେଉଁ ପ୍ରଣାଳୀ ଅବଲମ୍ବନ କରୁଛ ତାହା ସେତେ ବଡ଼ କଥା ନୁହେଁ । ଶିକ୍ଷକ କେଉଁ ମନୋଭାବ ନେଇ ଶିଖାଉଛନ୍ତି ସେଇଟି ବଡ଼ କଥା । ଶିକ୍ଷକ ଏପରି ହେବେ ନାହିଁ ଯାହାଙ୍କୁ ପିଲାମାନେ ଅତି ବାଧ୍ୟହୋଇ ଗ୍ରହଣ କରୁଥିବେ ବା ସହି ଯାଉଥିବେ । ସେ ସବୁବେଳେ ଜଣେ ବନ୍ଧୁପରି ହେବେ ଯାହାଙ୍କୁ ତୁମେ ଭଲପାଅ, କାରଣ ସେ ତୁମକୁ ସାହାଯ୍ୟ କରନ୍ତି ଓ ତୁମର ମନ ଖୁସି କରନ୍ତି ।

(CWM, Vol. 12, pp. 183 &194) — ଶ୍ରୀମା

# ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏକ ଜୀବନ ଗଢ଼ିବାର କ୍ଷେତ୍ର

## ପ୍ରସାଦ ତ୍ରିପାଠୀ

ମନେ ଅଛି ପିଲାଦିନେ ଯେତେବେଳେ ଆମେ ଚତୁର୍ଥ କି ପଞ୍ଚମ ଶ୍ରେଣୀରେ ପଢୁଥିଲୁ ସେତେବେଳେ ଆମର ସବୁଠାରୁ ଆକର୍ଷଣୀୟ ବସ୍ତୁ ଥିଲା ପାଠ୍ୟପୁସ୍ତକ । ଆମେ ସ୍କୁଲରୁ ବହି ତାଲିକା ନେଇ ଘରେ ଦେଲେ ଦିନେ ଦୁଇଦିନ ମଧ୍ୟରେ ଆମକୁ ପଢ଼ା ବହି ମିଳି ଯାଉଥିଲା । ପ୍ରଥମେ ଖାତା ଓ ବହିରେ ମଲାଟ ମଡ଼ାହେବ । ସେଥିପାଇଁ ଆଗରୁ ମଲାଟ କାଗଜ, କିଛି ନହେଲେ ବି ଖବରକାଗଜ ସଂଗ୍ରହ କରି ରଖିଥାଉ । ମୋର କେତେଜଣ ସାଙ୍ଗ ଥିଲେ, ସେମାନେ ପୂର୍ବ ବର୍ଷର ବହିକୁ ଏତେ ଯତ୍ନରେ ରଖିଥିଲେ ଯେ ମଲାଟ କାଗଜଗୁଡ଼ିକୁ ଖାଲି ଓଲଟାଇ ଦେଇ ନୂଆ ବହିରେ ମଲାଟ ମଡ଼େଇ ଦେଲେ ହେଲା ।

ମାତ୍ର ବହି ଭିତରେ କ'ଣ ଅଛି ତାକୁ ଟିକେ ଡେରିରେ ଦେଖୁ । ମୁଁ ପ୍ରାୟତଃ ଛବିଗୁଡ଼ାକ ଆଗ ଦେଖୁଥିଲି । ସେ ଛବିର ଉଦ୍ଦେଶ୍ୟ କ'ଣ ପରେ ବୁଝୁଥିଲି । ମାତ୍ର ପ୍ରଥମେ ଛବିସବୁକୁ ଦେଖି ପକାଉଥିଲି । ଯେତେ ଥର ବହି ଫିଟାଉ ଥିଲି, ଧୂଳି ପଡ଼ିଥାଉ କି ନ ଥାଉ ତାକୁ ପୋଛି ପକାଉ ଥିଲି ।

ସେହି ଭଳି ଅନୁଷ୍ଠାନ : ଆମର ଶିକ୍ଷାକେନ୍ଦ୍ର । ବାସ୍ତବିକ ଶିକ୍ଷା କେନ୍ଦ୍ରଟିଏ ଆରମ୍ଭ କଲାବେଳେ ଆମେ ପ୍ରକୃତରେ ତା' ମଧ୍ୟରେ ଥିବା ବାସ୍ତବ ସତ୍ୟ ଏବଂ ତଜ୍ଜନିତ ଆଧ୍ୟାତ୍ମିକ ପ୍ରୟୋଜନୀୟତାକୁ ଆଦୌ ଗୁରୁତ୍ୱ ଦେଉ ନାହୁଁ । କେବଳ ଅନୁଷ୍ଠାନଟିଏ ଭାବି ତାକୁ କିପରି ସୁଚାରୁ ରୂପେ ପରିଚାଳନା କରିବା ସେତିକିହିଁ ଭାବୁ । ଯେପରି ନୂଆ ବହି ମଧ୍ୟରେ କ'ଣ ଅଛି ତାହା ନଜାଣି, ନବୁଝି ବହିର ଉପର ପୃଷ୍ଠାରେ ମଲାଟ ଗୋଟିଏ ମଡ଼େଇ ଦେଇ ତା'ର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଚେଷ୍ଟା କରୁ । ଆମର ଲକ୍ଷ୍ୟ ହେବ ଏପରି ଏକ କାର୍ଯ୍ୟ କରୁଛୁ ବୋଲି ଅନୁଭବ କରିବା ଯାହା ସମ୍ପର୍କରେ ଆମର ଆଗରୁ କୌଣସି ଧାରଣା ନଥିଲା । ଆମେ କେବେହେଲେ ଏକ ସୁନ୍ଦର, ଉତ୍ତମ ତଥା ଆକର୍ଷଣୀୟ ଅନୁଷ୍ଠାନ କରୁଛୁ ବୋଲି ଆମ ନିଜ ଭିତରେ ଧାରଣା ହେବ ନାହିଁ; ମାତ୍ର ସଚରାଚର ଚେଷ୍ଟା କରାଯାଉଥିବା ସବୁଠାରୁ ଉତ୍ତମ ଏକ ସଂସ୍ଥାଠାରୁ ମଧ୍ୟ ଭିନ୍ନ ଏକ ଅନୁଷ୍ଠାନ ଗଢୁଥିବା ଭଳି ନିଜ ଭିତରେ ପ୍ରତ୍ୟୟ ହେବ । ଏଥିରେ ପ୍ରଶଂସା ପାଇଁ ବ୍ୟାକୁଳତା ରହିବ ନାହିଁ କିଂବା ନିନ୍ଦା ପାଇଁ ମଧ୍ୟ ଶୋଚନା ନାହିଁ । ଶ୍ରୀମା ଶ୍ରୀଅରବିନ୍ଦ ତାଙ୍କର ଶରୀରରେ ଥିବା ଅବସ୍ଥାରେ ଯେତେ ଅନୁଷ୍ଠାନସବୁ ଗଢ଼ିଥିଲେ ବା ଗଢ଼ିବା ପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ, ସେସବୁ ଅନୁଷ୍ଠାନ କେବେହେଲେ ଆକର୍ଷଣୀୟ ହେବା ପାଇଁ ଉଦ୍ୟମ କରି ନାହାନ୍ତି । ସବୁ ଅନୁଷ୍ଠାନଗୁଡ଼ିକରେ ସମାଜର ଗୋଟିଏ ସ୍ୱତନ୍ତ୍ର ଆବଶ୍ୟକତା ପୂରଣ କରିବା ପାଇଁହିଁ ଚେଷ୍ଟା କରାଯାଇଛି ।

ଆଉ ଗୋଟିଏ କଥା । ଆମେ କ'ଣ ସତରେ ଚାହୁଁଛୁ ଏକ ଭିନ୍ନ ପ୍ରକାରର ମନୁଷ୍ୟ ହେବା ପାଇଁ ? ଯଦି ଚାହୁଁଥାଉ ତେବେ ଆମ ଉଦ୍ୟମର ପ୍ରକୃତ ମୂଲ୍ୟ ମିଳିବ । ଯଦି ତାହା ଚାହୁଁ ନଥାଉ ତେବେ ଆମ ସାଧନାର ବା ଉଦ୍ୟମର ବିଶେଷ କିଛି ମୂଲ୍ୟ ମିଳିବ ନାହିଁ । ଏପର୍ଯ୍ୟନ୍ତ ସଂସାରରେ ଯାହା ଚାଲିଅଛି ତାହା ମଧ୍ୟରେ ସବୁଠାରୁ ଭଲ ବା ଉତ୍ତମ ଯାହା, ତା'ର ମଧ୍ୟ ସାମର୍ଥ୍ୟ ନାହିଁ ମନୁଷ୍ୟକୁ ବା ତା'ର ସମାଜକୁ ପରିବର୍ତ୍ତନ କରିବା ।

କୌଣସି ଏକ ସ୍ଥାନରେ ଜଣେ ବ୍ୟକ୍ତି ଗୋଟିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ କରି ପରେ ସେଠାରୁ ଚାଲିଯାଇ ପୁଣି ଆଉ ଗୋଟିଏ ଶିକ୍ଷାକେନ୍ଦ୍ର ଖୋଲିଲେ । କାରଣ ପଚାରିବାରୁ ଯାହା ଜଣା ପଡ଼ିଲା ତାହା ବାସ୍ତବରେ ହତାଶାସୂଚକ । ବନ୍ଧୁ ପ୍ରକାଶ କଲେ, ''ଭାଇ, ଅନେକ ତ୍ୟାଗ, ଉତ୍ସାହ ଏବଂ ଆଗ୍ରହ ନେଇ ମା'ଙ୍କ ପାଇଁ ଗୋଟିଏ ଶିକ୍ଷାନୁଷ୍ଠାନ ଆରମ୍ଭ କରିବା ପାଇଁ ଚେଷ୍ଟା କରି ମୋର ଯାହା କିଛି ଗଚ୍ଛିତ ଅର୍ଥ ଥିଲା ସେସବୁକୁ ବ୍ୟୟ କରି ଏକ ନୂତନ ପ୍ରକାରର ଶିକ୍ଷାକେନ୍ଦ୍ର ଖୋଲିଲି । ପ୍ରଥମରୁ ଅନେକ ଉତ୍ସାହ ଏବଂ ଆଗ୍ରହ; ମାତ୍ର ସ୍କୁଲ ଯେତିକି ଯେତିକି ପୁରୁଣା ହେଲା ସେତିକି ସେତିକି ଆମେ ଆମର ସମସ୍ତ ପୁରୁଣା ଅଭ୍ୟାସ, ଆଚରଣ ଏବଂ କାର୍ଯ୍ୟକ୍ରମର ପୁନରାବୃତ୍ତି କରିବାକୁ ଆରମ୍ଭ କଲୁ । ଶ୍ରେଣୀକୁ ବିଳମ୍ବରେ ଆସିବା, ପିଲା ଦୋଷ କଲେ ଦଣ୍ଡଦେବା, ବଡ଼ ପାଟିରେ ଶ୍ରେଣୀ ଫଟାଇ ଗାଳି ଦେବା, ନିଜ ନିଜ ଭିତରେ ଦଳ ଗଠନ କରିବା, ପରସ୍ପରକୁ ବିରୋଧ କରିବା ଇତ୍ୟାଦି ଯାହା ଯାହା ଏକ ଆଧ୍ୟାତ୍ମିକ ଅନୁଷ୍ଠାନର ସମ୍ପୂର୍ଣ୍ଣ ବିରୋଧୀ, ସେସବୁ ଆରମ୍ଭ କଲାରୁ ସ୍ୱାଭାବିକ ଭାବରେ ସେଠାରେ ଆଉ ଏକ ପୂର୍ଣ୍ଣାଙ୍ଗ

ଶିକ୍ଷାକେନ୍ଦ୍ର କରିବା ସମ୍ଭବ ହେବ ନାହିଁ ବୋଲି ମୁଁ ଅନୁଭବ କଲି । ତେଣୁ ସେଠାରୁ ମୁଁ ନିଜେ ନିଜ ଆଡୁ ବାହାରି ଆସିଲି ।'' ମୁଁ ପଚାରିଲି, ''ଆପଣ ସେଠାରେ କ'ଣ ଥିଲେ ?'' ଉତ୍ତର – ''ସେକ୍ରେଟାରୀ'' । ମୁଁ କହିଲି, ''ତା' ମାନେ ସ୍କୁଲର ମୁଖ୍ୟ ଦାୟିତ୍ୱ ଥିଲା ଆପଣଙ୍କର । ଆପଣ ଏତେ ଦିନ ପର୍ଯ୍ୟନ୍ତ, ଏତେସବୁ ଘଟିବା ପାଇଁ ଅନୁମତି କାହିଁକି ଦେଉଥିଲେ ? ଅର୍ଥାତ୍, ଆପଣ ଯେତେବେଳେ ଏସବୁର ସାମାନ୍ୟ ସୂଚନା ପାଇଲେ, ସେତେବେଳୁ ସେପରି ନ ହେବା ପାଇଁ ଉଦ୍ୟମ କଲେ ନାହିଁ କାହିଁକି । ସମସ୍ତଙ୍କୁ ପୂରା ସ୍ୱାଧୀନତା ଦେଇ ଯେଉଁ କାର୍ଯ୍ୟ କରିବାକୁ ଆପଣ ଚାହୁଁଥିଲେ, ତାହା ହୋଇ ପାରିବ ନାହିଁ ବୋଲି ସମ୍ପୂର୍ଣ୍ଣ ନିଶ୍ଚିତ ହୋଇ ସେଠାରୁ ଚାଲି ଆସିଲେ ଏବଂ ଏଠାରେ ପୁଣି ଗୋଟାଏ ଶିକ୍ଷାକେନ୍ଦ୍ର ଆରମ୍ଭ କଲେ । ଏଠାରେ ବି ଯଦି ପୁଣି ସେପରି ହେବ, କ'ଣ କରିବେ ?'' ବନ୍ଧୁଜଣକ କହିଲେ, ''କ'ଣ କରିବି ? ମୋ ଦ୍ୱାରା ଏହା ହୋଇ ପାରିବ ନାହିଁ ଜାଣି ସ୍କୁଲ ବନ୍ଦ କରିଦେବି ।''

ଏହା ହେଲା ଖୁବ୍ ଶୀଘ୍ର ଅନେକ କିଛି କୃତିତ୍ୱ ହାସଲ (achieve) କରିବାର ମୋହ । ସତରେ ଯଦି ସବୁକିଛି ଏତେ ସହଜରେ ହୋଇ ପାରୁଥା'ନ୍ତା, ତେବେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପରିକଳ୍ପିତ ନୂତନ ମନୁଷ୍ୟ ଆସିବା ଏତେ ବିଳମ୍ବ ହୁଅନ୍ତା କାହିଁକି ? କାରଣ ପୁରାତନକୁ ଉପରୁ ଚାପି କରି ଜବରଦସ୍ତି କିଛି କରି ଦେବା ଶ୍ରୀମା ଶ୍ରୀଅରବିନ୍ଦଙ୍କର ଆଦୌ ଉଦ୍ଦେଶ୍ୟ ନୁହେଁ । ସବୁ କିଛି ପରିବର୍ତ୍ତନ ହେବ । ରୂପାନ୍ତରିତ ହେବ । ତେଣୁ ସ୍ୱାଭାବିକ ଭାବରେ ଏହା ଅନେକ ଦିନ ଲାଗିବ । ତେବେ ଏଥିରେ ନୀରବ ହୋଇ ବସି ନଯାଇ, ନିରନ୍ତର ମା'ଙ୍କୁ ପ୍ରାର୍ଥନା କରି ଆସ୍ପୃହା କରିବାକୁ ହେବ । ମୁଁ ଯେତେବେଳେ ସେ ଭାଇଙ୍କୁ ପଚାରିଲି, ''ଆପଣ ପ୍ରଥମ ସ୍କୁଲରେ କ'ଣ କ'ଣ ଚେଷ୍ଟା କରିଥିଲେ ?'' ସେ ଉତ୍ତର ଦେଲେ, ''ସମସ୍ତଙ୍କୁ ଡାକି ବୁଝାଇଲି । ଆମର ଏ ଧାରା ନୁହେଁ ବୋଲି କହିଲି, ବାରଂବାର କହିବା ପରେ ମଧ୍ୟ ଯେତେବେଳେ ସେମାନେ ଶୁଣିଲେ ନାହିଁ, ତେଣୁ ବାଧ୍ୟ ହୋଇ ସେଠାରୁ ସେକ୍ରେଟାରୀ ପଦରୁ ଇସ୍ତଫା ଦେଇ ପଳାଇ ଆସିଲି ।'' ମୁଁ ପଚାରିଲି, ''ମା'ଙ୍କୁ ପ୍ରାର୍ଥନା କରି ନାହାନ୍ତି ? ସେଇ ଅପାଭାଇମାନଙ୍କ ପାଇଁ ମା'ଙ୍କୁ ଡାକି ନାହାନ୍ତି ? ସ୍କୁଲଟିକୁ ଏବଂ ଅପାଭାଇମାନଙ୍କୁ ମା'ଙ୍କ ନିକଟରେ ସମର୍ପଣ କରି ନାହାନ୍ତି ? ଆପଣଙ୍କର ସମସ୍ତ ଉଦ୍ୟମକୁ ମା'ଙ୍କ ଚରଣରେ ନିବେଦନ ନକରି ସବୁ କରୁଥିଲେ ? ଅସଲ ସାମର୍ଥ୍ୟ ଯାହାର ତାଙ୍କ ନିକଟରେ ନକହି ଆପଣ ଅନ୍ୟତ୍ର ଚେଷ୍ଟା କରିଛନ୍ତି ଏବଂ ହୋଇ ନାହିଁ ବୋଲି ବ୍ୟସ୍ତ ହେଉଛନ୍ତି । ଏବେ ଅନ୍ତତଃ ଦ୍ୱିତୀୟ ସ୍କୁଲଟିକୁ ଆପଣଙ୍କ ନିଜ ସ୍କୁଲ ବୋଲି ନଭାବି ମା'ଙ୍କ ସ୍କୁଲ ବୋଲି ଭାବିଲେ ଏତେ ହତାଶ ଲାଗିବ ନାହିଁ । କାରଣ, ଆପଣ ଯାହା କରିବାକୁ ଆସିଛନ୍ତି ତାହା ବାସ୍ତବିକ ଶିକ୍ଷା ନୁହେଁ – ଶିକ୍ଷା ମାଧ୍ୟମରେ ଜୀବନର ରୂପାନ୍ତର । ତେଣୁ ଆଦୌ ହତାଶ ନହୋଇ ନିରବଚ୍ଛିନ୍ନ ଭାବରେ ମା'ଙ୍କୁ ପ୍ରାର୍ଥନା କରି ଉଦ୍ୟମ ଜାରୀ ରଖିବାକୁ ହେବ ।''

ଆମେ ଏକ ଆକର୍ଷଣୀୟ ଅନୁଷ୍ଠାନ କରିବା ପାଇଁ ଉଦ୍ୟମ କରିବା ନାହିଁ ବୋଲି ଶୁଣିଲା ପରେ ଜଣେ ବନ୍ଧୁ ପ୍ରଶ୍ନ କଲେ, ''ଆମର ଅନେକ ଅନୁଷ୍ଠାନ ତ ବେଶ୍ ଆକର୍ଷଣୀୟ ହୋଇ ପାରିଛି ।'' ମୁଁ କହିଲି, ''ଆକର୍ଷଣୀୟ ହେବା ପାଇଁ ତ ଆମେ ମନାକରୁନୁ । ଆମର ଲକ୍ଷ୍ୟ ଆକର୍ଷଣୀୟ ହେବା ପାଇଁ ଉଦ୍ୟମ ନକରିବା ।'' ସେ ବନ୍ଧୁ ପ୍ରଶ୍ନ କଲେ, ''ତେବେ ଅରୋଭିଲର ମାତୃମନ୍ଦିର କିପରି ?'' ମୁଁ ଉତ୍ତର ଦେଲି, ''ମାତୃମନ୍ଦିର ମଧ୍ୟ ତା'ର ଡିଜାଇନ୍ ଅନୁଯାୟୀ କରାଯାଇଛି । ଏଥିରେ ତିଳେ ମାତ୍ର ସାଲିସ କରାଯାଇ ନାହିଁ, ମାତ୍ର ତା' ବୋଲି ତାହା ସମସ୍ତଙ୍କୁ ଖୁବ୍ ଭଲ ଲାଗିବ ଏବଂ ତାହା ତାଜମହଲ ଭଳି ଏକ ଦର୍ଶନୀୟ ସ୍ଥାନ ହେବ ବୋଲି କରାଯାଇ ନାହିଁ । ପୁଣି ସମଗ୍ର ଅରୋଭିଲର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଆମେ ପଢ଼ିବା । ପ୍ରକୃତରେ ଅରୋଭିଲର ଲକ୍ଷ୍ୟ, ଉଦ୍ଦେଶ୍ୟ ସମ୍ପର୍କରେ ମା' ଯାହା ଲେଖିଛନ୍ତି ତାହା ମାତୃମନ୍ଦିର ଠାରୁ ଯଥେଷ୍ଟ ଅଧିକ ଆକର୍ଷଣୀୟ । ଏହାକୁ 'ଅରୋଭିଲ ଚାର୍ଟର୍' ବୋଲି କୁହାଯାଏ । ଏକ ପୂରାପୂରି ବିଶ୍ୱ ଏକତ୍ୱ ପ୍ରତିଷ୍ଠା କରି ତା'ରି ମାଧ୍ୟମରେ ବିଶ୍ୱ ଭ୍ରାତୃତ୍ୱ ସୃଷ୍ଟି କରିବା । ଏହା ଏକ ସମ୍ଭାବନା ନୁହେଁ, ମାତ୍ର ବାସ୍ତବ କଥା । ଏହାକୁ ଅରୋଭିଲରେ ପୂରଣ କରିବା ପାଇଁ ଚେଷ୍ଟା ଚାଲିଛି ।''

ଏସବୁ ଆଲୋଚନାର ଉଦ୍ଦେଶ୍ୟ ହେଲା ପ୍ରକୃତରେ ଆମେ ଯଦି ଏକ ନୂତନ ଜୀବନ ପାଇଁ ଆଗ୍ରହୀ ହେଉ, ନୂତନ ପରିବାର, ନୂତନ ସମାଜ ପ୍ରଭୃତି ପାଇଁ ଆଗ୍ରହୀ ହୋଇଥାଉ ତେବେ ଆମର ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆମକୁ ସେଥିରେ ପରିପୂର୍ଣ୍ଣ ସାହାଯ୍ୟ କରିପାରିବ । ଏହାହିଁ ଆମର ସ୍ୱତନ୍ତ୍ରତା । ଆମେ ଆରମ୍ଭ କରିବୁ ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏବଂ ତା' ପଶ୍ଚାତରେ ଯେଉଁ ଉଦ୍ଦେଶ୍ୟ ରହିବ ତାକୁ ଅନୁସରଣ କରି କାମ କରୁ କରୁ ଆମେ ଆମ ଜୀବନକୁ ମଧ୍ୟ ନୂତନ ଧାରାରେ ଗଢ଼ିବା ପାଇଁ

ଉଦ୍ୟମ କରି ଚାଲିଥିବା । ଆମେ ପାଠଚକ୍ର, ଧ୍ୟାନ, ଧାରଣା, ଜପ ଇତ୍ୟାଦି ମାଧ୍ୟମରେ ନିଜର ସାଧନା ସହିତ ଯଦି ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଅଂଶ ଗ୍ରହଣ କରୁ ଏବଂ ଶିକ୍ଷାକେନ୍ଦ୍ରଟି ବାସ୍ତବରେ ନିଜର ଲକ୍ଷ୍ୟ ଦିଗରେ ଅଗ୍ରଗତି କରୁଥାଏ ତେବେ ଆମ ଜୀବନ ମଧ୍ୟ ଏକ ଭିନ୍ନ ଜୀବନ ହୋଇପାରିବ । ଏହାହିଁ ଆମର ଶିକ୍ଷାକେନ୍ଦ୍ରଗୁଡ଼ିକ ଆରମ୍ଭ କରିବାର ପ୍ରକୃତ ଲକ୍ଷ୍ୟ । ଆମେ ବିନା ଉଦ୍ୟମରେ, ପ୍ରଚେଷ୍ଟାରେ, ଶ୍ରମରେ କେବେହେଲେ ନିଜର ଜୀବନକୁ ପରିବର୍ତ୍ତନ କରିପାରିବା ନାହିଁ । ଶ୍ରୀମା କହିଲେ, ''ତାଙ୍କ ଯୋଗରେ କାର୍ଯ୍ୟ ଅନିବାର୍ଯ୍ୟ ଏବଂ ଯେତେବେଳେ ଏହା ହୁଏ ପୂର୍ଣ୍ଣାଙ୍ଗ, ଶିକ୍ଷାକେନ୍ଦ୍ରରେ ସେତେବେଳେ ଆମେ ଅନାୟାସରେ ଗୋଟିଏ ଭିନ୍ନ ଜୀବନ ପାଇଁ ପ୍ରସ୍ତୁତ ହୋଇଯାଉ ।''

ଏ ସମ୍ପର୍କରେ ଆମେ ଟିକେ ଆହୁରି ଗଭୀର ଭାବରେ ଚିନ୍ତା କରିପାରିବା କି ?

❑❑❑

# ନବସୃଷ୍ଟି

## ଦୀପ୍ତି ମିଶ୍ର

ବିମଳ ଉଷାର ପ୍ରଭାତୀ କିରଣ
ଦେଉଅଛି ଏ ସନ୍ଦେଶ
ଅଲୋଡ଼ା ରାତ୍ରିର ଅବସାନ ହେଲା
ମନ ଖୋଲି ଏବେ ହସ ।

ଚଉଦିଗେ ଦେଖ ପ୍ରକୃତି ରାଣୀର
ଶ୍ୱେତ ଶୁଭ୍ର ତନୁ ଶୋଭା ...
ଦୀପ୍ତ ମହାଶକ୍ତି ନିୟତି ବକ୍ଷରେ
ଝଟକାଏ ପୂର୍ଣ୍ଣ ଆଭା ।

ତନ୍ଦ୍ରା ଅପସରି ଯାଇ ସାରିଲାଣି
ଉନ୍ମୀଳିତ ଦୁଇ ଚକ୍ଷୁ,
ଅବଚେତନାର ରୁଦ୍ଧ ଦୁଆର
ହଜିଲାଣି କାଳ ବକ୍ଷୁ ।

ବିଶ୍ୱ ସୃଷ୍ଟିର ଗୋପନ ରହସ୍ୟ
ଧୀରେ ଧୀରେ ଫିଟୁଅଛି ...
ପରମ ପ୍ରେମର ପୁଲକ ପ୍ରବେଗେ
ସ୍ରୋତସ୍ୱିନୀ ବହୁଅଛି ।



କୋଷରାଜି ସବୁ ଜାଗ୍ରତ ହେଲେଣି
ପରାଚେତନାରେ ମନ,
ପାଗଳ ପରାୟେ ଉର୍ଦ୍ଧ୍ୱଗାମୀ ଯାତ୍ରା
ସତେ ଅବା ଭାସମାନ ... ।

ଦିଗନ୍ତର ଶୋଭା ଆକର୍ଷିତ କରେ
ନବ ଚେତନାରେ ପ୍ରାଣ,
ଅନନ୍ତ ନୀଳିମା ପୂର୍ଣ୍ଣ ପ୍ରକାଶର
ସିଦ୍ଧିରେ ଜାଜ୍ୱଲ୍ୟମାନ ।

କର୍ଣ୍ଣ ଡେରି ଶୁଣ ପରାପ୍ରଭୁଙ୍କର
ପ୍ରୀତିର ବଂଶୀ ସ୍ୱନ,
ଆପଣା ଭାବରେ ବାନ୍ଧି ରଖ ବିଶ୍ୱେ
ଉଲ୍ଲସିତ ହେବ ମନ ।

ହୃଦୟ ଭରିବ ମହା ପୁଲକରେ
ଚାହିଁ ନୂତନ ସତ୍ୟ ଦିଗେ,
ନବସୃଷ୍ଟିରେ ହସିବେ ସଭିଏଁ
ପ୍ରଶାନ୍ତି ଓ ଅନୁରାଗେ । ❑

କାହାଣୀ :

# ସତ୍‌ସଙ୍ଗ

## ମନୋଜ ଦାସ

''ଭଗବାନ୍ ! ଋଷି ଓ ମୁନିମାନେ ଅନେକ ସମୟରେ ସତ୍‌ସଙ୍ଗର ଗୁଣଗାନ କରନ୍ତି । ତା'ର ତାତ୍ପର୍ଯ୍ୟ କ'ଣ ?'' — ଦିନେ ବିଷ୍ଣୁଙ୍କ ଆଗରେ ପ୍ରଶ୍ନଟି ଉପସ୍ଥାପନ କଲେ ନାରଦ ।

''ହଁ, ନାରଦ, ସତ୍‌ସଙ୍ଗର ଗୁଣ କହିଲେ ନସରେ । କିନ୍ତୁ ସମସ୍ୟା ହେଲା, ସତ୍‌ସଙ୍ଗ ଲାଭ ଏକ ଦୁର୍ଲଭ ଅଭିଜ୍ଞତା । ଖାଲି ଗୁଣୀ ବା ଭଲ ମଣିଷଙ୍କ ସଙ୍ଗହିଁ ସତ୍‌ସଙ୍ଗ ନୁହେଁ ।'' — କହିଲେ ଭଗବାନ୍ ବିଷ୍ଣୁ । ତା'ପରେ ସେ ଯୋଗ କଲେ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ବାକ୍ୟ, ''ପ୍ରକୃତ ସତ୍‌ସଙ୍ଗରେ ଯେଉଁ ସୁଫଳ ମିଳେ ତାହା ବାସ୍ତବିକ ଅମାପ !''

''ଯଥା ?'' ପ୍ରଶ୍ନ କଲେ ନାରଦ ।

''ନାରଦ ! ତମେ ଏ ପ୍ରଶ୍ନଟି ମତେ ନକରି ଆଉ ଜଣଙ୍କୁ କର । ମୁଁ ଠିକଣା ଦେଉଛି ।'' ବିଷ୍ଣୁ ଏହା କହି କୌତୂହଳୀ ନାରଦଙ୍କୁ ଯେଉଁ ଠିକଣା ଦେଲେ ତାହା ତାଙ୍କୁ ହତଚକିତ କଲା । କିନ୍ତୁ ବିଷ୍ଣୁଙ୍କୁ ଏ ସମ୍ପର୍କରେ ଆଉ ଗୁଡ଼େଇ ତୁଡ଼େଇ ପ୍ରଶ୍ନ କଲା ଭଳି ଉତ୍ସାହ ତାଙ୍କର ନଥିଲା ।

ଠିକଣା ଅନୁସରଣ କରି ସେ ଯାଇ ଯଥା ସ୍ଥାନରେ ପହଞ୍ଚିଲେ । ନୈମିଷାରଣ୍ୟ । ତହିଁ ଏକ ସରୋବର । ପଶ୍ଚିମ ତଟରେ ବଟ ବୃକ୍ଷ । ବୃକ୍ଷ ଦେହରେ ତାଙ୍କ ବେକ-ଉଚ୍ଚ ସ୍ଥଳରେ ଏକ କୋଟର । ତହିଁ ଏକ ନୀଡ଼ । ସେଥିରେ ତନ୍ଦ୍ରାଚ୍ଛନ୍ନ ଅବସ୍ଥାରେ ସ୍ଥିତ ଏକ କୋମଳ ପକ୍ଷୀଶାବକ ।

ବିଷ୍ଣୁ ଦେଇଥିଲେ ଏହି ପ୍ରାଣୀଟିର ଠିକଣା ।

ନାରଦ ସ୍ନେହଭରେ ଶାବକଟିକୁ ସ୍ପର୍ଶ କଲେ । ସତେ ଅବା ଚମକି ପଡ଼ିଲା ଶାବକ । ଦୁଇ ବିନ୍ଦୁ ନୟନ ଖୋଲି ସେ ନାରଦଙ୍କୁ ସତେ ଅବା ପ୍ରାଣଭରି ଦେଖି ନେଲା । ସତେ ଅବା ଦୃଷ୍ଟିରେ କୌଣସି ମହତ୍ ଭାବ ଉଚ୍ଛୁଳି ରହିଥିଲା ।

କିନ୍ତୁ ଇଏ କ'ଣ ? ପରମୁହୂର୍ତ୍ତରେ ସେ ଯେ ଖାଲି ନୟନ ନିମୀଳିତ କଲା ସେତିକି ନୁହେଁ, ନିଷ୍ପନ୍ଦ ହୋଇଗଲା । ନାରଦ ପରୀକ୍ଷା କରି ବୁଝିଲେ, ତା'ର ପ୍ରାଣବାୟୁ ଉଡ଼ି ଯାଇଛି ।

ଅଦୂରରୁ ଉଡ଼ି ଆସୁଥିଲେ ଯୋଡ଼ିଏ ପକ୍ଷୀ । ହୁଏତ ଶାବକଟିର ଜନକ ଜନନୀ । ନାରଦ ଅବିଳମ୍ବେ ସେଠାରୁ ପ୍ରସ୍ଥାନ କଲେ ।

''କ'ଣ ହେଲା ନାରଦ ! ଠିକଣା ପାଇଲଟି ?'' ପ୍ରଶ୍ନ କଲେ ବିଷ୍ଣୁ ।

''ମହାପ୍ରଭୁ ! ଠିକଣା ତ ପାଇଲି, କିନ୍ତୁ ପାଇଲି ନାହିଁ ମୋ ପ୍ରଶ୍ନର ଉତ୍ତର । ସେତିକି ନୁହେଁ, ପାଇଲି ଗୋଟିଏ ବିସ୍ମୟର ଧକ୍କା ... ।''

''ଆଚ୍ଛା, ଆଚ୍ଛା । ନାରଦ, ତମେ ଗୋଟିଏ କାମ କର । ମାସ କେତୋଟି ପରେ ପୁରୁଷୋତ୍ତମ କ୍ଷେତ୍ରର ଉପାନ୍ତବର୍ତ୍ତୀ ଏକ ପଲ୍ଲୀକୁ ଯିବ । ତମକୁ ଦେବି ନିର୍ଦ୍ଦିଷ୍ଟ ଠିକଣା । ପ୍ରଶ୍ନଟି ସେଇଠି ଉଠାଇବ ।''

ନାରଦ ମନେ ରଖିଲେ । ଯଥା ସମୟରେ ବିଷ୍ଣୁଙ୍କୁ ସେକଥା ମନେ ପକାଇଦେଲେ । ବିଷ୍ଣୁ ତାଙ୍କୁ ଜଣେ କୃଷକର ଠିକଣା ଦେଇ କହିଲେ, ''ଲୋକଟିର ଗୋଶାଳାରେ ସଦ୍ୟ ଜନ୍ମ ନେଇଛି ଗୋଟିଏ ଗୋ-ଶାବକ । ଯାଅ । ତାକୁ ଭେଟି ପ୍ରଶ୍ନଟି ପଚାର ।''

ଅଚିରେ କୃଷକର ଘର ଠାବ କଲେ ନାରଦ । ନାରଦଙ୍କ ପରିଚୟ ନ ଜାଣିଲେ ବି ଜଣେ ସାଧୁଙ୍କୁ ଦେଖି କୃଷକ ପ୍ରୀତ ହେଲେ । ସେ କହିଲେ, ''ମହାଭାଗ, ମୋର ଗାଭୀଟିଏ ସଦ୍ୟ ଗୋଟିଏ ଶାବକ ପ୍ରସବ କରିଛି । ମୁଁ ତାହାରି ସେବା କରୁଥିଲି । ଆପଣ ମୋ ପିଣ୍ଡାରେ ବସନ୍ତୁ । ମୁଁ ହାତଗୋଡ଼ ଧୋଇ ଆସି ଆପଣଙ୍କ ସେବା କରିବି ।''

''ବରଂ ମୁଁ ତୁମ ଗୋଶାବକ ପାଖରେ ରହୁଛି । ନବଜାତ ଗୋଶାବକ ଦେଖିଲେ ବଡ଼ ଆନନ୍ଦ ପାଏ ।'' —କହିଲେ ନାରଦ ।

''ଆହା ! ମୋ ଗୋଶାବକର କେଡ଼େ ସୌଭାଗ୍ୟ । ଜନ୍ମ ମାତ୍ରେ ସେ ସନ୍ଥଙ୍କୁ ଦର୍ଶନ କରିବ ! ମୋର ବି କେତେ ସୌଭାଗ୍ୟ ।''

ଏହା କହି ଗୋଶାଳା ନିର୍ଦ୍ଦେଶ କରି କୃଷକ ପୋଖରୀ ଆଡ଼େ ଚାଲିଗଲା ।

ନାରଦ ଯାଇ ଗୋଶାବକ ପାଖରେ ପହଞ୍ଚିଲେ । ଶାବକଟି ତାଙ୍କୁ ଦେଖି ସତେ ଅବା ଆନନ୍ଦରେ ଆତ୍ମହରା ହୋଇ ଲମ୍ଫ ଦେଲା । ନାରଦ ତାକୁ ଆଉଁଶି ଦେଲେ ଓ କଣ୍ଠସ୍ୱର ନିମ୍ନ କରି ପଚାରିଲେ, ''ବତ୍ସ ! ବିଷ୍ଣୁଙ୍କ ପରାମର୍ଶକ୍ରମେ ତୁମ ପାଖକୁ ଆସିଛି । ସତ୍‌ସଙ୍ଗର ମହିମା ସମ୍ପର୍କରେ ... ।''

ନାରଦଙ୍କ ବାକ୍ୟ ଶେଷ ହୋଇ ନାହିଁ, ବତ୍ସଟି ତଳେ ପଡ଼ିଗଲା । ବିଚଳିତ ନାରଦ ଦେଖିଲେ ସେ ପ୍ରାଣହୀନ !

ଲଜ୍ଜା ଓ ହତାଶାରେ ସେ ମୁହ୍ୟମାନ ହେଲେ ଓ ତତ୍‌କ୍ଷଣାତ୍ ଖସି ଚାଲିଗଲେ । ଦୂରରୁ ଥରେ ଅନାଇ ଦେଖିଲେ, କୃଷକ ଡାଳେ ପାଣି ଧରି ତାଙ୍କ ଅଭ୍ୟର୍ଥନା ପାଇଁ ଆଗେଇ ଆସୁଛି । ଅଦୃଶ୍ୟ ହୋଇଯିବା ଛଡ଼ା ତାଙ୍କର ଗତ୍ୟନ୍ତର ନଥିଲା ।

''ପ୍ରଭୁ ! ଏ ଅକିଞ୍ଚନକୁ ଏମନ୍ତ ଲଜ୍ଜାଜନକ ପରିସ୍ଥିତିରେ ନ ପକାଇଥିଲେ କ'ଣ ହୋଇ ନଥା'ନ୍ତା ?''

ବଡ଼ ଗମ୍ଭୀର ଭାବେ ବିଷ୍ଣୁଙ୍କ ଆଗରେ ଅଭିଯୋଗ କଲେ ନାରଦ ।

''ଦେବର୍ଷି ! ତୁମେ ଏମିତି ଅଧୈର୍ଯ୍ୟ ହେଲେ ଚଳିବ ? ତମ ପ୍ରଶ୍ନ ବଡ଼ ଗୁରୁତ୍ୱପୂର୍ଣ୍ଣ । ତା'ର ଉତ୍ତର ସକାଶେ ଯଦି ଟିକିଏ ଅପେକ୍ଷା କରିବାକୁ ପଡ଼େ ସେଥିରେ ବିଚଳିତ ହେବାର କ'ଣ ଅଛି ? ଆଉ ମାତ୍ର କେଇ ମାସ । ତା'ପରେ ରହସ୍ୟ ଠିକ ବୁଝିଯିବ ।'' — କହିଲେ ବିଷ୍ଣୁ ।

ଯଥା ସମୟରେ ନାରଦ ବିଷ୍ଣୁଙ୍କ ସ୍ମରଣ କରାଇ ଦେଲେ । ବିଷ୍ଣୁ ଦେଲେ ତୃତୀୟ ଠିକଣା । ଅମରାବତୀର ରାଜାଙ୍କ ନଅର ।

ନାରଦଙ୍କୁ ଦେଖି ରାଜାଙ୍କ ଉତ୍ସାହର ସୀମା ନାହିଁ ।

''କି ସୌଭାଗ୍ୟ ମୋର ! ଜଣେ ମହାନ୍ ବିଷ୍ଣୁଭକ୍ତ ମୋତେ ସାକ୍ଷାତ୍ ଦେଲେ ।'' ରାଜା ଉତ୍‌ଫୁଲ୍ଲ ହୋଇ କହିଲେ ଓ ସଦ୍ୟଜାତ ରାଜପୁତ୍ରଙ୍କୁ ସେ ଯାଇ ଆଶୀର୍ବାଦ କରନ୍ତୁ ଏ ପ୍ରାର୍ଥନା ଜଣାଇଲେ ।

ନାରଦଙ୍କୁ ଛାନିଆ ଲାଗିଲା ଅବଶ୍ୟ । ରାଜାଜଣକ ପୁଣ୍ୟାତ୍ମା ଭଳି ମନେ ହେଉଛନ୍ତି । ନାରଦଙ୍କୁ ନଚିହ୍ନିଲେ ବି ସେ ଜଣେ ବିଷ୍ଣୁଭକ୍ତ ବୋଲି ବୁଝି ପାରିଛନ୍ତି ।

କୌଣସି ଭାବାନ୍ତରର ସୂଚନା ନଦେଇ ନାରଦ ନବଜାତ ଶିଶୁ ପାଖରେ ପହଞ୍ଚିଲେ । ଅଦୂରକୁ ଅପସରି ଗଲେ ରାଣୀ ଓ ଦାସୀମାନେ ।

''ମହାଭାଗ ! ଆପଣ ଶିଶୁକୁ ସ୍ପର୍ଶ କରି ଆଶୀର୍ବାଦ ଦିଅନ୍ତୁ !'' ରାଜା ଅନୁରୋଧ କଲେ ।

ବିଷ୍ଣୁଙ୍କୁ ସ୍ମରଣ କରି ନାରଦ କହିଲେ, ''ମୋତେ ମୁହୂର୍ତ୍ତକ ସକାଶେ ଶିଶୁ ସହ ଏକାକୀ ରହିବାକୁ ହେବ ।''

''ଆନନ୍ଦରେ ମହାଭାଗ, ଆନନ୍ଦରେ ! ଶିଶୁ ପାଇଁ ଆପଣଙ୍କଠୁ ଅଧିକ ନିରାପଦ ଓ ମହତ୍ ସାହଚର୍ଯ୍ୟ କାହୁଁ ମିଳିବ ?'' ରାଜା ଏହା କହି କୋଠରି ଭିତରୁ ସମସ୍ତଙ୍କୁ ବିଦା କରି ଦେଇ ନିଜେ ମଧ ବାହାରି ଗଲେ ।

ସେ ଉଜ୍ଜ୍ୱଳ, ଆନନ୍ଦଦୀପ୍ତ ରାଜଶିଶୁ ଆଡ଼େ ଦୃଷ୍ଟିପାତ କରି ନାରଦ ପ୍ରଶ୍ନ କଲେ, ''ମୁଁ ଜାଣିବାକୁ ଚାହେଁ ସତ୍‌ସଙ୍ଗର ମହିମା ।''

ମୃଦୁ ମଧୁର କଣ୍ଠରେ ଆସିଲା ନବଜାତକ କଣ୍ଠ-ନିଃସୃତ ଉତ୍ତର, ''ହେ ମହାନ୍ ଦେବର୍ଷି ! ଦିନେ ମୁଁ ଜନ୍ମିଥିଲି ନୈମିଷାରଣ୍ୟରେ ଏକ ପକ୍ଷୀଶାବକ ରୂପରେ । ମୁହୂର୍ତ୍ତକ ସକାଶେ ଆପଣଙ୍କର ସତ୍‌ସଙ୍ଗରେ ଆସି ମୋ ଚେତନାର ଯେଉଁ ବିକାଶ ହେଲା ତାହା ଫଳରେ ମୁଁ ସେ ତନୁ ତ୍ୟାଗ କରି ପୁରୁଷୋତ୍ତମ କ୍ଷେତ୍ର ଉପକଣ୍ଠରେ ଜନ୍ମ ନେଲି ଏକ ଗୋବତ୍ସ ରୂପେ । ପୁନର୍ବାର ମୋତେ ମିଳିଲା ଅପୂର୍ବ ସୌଭାଗ୍ୟ — ପାଇଲି ଆପଣଙ୍କ ସତ୍‌ସଙ୍ଗ ଏବଂ ଦେବସ୍ପର୍ଶ । ମୋ ଚେତନାର ଯେଉଁ ଅପରୂପ ବିକାଶ ହେଲା, ତାହାରି ଫଳରେ ତତ୍‌କ୍ଷଣାତ୍ ସେ ଜନ୍ମରୁ ଆସି ଆଜି ମୁଁ ରାଜପୁତ୍ର ରୂପରେ ଏଠାରେ ଅବତୀର୍ଣ୍ଣ । ଆପଣଙ୍କ ଏହି ଅନୁଗ୍ରହ ମୋତେ ଜଣେ ଉପଯୁକ୍ତ ନରପତି ଓ ଭକ୍ତ ରୂପେ ବିକଶିତ କରିବ । ପ୍ରକୃତ ସତ୍‌ସଙ୍ଗର ଏମନ୍ତ ମହିମା !''

ନାରଦ ବିଦାୟ ନେଲେ । ପ୍ରଭୁଙ୍କୁ ଯାଇ ସାଷ୍ଟାଙ୍ଗ ପ୍ରଣିପାତ କଲେ । କୃତଜ୍ଞତା ପାଇଁ ତାଙ୍କର ଭାଷା ନଥିଲା ।

('ମନୋଜ ଦାସ ପରିବେଷିତ ଉପକଥା ଶତକ'ରୁ ସଂଗୃହୀତ, ପୃ. ୮୭-୯୦) ❑

ପ୍ରଗତିର କେବେ ବି ଅନ୍ତ ନାହିଁ ଓ ପ୍ରତିଦିନ ତୁମେ ଯାହା କରୁଛ ତାକୁ ଆହୁରି ଭଲ କରି କରିବା ପାଇଁ ଶିକ୍ଷା କରିପାର ।

— ଶ୍ରୀମା

# ଇନ୍ଦ୍ରଧନୁର ଆଭା

## ବନମାଳୀ ଆଚାର୍ଯ୍ୟ

ଇସାପୁର ଗ୍ରାମରେ ସମ୍ପଦ ଓ ଚମ୍ପକ ନାମରେ ଦୁଇ ବନ୍ଧୁ ବାସ କରୁଥିଲେ । ସେମାନେ କୃଷକ ଥିଲେ । ସେମାନଙ୍କର ବୟସ ଥିଲା ପାଖାପାଖି ପଞ୍ଚତିରିଶ ବର୍ଷ । ସୁବିଧା ଅସୁବିଧାରେ ସେମାନେ ପରସ୍ପରକୁ ସାହାଯ୍ୟ କରୁଥିଲେ । ଜମିବାଡ଼ିରୁ ଯାହାକିଛି ଉତ୍ପାଦନ ମିଳୁଥିଲା, ସେଥିରେ ସେମାନଙ୍କର ଗୁଜୁରାଣ ମେଣ୍ଟି ଯାଉଥିଲା । ଥରେ ସେମାନେ ଏକ କଠିନ ପରିସ୍ଥିତିର ସମ୍ମୁଖୀନ ହେଲେ । ଅନାବୃଷ୍ଟି କାରଣରୁ ସେମାନଙ୍କର ଫସଲ ଉଜୁଡ଼ି ଗଲା । ଏହି ପ୍ରକାର ଅସୁବିଧାରୁ ରକ୍ଷା ପାଇବା ପାଇଁ ସେମାନଙ୍କ ପାଖରେ ନା ଥିଲା କୌଣସି ଜଳସେଚନର ବ୍ୟବସ୍ଥା ନା କୌଣସି ବିକଳ୍ପ ଉପାୟ । ଆରମ୍ଭରେ ସେମାନେ ନିରାଶ ହୋଇ ପଡ଼ିଲେ । ମାତ୍ର ସେହି ବିରାଟ କ୍ଷତିକୁ ସହ୍ୟ କରିବାର ମନୋବଳ ସେମାନେ ହରାଇ ନଥିଲେ । ଦିନେ ଅପରାହ୍ଣରେ ଉଭୟ ବନ୍ଧୁ ଗାଁ ପୋଖରୀର ପାହାଚ ଉପରେ ବସି ପରିବାର ପ୍ରତିପୋଷଣ କରିବାର ଉପାୟ ବିଷୟରେ ଗମ୍ଭୀର ଭାବେ ଆଲୋଚନା କଲେ ।

ସମ୍ପଦ କହିଲା, ''ମୁଁ ଭାବୁଛି, ଆମେ ଅନ୍ୟତ୍ର ଆମର ଭାଗ୍ୟ ପରୀକ୍ଷା କରିବା ଠିକ୍ ହେବ । ସେଥିରେ ତୁମର କିଛି ଅସୁବିଧା ଅଛି କି ?'' ଚମ୍ପକ କଥାଟିର ଗୁରୁତ୍ୱ ଅନୁଭବ କରି କହିଲା, ''ତୁମେ ଯଥାର୍ଥ କଥା କହିଛ । ମାତ୍ର ଏହା କିପରି ସମ୍ଭବ ହେବ ? ଏ ଦିଗରେ ଆମକୁ ସାହାଯ୍ୟ କରିବାକୁ କେହି ଜଣେ ଆଗେଇ ଆସିବା ଦରକାର । ସେ ଅବା କାହିଁକି ସେପରି କରିବ ?'' ସମ୍ପଦର ନିଜ କଥା ଉପରେ ଦୃଢ଼ ବିଶ୍ୱାସ ଥିଲା । ସେ କଥାଟିକୁ ଆଗକୁ ବଢ଼ାଇବାକୁ ଯାଇ କହିଲା, ''ଆମେ ଗାଁ ଠାରୁ ଦୂରକୁ ଚାଲିଯିବା ଏବଂ ସେଠାରେ ଆମ ପାଇଁ କାମ ଯୋଗାଡ଼ କରିବା । ମୋର ଜଣେ ସମ୍ପର୍କୀୟ ଭାଇ ଦୂର ସହରରେ ରହନ୍ତି । ସେ ଆମକୁ ଏ ଦିଗରେ ନିଶ୍ଚୟ ବାଟ ଦେଖାଇବେ । ତୁମେ ଏ ଯୋଜନାକୁ ଗୁପ୍ତ ରଖ ଏବଂ ଯିବା ସକାଶେ ପ୍ରସ୍ତୁତ ହୁଅ । ଆସନ୍ତା କାଲି ଆମ ପାଇଁ ଉପଯୁକ୍ତ ସମୟ ହେବ ।''

ପରଦିନ ସୂର୍ଯ୍ୟାସ୍ତ ପୂର୍ବରୁ ସେମାନେ ଠିକଣା ସ୍ଥାନରେ ପହଞ୍ଚିଲେ । ସମ୍ପଦର ଭାଇ ସେମାନଙ୍କ ପାଇଁ ଏକ ପରିଚିତ ଫାର୍ମରେ କାମ ଯୋଗାଡ଼ କରିଦେଲେ । ସେମାନେ ଆଗ୍ରହ ଓ ନିଷ୍ଠାର ସହ ମନ ଦେଇ କାମ କରି ଚାଲିଲେ । ଏପରିକି ଛୁଟିଦିନଗୁଡ଼ିକରେ ପରିଶ୍ରମ କରି ଅଧିକ ଅର୍ଥ ଉପାର୍ଜନ କଲେ । ଛଅ ମାସ ବିତିଗଲା । ସଞ୍ଚିତ ଅର୍ଥ ଧରି ସେମାନେ ଗୃହକୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରସ୍ତୁତ ହେଲେ । ସେତେବେଳେ ଦୁଇ ଦିନ ଧରି ପ୍ରବଳ ବର୍ଷା ଲାଗି ରହିଲା । ରାସ୍ତାଘାଟରେ ପାଣିର ସୁଅ ଛୁଟୁଥିଲା । ବସ୍ ଚଳାଚଳ ବନ୍ଦ ହୋଇଗଲା । ତୃତୀୟ ଦିବସରେ ବର୍ଷା ଥମିଗଲା । ଦୁଇଟି ଅଶ୍ୱ ଭଡ଼ାରେ ନେଇ ସେମାନେ ଜଙ୍ଗଲ ରାସ୍ତାରେ ଯାତ୍ରା ଆରମ୍ଭ କଲେ । ଯଦିଓ ସେ ବାଟଟି ଦୀର୍ଘ ନଥିଲା, ଏହି ଯାତ୍ରା ଅସୁବିଧାଜନକ ଓ କ୍ଳାନ୍ତିକର ଥିଲା ।

ଦୁର୍ଭାଗ୍ୟବଶତଃ, ବନଭୂମିରେ ଥିବା ପାଣିନାଳର ଉପରିସ୍ଥ ପୋଲଟି ଅତ୍ୟଧିକ ବୃଷ୍ଟି କାରଣରୁ ଭୁଶୁଡ଼ି ପଡ଼ିଥିଲା । ସେମାନେ କୌଣସି ପ୍ରକାରେ ପାଣିନାଳର ଅନ୍ୟ ପାର୍ଶ୍ୱକୁ ଯାଇ ପାରିଲେ ନାହିଁ । ଅନନ୍ୟୋପାୟ ହୋଇ ନାଳରେ ଜଳପତ୍ତନ ହ୍ରାସ ପାଇବା ପର୍ଯ୍ୟନ୍ତ ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଲା । ମାତ୍ର ଅଶ୍ୱ ମାଲିକ ସେହି ସ୍ଥାନରୁ ନିଜର ଅଶ୍ୱଦ୍ୱୟ ସହ ଫେରି ଆସିଲେ । ସେଠାରେ ଦୁଇ ବନ୍ଧୁ ବନପଥ ସଂଲଗ୍ନ ଏକ ବିରାଟ ବରଗଛ ତଳେ ବସି ରହିଲେ ।

ପାଣିନାଳରେ ଜଳପତ୍ତନ ଧୀରେ ଧୀରେ ହ୍ରାସ ପାଉଥିଲା । ସନ୍ଧ୍ୟା ପୂର୍ବରୁ ନାଳ ପାର ହେବା ସେମାନଙ୍କ ପାଇଁ ଜରୁରୀ ଥିଲା । କିଛି ସମୟ ପୂର୍ବରୁ ଅସରାଏ ବର୍ଷା ହୋଇଥିଲା । ପଶ୍ଚିମାକାଶ ମେଘମୁକ୍ତ ଥିଲା । ଉଜ୍ଜ୍ୱଳ ସୂର୍ଯ୍ୟକିରଣ ଚାରିଆଡ଼େ ବିଛାଡ଼ି ହୋଇ ପଡ଼ିଥିଲା । ମାତ୍ର ପୂର୍ବାକାଶ ଧୂସର ରଙ୍ଗର ବାଦଲମାଳାରେ ଆଚ୍ଛାଦିତ ଥିଲା । ସେଠାରେ ଏକ ଚମତ୍କାର ଆକର୍ଷଣୀୟ ଇନ୍ଦ୍ରଧନୁ ସୁସ୍ପଷ୍ଟ ଭାବେ ଦୃଶ୍ୟମାନ ଥିଲା । ମନେ ହେଉଥିଲା ଯେପରି କେହି ଜଣେ ଦୂର ଦିଗ୍‌ବଳୟରେ ଗୋଟିଏ ସୁନ୍ଦର ବିରାଟ ଖିଲାଣ ନିର୍ମାଣ କରିଥିଲା । ଦୂର ଚକ୍ରବାଳ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା ସବୁଜ ବନାନୀର ସୁଦୀର୍ଘ ଗାଲିଚା ଏବଂ ତାହା ସହିତ ସଂଯୁକ୍ତ ହୋଇ ରହିଥିଲା ସେହି ଆକର୍ଷଣୀୟ ଖିଲାଣ-ପଥ । ସମ୍ପଦ ପୂର୍ବାକାଶ ଆଡ଼କୁ ଅଙ୍ଗୁଳି ଦେଖାଇ ଚମ୍ପକକୁ କହୁଥିଲା,

''ଚାଲ, ଇନ୍ଦ୍ରଧନୁର ସେ ଅପାର୍ଥିବ ଶୋଭାକୁ ମନ ଭରି ଦେଖିବା ।''

ସେମାନେ ବରଗଛର ଅପରପାର୍ଶ୍ୱକୁ ସାବଧାନତା ସହକାରେ ଅସମତଳ ଓ ଖସଡ଼ା ବାଟ ଦେଇ ଆଗକୁ ବଢ଼ିଲେ । ସେମାନଙ୍କର ଉଦ୍ଦେଶ୍ୟ ଥିଲା, ସେମାନେ ଇନ୍ଦ୍ରଧନୁକୁ ଭଲ ଭାବରେ ଦେଖି ପାରିବେ । ସ୍ଥାନଟି ଅଧିକ ଉଚ୍ଚ ଥିଲା । ତାହା ଗହଳିଆ ବୁଦାରେ ପରିପୂର୍ଣ୍ଣ ଥିଲା ଏବଂ ଦୁର୍ଗମ ଲାଗୁଥିଲା । ସେଠାରୁ ପାଣିନାଳର ଜଳପତ୍ତନ ପ୍ରାୟ ଦଶଫୁଟ ତଳକୁ ଥିଲା । ପୁରୁଣା ପୋଲଟି ଶିଳା, ମାଟି ଓ ଚେରମୂଳ ଦ୍ୱାରା ପ୍ରାକୃତିକ ଧାରାରେ ବାନ୍ଧି ହୋଇ ରହିଥିଲା । ଭୁଶୁଡ଼ି ଯିବା ପରେ ପୋଲର ମାଟି ଅଂଶ ପାଣି ସୁଅରେ ଧୋଇ ହୋଇଗଲା । ପୋଲଟି ପ୍ରାୟ ଆଠ ଫୁଟ ଲମ୍ବ ଥିଲା । ବର୍ଷା ପାଣିରେ ଧୋଇଯିବା ପରେ ତା'ର ଉପର ଅଂଶଟିରେ କେବଳ ମୂଳ ଓ ଚେରସବୁ ଛନ୍ଦାଛନ୍ଦି ହୋଇ ନଡ଼ାବିହୀନ ଛପରର ଭ୍ରମ ସୃଷ୍ଟି କରୁଥିଲା । ତାହା ଉପରେ ବରଗଛ ପାଖରୁ ବାହାରି ଥିବା ଏବଂ ନାଳର ବିପରୀତ ପାର୍ଶ୍ୱ ପର୍ଯ୍ୟନ୍ତ ଲମ୍ବିଥିବା ବଡ଼ ଆକାରର ଶାଖା ମୂଳଟିଏ ଶୋଇ ରହିଥିଲା । ତାହା କେଉଁ ଗଛରୁ ଆରମ୍ଭ ହୋଇଥିଲା ସେକଥା ଜାଣିବା କଷ୍ଟକର ଥିଲା । ଚମ୍ପକ ଖୁସିରେ ବଡ଼ ପାଟି କରି କହିଲା, ''ଏହି ବିରାଟ ଗୋଲାକାର ମୂଳକୁ ଦେଖ । କେଡ଼େ ସୁନ୍ଦର ଓ ମସୃଣ ! ଏହା ସମ୍ଭବତଃ ଏ ବରଗଛର । ଏହା ଉପରେ ଠିଆ ହୋଇ ଆମେ ଇନ୍ଦ୍ରଧନୁର ସୁନ୍ଦର ରୂପକୁ ଦେଖି ପାରିବା ।''

ସେମାନେ ସେହି ଶାଖାମୂଳଟି ଉପରେ ପାଖାପାଖି ଠିଆ ହେଲେ ଏବଂ ଇନ୍ଦ୍ରଧନୁ ଆଡ଼କୁ ଚାହିଁ ରହିଲେ । ଅରଣ୍ୟର ବିସ୍ତୀର୍ଣ୍ଣ ସବୁଜିମା ଓ ଆକାଶର ସୌନ୍ଦର୍ଯ୍ୟ ସେମାନଙ୍କୁ ପ୍ରଚୁର ଆନନ୍ଦ ଦେଉଥିଲା । ଅରଣ୍ୟର ଗଛପତ୍ର ଗହଳରେ ଛାଇ ଆଲୁଅର ଖେଳ ସେମାନଙ୍କୁ ମୁଗ୍ଧ କରୁଥିଲା । ହଠାତ୍ ସମ୍ପଦକୁ କିଛି କଥା ଅଡୁଆ ଲାଗିଲା । ସେ ତଳକୁ ନିଜର ପାଦ ଆଡ଼କୁ ଚାହିଁଲା । ତା'ର ମନେ ପଡ଼ିଲା, ସେମାନେ ମୂଳ ଉପରେ ଠିଆ ହେବା ବେଳେ ବରଗଛର ନିକଟବର୍ତ୍ତୀ ଥିଲେ । ମାତ୍ର ବର୍ତ୍ତମାନ ତାକୁ ଲାଗିଲା, ସେମାନେ ବରଗଛ ଠାରୁ ଦୂରରେ ଥିଲେ । ଛନ୍ଦାଛନ୍ଦି ହୋଇ ରହିଥିବା ଏବଂ ପାଣିନାଳକୁ ଘୋଡ଼ାଇ ରଖିଥିବା ମୂଳ ଓ ଚେରର ଜାଲ ଉପରେ ସେମାନେ ପହଞ୍ଚି ଥିଲେ । ତେବେ ମୂଳଟା କ'ଣ ଗତି କରୁଥିଲା ? ନା ସେମାନଙ୍କର ପାଦ ମୂଳ ଉପରେ ଖସିବାରେ ଲାଗିଥିଲା ? ଏହାକୁ ଏକ ମାନସିକ ଭ୍ରମ ମନେ କରି ସେ ଆକାଶ ଆଡ଼କୁ ପୁଣି ଚାହିଁ ରହିଲା । ସେମାନଙ୍କର ଅଜାଣତରେ ସେମାନେ ପାଣି ନାଳର ଅପର ପାର୍ଶ୍ୱରେ ପହଞ୍ଚି ସାରିଥିଲେ । ସମ୍ପଦ ଗମ୍ଭୀରଭାବେ ଲକ୍ଷ୍ୟ କଲା, ସେମାନେ ଠିଆ ହୋଇଥିବା ମୂଳଟି ବରଗଛ ଆଡ଼କୁ ସରୁଆ ଦେଖା ଯାଉଥିଲା । ସେମାନେ ଓ ବରଗଛଟି ନାଳର ବିପରୀତ ପାର୍ଶ୍ୱରେ ଥିଲେ । ସେ ନିଶ୍ଚିତ ହେଲା ଯେ ସେହି ମୂଳଟା ଗତିଶୀଳ ଅନ୍ୟ କିଛି ଥିଲା ।

ହଠାତ୍ ଭୟ ଓ ବିସ୍ମୟ ଅଭିଭୂତ ସମ୍ପଦ ଚିତ୍କାର କରି ଉଠିଲା, ''ଚମ୍ପକ, ଦୌଡ଼ି ପଳାଅ । ନିଜର ପ୍ରାଣ ବଞ୍ଚାଇବାକୁ ଦୌଡ଼ ।'' ଏହା କହି ସମ୍ପଦ ଭୂମି ଉପରକୁ କୁଦି ପଡ଼ି ନିଜେ ପ୍ରାଣ ବିକଳରେ ଦୌଡ଼ିଲା । ଚମ୍ପକ କିଛି ବୁଝି ନପାରି ତା' ପଛେ ପଛେ ଦୌଡ଼ିଲା । ସେମାନେ ଏକ ଖୋଲା ସ୍ଥାନରେ ଅଟକି ଗଲେ । କ୍ରୋଧରେ ଚମ୍ପକ କହୁଥିଲା, ''ତୁମେ କ'ଣ ପାଗଳ ହୋଇ ଯାଇଛ ? ନା କୌଣସି ଭୂତ ଦେଖିଛ ? ଏପରି ବ୍ୟବହାର କାହିଁକି କରୁଛ ?'' ସମ୍ପଦ ଧୀର ସ୍ୱରରେ କହିଲା, ''ଦୟା କରି ଟିକିଏ ଚୁପ୍ ରହ । ଏକ ଲମ୍ବା, ମୋଟା ଓ ମସୃଣ ଅଜଗରର ପିଠିରେ ଆମେ ପାଣିନାଳ ପାର ହୋଇ ଏ ପାଖକୁ ଆସିଛେ । ଅଜଗରକୁ ମୂଳ ଭାବି ଆମେ ତା'ର ପିଠି ଉପରେ ଠିଆ ହୋଇଥିଲେ । ତା'ର ଗତି ଅତି ମନ୍ଥର ଥିଲା । ଆମେ ସମ୍ପୂର୍ଣ୍ଣଭାବେ ଇନ୍ଦ୍ରଧନୁ ଦେଖିବାରେ ନିମଗ୍ନ ଥିବାରୁ ଏ ଭୁଲ୍‌କୁ ଜାଣିବା ପାଇଁ ସମୟ ପାଇ ନଥିଲେ ।''

ବିସ୍ମୟ ବିସ୍ଫାରିତ ଚକ୍ଷୁରେ ଚମ୍ପକ ଲକ୍ଷ୍ୟ କଲା, ବରଗଛ, ପାଣିନାଳ ସେ ପାଖରେ ଯଥେଷ୍ଟ ଦୂରରେ ଥିଲା । ନିଶ୍ଚିତ ମୃତ୍ୟୁମୁଖରୁ ଫେରି ଆସିଥିବାରୁ ସେ ଭଗବାନଙ୍କୁ କୃତଜ୍ଞତା ଜଣାଇଲା । ଅନ୍ଧକାର ମାଡ଼ି ଆସୁଥିଲା । ଆକାଶରେ କଳା ବାଦଲ ଘନେଇ ଆସୁଥିଲା । ପବନର ବେଗ ବଢୁଥିଲା । ସମ୍ପଦ କହିଲା, ''ସେହି ଦରଭଙ୍ଗା ଘର ଆଡ଼କୁ ଦେଖ । ଏ ପରିସ୍ଥିତିରେ ତାହା ଆମକୁ ଆଶ୍ରୟ ଦେଇ ପାରିବ ।'' ଚମ୍ପକ ଉତ୍ତର ଦେଲା, ''ସ୍ଥାନଟି ଗୋଟିଏ ଧାର୍ମିକପୀଠ ପରି ଜଣା ପଡୁଛି । ଆମକୁ ବର୍ଷା ପବନରୁ ସୁରକ୍ଷା ଦେଇ ପାରିବ ।'' ସେମାନେ ସେହି ଦିଗରେ ଦୌଡ଼ିବାକୁ ଲାଗିଲେ । ସେଠାରେ ଦେଖିବାକୁ ପାଇଲେ ଏକ ବିରାଟ ବୃକ୍ଷ ତଳେ ଏକ ଉଚ୍ଚ ପିଣ୍ଡି । ପିଣ୍ଡି ଉପରେ ଓ ବୃକ୍ଷକୁ ଆଉଜା ହୋଇ ରହିଥିଲା କଳାରଙ୍ଗର ଏକ ପ୍ରକାଣ୍ଡକାୟ ପଥର । ସେହି ବର୍ଷଣମୁଖର ରାତ୍ରିକୁ ସେମାନେ ଉକ୍ତ ପଥର ତଳେ ଆଶ୍ରୟ ନେଇ କଟାଇଲେ ।

ସକାଳେ ସେମାନେ ଜାଣିବାକୁ ପାଇଲେ, ସେହି ପ୍ରକାଣ୍ଡ ଶିଳାଖଣ୍ଡ ସ୍ଥାନୀୟ ବନବାସୀମାନଙ୍କର ଆରାଧ୍ୟ ବନଦେବତା ଥିଲେ ।

ଦୁଇମାସ ପରେ ଗାଁର କ୍ଲବ ଘରେ କୃଷକସଭା ଅନୁଷ୍ଠିତ ହେଲା । ସମ୍ପଦ ଓ ଚମ୍ପକ ସେଥିରେ ଉପସ୍ଥିତ ଥିଲେ । ଅପରାହ୍ଣରେ ଅସରାଏ ବୃଷ୍ଟି ପରେ ବର୍ଷା ଛାଡ଼ିଗଲା । ପୂର୍ବାକାଶରେ ଏକ ସୁନ୍ଦର ଇନ୍ଦ୍ରଧନୁର ଆବିର୍ଭାବ ସମସ୍ତଙ୍କୁ ଆନନ୍ଦ ଦେଉଥିଲା । ଝରକା ଦେଇ ଦୁଇ ବନ୍ଧୁ ତାହାକୁ ଦେଖି ମୁରୁକି ହସୁଥିଲେ । ସଭାପତି ସେମାନଙ୍କୁ ପ୍ରଶ୍ନ କଲେ, ''ତୁମେ ଦୁଇ ଜଣ ଇନ୍ଦ୍ରଧନୁ ଆଡ଼କୁ ଚାହିଁ ଏପରି ଭାବେ କାହିଁକି ହସୁଛ ?'' ଚମ୍ପକ ଉତ୍ତର ଦେଲା, ''କାରଣ ଆକାଶର ଇନ୍ଦ୍ରଧନୁ ଦିନେ ଆମ ଦୁଇ ଜଣଙ୍କର ଜୀବନ ବଞ୍ଚାଇ ଥିଲା ।'' ଉପସ୍ଥିତ ସମସ୍ତେ ଏହି ରହସ୍ୟ ସମ୍ବନ୍ଧରେ ଅଧିକ ଜାଣିବା ସକାଶେ ଉତ୍କଣ୍ଠା ପ୍ରକାଶ କଲେ । ଦୁଇ ବନ୍ଧୁ ଅତୀତରେ ସହର ଛାଡ଼ି ଗାଁକୁ ଫେରିବା ଦିନ ବାଟରେ ସେମାନଙ୍କ ସହିତ ଯାହାକିଛି ବିତି ଯାଇଥିଲା ବର୍ଣ୍ଣନା କଲେ । ଏକଥା ଶୁଣିବା ବେଳେ ସମସ୍ତଙ୍କ ମୁଖ ମଣ୍ଡଳରେ ଅପରିମେୟ ଆଶ୍ଚର୍ଯ୍ୟ ଭାବ ସହ ପ୍ରଶ୍ନିଳ ସ୍ମିତହାସ୍ୟର ଏକ ଝଲକ ଆତ୍ମପ୍ରକାଶ କରୁଥିଲା; ଯେତେବେଳେ ଇନ୍ଦ୍ରଧନୁର ଆଭା ଭିତର ଦେଇ ଆକାଶ ତା'ର ଅପାର୍ଥିବ ମଧୁର ହସକୁ ନିଃଶବ୍ଦରେ ବିତରଣ କରି ଚାଲିଥିଲା ।

କାହାଣୀରେ ଗୋଟିଏ ପ୍ରତୀକାତ୍ମକ ସତ୍ୟର ପ୍ରତିଫଳନ ରହିଛି । ଇନ୍ଦ୍ରଧନୁର ଶୋଭା ଦୁଇ ବନ୍ଧୁଙ୍କ ହୃଦୟକୁ ବାନ୍ଧି ଦେଇଛି । ତାହାର ସୌନ୍ଦର୍ଯ୍ୟ ମଧ୍ୟ ସେମାନଙ୍କୁ ଆନନ୍ଦ ଯୋଗାଇଛି । ଯଥାର୍ଥ ସୌନ୍ଦର୍ଯ୍ୟ ଓ ଆନନ୍ଦ ବ୍ୟକ୍ତିକୁ ଉଚ୍ଚତର ଚେତନା ସହ ଯୋଡ଼ି ଦେଇଥାଏ । ସେ ଦୁଇ ଜଣ ମଧ୍ୟ ମନ୍ଥର ଗତିରେ ଯାଉଥିବା ଅଜଗର ପିଠିରେ ଠିଆ ହୋଇ ନିଜ ଅଜାଣତରେ ପାଣିନାଳ ପାର ହୋଇଛନ୍ତି । ମନୁଷ୍ୟ ମଧ୍ୟ ନିଜ ଅଜାଣତରେ ମନ୍ଥର ଗତିରେ ଚାଲିଥିବା ବିବର୍ତ୍ତନଧାରାରେ ଆସି ତାହାର ବର୍ତ୍ତମାନ ସ୍ଥିତିରେ ପହଞ୍ଚିଛି । ଆହୁରି ମଧ୍ୟ ସେ ସଚେତନ ଭାବରେ ଉଚ୍ଚତର ଚେତନା ଅଭିମୁଖେ ଅଗ୍ରସର ହେଉଛି । କେବଳ ପରମପ୍ରଭୁ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମା'ଙ୍କ ଚରଣାଶ୍ରିତ ହେଲେ, ତାଙ୍କର କୃପା, ଦିବ୍ୟ ଶକ୍ତି ଓ ଦିବ୍ୟ ଇଚ୍ଛାରେ ତା'ର ଜୀବନ ଚାଲୁଛି ବୋଲି ସେ ଦିନେ ଉପଲବ୍ଧି କରିପାରିବ । ଏହା ଜୀବନର ଯଥାର୍ଥ ଲକ୍ଷ୍ୟ । କିନ୍ତୁ ଅନ୍ୟସବୁ ଅପୂର୍ଣ୍ଣତା ଓ ସୀମାବଦ୍ଧତାର ଦିଗ ହୋଇଥାଏ । ଦିବ୍ୟଜନନୀ ଶ୍ରୀମା'ଙ୍କର ସନ୍ତାନ ରୂପାନ୍ତର ପଥରେ ଅଗ୍ରଗତି କରୁଥାଏ । ଏଥିରେ ପ୍ରକୃତି ମଧ୍ୟ ସହାୟତା ଦେଇଥାଏ ।

୦୧.୦୧.୧୯୫୮ରେ ଶ୍ରୀମା'ଙ୍କ ପ୍ରଦତ୍ତ ନବବର୍ଷର ବାଣୀ ଥିଲା,

''ହେ ପ୍ରକୃତି, ସ୍ଥୂଳଶରୀରା ଜନନୀ, ତୁମେ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ଦେଇଛ ଏବଂ ଏହି ସହଯୋଗର ମହିମାରେ ପ୍ରକୃତରେ କୌଣସି ଅନ୍ତହିଁ ନାହିଁ ।''

❑❑❑


**ଶିକ୍ଷକ ଆବଶ୍ୟକ**

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଗବବସ୍ତ, ସା/ପୋ. ଗବବସ୍ତ, ଭାୟା. ଫୁଲନଖରା, ଜି. କଟକ, ପିନ୍ – ୭୫୪ ୦୦୧, ମୋବାଇଲ ନମ୍ବର : ୯୫୫୬୪୧୬୮୭୮ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ +3 (କଳା ଓ ବିଜ୍ଞାନ), +2 C.T. ଶିକ୍ଷାଗତ ଯୋଗ୍ୟତା ଥିବା ଦୁଇ ଜଣ ମାତୃପ୍ରେମୀ ଶିକ୍ଷକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ପ୍ରେମର ଶକ୍ତି

## କାହ୍ନୁ ଚରଣ ମହାକୁର

"The best way to make children good is to make them happy." – Oscar Wilde

ଆମେରିକାର ଏକ ବିଶ୍ୱବିଦ୍ୟାଳୟ । ସମାଜ ବିଜ୍ଞାନ ବିଭାଗର ଜନୈକ ଅଧ୍ୟାପକ ତାଙ୍କ ଅଧୀନରେ ଗବେଷଣାରତ କେତେଜଣ ଛାତ୍ରଛାତ୍ରୀଙ୍କୁ ନିକଟସ୍ଥ ଏକ ବସ୍ତିକୁ ଫିଲଡ୍ ଭିଜିଟ୍ ପାଇଁ ପଠାଇଲେ ଏବଂ ସେମାନଙ୍କୁ ଗୋଟେ ଆସାଇନ୍‌ମେଣ୍ଟ (assignment) ମଧ୍ୟ ଦେଲେ । ଆସାଇନ୍‌ମେଣ୍ଟଟି ଏଇୟା ଥିଲା – ବର୍ତ୍ତମାନ ସେ ବସ୍ତିରେ ଯେଉଁ ପିଲାମାନଙ୍କର ବୟସ ପାଞ୍ଚ, ଛଅ ବର୍ଷ ସେମାନଙ୍କର ଭବିଷ୍ୟତ୍ କିପରି ହୋଇପାରେ, ଅର୍ଥାତ୍ କୋଡ଼ିଏ ବର୍ଷ ପରେ ସେମାନେ କିପରି ଅବସ୍ଥାରେ ଥିବେ ସେହି ସମ୍ପର୍କରେ ସେମାନଙ୍କୁ ଏକ ଗବେଷଣାତ୍ମକ ସନ୍ଦର୍ଭ ପ୍ରସ୍ତୁତ କରିବାକୁ ହେବ ।

ଅଧ୍ୟାପକଙ୍କ ନିର୍ଦ୍ଦେଶକ୍ରମେ ଗବେଷକ ଛାତ୍ରଛାତ୍ରୀମାନେ ଯାଇ ସେଇ ନିର୍ଦ୍ଦିଷ୍ଟ ବସ୍ତିରେ ପହଞ୍ଚିଲେ । ସେଇଟି ଥିଲା ଏକ ବଦନାମ ବସ୍ତି । ଦୂରଦୂରାନ୍ତର ଯାଏ ତା'ର କୁଖ୍ୟାତି ରହିଥିଲା । କ୍ଷୁଧା, ଦାରିଦ୍ର୍ୟ ଓ ରୋଗବୈରାଗ ସେମାନଙ୍କର ଚିର ସହଚର ଥିଲା । ସେଠାକାର ଅଧିବାସୀମାନେ ଥିଲେ ଅସଭ୍ୟ ଓ ଅସଂସ୍କୃତ । ସେମାନେ ନାନା ପ୍ରକାର ଅସାମାଜିକ କର୍ମରେ ଲିପ୍ତ ଥିଲେ । ସେଠାରେ ଏକ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଥିଲା । କିନ୍ତୁ ପିଲାମାନେ ସେଠାକୁ ଯାଉ ନଥିଲେ କି ସେମାନଙ୍କର ଅଭିଭାବକମାନେ ମଧ୍ୟ ସେଥିପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରୁ ନଥିଲେ । ଗବେଷକ ଛାତ୍ରଛାତ୍ରୀମାନେ କ୍ରମାଗତ କିଛି ଦିନ ଧରି ବସ୍ତିରେ ଅବସ୍ଥାନପୂର୍ବକ ସେଠାକାର ପରିସ୍ଥିତି ଅବଲୋକନ କଲେ । ବିଭିନ୍ନ ବର୍ଗର ଲୋକଙ୍କ ସହିତ ମିଶିଲେ ଏବଂ ସେମାନଙ୍କ ସହିତ ଆଳାପ ଆଲୋଚନା କଲେ ଏବଂ ପରିଶେଷରେ ଏକ ଦୀର୍ଘ ସନ୍ଦର୍ଭ ପ୍ରସ୍ତୁତ କରି ତାଙ୍କ ଅଧ୍ୟାପକଙ୍କ ପାଖରେ ଦାଖଲ କଲେ । ସନ୍ଦର୍ଭଟିର ସାରମର୍ମ ଏଇୟା ଥିଲା ଯେ କୋଡ଼ିଏ ବର୍ଷ ପରେ ମଧ୍ୟ ଏ ବସ୍ତିର ଲୋକମାନଙ୍କର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଜୀବନରେ ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ । କୋଡ଼ିଏ ବର୍ଷ ପରେ ବି କ୍ଷୁଧା, ଦାରିଦ୍ର୍ୟ, ରୋଗବୈରାଗ ସେମାନଙ୍କର ଚିର ସହଚର ହୋଇ ରହିଥିବ । ଲୋକେ ଅସଭ୍ୟ ଓ ଅସଂସ୍କୃତ ହୋଇ ରହିଥିବେ ଏବଂ ବର୍ତ୍ତମାନ ବସ୍ତିରେ ଯେଉଁ ପିଲାମାନଙ୍କର ବୟସ ପାଞ୍ଚ, ଛଅ ବର୍ଷ, କୋଡ଼ିଏ ବର୍ଷ ପରେ ମଧ୍ୟ ସେମାନେ ବର୍ତ୍ତମାନର ଯୁବକମାନଙ୍କ ଭଳି ନାନା ପ୍ରକାରର ଅସଭ୍ୟ, ଅସଂସ୍କୃତ ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ହୋଇ ରହିଥିବେ । ଅର୍ଥାତ୍, କୋଡ଼ିଏ ବର୍ଷ ପରେ ବି ସେମାନଙ୍କର ଅଭିଶପ୍ତ ଅନ୍ଧାରୀ ଜୀବନରେ ସୌଭାଗ୍ୟର ସୂର୍ଯ୍ୟୋଦୟ ହେବାର କୌଣସି ସମ୍ଭାବନା ନାହିଁ ।

ଅଧ୍ୟାପକ ସନ୍ଦର୍ଭଟି ପଢ଼ିଲେ ଓ ତାକୁ ନିଜ ପାଖରେ ସାଇତି ରଖିଲେ । ...

ଇତିମଧ୍ୟରେ କୋଡ଼ିଏ ବର୍ଷ ଅତିକ୍ରାନ୍ତ ହୋଇ ଯାଇଥିଲା ଏବଂ ଅଧ୍ୟାପକ ଜଣକ ସୌଭାଗ୍ୟକ୍ରମେ ସେଇ ଏକା ବିଶ୍ୱବିଦ୍ୟାଳୟରେହିଁ ଅଧ୍ୟାପନା କରୁଥିଲେ । ଦିନେ ଆଲମାରିରେ କ'ଣ ଗୋଟିଏ ଖୋଜୁ ଖୋଜୁ କୋଡ଼ିଏ ବର୍ଷ ତଳର ସେଇ ସନ୍ଦର୍ଭଟି ତାଙ୍କ ହାତରେ ପଡ଼ିଲା ଯାହାକି ତାଙ୍କ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା । ସନ୍ଦର୍ଭଟି ଉପରେ ଆଖି ବୁଲାଇବା ମାତ୍ରେ ସେ ଦୁର୍ନାମଗ୍ରସ୍ତ ବସ୍ତିର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜାଣିବା ପାଇଁ ତାଙ୍କ ଭିତରେ ପୁଣି ଥରେ ଅଭିଳାଷଟିଏ ଜାଗ୍ରତ୍ ହୋଇ ଉଠିଲା । ସୁତରାଂ ନିଜର ଏହି ଅଭିଳାଷଟିର ପରିପୂର୍ତ୍ତି ନିମନ୍ତେ ପୁନର୍ବାର ସେ ଆଉ କେତେଜଣ ଛାତ୍ରଛାତ୍ରୀଙ୍କୁ ସେଇ ବସ୍ତିକୁ ପଠାଇଲେ ଏବଂ ସେମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ ସେମାନେ ବସ୍ତି ବାସିନ୍ଦାଙ୍କର ବର୍ତ୍ତମାନର ସାମାଜିକ, ଆର୍ଥନୀତିକ ଓ ସାଂସ୍କୃତିକ ଜୀବନର ବିଶ୍ଳେଷଣ ସହିତ ସେଠାକାର ଯୁବଗୋଷ୍ଠୀ, ଅର୍ଥାତ୍ ଯେଉଁମାନଙ୍କର ବୟସ ପଚିଶ, ଛବିଶ ବର୍ଷ, ସେମାନଙ୍କର ସ୍ଥିତି ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିବେ ।

ଅଧ୍ୟାପକଙ୍କ ନିର୍ଦ୍ଦେଶ ପାଇ ଗବେଷକ ଛାତ୍ରଛାତ୍ରୀମାନେ ସେଇ ବସ୍ତିକୁ ଗଲେ । ସେଠାକାର ପାରିପାର୍ଶ୍ୱିକ ଅବସ୍ଥାର ଅବଲୋକନ ଓ ଅନୁଶୀଳନ କଲେ । ବିଭିନ୍ନ ବର୍ଗର ଲୋକଙ୍କ ସହିତ ମିଶି ଆଳାପ-ଆଲୋଚନା କଲେ ଏବଂ ନିର୍ଦ୍ଧାରିତ ସମୟରେ ତାଙ୍କର ସନ୍ଦର୍ଭଟି ଅଧ୍ୟାପକଙ୍କ ପାଖରେ ଦାଖଲ

କଲେ । ଅଧ୍ୟାପକ ସନ୍ଦର୍ଭଟି ପଢ଼ି ସ୍ତମ୍ଭୀଭୂତ ହୋଇଗଲେ । କାରଣ କୋଡ଼ିଏ ବର୍ଷ ତଳେ ପ୍ରସ୍ତୁତ ସନ୍ଦର୍ଭଟିରେ ଗବେଷକ ଛାତ୍ରଛାତ୍ରୀମାନେ ଯେଉଁ ଭବିଷ୍ୟବାଣୀ କରିଥିଲେ, ସଦ୍ୟ ପ୍ରସ୍ତୁତ ସନ୍ଦର୍ଭଟି ତାକୁ ଭୁଲ୍ ପ୍ରମାଣିତ କରି ଦେଇଥିଲା । ଅର୍ଥାତ୍, ସଦ୍ୟ ପ୍ରସ୍ତୁତ ସନ୍ଦର୍ଭଟିର ସାରାଂଶ ଏଇୟା ଥିଲା – ବିଗତ କୋଡ଼ିଏ ବର୍ଷ ମଧ୍ୟରେ ସେ ବସ୍ତିର ଚେହେରା ଓ ଚରିତ୍ରରେ ଅନେକ ଉଲ୍ଲେଖନୀୟ ଉନ୍ନତି ଘଟିଛି । ବସ୍ତିବାସିନ୍ଦାଙ୍କର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଜୀବନରେ ମାତ୍ରାତିରିକ୍ତ ସକାରାତ୍ମକ ପରିବର୍ତ୍ତନ ବି ହୋଇଛି । ଏଇ କୋଡ଼ିଏ ବର୍ଷ ଭିତରେ ସେମାନେ ଅସଭ୍ୟରୁ ସଭ୍ୟ, ଅସାମାଜିକରୁ ସାମାଜିକ ଏବଂ ଅସଂସ୍କୃତରୁ ସଂସ୍କୃତ ହୋଇଛନ୍ତି । ସେମାନଙ୍କ ଭିତରେ ଦୟା, କ୍ଷମା, କରୁଣା, ପ୍ରେମ ଆଦି ମାନବୀୟ ଗୁଣର ବିକାଶ ଘଟିଛି ଏବଂ ସବୁଠୁ ବଡ଼ କଥା ହେଉଛି ଯେ ସେଠାକାର ଯୁବଗୋଷ୍ଠୀ ଅର୍ଥାତ୍, ଯେଉଁମାନଙ୍କର ବୟସ ବର୍ତ୍ତମାନ ପଚିଶ, ଛବିଶ ବର୍ଷ ସେମାନଙ୍କ ମଧ୍ୟରେ ଏହାର ପ୍ରତିଫଳନ ଅଧିକ ପରିମାଣରେ ପରିଲକ୍ଷିତ ହୋଇଛି । ସେମାନେ ସଭ୍ୟ, ଶିକ୍ଷିତ ହୋଇ ସମାଜର ବିଭିନ୍ନ କ୍ଷେତ୍ରରେ ଅବସ୍ଥାପିତ ହୋଇଛନ୍ତି । ''ଏହା କିପରି ସମ୍ଭବ ହେଲା'' – ଆଶ୍ଚର୍ଯ୍ୟଚକିତ ହେଲେ ଅଧ୍ୟାପକ । ଦୁଇଟିଯାକ ସନ୍ଦର୍ଭର ପ୍ରସ୍ତୁତିରେ କେଉଁଠି ଅବା କିପରି ଭୁଲ୍ ହୋଇଗଲା ? ଛାତ୍ରଛାତ୍ରୀମାନଙ୍କୁ ଗାଇଡ୍ କଲାବେଳେ କୌଣସି ଦିଗ ପ୍ରତି ସେ ଅବହେଳା କରି ପକାଇଲେ କି ? ଏମିତି ଅନେକ ପ୍ରଶ୍ନ ତାଙ୍କ ମନରେ ଉଦ୍‌ବେଳନ ସୃଷ୍ଟି କରୁଥିଲା । ଆଉ ତାଙ୍କ ପ୍ରଶ୍ନର ଉତ୍ତର ଖୋଜିବାକୁ ଯାଇ ସେ ନିଜେ ପହଞ୍ଚିଗଲେ ସେଇ ବଦନାମ ବସ୍ତିରେ । ଅବଶ୍ୟ ସେତେବେଳେକୁ ସେ ବସ୍ତିଟି ଆଉ ଦୁର୍ନାମଗ୍ରସ୍ତ ବସ୍ତି ହୋଇ ରହି ନଥିଲା । ବରଂ ତା'ର ସୁନାମର ସୁରଭି ଦୂରଦୂରାନ୍ତର ଯାଏ ସଞ୍ଚରି ଯାଇଥିଲା । ''କିନ୍ତୁ ଏ ଚମତ୍କାର କିଏ କଲା ?'' ବୋଲି ସେ ଯେତେବେଳେ ବିଭିନ୍ନ ବର୍ଗର ଲୋକଙ୍କୁ ପଚାରି ବୁଝିଲେ, ସବୁରି ମୁହଁରେ ସେ କେବଳ ଗୋଟିଏ ନାମ ଶୁଣିବାକୁ ପାଇଲେ – 'ଡୋରୋଥି', 'ଡୋରୋଥି', 'ଡୋରୋଥି' ...

କିଏ ଏଇ ଡୋରୋଥି ? ସେ ତାଙ୍କର କୌତୂହଳ ରୋକି ନପାରି ପୁନର୍ବାର ଜିଜ୍ଞାସା କଲେ ।

ଉତ୍ତର ମିଳିଲା – ଏଇ ବସ୍ତିର ସ୍କୁଲ ଶିକ୍ଷୟିତ୍ରୀ । ବସ୍ତିର ଏଇ ଅଭୂତପୂର୍ବ ଓ ଅକଳ୍ପନୀୟ ରୂପାୟଣର ସବୁ ଶ୍ରେୟ ତାଙ୍କର ।

ଏହା ଶୁଣି ଅଧ୍ୟାପକ ଆହୁରି ଅଧିକ କୌତୂହଳୀ ହୋଇ ଉଠିଲେ ଡୋରୋଥିଙ୍କ ସମ୍ପର୍କରେ ଜାଣିବା ପାଇଁ ଏବଂ ଶେଷରେ ତାଙ୍କୁ ଖୋଜି ଖୋଜି ଯାଇ ସେ ସ୍କୁଲ ନିକଟରେ ପହଞ୍ଚିଲେ । ଡୋରୋଥି ନାମ୍ନୀ ସେ ମଧ୍ୟବୟସ୍କା ଭଦ୍ରମହିଳା ଜଣକ ବସ୍ତିର କୁନି କୁନି ପିଲାଙ୍କ ପୃଥିବୀରେ ନିଜକୁ ହଜାଇ ଦେଇଥିଲେ । ଅଧ୍ୟାପକ ତାଙ୍କୁ ପ୍ରଣାମ ଜଣାଇ ପଚାରିଲେ – ''ଆପଣ ଏମିତି କି ଯାଦୁ କରିଦେଲେ ଯେ ବସ୍ତିର ଲୋକଙ୍କ ଜୀବନରେ ସୌଭାଗ୍ୟର ସୂର୍ଯ୍ୟୋଦୟ ହୋଇଗଲା ? ଅନ୍ଧକାର ଦୂର ହୋଇଗଲା ?''

ସ୍ମିତ ହସି ଡୋରୋଥି ଧୀର ସ୍ୱରରେ ଉତ୍ତର ଦେଲେ – ''ସତ କହିବାକୁ ଗଲେ, ମୁଁ ଯାଦୁ ଫାଦୁ କିଛି ଜାଣେନି । ଆଜି ଏ ପିଲାମାନଙ୍କ ସହିତ ଯାହା କରୁଛି, ଗତ କୋଡ଼ିଏ ବର୍ଷ ହେଲା ବସ୍ତିର ପିଲାମାନଙ୍କ ସହିତ ମୁଁ ତାହାହିଁ କରି ଆସିଛି । ମୁଁ କେବଳ ଅକୁଣ୍ଠ ଚିତ୍ତରେ ସେମାନଙ୍କୁ ଭଲପାଇ ଆସିଛି । ନିଃସର୍ତ୍ତରେ ସେମାନଙ୍କୁ ମୋର ପ୍ରେମ ବାଣ୍ଟି ଚାଲିଛି । ଆଉ ଏହା ଏକ ବଡ଼ କାମ ବୋଲି ମୁଁ ଜମାରୁ ଭାବୁ ନାହିଁ । ଜଣେ ଶିକ୍ଷକ ହିସାବରେ ମୁଁ କେବଳ ମୋର କର୍ତ୍ତବ୍ୟ ପାଳନ କରି ଆସିଛି ।''

ତଟସ୍ଥ ଅଧ୍ୟାପକ ! ଡୋରୋଥିଙ୍କ ଭିତରେ ସତେ ଅବା ସେ ଆଉ ଜଣେ ମଦର ଟେରେସାଙ୍କୁ ଭେଟୁଛନ୍ତି, ଯିଏ ଦିନେ କହିଥିଲେ – "We can do no great things, only small things with great love." (''ଆମେ କିଛି ବଡ଼ କାମ କରିପାରିବା ନାହିଁ । ଗଭୀର ପ୍ରେମ ସହିତ କେବଳ ଛୋଟ ଛୋଟ କାମହିଁ କରିପାରିବା ।'')

ଡୋରଥିଙ୍କୁ ଆଉ ଥରେ ପ୍ରଣାମ ଜଣାଇ ଅଧ୍ୟାପକ ତାଙ୍କର ଗବେଷଣାଗାରକୁ ଫେରିଗଲେ; ସମ୍ଭବତଃ ନୂଆ ଏକ ସନ୍ଦର୍ଭ ରଚନାର ସଂକଳ୍ପ ନେଇ, ଯାହାର ଶୀର୍ଷକ ହୋଇପାରେ – 'ପ୍ରେମର ଶକ୍ତି' । ... ...

(ସୌଜନ୍ୟ : ସୁହୃତ୍, ଡିସେମ୍ବର, ୨୦୨୩)

❑❑❑

# ‘ନତ୍ର-ଦାମ’ର ନର୍ତ୍ତକ

## ବନ୍ଦନା

ଭାରତ ଇତିହାସରେ ଭକ୍ତିଭାବସିକ୍ତ ଅନେକ କାହାଣୀ ମିଳିଥାଏ । ‘ଅସଂଖ୍ୟ’ କହିଲେ ମଧ୍ୟ ହୁଏତ ଅତିଶୟୋକ୍ତି ହେବ ନାହିଁ । ଯାହା ମୁଖରୁ ନିଃସୃତ ହୋଇଥାଉ ନା କାହିଁକି, ପ୍ରକୃତ ଭକ୍ତିର ଗୋଟିଏ ବି ଆବାହନ ନିଷ୍ଫଳ ହୋଇ ନାହିଁ, ତାହା ପାପୀ ଅଜାମିଳର ମୁଖରୁ ନିଃସୃତ ହୋଇଥାଉ ଅଥବା ଦ୍ରୌପଦୀଙ୍କ ଆର୍ତ୍ତନାଦରୁ କିଂବା ଗଜରାଜର କାତର ଚିତ୍କାରରୁ । ଯେତେବେଳେ ବି ତାଙ୍କୁ ଆବାହନ କରାଯାଇଛି ସେ ଦୌଡ଼ି ଆସିଛନ୍ତି । ଯିଏ ତାହାଙ୍କୁ ଯେଉଁ ରୂପରେ ଭଜିଛି, ଯେଉଁ ଭାବନାରେ ଭଜିଛି, ତଦନୁରୂପେ ସେ ତା’ର ସମ୍ମୁଖରେ ପ୍ରକଟ ହୋଇଛନ୍ତି । ସ୍ୱୟଂ ପ୍ରଭୁ ନିଜର ଭକ୍ତକୁ କହନ୍ତି –

‘‘ପତ୍ରଂ ପୁଷ୍ପଂ ଫଳଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରଯଚ୍ଛତି ।
ତଦହଂ ଭକ୍ତ୍ୟୁପହୃତମଶ୍ନାମି ପ୍ରୟତାତ୍ମନଃ ॥’’

(ଗୀତା : ୯/୨୬)

ଭାରତ ଭକ୍ତି-ପ୍ରଧାନ ଦେଶ ରୂପେ ପରିଗଣିତ । ଏଠାରେ ପ୍ରତିପଦରେ ଭକ୍ତି ଦେଖିବାକୁ ମିଳେ । ଭାରତ ଭିନ୍ନ ଅନ୍ୟ ଦେଶମାନଙ୍କରେ ଯେ ଭକ୍ତି-କାହାଣୀର ଦୁର୍ଭିକ୍ଷ ପଡ଼ିଛି, ଏକଥା ନୁହେଁ । କିନ୍ତୁ ଏହା ମଧ୍ୟ ସତ ଯେ ଅନ୍ୟ ଦେଶଗୁଡ଼ିକରେ ଏହି କାହାଣୀ ସବୁ ସ୍ଥାନରେ ସୁଲଭ ନୁହେଁ । ଫ୍ରାନ୍ସର ପ୍ୟାରିସ ନଗରୀର ଏପରି ଏକ ଭକ୍ତିପ୍ରଧାନ କାହାଣୀ ନିଆଯାଉ ।

‘ନତ୍ର-ଦାମ୍’ ହେଉଛି ପ୍ୟାରିସର ପ୍ରସିଦ୍ଧ ଗିର୍ଜାଗୃହ । ସେଠାରେ ଜଣେ ସେବକ କାମ କରୁଥିଲା, ଯିଏ ବୃତ୍ତିରେ ଥିଲା ଏକ ନଟ ବା ନର୍ତ୍ତକ । କିନ୍ତୁ ଗିର୍ଜାଗୃହର କୌଣସି ଅଦୃଶ୍ୟ ଆକର୍ଷଣ ତାକୁ ସେଠାକୁ ଟାଣି ଆଣିଥିଲା । ସେ ନିଜ କାମ ମନ-ପ୍ରାଣ ଦେଇ କରୁଥିଲା । ଗିର୍ଜାଗୃହର କବାଟ, ଚଟାଣକୁ ଖୁବ୍ ଚିକ୍କଣ କରି ସଫା କରୁଥିଲା । ମେରୀଙ୍କ ବାସସ୍ଥାନ ସେହି ଗିର୍ଜାଘରଟିରେ ଧୂଳି କଣିକାଟିଏ ବି ଯେମିତି ପଡ଼ି ନରହେ, ତାହା ଯେମିତି ସବୁବେଳେ ସ୍ୱଚ୍ଛ ଓ ସୁନ୍ଦର ରହେ, ସେଥିପ୍ରତି ସେ ବିଶେଷ ଦୃଷ୍ଟି ଦେଉଥିଲା । କର୍ତ୍ତବ୍ୟନିଷ୍ଠା ଦ୍ୱାରା ସେ ସମସ୍ତ ପାଦ୍ରିଙ୍କ ମନକୁ ମୋହିତ କରି ନେଇଥିଲା । ଶାନ୍ତ ଓ ଗମ୍ଭୀର ପ୍ରକୃତି ଯୋଗୁଁ ସେ ସମସ୍ତଙ୍କ ପ୍ରିୟପାତ୍ର ହୋଇ ଯାଇଥିଲା । କିନ୍ତୁ କିଏ ଜାଣିଥିଲା ଏଇ ସେବକର ମନରେ ମେରୀଙ୍କ ପାଇଁ ଅନେକ କିଛି କରିବାର ଅଭୀପ୍ସା ଜାଗ୍ରତ୍ ହେଉଛି ! ନିଜ କାମରୁ ନିବୃତ୍ତ ହୋଇ ନୀରବରେ ଛିଡ଼ା ହୋଇ ସେ ପ୍ରତିଦିନର କାର୍ଯ୍ୟକଳାପ ମୁଗ୍ଧ ଭାବରେ ଦେଖୁଥିଲା । ସେ ଦେଖୁଥିଲା, ସନ୍ଧ୍ୟା ନହେଉଣୁ ସମଗ୍ର ଗିର୍ଜାଗୃହଟି କିପରି ମହମବତିର ଉଜ୍ଜ୍ୱଳ ଆଲୋକରେ ହସି ଉଠୁଛି ଯଦ୍ୱାରା ସେଠିକାର ବାତାବରଣ ଅଧିକ ଗମ୍ଭୀର, ଅଧିକ ସୌମ୍ୟ ହୋଇ ଉଠୁଛି । ମେରୀଙ୍କ ମୂର୍ତ୍ତିରୁ କରୁଣାର ସ୍ରୋତ ଝରି ଆସିଲା ଭଳି ମନେ ହେଉଛି ଏବଂ ସେହି ଗାମ୍ଭୀର୍ଯ୍ୟ ଭିତରେ ସେ ଘଣ୍ଟା ଘଣ୍ଟା ବୁଡ଼ି ରହୁଥିଲା । ସେ ପୁଣି ଦେଖୁଥିଲା ସକାଳେ ସନ୍ଧ୍ୟାରେ ଅନେକ ପାଦ୍ରି ଧାଡ଼ି ବାନ୍ଧି, କଳାପୋଷାକ ପିନ୍ଧି ଧୀରେ ଧୀରେ ଆସନ୍ତି, ପୂଜା-ପ୍ରାର୍ଥନା କରନ୍ତି, ବାଇବେଲରୁ ପ୍ରତିଦିନ କିଛି କିଛି ପଢ଼ନ୍ତି ଏବଂ ସମବେତ ସ୍ୱରରେ ଗୀତ ଗାଆନ୍ତି । ପ୍ରତିଦିନ ଏସବୁ ସେ ନିର୍ନିମେଷ ନୟନରେ ଦେଖୁଥିଲା ଏବଂ ନିଜକୁ ଅଭାଗା ମନେ କରୁଥିଲା । ଭାବୁଥିଲା – ‘‘ମୁଁ ବି ଦେବୀଙ୍କର ପୂଜା କରିବାକୁ ଚାହୁଁଛି, ଘଣ୍ଟା ଘଣ୍ଟା ଧରି ତାଙ୍କ ଧ୍ୟାନରେ ବୁଡ଼ି ରହିବାକୁ ଚାହୁଁଛି । କିନ୍ତୁ କ’ଣ କରିବି ? ମୁଁ କୌଣସି ପାଦ୍ରି ନୁହେଁ, ପାଦ୍ରିମାନଙ୍କ ଭଳି ଚମତ୍କାର ପୋଷାକ ମୋର ନାହିଁ, ମୋତେ ବାଇବେଲ ପଢ଼ି ଆସେ ନାହିଁ କି ଗୀତ ଗାଇ ଆସେ ନାହିଁ । ଦେବୀଙ୍କ ପୂଜା କରିବି ବା କିପରି ? ପ୍ରକୃତରେ ମୁଁ ଅଭାଗାଟାଏ ।’’

ପରିଶେଷରେ ବିଚରା କ’ଣ ବା କରନ୍ତା ? ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ସେ ପୂଜା ଦେଖୁଥିଲା ଏବଂ ତା’ର ହୃଦୟରେ ଗୁମୁରି ଗୁମୁରି ଏକ ପୀଡ଼ା ଜାଗି ଉଠୁଥିଲା । କୌଣସି ପ୍ରକାରର କିଛି ସାଧନ ନଥିବାରୁ ତାକୁ ମନ ମାରି ରହିବାକୁ ପଡୁଥିଲା ।

ଦିନେ ରାତିରେ ଯେତେବେଳେ ସେ ମେରୀଙ୍କ ମୂର୍ତ୍ତିରେ ତଲ୍ଲୀନ ରହିଥିଲା, ହଠାତ୍ ତା’ ମନରେ ଭାବନାଟିଏ ବିଜୁଳି ଭଳି ଜାଗିଉଠିଲା । ସେ ମନକୁ ମନ କହିଲା – ‘‘ମୁଁ ଲେଖି ପଢ଼ି ଜାଣି ନାହିଁ ତ କ’ଣ ହେଲା ? ମୁଁ ଆପଣା ଢଙ୍ଗରେ ପୂଜା କରି ଦେବୀଙ୍କୁ ପ୍ରସନ୍ନ କରିବି – ପଢ଼ି କରି ବା ଗାଇ କରି ନୁହେଁ, ପରନ୍ତୁ ନିଜର ଏହି ତୁଚ୍ଛ ଶରୀର ମାଧ୍ୟମରେ ଏକ

ଅପୂର୍ବ ପୂଜା କରିବି ।'' ସେ ସ୍ଥିର କରି ନେଲା ପରଦିନ ଦ୍ୱିପହରରେ ନିର୍ଜନ ଗିର୍ଜାଘରରେ ସେ ଦେବୀଙ୍କ ସମ୍ମୁଖରେ ପଲ୍‌ଟି ମାରି ଘୋରଣାଚକି ଭଳି ଘୂରି ନିଜ ଶରୀର ଦ୍ୱାରା ନାନାବିଧ କୌତୁକ କରି ତାଙ୍କୁ ଦେଖାଇବ ।

ପରଦିନଠାରୁ ଦ୍ୱିପହରବେଳା ଯେତେବେଳେ କାହାରି ଆସିବାର ଆଶଙ୍କା ନଥାଏ ସେତେବେଳେ ସେ ନିର୍ଜନ ଗିର୍ଜା ଘରେ ମୂର୍ତ୍ତି ସମ୍ମୁଖରେ ନାଚକୁଦ କରି ବିଭିନ୍ନ ପ୍ରକାରର କୌତୁକ ପ୍ରଦର୍ଶନ କରିବାକୁ ଲାଗିଲା । ଏପ୍ରକାର ପୂଜା ଦ୍ୱାରା ତାକୁ ଯେଉଁ ସୁଖ ଓ ସନ୍ତୋଷ ମିଳୁଥିଲା ତାକୁ ସେ ଭାଷାରେ ପ୍ରକାଶ କରିବାକୁ ଅସମର୍ଥ ଥିଲା । ଯଦି କେହି ସମର୍ଥ ଥିଲା, ତାହା ଥିଲା ତା'ର ଲୁହ – ଯେଉଁଥିରେ ପ୍ରସନ୍ନତା, କୃତଜ୍ଞତା ସାକାର ହୋଇ ଉଠୁଥିଲା । ଦ୍ୱିପହର ପାଇଁ ସେ ଉତ୍କଣ୍ଠିତ ଭାବରେ ଅପେକ୍ଷା କରି ରହୁଥିଲା ଏବଂ ଠିକ୍ ଘଣ୍ଟାରେ ଗୋଟାଏ ବାଜିବା କ୍ଷଣି ସେ ନିଜ ପୂଜା କାର୍ଯ୍ୟ ପାଇଁ ବାହାରି ପଡୁଥିଲା ।

ପରିଶେଷରେ ଦିନେ ଗିର୍ଜାଘରର କୌଣସି ଜଣେ ବ୍ୟକ୍ତିଙ୍କର ତା' ପ୍ରତି କିଛି ସନ୍ଦେହ ଆସିଲା । ଏହା ସ୍ୱାଭାବିକ ଥିଲା । ନିର୍ଦ୍ଦିଷ୍ଟ ସମୟରେ ପ୍ରତିଦିନ ସେ ମୁଖ୍ୟ ଭବନ ଆଡ଼କୁ ଯାଉଥିଲା ଏବଂ ସେହି ସମୟରେ ତା' ମନରେ ଯେଉଁ ପ୍ରସନ୍ନତା ଓ ଉତ୍ସାହ ତା' ମୁଖରେ ଫୁଟି ଉଠୁଥିଲା, ହୁଏତ ଚକ୍ଷୁହୀନ ବ୍ୟକ୍ତିଟିଏ ମଧ ତାହା ଦେଖିପାରନ୍ତା ।

ସେଦିନ ତା'ର ଚୋରି ଧରା ପଡ଼ିଲା । ଏତେ ବଡ଼ ଦୁଃସାହସ ! କଥାଟି ଶୀଘ୍ର ମୁଖ୍ୟ ପାଦ୍ରିଙ୍କ ନିକଟରେ ପହଞ୍ଚିଗଲା ଏବଂ ସେ କୌଣସି ଦଣ୍ଡ ଦେବା ପୂର୍ବରୁ ସ୍ୱଚକ୍ଷୁରେ ନର୍ତ୍ତକକୁ ଦେଖି ଅପରାଧ କରୁଥିବା ଅବସ୍ଥାରେ ତାକୁ ଧରିବାକୁ ଚାହିଁଲେ । ପରଦିନ ଏପଟେ ନର୍ତ୍ତକଟି ଏସବୁ କଥା ସମ୍ବନ୍ଧେ ଅଜ୍ଞାତ ଥାଇ ଘଣ୍ଟା ବାଜିବା ସଙ୍ଗେ ସଙ୍ଗେ ମୁଖ୍ୟ ଭବନ ଭିତରକୁ ଗଲାବେଳେ ଅପରପଟେ ମୁଖ୍ୟ ପାଦ୍ରି ନିଃଶବ୍ଦରେ ଲୁଚି ଲୁଚି ବାହାରୁ ତା'ର ଗତିବିଧି ଲକ୍ଷ୍ୟ କରିବାକୁ ଲାଗିଲେ । ନର୍ତ୍ତକର ଚମତ୍କାରିତା ଦେଖି ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ଏହି ସାଧାରଣ ଦିଶୁଥିବା ଲୋକଟିଠାରେ ଏତେ କଳାକୌଶଳ ଲୁଚି ରହିଛି ଏହା ଆଖିରେ ଦେଖି ମଧ ସେ ବିଶ୍ୱାସ କରି ପାରିଲେ ନାହିଁ । ମନ୍ତ୍ରମୁଗ୍ଧ ହୋଇ ସେ ତା'ର ବିଭିନ୍ନ ପ୍ରକାରର ନୃତ୍ୟ ଚାତୁରୀ ଦେଖିବାକୁ ଲାଗିଲେ । ଶେଷରେ ଯେତେବେଳେ ନର୍ତ୍ତକଟି ଥକିପଡ଼ି ଶଁ ଶଁ ଫଁ ଫଁ ହୋଇ ଧଡ଼୍‌କିନା ଭୂଇଁରେ ବସି ପଡ଼ିଲା ସେତେବେଳେ ତାଙ୍କର ମଧ ତନ୍ଦ୍ରା ଭାଙ୍ଗିଲା । ଆରେ ଏ କ'ଣ ? ସେ ତ ତାକୁ ଅପରାଧ କରୁଥିବା ଅବସ୍ଥାରେ ଧରିବାକୁ ଆସିଛନ୍ତି, ତା'ର ଦୁଃସାହସପୂର୍ଣ୍ଣ ନୃତ୍ୟ ଚାତୁରୀରେ ବୁଡ଼ିଯିବାକୁ ନୁହେଁ ।

ଏହା ପରେ ସେ ନିଜ ଆଖିରେ ଯାହା ଦେଖିଲେ ତାହା କେବଳ ତାଙ୍କ ଚର୍ମଚକ୍ଷୁ ପାଇଁ ନୁହେଁ ବରଂ ତାଙ୍କ ପ୍ରତିଟି ଲୋମ ପାଇଁ ଅକଳ୍ପନୀୟ, ଆଶାତୀତ ଥିଲା । ଅଦ୍ଭୁତ ! ବିଲକ୍ଷଣ ! ଅଲୌକିକ ! ତଥାପି କେତେ ପାର୍ଥିବ ! କେଡ଼େ ମମତାମୟ !

ସେ ଦେଖିଲେ କ'ଣ ? ଦେଖିଲେ ମୂର୍ତ୍ତି ଭିତରେ ସାମାନ୍ୟ ସ୍ପନ୍ଦନ ସୃଷ୍ଟି ହେଲା । କରୁଣାପୂର୍ଣ୍ଣ ହୋଇ ପ୍ରେମରେ ଗୋଟିଏ ଆଡ଼କୁ ବେକ ନୁଆଁଇ ସେ (ଦେବୀ) ସେହି ଭଙ୍ଗିମାରେ ନିଜ ସ୍ଥାନରୁ ବାହାରି ଆସିଲେ । ଧୈର୍ଯ୍ୟ ଓ ମମତା ସହ ସେ ଧୀରେ ଧୀରେ ନର୍ତ୍ତକ ଆଡ଼କୁ ଚାଲିଆସିଲେ । ଏପରି ମନେହେଲା ଯେମିତି ମମତା, କରୁଣା, ଉଷ୍ମତା ସବୁକିଛି ଏକ ସଙ୍ଗରେ ସାକାର ହୋଇଉଠିଛି । ସେବକର ନିକଟକୁ ଆସି ନିଜ ହାତରେ ତା'ର ମସ୍ତକର ଝାଳ ପୋଛି ଦେଲେ । ନର୍ତ୍ତକଟି ସେଇ ଅଲୌକିକ ସ୍ପର୍ଶ ଅନୁଭବ କରି ଆଖି ଖୋଲିଲା ଏବଂ ନିଜ ସମଗ୍ର ସତ୍ତା ସହ ଦେବୀଙ୍କ ଚରଣରେ ପଡ଼ିଗଲା । ତା'ର ଆରାଧନା ଯେ ସଫଳ ହୋଇଛି, ଏହା ତା'ର ପ୍ରସନ୍ନତାର ଅବିଶ୍ରାନ୍ତ ଅଶ୍ରୁ ପ୍ରକାଶ କରି ଦେଉଥିଲା ।

କିଛି ସମୟ ପରେ 'ମେରୀ' ଯଥା ସ୍ଥାନକୁ ସେଇ ଭାବ-ଭଙ୍ଗିମା ନେଇ ଫେରିଗଲେ ।

ପାଦ୍ରି ଆଜି ପ୍ରକୃତ ଭକ୍ତକୁ ଚିହ୍ନିଲେ । ଦେବୀଙ୍କ ପଦଧୂଳି ସଙ୍ଗେ ସଙ୍ଗେ ତା'ର ପଦଧୂଳି ମଧ ସେ ମସ୍ତକରେ ଲଗାଇଲେ ।

ବର୍ତ୍ତମାନ ସେ ଗିର୍ଜାଘରର ସେବକ ହୋଇ ନରହି ମେରୀଙ୍କ ଅନନ୍ୟ ସେବକ ହୋଇଗଲା ଏବଂ ନିଜର ଅପୂର୍ବ ପୂଜା ଜାରି ରଖିଲା ।

(ହିନ୍ଦୀ 'ଅଗ୍ନିଶିଖା' ପତ୍ରିକାର ୧୯୮୦ ଏପ୍ରିଲ ସଂଖ୍ୟାରୁ ଗୃହୀତ)

ଭାଷାନ୍ତର : ଶେଖ ଅବଦୁଲ କାଶମ

❑❑❑

# ଆମ ଦେହର ରହସ୍ୟମୟ ଜିନ୍ (Gene)

## ଆର୍ତ୍ତତ୍ରାଣ ମିଶ୍ର

ଅନେକ ପାଠକ ଯେଉଁମାନେ 'ସାବିତ୍ରୀ' ଅଧ୍ୟୟନ କରନ୍ତି ସେମାନେ ଏଇ ଧାଡ଼ିଟିକୁ ନିଶ୍ଚୟ ପଢ଼ିଥିବେ –

"Even the body shall remember God,"

(Savitri, P. 707)

ମହାଯୋଗୀ ଶ୍ରୀଅରବିନ୍ଦଙ୍କର ଏହି ଯୋଗଦୃଷ୍ଟି ଯାହା ଅତିମାନସ ସତ୍ୟ ସୃଷ୍ଟିକୁ ଭେଦ କରିଛି, ଏହା ସେଇ ଅତିମାନସ ସୃଷ୍ଟିର କଥା ହୋଇଥିବ । ରକ୍ତ, ମାଂସରେ ଗଢ଼ା ଆମ ଶରୀର କିପରି ଭଗବାନଙ୍କୁ ମନେ ରଖି ପାରିବ, ଯାହାକି ଉନ୍ନତ ବିଚକ୍ଷଣ ମନ ପକ୍ଷରେ ମଧ୍ୟ ସମ୍ଭବ ନୁହେଁ – ଏକଥା ନିଶ୍ଚୟ ସମସ୍ତଙ୍କୁ ବିସ୍ମିତ କରୁଥିବ । କିନ୍ତୁ ଆମେ ଏବେ ଜୈବ ବୈଜ୍ଞାନିକମାନଙ୍କର ଗବେଷଣାଲବ୍ଧ ଜିନ୍ (Gene) ଯାହା ଆମ ଶରୀରରେ ଅଛି, ତାହା କିପରି ଅଦ୍ଭୁତ କ୍ରିୟାମାନ ସମ୍ପାଦନ କରୁଛି, କିପରି ଅଦ୍ଭୁତ ଭାବରେ ତାହା ମନେ ରଖି ପାରୁଛି – ସେସବୁ ହେଉଛି ଏହି ପ୍ରବନ୍ଧର ବିଷୟବସ୍ତୁ ।

ସମସ୍ତେ ପ୍ରାୟଶଃ କିଛିନା କିଛି ଜାଣନ୍ତି ଯେ ବଂଶଗତ ଗୁଣ କିପରି ବଂଶାନୁକ୍ରମେ ପ୍ରକାଶ ପାଏ । ଏହା କେବଳ ମନୁଷ୍ୟ ମଧ୍ୟରେ ନୁହେଁ, ସମସ୍ତ ଜୀବଜଗତ୍ ଓ ଉଦ୍ଭିଦମାନଙ୍କ ମଧ୍ୟରେ ଦେଖାଯାଏ । ବହୁ ଦିନରୁ ଜୈବ ବିଜ୍ଞାନୀମାନେ ଅନ୍ୱେଷଣ କରି ଚାଲିଛନ୍ତି ଯେ କିପରି ଏକ ବା ଏକାଧିକ ଗୁଣ ଗୋଟିଏ ବଂଶରୁ ଆଉ ଗୋଟିଏ ବଂଶକୁ ସ୍ଥାନାନ୍ତରିତ ହେଉଛି । ଶରୀରର କେଉଁ ଅଂଶରେ ଏହି କାର୍ଯ୍ୟ ସମାପନ ହୁଏ, ସେହି କାରଣକୁ ଜାଣିବା ନିମନ୍ତେ ବୈଜ୍ଞାନିକମାନେ ଜୀବକୋଷକୁ ବିଶ୍ଳେଷଣ କରିଛନ୍ତି ।

ଜୀବକୋଷ ଗୋଟିଏ ଫରୁଆ ଭଳି । ଯେପରି ଘରଟିଏ ନିର୍ମାଣ ସମୟରେ ଇଟା ଖଣ୍ଡମାନଙ୍କୁ ଯୋଡ଼ି ତିଆରି ହୁଏ, ମନୁଷ୍ୟ ଶରୀର ସେହିପରି କୋଟି କୋଟି ଜୀବକୋଷମାନଙ୍କ ଦ୍ୱାରା ତିଆରି ହୋଇଛି । ଜୀବକୋଷର ଅନେକ ଅଂଶ ମଧ୍ୟରୁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି କ୍ରୋମୋଜମ୍ (Chromosome) । ଏହି କ୍ରୋମୋଜମ୍ ହେଉଛି କଳ୍ପନାତୀତ ଭାବେ ଦୀର୍ଘ ଦୁଇସୋରା ସୂତା । ଯାହା ପ୍ରସ୍ତ ପରେ ପ୍ରସ୍ତ ଚଉତା ହୋଇ ରହିଛି । ଏହି ସୂତାରେ ଗୁନ୍ଥା ହୋଇ ରହିଛି ୨୧ ହଜାରରୁ ୨୩ ହଜାର ଜିନ୍ (Gene) । ଅଣୁରେ ତିଆରି ଏହି ସୂତାକୁ ଆମେ ଯଦି ସିଲେଇ ସୂତା ଆକାରକୁ ବୃଦ୍ଧି କରିବା ତେବେ ଏହା ହେବ ୨୦୦ କିଲୋମିଟର ଲମ୍ବା । ଏହି ସୂତା Proteinରେ ତିଆରି । ଏଥିରେ ଗୁନ୍ଥା ହୋଇଥିବା ଜିନ୍‌କୁ ଚାରି ଅକ୍ଷରରେ ଲେଖା ହୋଇଛି – 'ATGC' । ଏଗୁଡ଼ିକ ହେଲେ ଚାରି ପ୍ରକାରର Nucliec Acid । ଏହା ହେଉଛି DNA, ଆମର ପରିଚୟର ଷ୍ଟାମ୍ପ୍ ଭଳି । କ୍ରୋମୋଜମ୍‌ର ସୂତାରେ DNAର ଚାରିଟି ଅକ୍ଷରକୁ ଅସଂଖ୍ୟ ପ୍ରକାରରେ ସଜା ହୋଇ ରହିଛି । ଯଥା – ATGCCCTACGCC ଇତ୍ୟାଦି । ଆମେ ଯଦି ଏହି ଚାରି ଅକ୍ଷର ବିଶିଷ୍ଟ ଆମ କ୍ରୋମୋଜମ୍ ସୂତାର ସମସ୍ତ Geneକୁ ଗୋଟିଏ ସାଧାରଣ ଆକାରର ବହିରେ ଛାପିବା ତେବେ ସେ ବହିଟି ହେବ ୧୫ ଲକ୍ଷ ପୃଷ୍ଠାର ବହି । ଆମ ଜିନ୍‌ରେ ବନ୍ଧା DNA ୩୦୦ କୋଟିରୁ ଊର୍ଦ୍ଧ୍ୱ ଅକ୍ଷରରେ ବନ୍ଧା ।

ତେବେ ପ୍ରଶ୍ନ ହେଉଛି ଏହି ଦୀର୍ଘ ସୂତାରେ ଥିବା ଜିନ୍‌ମାନେ କିପରି ଏବଂ କେଉଁ କାର୍ଯ୍ୟ କରନ୍ତି ? ଆମେ ଯଦି କଳ୍ପନା କରିବା ଗୋଟିଏ କଳ୍ପନାତୀତ ଦୀର୍ଘ ସ୍ୱିଚ୍‌ବୋଡ୍, ଯେଉଁଥିରେ ଲକ୍ଷ ଲକ୍ଷ ସ୍ୱିଚ୍ ଅଛି, ଯାହାକୁ ON-OFF କଲେ ନାନା ରକମର ଆଲୋକ ଜଳି ଉଠୁଛି – କେହି ଜଣେ ତାକୁ ଚାଳନା କରୁଛି, କେଉଁଠି ଗୋଟିଏ ସ୍ୱିଚ୍‌କୁ ON-OFF କରୁଛି ତ ଆଉ କେଉଁଠି ଏକାଠି ଅନେକଗୁଡ଼ିଏ ସ୍ୱିଚ୍‌କୁ ଭିନ୍ନ ଭିନ୍ନ କ୍ରମରେ ଚାଳନା କରୁଛି । ଆମର ଜିନ୍‌ଗୁଡ଼ିକ ଏହିପରି ଚାଳନା ଦ୍ୱାରା ଆମ ଦେହର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର କୋଟି କୋଟି ଜୀବକୋଷମାନଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ପରିଚାଳନା କରୁଛନ୍ତି । ଦେହର ଅଭିବୃଦ୍ଧି ପାଇଁ ପ୍ରୟୋଜନ Protein, ଅଙ୍ଗପ୍ରତ୍ୟଙ୍ଗର ପ୍ରୟୋଜନ ଅନୁଯାୟୀ ବିଭିନ୍ନ ପ୍ରକାରର Protein ଆବଶ୍ୟକ ହୋଇଥାଏ । ଜିନ୍‌ମାନଙ୍କର କାର୍ଯ୍ୟ ସେହି ପ୍ରୟୋଜନକୁ ଜାଣିପାରି ତାହାକୁ ତିଆରି କରିବା, ଜୀବକୋଷ ପାଖରେ ପହଞ୍ଚାଇବା, ଅଭିବୃଦ୍ଧିକୁ ଚଳେଇ ରଖିବା । ଏଥିରୁ କଳ୍ପନା କରିବା କଥା – କେତେ ଜଟିଳ ଏହି କାର୍ଯ୍ୟ ପ୍ରଣାଳୀ । ଏଥିରେ ନାନା କାରଣରୁ – ମନୁଷ୍ୟର ଅଭ୍ୟାସଗତ ତ୍ରୁଟି ଯୋଗୁଁ ହେଉ, ବାହ୍ୟ ପ୍ରକୃତିର ପ୍ରଭାବରୁ ହେଉ କିଂବା ବଂଶଗତ ପରମ୍ପରାରୁ

ଆସିଥିବା ତ୍ରୁଟି ଯୋଗୁଁ ହେଉ – ବହୁ ପ୍ରକାରର ବ୍ୟାଧି ଆସିଥାଏ । ଉଦାହରଣସ୍ୱରୂପ – ଜିନ୍‌ର କାର୍ଯ୍ୟ ହେଉଛି ଗୋଟିଏ ଜୀବକୋଷ କ୍ଷୟ ହେଲେ ତା' ସ୍ଥାନରେ ଆଉ ଗୋଟିଏ ଜୀବକୋଷ ରଖିବା । ଯଦି ଏଥିରେ ତ୍ରୁଟି ହେଲା ତେବେ ଗୋଟିଏ ଜୀବକୋଷ ସ୍ଥାନରେ ଅନେକ ଜୀବକୋଷ ଜମା ହୋଇଯାଏ, ସେଥିରୁ ଆରମ୍ଭ ହୁଏ Cancer । ଏଣୁ ଜିନ୍‌ର ପ୍ରଧାନ କାର୍ଯ୍ୟ ହେଲା ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗକୁ ଗଢ଼ିବା, ମରାମତି କରିବା, ଚଳେଇ ରଖିବା ।

ଜିନ୍‌ମାନଙ୍କର କାର୍ଯ୍ୟ-ପ୍ରଣାଳୀର ଅନୁଧ୍ୟାନକୁ କୁହାଯାଏ Genome Study । ୨୦୦୦ ଖ୍ରୀଷ୍ଟାବ୍ଦ ସୁଦ୍ଧା ଜିନ୍‌ମାନଙ୍କର କ୍ରମାନ୍ୱୟ ସଙ୍କଳନ ହୋଇ ସାରିଛି । ଅନେକ ବ୍ୟାଧିମାନଙ୍କର ମୂଳରେ ଥିବା ଜିନ୍‌କୁ ଚିହ୍ନଟ କରାଯାଇ ପାରିଛି । ଭ୍ରୁଣ ଅବସ୍ଥାରେ Genome study କରି ଅନେକ ଜଟିଳ ବ୍ୟାଧି ଯାହାର ଆରୋଗ୍ୟର ସମ୍ଭାବନା ନାହିଁ, ତାହା ପରୀକ୍ଷା କରି ଜଣା ଯାଇ ପାରୁଛି ଏବଂ ଇଚ୍ଛା କରି ଗର୍ଭପାତ କରାଯାଇ ପାରୁଛି । ଯେହେତୁ ଜିନ୍ ବଂଶଗତ ଗୁଣର ସୂଚନା ବହନ କରିଥାଏ ତେଣୁ ପ୍ରତ୍ୟେକ ବ୍ୟକ୍ତିଙ୍କର ଅଙ୍ଗ ପ୍ରତ୍ୟଙ୍ଗର ଆକାର, କାର୍ଯ୍ୟ ଏବଂ ତା'ର ପରିଣାମର ବିଭିନ୍ନତା ବହନ କରିଥାଏ । ତେଣୁ ଆମେ ଦେଖୁ କୃଶକାୟ, ପୃଥୁଳକାୟ, ଦୀର୍ଘକାୟ, ଖର୍ବକାୟ ଇତ୍ୟାଦି ବିଭିନ୍ନ ପ୍ରକାରର ବ୍ୟକ୍ତି । ସେହିପରି ଦେଖୁ ଚାରିତ୍ରିକ ବିଭିନ୍ନତା, ବୌଦ୍ଧିକ ବିଭିନ୍ନତା । ସେହିପରି ଦେଖାଯାଏ ଯୌନ ଜୀବନର ବିଭିନ୍ନତା – Transgender, Thirdgender, Gay, Lesbian ଇତ୍ୟାଦି ।

Genome Studyର ବହୁ ଅଗ୍ରଗତି ଫଳରେ Gene Technology ଦ୍ୱାରା ପ୍ରୟୋଜନ ଅନୁସାରେ ଜିନ୍‌ମାନଙ୍କୁ ବଦଳାଇ ଦିଆଯାଇପାରୁଛି, ଯଦ୍ୱାରା ଦେହର ଅବସ୍ଥାର ପରିବର୍ତ୍ତନ ହେଉଛି । ଅନେକ ରୋଗକୁ Gene Therapy ଦ୍ୱାରା ଆରୋଗ୍ୟ କରାଯାଇ ପାରୁଛି ।

ସବୁଠାରୁ ଚାଞ୍ଚଲ୍ୟକର ପ୍ରଗତି ହେଉଛି Gene Cloning । ଜୀବକୋଷ ମଧ୍ୟରୁ ଗୋଟିଏ ବା ଏକାଧିକ ଜିନ୍‌କୁ ବାହାର କରି ଆଣି Test Tubeରେ ଶଙ୍କର (Hybrid) ଜିନ୍ ସୃଷ୍ଟି କରା ହୋଇପାରୁଛି । ଜୈବ ବିଜ୍ଞାନୀମାନେ ମୂଷାମାନଙ୍କଠାରେ ଜୀବ ବିଷୟକ ଅନେକ ପରୀକ୍ଷା କରି ବହୁ ପ୍ରକାରର ନକଲି ମୂଷାମାନଙ୍କୁ ତିଆରି କରିଛନ୍ତି । ଗୋଟିଏ ନକଲି ମେଣ୍ଢା ସୃଷ୍ଟି କରିଛନ୍ତି, ତା'ର ନାମ ଦେଇଛନ୍ତି 'Dolly' । ଗୋଟିଏ ମୂଷା ଦେହରେ Jelly Fishର ଜିନ୍ ଭର୍ତ୍ତି କରିବା ଫଳରେ ଅନ୍ଧାରରେ ତା' ଦେହରୁ ଆଲୋକ ସ୍ଫୁରଣ ହେଉଛି । ଏମାନଙ୍କୁ କୁହାଯାଉଛି Transgenic animal ।

ଏଠାରେ ପ୍ରଶ୍ନ ଉଠୁଛି, ଏପରି ଅଗ୍ରଗତି କରି କ'ଣ ନକଲି ମନୁଷ୍ୟମାନ ତିଆରି କରାଯିବ ! ଏହା ବୈଜ୍ଞାନିକମାନଙ୍କ ତଥା ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ଅନେକ ଦେଶର ସରକାର ଏ ପ୍ରକାରର ଗବେଷଣାକୁ ନିଷିଦ୍ଧ କରିଛନ୍ତି । ମନୁଷ୍ୟର ବୁଦ୍ଧି ବର୍ତ୍ତମାନ ଯେପରି ଅବସ୍ଥାରେ ଅଛି, ଏହି ନିଷିଦ୍ଧ ବ୍ୟବସ୍ଥା କେତେ ଦିନ ସ୍ଥାୟୀ ହୋଇ ରହିବ ! ପରିଣାମ ଆଲୋଚନା ଯୋଗ୍ୟ ନୁହେଁ, ଫଳସ୍ୱରୂପ ଯେଉଁ ବିଷମ ପରିସ୍ଥିତି ଉପୁଜିବ ହେବ ।

ଆଉ ଗୋଟିଏ ଆବିଷ୍କାର ଜିନ୍‌ମାନଙ୍କର Memory । ଏହା ମାନସିକ Memory ନୁହେଁ । ଦ୍ୱିତୀୟ ମହାଯୁଦ୍ଧ ସମୟରେ ହଲାଣ୍ଡ ନାଜିମାନଙ୍କ ଦ୍ୱାରା ଅବରୁଦ୍ଧ ହୋଇ ଦୀର୍ଘ କାଳ ରହିଥିଲା । ଫଳରେ ଘୋର ଖାଦ୍ୟାଭାବ ଯୋଗୁଁ ବାଳକବାଳିକାମାନଙ୍କର ଅଙ୍ଗପ୍ରତ୍ୟଙ୍ଗ କୃଶ ହୋଇଗଲା । ଯୁଦ୍ଧ ପରେ ସାଧାରଣ ଅବସ୍ଥା ଫେରି ଆସିଲା । ପର ପିଢ଼ିରେ ଯେଉଁ ଶିଶୁ ଜନ୍ମ ହେଲେ ଅନେକେ ସେହିପରି କୃଶାଙ୍ଗ ହୋଇ ରହିଲେ । ବୈଜ୍ଞାନିକମାନଙ୍କର ଧାରଣା ଜିନ୍‌ର ସ୍ମୃତି(Memory)ରେ ଗୋଟିଏ ଛାପ ରହି ଯାଇଥିବାରୁ ଏପରି ହୋଇଛି ।

ଏଥିରୁ ଗୋଟିଏ ଚିନ୍ତା ଆମ ମନକୁ ଆସେ, ଯଦି ଆମ ଶରୀରରେ ଗୋଟିଏ ଗଭୀର ଆସ୍ପୃହା ଅନେକ କାଳ ଧରି ରହେ ତେବେ ତା'ର ଗୋଟିଏ ଛାପ ଆମ ଜିନ୍‌ରେ କାହିଁକି ନ ରହିବ ! Agenda ପୁସ୍ତକରୁ ଆମେ ପଢୁ ଶ୍ରୀମା' କିପରି ତୀବ୍ର ଭାବରେ ଦେହର Cell ଉପରେ ଯୋଗ ଶକ୍ତିକୁ ପ୍ରୟୋଗ କରୁଥିଲେ । ଏଠାରେ ଗୀତାର ଗୋଟିଏ ଶ୍ଳୋକ ଉଦ୍ଧାର କରୁଛି : –

''ଈଶ୍ୱର ସର୍ବଭୂତାନାଂ ହୃଦ୍‌ଦେଶେ ଅର୍ଜୁନ ତିଷ୍ଠତି ।
ଭ୍ରାମୟନ୍‌ସର୍ବଭୂତାନି ଯନ୍ତ୍ର ରୂଢାନି ମାୟୟା ।''

ଏହାର ଅବଶ୍ୟ ଗୂଢ଼ ଅର୍ଥ ଅଛି । କିନ୍ତୁ ଏହି ପ୍ରବନ୍ଧ ପରିପ୍ରେକ୍ଷୀରେ ଆମେ ଏହାର ଏକ ସରଳ ଅର୍ଥ କରିପାରୁ ।

''ଆମ ଦେହ ରୂପକ ଯନ୍ତ୍ରରେ ଯେଉଁଠି ଅନ୍ତରାତ୍ମା (Psychic Being)ର ଅଧିଷ୍ଠାନ, ତାକୁ ପ୍ରକୃତି (ମାୟା) ଚାଳନା କରୁଛି । ଯେତେବେଳେ Supermanମାନଙ୍କର

ଆବିର୍ଭାବ ହେବ, ସେମାନେ ଉଭାସିତ ମନ (mind of light) ଦ୍ୱାରା ଏହି ଜିନ୍‌ମାନଙ୍କୁ ଉଦ୍‌ଭାସିତ କରିବେ ଏବଂ Divine Body ତିଆରି ହେବ ।

(ଏହି ପ୍ରବନ୍ଧର ବିଷୟବସ୍ତୁ ବିଶିଷ୍ଟ ଜୈବ ବିଜ୍ଞାନୀ ସିଦ୍ଧାର୍ଥ ମୁଖାର୍ଜିଙ୍କ ଲିଖିତ ପୁସ୍ତକ ‘Gene’ ଉପରେ ଆଧାରିତ ।)

❑❑❑

# ଦିବ୍ୟ ଉନ୍ମେଷର ବାର୍ତ୍ତାବହ

## ଧର୍ମ କୁମାର ଶତପଥି

ଦିବ୍ୟ ଉନ୍ମେଷର ବାର୍ତ୍ତାବହ ତୁମେ
ହେ ନବପ୍ରକାଶ ! ନବଉଷା, ...
ଶୁଭ ଆଗମନୀ ଶଙ୍ଖ ନିନାଦେ
ହୃଦେ ଭରିଦିଅ ‘ଦିବ୍ୟ ଆଶା’ ।

ମୋ’ ମରମ ତଳେ ଯେ ଭାବ ଭାବନା
ଜାଗେ ପ୍ରତି କ୍ଷଣେ ମାଆ ପାଇଁ,
ତହିଁରେ ତୁମେ ତ ଭରିଛ ବିଶ୍ୱାସ
ଦିନ, ମାସ, ବର୍ଷ ପାଶେ ଥାଇ ।

ତୁମର କାହାଣୀ, କବିତା, ପ୍ରବନ୍ଧ
ଦିବ୍ୟ ଜୀବନର କଥା କହେ,
ପୃଷ୍ଠା ପରେ ପୃଷ୍ଠା ତୁମ ସାଧନାର
ଭାଷା ମୋ ହୃଦୟ ଛୁଇଁ ଯାଏ ।

ବନ୍ଧୁ ହେ ତୁମ ସାନ୍ନିଧ୍ୟ ଆଣେ
କେତେ ଦିବ୍ୟ ତତ୍ତ୍ୱ, ଗୂଢ଼ କଥା,



ସରଳ ସହଜ ବର୍ଣ୍ଣମାଳା ତଳେ
ଭବିଷ୍ୟ ପୃଥିବୀ ରୂପ ଗାଥା ।

ଯେ ତତ୍ତ୍ୱ ବଖାଣେ ଭବିଷ୍ୟ ଜୀବନ
ମଣିଷର ଯାହା ଭବିତବ୍ୟ,
ଶଁବାଳୁଆରୁ ପ୍ରଜାପତି ଭଳି
ଅଦିବ୍ୟ ପାଲଟି ଯିବ ଦିବ୍ୟ ।

ବିଶ୍ୱାସ,ଆସ୍ପୃହା, ସମର୍ପଣ ତଥା
ପ୍ରତ୍ୟାଖ୍ୟାନର ସୋପାନ ଦେଇ,
ଥକି ନଯାଇ, ଶଙ୍କିତ ନୋହି
ଚାଲୁଥିବି ‘ମାଆ’ ନାମ ଧାୟୀ ।

ନୂଆ ପଥ ଧରି ଚାଲିବାର ପାଇଁ
ସାହସ ଭରସା ଭରି ଦିଅ,
ଦିବ୍ୟ ଜୀବନର ସଂଧାନେ ବନ୍ଧୁ
ସାଥେ ସଦା ତୁମେ ରହିଥାଅ । ❑

ଭକ୍ତିର ସ୍ୱଭାବ ହେଉଛି ନିଜଠାରୁ ଯାହା ମହତ୍ତର ତାହା ପ୍ରତି ଆରାଧନା, ପୂଜା ଓ ଆତ୍ମନିବେଦନ; ପ୍ରେମର ସ୍ୱଭାବ ହେଉଛି ଅନ୍ତରଙ୍ଗତା ଓ ମିଳନ ପାଇଁ ଏକ ଅନୁଭବ ବା ଅନ୍ୱେଷା । ଉଭୟର ସ୍ୱଭାବରେ ରହିଛି ଆତ୍ମଦାନ; ଯୋଗରେ ଉଭୟହିଁ ଆବଶ୍ୟକ, ଏବଂ ପ୍ରତ୍ୟେକେ ନିଜର ପୂର୍ଣ୍ଣଶକ୍ତି ଲାଭ କରନ୍ତି ଅପରର ସହାୟତାରେ ।

— ଶ୍ରୀଅରବିନ୍ଦ

# ଭଲ ମଣିଷ

ଏଡ୍‌ମଣ୍ଡ ବର୍କ ଥିଲେ ପ୍ରସିଦ୍ଧ ଦାର୍ଶନିକ । ତାଙ୍କର ଜଣେ ବନ୍ଧୁ ଅନୁରୂପ ପ୍ରସିଦ୍ଧ ଥିଲେ, ବୃତ୍ତିରେ ଧର୍ମଗୁରୁ । ସେ ଚର୍ଚ୍ଚରେ ପ୍ରବଚନ ଦିଅନ୍ତି । ତାଙ୍କର ଏତେ ପ୍ରସିଦ୍ଧି ଥିଲା ଯେ ଇଂଲଣ୍ଡର ରାଜା, ରାଣୀ ମଧ୍ୟ ତାଙ୍କ ପ୍ରବଚନ ଶୁଣିବା ଲାଗି ସମୟେ ସମୟେ ଆସୁଥା’ନ୍ତି । ତେବେ ତାଙ୍କର ଦୁଃଖ, ସମସ୍ତେ ତାଙ୍କ ପ୍ରବଚନ ଶୁଣିବା ଲାଗି ଯାଉଥିଲେ ବି ଏଡ୍‌ମଣ୍ଡ କେବେ ଯାଉ ନଥା’ନ୍ତି । ଥରେ ବାଧ୍ୟ କଲାରୁ ଏଡ୍‌ମଣ୍ଡ ଚର୍ଚ୍ଚକୁ ଗଲେ । ଧର୍ମଗୁରୁ ବନ୍ଧୁ ଚମତ୍କାର ଭାଷଣ ଦେଲେ ଏବଂ ପରିଶେଷରେ କହିଲେ, ‘‘ଯେଉଁମାନେ ଭଲ ଲୋକ ଏବଂ ଈଶ୍ୱରଙ୍କ ଉପରେ ବିଶ୍ୱାସ କରନ୍ତି ସେମାନେ ସ୍ୱର୍ଗକୁ ଯିବେ । ଯେଉଁମାନେ ଖରାପ ଲୋକ ଓ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ ସେମାନେ ନର୍କକୁ ଯିବେ ।’’ ଏଡ୍‌ମଣ୍ଡ ଛିଡ଼ା ହୋଇ ପଚାରିଲେ, ‘‘ଆଚ୍ଛା, ଯେଉଁମାନେ ଭଲ ଲୋକ ଅଥଚ ଈଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ ସେମାନେ କୁଆଡ଼େ ଯିବେ ? ସେହିପରି ଯେଉଁମାନେ ଖରାପ ଲୋକ କିନ୍ତୁ ଦିନରାତି ଈଶ୍ୱରଙ୍କୁ ଡାକୁ ଥାଆନ୍ତି ସେମାନେ ଯିବେ କୁଆଡ଼େ ?’’

ଧର୍ମଗୁରୁ ଏ ପ୍ରଶ୍ନ ଶୁଣି ହଡ଼ବଡ଼େଇ ଗଲେ । ସେଦିନ ପର୍ଯ୍ୟନ୍ତ ତାଙ୍କୁ କେହି ଏଭଳି ପ୍ରଶ୍ନ ପଚାରି ନ ଥିଲେ । ସେ ବାଧ୍ୟ ହୋଇ କହିଲେ, ‘‘ଆସନ୍ତା ରବିବାର ପ୍ରାର୍ଥନା ସଭାରେ ମୁଁ ଏହାର ଉତ୍ତର ଦେବି ।’’

ଧର୍ମଗୁରୁ ଫେରି ଆସିଲେ । ଏଡ୍‌ମଣ୍ଡ ବି ।

ସେଇ ସାତ ଦିନ କାଳ ଧର୍ମଗୁରୁ ଶୋଇ ପାରିଲେ ନାହିଁ । ଶେଷଦିନ ରାତିରେ ସେ ଗୋଟିଏ ସ୍ୱପ୍ନ ଦେଖିଲେ । ସେ ସ୍ୱପ୍ନରେ ଏକ ଦ୍ରୁତଗାମୀ ଯାନରେ ଯାତ୍ରା କରୁଥା’ନ୍ତି । ସେ ସହଯାତ୍ରୀଙ୍କୁ ପଚାରିଲେ, ‘‘ଏ ଯାନ କେଉଁଠିକୁ ଯାଉଛି ? କେହି ଜଣେ ଉତ୍ତର ଦେଲେ, ‘‘ସ୍ୱର୍ଗକୁ ।’’ ଧର୍ମଗୁରୁ ଖୁସି ହେଲେ । ସ୍ୱର୍ଗରେ ପହଞ୍ଚିଗଲା ପରେ କିନ୍ତୁ ତାଙ୍କର ମନ ଉଣା ହୋଇଗଲା । ସେ ଭାବିଥିଲେ ସ୍ୱର୍ଗରେ ସେ ସକ୍ରେଟିସ୍, ମହାବୀର, ବୁଦ୍ଧ, ଲାଓ-ସୁ ଓ ପିଥାଗୋରାସ୍‌ଙ୍କୁ ଭେଟିବେ; କିନ୍ତୁ ସ୍ୱର୍ଗରେ ସେମାନେ କେହି ନ ଥିଲେ । ତା’ ଛଡ଼ା ସ୍ୱର୍ଗର ପରିବେଶ ଲାଗୁଥିଲା ପ୍ରାଣହୀନ । କେବଳ କିଛି ଅସ୍ଥିକଙ୍କାଳସାର ଧର୍ମଗୁରୁଙ୍କୁ ସେ ସେଠାରେ ଭେଟିଲେ ।

ଏହାପରେ ସେ ନର୍କକୁ ଯିବାକୁ ବାହାରିଲେ । ସ୍ୱର୍ଗର ଯଦି ଏହି ପ୍ରକାର ଅବସ୍ଥା, ତାହାହେଲେ ନର୍କର କ’ଣ ହୋଇଥିବ ଭାବି ସେ ଶିହରି ଉଠୁ ଥାଆନ୍ତି । ତାଙ୍କର ଯାନ ନର୍କରେ ପହଞ୍ଚିଲା, ସେ ଝରକାରୁ ଚାହିଁ ଯାହା ଦେଖିଲେ ଆଶ୍ଚର୍ଯ୍ୟ ନ ହୋଇ ରହି ପାରିଲେ ନାହିଁ । ସେ ଦେଖିଲେ ନର୍କର ରାସ୍ତାଘାଟ ସ୍ୱର୍ଗର ନନ୍ଦନକାନନ ପରି ସୁନ୍ଦର ଦିଶୁଛି । ଚାରିଆଡ଼ ଚଳଚଞ୍ଚଳ, ପ୍ରାଣବନ୍ତ । ସେ ଜଣେ ପଥଚାରୀଙ୍କୁ ପଚାରିଲେ, ‘‘ଆଚ୍ଛା ତୁମେ ସକ୍ରେଟିସ୍ ଓ ଗୌତମ ବୁଦ୍ଧଙ୍କୁ ଦେଖିଛ କି ?’’

ଲୋକଟି କହିଲା, ‘‘ନିଶ୍ଚୟ । ଆଗରୁ ତ ଆମର ଏ ଜାଗା ପ୍ରକୃତ ନର୍କ ପରି ଥିଲା । ସେଇମାନେ ଏଠିକି ଆସି ଏହାକୁ ସଜାଡ଼ି ଦେଇଛନ୍ତି । ବର୍ତ୍ତମାନ ଏଠି ସବୁଆଡ଼େ ସବୁଜ ଓ ସୁନ୍ଦର ଦିଶୁଛି । ଆମମାନଙ୍କ ଭିତରକୁ ଦୟା, କରୁଣା ଓ ପ୍ରେମ ଫେରି ଆସିଛି ।’’

ଧର୍ମଗୁରୁଙ୍କର ନିଦ ଭାଙ୍ଗିଗଲା । ଏଥର ସେ ଏଡ୍‌ମଣ୍ଡଙ୍କ ପ୍ରଶ୍ନର ଉତ୍ତର ପାଇ ଯାଇଥିଲେ । ସେ ଗାଧୋଇ ପଡ଼ି ଚର୍ଚ୍ଚକୁ ଗଲେ ଏବଂ ନିଜ ପ୍ରବଚନର ଶେଷ ଧାଡ଼ି ସଂଶୋଧନ କରି କହିଲେ, ‘‘ଈଶ୍ୱର ବିଶ୍ୱାସୀ ଭଲ ମଣିଷମାନେ ସ୍ୱର୍ଗକୁ ଯାଆନ୍ତି ବୋଲି ଯାହା ମୁଁ ଏତେ କାଳ ଧରି କହି ଆସୁଥିଲି ତାହା ସମ୍ପୂର୍ଣ୍ଣ ଠିକ୍ ନୁହେଁ । ଠିକ୍ କଥା ହେଉଛି, ଈଶ୍ୱରଙ୍କୁ ବିଶ୍ୱାସ କରନ୍ତୁ ବା ନ କରନ୍ତୁ ଭଲ ମଣିଷମାନେ ଯେଉଁଠିକୁ ଯାଆନ୍ତି ତାକୁ ସେମାନେ ସ୍ୱର୍ଗରେ ପରିଣତ କରି ଦିଅନ୍ତି ।’’

(କଥାଟିଏ : ପୃ. ୨୫-୨୬ରୁ ସଂଗୃହୀତ)

ସଂକଳକ – **ଗୌରହରି ଦାସ** ❑

# ସଜାଇଲେ ସଂଖ୍ୟା ସୁନ୍ଦର ଦିଶେ

## ଧର୍ମକୁମାର ଶତପଥି

ଆମ ଓଡ଼ିଆରେ ଏକ ଲୋକକଥା ରହିଛି : ''କହି ଜାଣିଲେ କଥା ସୁନ୍ଦର, ବାନ୍ଧି ଜାଣିଲେ ମଥା ସୁନ୍ଦର ...'' । ଏହି ଲୋକୋକ୍ତିଟି ସଂଖ୍ୟାଜଗତ ପାଇଁ ମଧ୍ୟ ପ୍ରଯୁଜ୍ୟ । ଅର୍ଥାତ୍, ଠିକ୍ ଭାବରେ ସଜାଇ ଜାଣିଲେ ସଂଖ୍ୟାମାନେ ମଧ୍ୟ ସୁନ୍ଦର ଲାଗନ୍ତି । ସଂଖ୍ୟାମାନଙ୍କର ସଜ୍ଜୀକରଣରେ ଏହାର ଲୁକ୍‌କାୟିତ ସ୍ୱରୂପଟି ବାହାରକୁ ଫୁଟି ଉଠେ, ଖୁବ୍ ମନମତାଣିଆ ଢଙ୍ଗରେ ! ସହଜେ ତ ପ୍ରତ୍ୟେକ ସଂଖ୍ୟା ଅନ୍ୟ ସଂଖ୍ୟାଠାରୁ ସ୍ୱତନ୍ତ୍ର ଓ ଆତ୍ମଦୀପ୍ତ । ଏମାନେ ସ୍ୱକୀୟ ସୌନ୍ଦର୍ଯ୍ୟରେ ବିମଣ୍ଡିତ – ଠିକ୍ ମହାକାଶରେ ଜ୍ୟୋତିଷ୍କ, ଗ୍ରହ, ତାରା ଓ ନକ୍ଷତ୍ରମାନଙ୍କ ପରି । ଯଦିଓ ଏଇ ଗ୍ରହ, ତାରା, ନକ୍ଷତ୍ରମାନେ ନଭୋମଣ୍ଡଳରେ ପରସ୍ପର ପାଖାପାଖି, ଲଗାଲଗି ହୋଇ ରହିଥିବା ଭଳି ଆମକୁ ଜଣା ପଡ଼ିଥାନ୍ତି, ମାତ୍ର ବାସ୍ତବରେ ସେମାନଙ୍କ ମଧ୍ୟରେ କୋଟି କୋଟି ମାଇଲର ବ୍ୟବଧାନ ରହିଥାଏ । ତେଣୁ ଜ୍ୟୋତିର୍ବିଜ୍ଞାନୀମାନେ ଏଇ କୋଟି କୋଟି ମାଇଲ ଦୂରତାକୁ ମାପିବା ପାଇଁ 'ଆଲୋକବର୍ଷ' ଭଳି ଏକ ବୃହତ୍ ଏକକ ବ୍ୟବହାର କରିଥା'ନ୍ତି । ଆକୃତି, ପ୍ରକୃତି, ଗୁଣଧର୍ମରେ ମଧ୍ୟ ଏମାନଙ୍କ ମଧ୍ୟରେ ଢେର ପ୍ରଭେଦ ରହିଥାଏ ।

ସଂଖ୍ୟାଜଗତ ସହ ପରିଚିତ ଗଣିତିଆ ଲୋକମାନେ (Mathematician) ସଂଖ୍ୟାମାନଙ୍କ ପରି ଖୁବ୍ କୌତୁକିଆ ମଣିଷ । ଗଣିତର ଯୋଗ, ବିୟୋଗ, ହରଣ ଓ ଗୁଣନ ପ୍ରକ୍ରିୟାକୁ ଅବଲମ୍ବନ କରି ସେମାନେ ନୂଆ ନୂଆ ଗାଣିତିକ ବୈଚିତ୍ର୍ୟ ଓ ତନ୍ମଧ୍ୟରେ ରହିଥିବା କୌତୁକ ଗୁଣର ଉଦ୍‌ଘାଟନ କରିଥା'ନ୍ତି । ରାମଚନ୍ଦ୍ର କାପ୍ରେକର ତ ଗଣିତର ବିଚିତ୍ରତାକୁ ଗବେଷଣା କରି କରି ଜନମାନସରେ 'ପାଗଳ'ର ଆଖ୍ୟା ପାଇଥିଲେ ।

ପୁଣି କେତେକ ସଂଖ୍ୟା ଅଛନ୍ତି ଯେଉଁମାନେ ଉପରଠାଉରିଆ ଭାବେ ସାଦାସିଧା ଜଣାପଡୁଥିଲେ ମଧ୍ୟ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ରଖି ସଜାଇ ଦେଲେ ଏକ ସୁନ୍ଦର ବିଚକ୍ଷଣ ସଜ୍ଜୀକରଣଟିଏ ମିଳିଥାଏ, ଯାହାକି କୋମଳମତି ଶିଶୁଠାରୁ ଆରମ୍ଭ କରି ବୟସ୍କ, ବୃଦ୍ଧମାନଙ୍କଠାରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଥାଏ ।

'୦' କିଂବା '୧' ଠାରୁ ଆମେ ଅସଂଖ୍ୟ ସଂଖ୍ୟା ସହ ପରିଚିତ ଅଛେ । ଏ ସଂଖ୍ୟା ସମୂହକୁ ନେଇ କୌତୁକ ଖେଳ ଖେଳିବା ମଧ୍ୟ ବେଶ୍ ପୁରୁଣା । ସାଧାସିଧା ଧାରାରେ ନ ରଖି ଟିକିଏ ଏପଟସେପଟ କରି ସଜାଇ ଦେଲେ ଏମାନଙ୍କର ସ୍ୱରୂପ ସୁନ୍ଦର ଲାଗେ, ମନରେ ବିହ୍ୱଳ ଜନ୍ମାଏ, ଗଣିତ ପ୍ରତି ଅଥବା ସଂଖ୍ୟା ପ୍ରତି ଅନୁରାଗ ବଢ଼ାଏ ।

ସେମିତି ସଂଖ୍ୟା ସଜ୍ଜୀକରଣର କେତୋଟି ଉଦାହରଣ ଏଠାରେ ଉପସ୍ଥାପନ କରୁଛି ।

୧ମ ସଜ୍ଜୀକରଣ : ୩୭ ଏକ ମୌଳିକ ସଂଖ୍ୟା । ଏହାକୁ ୩ କିଂବା ୭ର ଗୁଣିତକମାନଙ୍କ ଦ୍ୱାରା ଗୁଣନ କରିବା :

୩୭ x ୩ = ୩୭ x (୧+୧+୧) = ୧୧୧
୩୭ x ୬ = ୩୭ x (୨+୨+୨) = ୨୨୨
୩୭ x ୯ = ୩୭ x (୩+୩+୩) = ୩୩୩
୩୭ x ୧୨ = ୩୭ x (୪+୪+୪) = ୪୪୪ ... ଇତ୍ୟାଦି । ସେହିପରି
୩୭ x ୩୦୦୩ = ୩୭ x (୧୦୦୧+୧୦୦୧+୧୦୦୧) = ୧୧୧୧୧୧
୩୭ x ୬୦୦୬ = ୩୭ x (୨୦୦୨+୨୦୦୨+୨୦୦୨) = ୨୨୨୨୨୨
୩୭ x ୯୦୦୯ = ୩୭ x (୩୦୦୩+୩୦୦୩+୩୦୦୩) = ୩୩୩୩୩୩
୩୭ x ୧୨୦୧୨ = ୩୭ x (୪୦୦୪+୪୦୦୪+୪୦୦୪) = ୪୪୪୪୪୪
୩୭ x ୧୫୦୧୫ = ୩୭ x (୫୦୦୫+୫୦୦୫+୫୦୦୫) = ୫୫୫୫୫୫

୨ୟ ସଜ୍ଜୀକରଣ : ୧୩ ଏକ ମୌଳିକ ସଂଖ୍ୟା । ଏହାର ସଜ୍ଜୀକରଣ ଦେଖନ୍ତୁ :
୯÷୩x୪+୧ = ୧୩
୯୯÷୩x୪+୧ = ୧୩୩
୯୯୯÷୩x୪+୧ = ୧୩୩୩
୯୯୯୯÷୩x୪+୧ = ୧୩୩୩୩ ... ଇତ୍ୟାଦି !!
ସେହିପରି ୩ୟ ସଜ୍ଜୀକରଣ :
୦x୯+୧ = ୧
୧x୯+୨ = ୧୧
୧୨x୯+୩ = ୧୧୧
୧୨୩x୯+୪ = ୧୧୧୧
୧୨୩୪x୯+୫ = ୧୧୧୧୧ ... ଇତ୍ୟାଦି !!
ଚତୁର୍ଥ ସଜ୍ଜୀକରଣ :
୧=୧ (ପ୍ରଥମ ପୂର୍ଣ୍ଣବର୍ଗ ସଂଖ୍ୟା) = (୧ର ବର୍ଗ)
୧+୨+୧=୪⇒୨ର ବର୍ଗ =୨x୨
୧+୨+୩+୨+୧=୯⇒୩ର ବର୍ଗ =୩x୩
୧+୨+୩+୪+୩+୨+୧=୧୬⇒୪ର ବର୍ଗ =୪x୪
୧+୨+୩+୪+୫+୪+୩+୨+୧=୨୫⇒୫ର ବର୍ଗ =୫x୫ ... ଇତ୍ୟାଦି
ପଞ୍ଚମ ସଜ୍ଜୀକରଣ :
ପ୍ରତ୍ୟେକ ଅଯୁଗ୍ମ ସଂଖ୍ୟା ହେଉଛନ୍ତି ଦୁଇଟି କ୍ରମିକ ସଂଖ୍ୟାର ବର୍ଗର ଅନ୍ତରଫଳ !!
୧ = ୧ ର ବର୍ଗ – '୦'ର ବର୍ଗ
୩ = ୨ ର ବର୍ଗ – '୧'ର ବର୍ଗ
୫ = ୩ ର ବର୍ଗ – '୨'ର ବର୍ଗ
୭ = ୪ ର ବର୍ଗ – '୩'ର ବର୍ଗ
୯ = ୫ ର ବର୍ଗ – '୪'ର ବର୍ଗ
ଏମିତି ସଜ୍ଜୀକରଣ କରି କରି ଆଗକୁ ଗଲେ ଯେଉଁ ଅଯୁଗ୍ମ ସଂଖ୍ୟାଟି ପୂର୍ଣ୍ଣ ବର୍ଗ ହୋଇଥାଏ, ସେଠାରେ ଆମେ ଏକ ପିଥାଗୋରାସ ତ୍ରୟୀ ପାଇଥାଉ । ଯଥା :
୨୫ = ୫ର ବର୍ଗ = ୧୩ର ବର୍ଗ – ୧୨ର ବର୍ଗ ⇒ ସୁତରାଂ ୫, ୧୨ ଓ ୧୩ ହେଉଛନ୍ତି ଏକ ପିଥାଗୋରାସ ତ୍ରୟୀ
୪୯ = ୭ର ବର୍ଗ = ୨୫ର ବର୍ଗ – ୨୪ର ବର୍ଗ ⇒ ଏଠାରେ ୭, ୨୪ ଓ ୨୫ ହେଉଛନ୍ତି ଏକ ପିଥାଗୋରାସ ତ୍ରୟୀ
୮୧ = ୯ର ବର୍ଗ = ୪୧ର ବର୍ଗ – ୪୦ର ବର୍ଗ ⇒ ଏଠାରେ ୯, ୪୦ ଓ ୪୧ ହେଉଛନ୍ତି ଏକ ପିଥାଗୋରାସ ତ୍ରୟୀ
୧୨୧ = ୧୧ର ବର୍ଗ = ୬୧ର ବର୍ଗ – ୬୦ର ବର୍ଗ ⇒ ଏଠାରେ ୧୧, ୬୦ ଓ ୬୧ ହେଉଛନ୍ତି ଏକ ପିଥାଗୋରାସ ତ୍ରୟୀ
୧୬୯ = ୧୩ର ବର୍ଗ = ୮୫ର ବର୍ଗ – ୮୪ର ବର୍ଗ ⇒ ଏଠାରେ ୧୩, ୮୪ ଓ ୮୫ ହେଉଛନ୍ତି ଏକ ପିଥାଗୋରାସ ତ୍ରୟୀ
ଷଷ୍ଠ ସଜ୍ଜୀକରଣ :
(୧x୯)+(୧+୯)=୧୯
(୨x୯)+(୨+୯)=୨୯
(୩x୯)+(୩+୯)=୩୯

(୪x୯)+(୪+୯)=୪୯
(୫x୯)+(୫+୯)=୫୯ ... ଇତ୍ୟାଦି ।

ସତରେ କେତେ କୌତୁକ ରହିଛି ଏଇ ସଂଖ୍ୟାର ସଜାଇବା କାମରେ । ଆଗ୍ରହୀ, ଉତ୍ସାହୀ ପାଠକ ଏପରି ସଜ୍ଜୀକରଣ ତିଆରି କରି ସଂଖ୍ୟା ଜଗତର ଲୁପ୍ତ ସୌନ୍ଦର୍ଯ୍ୟ ଓ କୌତୁକକୁ ଅନାବରଣ କରିବାକୁ ଅନୁରୋଧ । ଉପରୋକ୍ତ କେତୋଟି ଉଦାହରଣ ସେମାନଙ୍କ ପାଇଁ ଉତ୍ତରଣର ଏକ ପାବଚ୍ଛ (stepping stone) ହେଉ ।

❑❑❑

ବର୍ଷାଭିଜା ଅଳସ ଅପରାହ୍ଣଟିଏ । ବେଶ୍ ଲଘୁ ଆଲୋଚନାରେ ମଗ୍ନ ଥିଲେ ସଖା ଶ୍ରୀକୃଷ୍ଣଙ୍କ ସହ ତୃତୀୟ ପାଣ୍ଡବ ଅର୍ଜୁନ । ହଠାତ୍ ଆଳାପ ମଧ୍ୟରେ ଅର୍ଜୁନ ଜିଜ୍ଞାସା କଲେ ଶ୍ରୀକୃଷ୍ଣଙ୍କୁ, ''ସଖା, ଜ୍ୟେଷ୍ଠ ଭ୍ରାତା ଯୁଧିଷ୍ଠିରଙ୍କର ରାଜଦରବାରରୁ କେହି କେବେ ଶୂନ୍ୟ ହସ୍ତରେ ଫେରିଯାଇନି । ଯିଏ ଯାହା ଚାହିଁଥା'ନ୍ତି ମହାରାଜା ଯୁଧିଷ୍ଠିର ତାହା ସାଧ୍ୟମତେ ପୂରଣ କରନ୍ତି । ତେବେ କର୍ଣ୍ଣ କାହିଁକି ଜନସମାଜରେ ତାଙ୍କ ଠାରୁ ଅଧିକ ଦାନୀ ଭାବେ ଖ୍ୟାତି ଅର୍ଜନ କରିଛନ୍ତି ?'' ମୃଦୁ ହାସ୍ୟ ସହ ଶ୍ରୀକୃଷ୍ଣ କହିଲେ, ''ଚାଲ, ଆମେ ଏବେ ତାହା ସ୍ୱଚକ୍ଷୁରେ ପରଖି ଦେଖିବା । ତେବେ ଆମକୁ ବ୍ରାହ୍ମଣର ଛଦ୍ମବେଶରେ ହିଁ ଯିବାକୁ ପଡ଼ିବ ।''

ଉଭୟ ପ୍ରସ୍ତୁତ ହୋଇଗଲେ ।

ଯୁଧିଷ୍ଠିରଙ୍କର ରାଜସଭାରେ ପହଞ୍ଚି ଛଦ୍ମବେଶୀ ବ୍ରାହ୍ମଣ ଦ୍ୱୟ ସେମାନଙ୍କର ଯଜ୍ଞ ପାଇଁ କିଛି ଚନ୍ଦନ କାଠର ଆବଶ୍ୟକତା ଅଛି ବୋଲି ବିନୀତ ପ୍ରାର୍ଥନା ଜଣାଇଲେ । ରାଜା ସଙ୍ଗେ ସଙ୍ଗେ କେତେ ଜଣ ସିପାହୀଙ୍କୁ ତୁରନ୍ତ ଚନ୍ଦନ କାଠ ସଂଗ୍ରହ କରି ଆଣିବା ପାଇଁ ଜଙ୍ଗଲକୁ ପଠାଇଦେଲେ । ସେ ଥିଲା ବର୍ଷାଋତୁ । ବୃକ୍ଷମାନେ ବର୍ଷାରେ ସମ୍ପୂର୍ଣ୍ଣ ଓଦା ହୋଇ ରହିଥିଲେ । ବହୁ ଶ୍ରମ ପରେ କିଛି ଓଦା ଜୁଡୁବୁଡୁ ଚନ୍ଦନ କାଠ ସହ ଫେରିଲେ ସିପାହୀମାନେ । ସେ କାଠରେ ଯଜ୍ଞ ସମ୍ପାଦନ କରିବା ଅସମ୍ଭବ । ବ୍ରାହ୍ମଣ ଦ୍ୱୟ ନିରାଶ ହୋଇ ଫେରିଲେ ଓ ଆସି ଉପସ୍ଥିତ ହେଲେ କର୍ଣ୍ଣଙ୍କର ରାଜଦରବାରରେ । ବିନମ୍ର ଭାବେ ନିଜର ଯଜ୍ଞ ପାଇଁ ଚନ୍ଦନ କାଠର ଆବଶ୍ୟକତା ସମ୍ପର୍କରେ ଜଣାଇଲେ ରାଜା କର୍ଣ୍ଣଙ୍କୁ ।

କର୍ଣ୍ଣ କିଛି ସମୟ ଚିନ୍ତା କରି ବିନୟପୂର୍ବକ କହିଲେ, ''ବହୁ ଦିନ ଧରି ବର୍ଷା ଲାଗି ରହିଛି । ଶୁଷ୍କ ଚନ୍ଦନ କାଠ ସଂଗ୍ରହ କରିବା ସମ୍ଭବ ନୁହେଁ । ତେବେ ଏହାର ବିକଳ୍ପ ରହିଛି ।'' ଏହା କହି କର୍ଣ୍ଣ ଚନ୍ଦନ କାଠରେ ନିର୍ମିତ ନିଜର ରାଜଦରବାରର କବାଟ ଓ ଝରକାସବୁକୁ ଭାଙ୍ଗି ଯଜ୍ଞ ସମିଧ ପ୍ରସ୍ତୁତ କରିବା ପାଇଁ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଲେ ।

ଅବିଳମ୍ବେ ଯଜ୍ଞ ପାଇଁ ସୁଦୃଶ୍ୟ ଚନ୍ଦନ କାଠମାନ ପ୍ରସ୍ତୁତ ହୋଇଗଲା ଓ ସେସବୁକୁ ମହାରାଜ କର୍ଣ୍ଣ ବ୍ରାହ୍ମଣମାନଙ୍କୁ ସାନନ୍ଦରେ ଅର୍ପଣ କଲେ । ସେହି ଦାନ ତୃପ୍ତ ହୃଦୟରେ ଗ୍ରହଣ କରି ସେଠାରୁ ପ୍ରତ୍ୟାବର୍ତ୍ତନ କଲା ପରେ ଶ୍ରୀକୃଷ୍ଣ ଜିଜ୍ଞାସା କଲେ ଅର୍ଜୁନଙ୍କୁ, ''ଦୁଇଜଣଙ୍କର ଦାନ ଦେବାର ପଦ୍ଧତିରେ ତାରତମ୍ୟ ସେ ନିଶ୍ଚୟ ହୃଦୟଙ୍ଗମ କରିଥିବେ । ଯୁଧିଷ୍ଠିର ଦାନ ଦେବାରେ କୁଣ୍ଠିତ ନୁହଁନ୍ତି ନିଶ୍ଚୟ । ମାତ୍ର ସେ ଦାନ କରନ୍ତି ରାଜାର ଧର୍ମ, କର୍ତ୍ତବ୍ୟ କର୍ମ ଭାବରେ । ମାତ୍ର କର୍ଣ୍ଣ ଦାନ କରନ୍ତି ହୃଦୟର ପ୍ରେମ ଭାବ ସହ । ସେଥିପାଇଁ ତାଙ୍କ ଦାନରେ ସ୍ୱତନ୍ତ୍ରତା ଫୁଟି ଉଠେ । ଦାନ ଗ୍ରହଣ କରୁଥିବା ବ୍ୟକ୍ତି ମଧ୍ୟ ଧନ୍ୟ ହୋଇଯାଏ । ସେଥିପାଇଁ ଜନମାନସରେ ସ୍ୱତଃସ୍ଫୂର୍ତ୍ତ ଭାବେ ସେ 'ଦାନବୀର କର୍ଣ୍ଣ' ନାମରେ ଖ୍ୟାତି ଅର୍ଜନ କରିପାରିଛନ୍ତି ।''

ଅର୍ଜୁନ ନୀରବରେ ଅନୁଭବ କରୁଥିଲେ ଦାନର ତାରତମ୍ୟ ଓ ସୋପାନକ୍ରମକୁ । ❑

ଚେତନାର ଦିଗ୍‌ବଳୟ :

# ହେତୁବୋଧର ଭୂମିକା

ଏ ଲେଖକ କେଉଁଠାରେ ଏ ଦୃଷ୍ଟାନ୍ତଟି ଲେଖିଛି ଅଥବା କହିଛି, ତାହା ସେ ମନେପକାଇ ପାରୁ ନାହିଁ । ତେବେ 'ଚେତନାର ଦିଗ୍‌ବଳୟ' ସ୍ତମ୍ଭର 'ବୌଦ୍ଧିକ ସଙ୍କଟ' ବିଷୟ ପରିପ୍ରେକ୍ଷୀରେ କଥାଟି ଜଣେ ସ୍ମରଣ କରାଇ ଦେଇଛନ୍ତି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସହ । ପ୍ରଥମେ କଥାଟି କହେଁ ।

ଏକଦା ଜଣେ ଶିକ୍ଷକ ଏବଂ ତାଙ୍କ ଛାତ୍ର କୌଣସି ଦୂର ଗନ୍ତବ୍ୟ ଉଦ୍ଦେଶ୍ୟରେ ଯିବା ବାଟରେ ରାତିରେ ଜଣେ ଭଦ୍ରଲୋକଙ୍କ ଗୃହରେ ଆଶ୍ରୟ ନେଇଥା'ନ୍ତି । ଭଦ୍ରଲୋକ ଅନେକଗୁଡ଼ିଏ କୁକୁଡା ରଖିଥା'ନ୍ତି । ସେ ତାଙ୍କ ପରିଚାରକଙ୍କୁ କହୁଥା'ନ୍ତି, ''ଆରେ, ସେଇ ଧୋବଧାଉଳିଆ କୁକୁଡ଼ାଟିକୁ ଆଜି କାଟ । ସେ ଅଣ୍ଡା ଦେଉ ନାହିଁ; କିଛି କାମର ନୁହେଁ ।''

ଶିକ୍ଷକ ଏବଂ ଛାତ୍ର ଏ ନିର୍ଦ୍ଦେଶ ଶୁଣିଲେ । ''ବୁଝିଲଟି ବାପା ?'' ଶିକ୍ଷକ ମହୋଦୟ ଛାତ୍ରଙ୍କୁ ପଚାରିଲେ ଏବଂ ଶୁଣାଇଲେ ତାଙ୍କ ସିଦ୍ଧାନ୍ତ, ''ଯିଏ କିଛି କାମର ନୁହେଁ, ସିଏ ବଞ୍ଚି ରହିବାର ଅଧିକାର ହରାଏ !''

''ବୁଝିଗଲି ଆଜ୍ଞା'', କହିଲା ଆଜ୍ଞାଧୀନ ଛାତ୍ର ।

ପରଦିନ ଶିକ୍ଷକ ଏବଂ ଛାତ୍ର ଗୋଟାଏ ବଣ ଅତିକ୍ରମ କରୁଥା'ନ୍ତି । ଦଳେ କାଠୁରିଆଙ୍କୁ ସେମାନଙ୍କ ସର୍ଦ୍ଦାର କହିବାର ସେମାନେ ଶୁଣିଲେ, ''ମନେରଖ; ଏଇ ଯେଉଁ ଡଉଲଡାଉଲ ଗଛ, ଏଇଟାକୁ କାଟିବ ନାହିଁ । ଏହାର କାଠ କିଛି କାମର ନୁହେଁ ।''

ଛାତ୍ର ଆଖି ବଡ଼ ବଡ଼ କରି ଶିକ୍ଷକଙ୍କୁ କହିଲା, ''ଆଜ୍ଞା, ଇଏତ କ'ଣ କିଛି କାମର ନୁହେଁ ବୋଲି ବଞ୍ଚିବାର ଅଧିକାର ପାଇଗଲା !''

ଶିକ୍ଷକ ଗମ୍ଭୀର ଭାବରେ କହିଲେ, ''ହଁ ପୁଅ, ଭାବିବାର କଥା !''

କଥାଟି ମନେ ପକାଇ ଦେଇ ଜିଜ୍ଞାସୁ ଜଣକ ଯେଉଁ ପ୍ରଶ୍ନ ଉଠାଇଛନ୍ତି, ତା'ର ସାରାଂଶ ହେଲା : ମନ ଦ୍ୱାରା ବାସ୍ତବିକ ସତ୍ୟ ନିରୂପଣ କରିବା ଆମ ପାଇଁ ଅସାଧ । ପୁଣି ମନ ମଧ କ୍ରମେ ନିଷ୍ପ୍ରଭ ହୋଇ ଆସୁଛି ବୋଲି ଗବେଷଣା କହୁଛି । ଆମେ କରିବୁଁ କ'ଣ ?

ଅଧ୍ୟାତ୍ମ ମନୀଷୀମାନେ ବହୁ ଭାବରେ ଏ ପ୍ରଶ୍ନର ଉତ୍ତର ଦେଇଛନ୍ତି : ଆମେ ଆମ ବୋଧଶକ୍ତିର ପରିସର ବିସ୍ତୃତ କରିବୁ । ଉପରୋକ୍ତ କଥାଟି ଦର୍ଶାଉଛି ଯେ ବ୍ୟାବହାରିକ ସ୍ତରରେ ସତ୍ୟର ବହୁ ଦିଗ ରହିଛି । ଗୋଟାଏ ପରିପ୍ରେକ୍ଷୀରେ ସେ ଗୃହସ୍ୱାମୀଙ୍କ କଥାରୁ ଆମେ ଯାହା ଶିକ୍ଷା କଲୁ ତାହା ଯେପରି ବାସ୍ତବ, ଅନ୍ୟ ଏକ ପରିପ୍ରେକ୍ଷୀରେ କାଠୁରିଆ ସର୍ଦ୍ଦାରର ବକ୍ତବ୍ୟରୁ ଆହରିତ ଶିକ୍ଷା ମଧ ସେତିକି ବାସ୍ତବ ।

ଆମେ ଏତକ ନିଶ୍ଚୟ କରିପାରିବା : ମନର ଏକ ଉଚ୍ଚ ପାହାଚକୁ ଆରୋହଣ କରି ଉଭୟ ପରିପ୍ରେକ୍ଷୀରେ ଉଭୟ ବାସ୍ତବତା ବା ଶିକ୍ଷା ଯେ ଯଥାର୍ଥ, ଏତକ ହୃଦୟଙ୍ଗମ କରିପାରିବା । ଏହିଭଳି ଆରୋହଣର ଅଭ୍ୟାସ ଏକ ଉତ୍ତମ ଏବଂ ପ୍ରଗତିଶୀଳ କାର୍ଯ୍ୟକ୍ରମ । ଆମେ ସାଧାରଣତଃ ମନର ଗୋଟାଏ ନିର୍ଦ୍ଦିଷ୍ଟ ପାହାଚରୁ କୌଣସି ପରିସ୍ଥିତି ବା ବ୍ୟକ୍ତିକୁ ଅନୁଧ୍ୟାନ କରି ସେହି ପାହାଚରୁ ଯେତିକି ଦେଖିବା, ଯେତିକି ଜାଣିବା ସମ୍ଭବପର, ସେତିକିରେ ଅଟକି ଯାଉ । ଉଚ୍ଚତମ ପାହାଚରୁ ସବୁକିଛି ଦେଖିପାରିଲେ ଆମର ବହୁ ଭୁଲ୍ ଧାରଣା ଦୂର ହୋଇପାରିବ; ଅନେକ ଅସନ୍ତୋଷ, ଅଭିମାନ ଏବଂ କ୍ରୋଧର ହେତୁ କ୍ରମେ ଅଳୀକ ମନେ ହେବ । ଆମର ଆଶୁଲାଭ ହେବ ଉତ୍ତେଜନାର ପ୍ରଶମନ, କିନ୍ତୁ ସବୁଠୁ ବଡ଼ ଲାଭ ହେବ ଏହା ଆମକୁ ଆଧ୍ୟାତ୍ମିକ ପଥରେ ବେଶ୍ କିଛି ଦୂର ଅଗ୍ରସର କରାଇ ନେବ ।

ଯେପର୍ଯ୍ୟନ୍ତ ମନକୁ ସମ୍ପୂର୍ଣ୍ଣ ଶାନ୍ତ ଓ ନୀରବ କରିଦେଇ ଊର୍ଦ୍ଧ୍ୱ ଚେତନା ଦ୍ୱାରା ଆମେ ପରିଚାଳିତ ନହୋଇଛୁ, ସେଯାଏ ମନର ପରିଚ୍ଛନ୍ନ ବ୍ୟବହାର କରିବାହିଁ ଆମ ପାଇଁ ଏକମାତ୍ର ପଥ । ମନର ସବୁଠୁ ଶକ୍ତିଶାଳୀ ପ୍ରତିନିଧି ହେଲା ବୁଦ୍ଧି । ବୁଦ୍ଧି କିନ୍ତୁ ତୁଚ୍ଛା ଶକ୍ତିଟିଏ । ତା'ର ନୈତିକ ପରିଚୟ ନାହିଁ । ଆଣବିକ ଶକ୍ତି ଭଳି ତା'ର ଦୁରୁପଯୋଗ ହୋଇପାରେ, ସଦୁପଯୋଗ ମଧ ହୋଇପାରେ । ସେଥିପାଇଁ ଆମ ଭାଷାରେ କୁବୁଦ୍ଧି ଓ ସୁବୁଦ୍ଧି ଭଳି ଦୁଇଟି ଶବ୍ଦ ରହିଛି । ବୁଦ୍ଧି ହାତରେ ପୁଣି ଏକ ବଡ଼ ଅସ୍ତ୍ର ରହିଛି । ତାହା ହେଲା ଯୁକ୍ତି । ଯୁକ୍ତି ଦିଏ ହେତୁର ଦ୍ୱାହି । ସଚ୍ଚା ହେତୁବାଦ ସର୍ବଦା ସ୍ୱାଗତଯୋଗ୍ୟ । ଶ୍ରୀମା କହନ୍ତି,

ଯେପର୍ଯ୍ୟନ୍ତ ତୁମେ ଆଲୋକିତ ମହିମ ଚେତନାର ଅଧିକାରୀ ନହୋଇଛ, ସେଯାଏଁ ହେତୁ ଦ୍ୱାରା ନିଜ କର୍ତ୍ତବ୍ୟ ନିର୍ଦ୍ଧାରଣ କର । ସଚ୍ଚା ହେତୁବୋଧ ଆମ ଦୃଷ୍ଟିକୁ ନିରପେକ୍ଷ ଏବଂ ଉଦାର ରଖେ । ଆମର ଆବେଗ, ଈର୍ଷା, ଦ୍ୱେଷ ଓ ପ୍ରତିହିଂସା-ପରାୟଣତା – ଯେଉଁସବୁ ଦୁର୍ଗୁଣ ଆମ ଅନ୍ଧ ଅହଂର ଜଣେ ଜଣେ ନିର୍ମମ ଦଲାଲ – ସେମାନଙ୍କ ପ୍ରଭାବରୁ ସଚ୍ଚା ହେତୁବୋଧ ଆମକୁ ମୁକ୍ତ ରଖେ । ହେତୁବୋଧ (Reason) ''ତୁମକୁ ବୋକା ବନିବାରୁ ରକ୍ଷାକରେ । ହେତୁବୋଧ ନଥିଲେ ତୁମେ ଏମିତି ଅନେକ କାମ କରିବ, ଯାହା ସିଧାସଳଖ ତୁମକୁ ଧ୍ୱଂସ କରିଦେବ; ତୁମେ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ପରିଣତିର ଶିକାର ହେବ ।''

ହେତୁବୋଧର ଛଳନାପୂର୍ଣ୍ଣ ପ୍ରୟୋଗର ସମ୍ଭାବନା ସମ୍ପର୍କରେ ମଧ ଶ୍ରୀମା ଆମକୁ ସତର୍କ କରି ଦେଇଛନ୍ତି : ''ଏମିତି ହେତୁବୋଧ ରହିଛି, ଯାହା ତୁମକୁ ସଫେଦ ଦେଖାଇ ଅନ୍ୟ ଉପରେ କଳା ବୋଲିବ ।'' ତୁମେ ନିଜକୁ ଏଇ ସାନ୍ତ୍ୱନା ଦେଇ ଚାଲିଥିବ ଯେ ''ତୁମେ ଅନ୍ୟର ଭୁଲ୍ ଯୋଗୁହିଁ କଷ୍ଟ ପାଅ । ତୁମେ ଅନ୍ୟର ପ୍ରଭାବରେ ଭୁଲ୍ କର, ତୁମ ଭିତରେ କିଛି ଖରାପ ପ୍ରତିକ୍ରିୟା ହୋଇଥିଲେ ସେଥିପାଇଁ ଅନ୍ୟମାନେ ଦାୟୀ, ଇତ୍ୟାଦି । ତୁମ ନିଜ ମନର ରାୟ ଅନୁସାରେ ତୁମେ ତୁଷାର ଶୁଭ୍ର ହୋଇ ବାହାରି ଆସ !''

ଏହି ପ୍ରକାର ଆତ୍ମଛଳନା ଦ୍ୱାରା ଆମେ ଆମ ବିବେକକୁ ତୁଷ୍ଟ ରଖୁ ବୋଲି ଶ୍ରୀମା କହିଛନ୍ତି ।

(*Collected Works of the Mother*, ଅଷ୍ଟମ ଖଣ୍ଡରେ ୨୮ ନଭେମ୍ବର ୧୯୫୬ର ପ୍ରଶ୍ନୋତ୍ତର ଦ୍ରଷ୍ଟବ୍ୟ)

କିନ୍ତୁ ପ୍ରକୃତ ହେତୁବୋଧ ଆମକୁ ପ୍ରକୃତ ସନ୍ତୋଷ ଦେବ; ନିଜ ଦୁର୍ବଳତାକୁ ସୁହାଇଲା ଭଳି ହେତୁବୋଧର ପ୍ରୟୋଗ ଆପାତତଃ ମଧୁର ମନେ ହେଲେ ମଧ ଆମ ଚେତନା ଭିତରେ ବିଷର ସଞ୍ଚାର କରିଚାଲିଥିବ । ମିଥ୍ୟା ଆତ୍ମସନ୍ତୋଷ ଅଧିକ କାଳ ସ୍ଥାୟୀ ହୁଏନା । ଅବଶ୍ୟ ଯେଉଁମାନଙ୍କ ଭିତରେ ଚେତନା ଅତ୍ୟନ୍ତ ଅବିକଶିତ, ତାଙ୍କ କଥା ଅଲଗା ।

ବିବର୍ତ୍ତନରେ ଆମେ କେବେ ଯାଇ ମନସ୍ତର ଅତିକ୍ରମ କରିବା, ବିବର୍ତ୍ତନକୁ ତ୍ୱରାନ୍ୱିତ କରିବା ଦିଗରେ ଶ୍ରୀଅରବିନ୍ଦ ଏବଂ ଶ୍ରୀମାଙ୍କ ଯୋଗ ପ୍ରତି ଆମେ ନିଜେ ନିଜକୁ କେତେଦୂର ସମର୍ପିତ କରିପାରୁଛୁ ଯାହାଫଳରେ ମନୋତ୍ତୀର୍ଣ୍ଣ ଦିବ୍ୟଯୁଗର ଉଷାଲୋକ ଆମକୁ ଉଦ୍ଭାସିତ କରିବ, ତାହା କିଏ ବା କହିପାରିବ ! ସେପର୍ଯ୍ୟନ୍ତ ଦିବ୍ୟସମର୍ପିତ ମନ ସହ ସଚ୍ଚା ହେତୁବୋଧକୁ ଆଶ୍ରୟ କରିବା ଆମ ପକ୍ଷରେ ଶ୍ରେୟସ୍କର । ସହଜ ନହେଲେ ବି ଏହାର ବିକଳ୍ପ ନାହିଁ ।

– ମନୋଜ ଦାସ ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning
and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LV, No. 10**
Navaprakash (Monthly), October, 2024
**Date of Posting : 7th, 8th of every month**

**R.N.I. No. 18163/70.**
Registration No. PY/51/2024-26
**Licenced to Post without prepayment**
TN/PMG(CCR)/WPP-63/2024-26

**ବିଶେଷ ସୂଚନା :**

ଶ୍ରୀ ପ୍ରପତ୍ତିଙ୍କ ଜନ୍ମ ଶତବାର୍ଷିକୀ(୧୯୨୪-୨୦୨୪)ର ଶୁଭ
ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**
**(ଦ୍ୱିତୀୟ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ, ଶିକ୍ଷା ତଥା ସମାଜରେ ପରିଦୃଷ୍ଟ ସମସ୍ୟାର ନିରାକରଣ ପାଇଁ ନୂତନ ଚେତନାରେ ସ୍ପନ୍ଦିତ ପ୍ରବନ୍ଧମାଳା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୬୩୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୭୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**